# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୩/୨୦୧୯ (୧୬ ପୃଷ୍ଠା) | Bhubaneswar, Tuesday, August 13/2019 | ★★★★★★

୪୫ଶ ଭାଗ ୨୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## 'ଡ୍ରିମ୍ ଗର୍ଲ'ରେ ଆୟୁଷ୍ମାନ

ଏକତା କପୁରଙ୍କ ପ୍ରଯୋଜନାରେ ନିର୍ମାଣ ହେଉଥିବା ରୋମାଣ୍ଟିକ୍ କମେଡି ଫିଲ୍ମ 'ଡ୍ରିମ୍ ଗର୍ଲ'ରେ ଅଭିନୟ କରୁଛନ୍ତି ଆୟୁଷ୍ମାନ ଖୁରାନା।

୦୮

୧୪

## ଐଶ୍ୱର୍ଯ୍ୟାଙ୍କୁ ବିଶ୍ୱ ଟାଇଟଲ

ଐଶ୍ୱର୍ଯ୍ୟା ପିସା ପ୍ରଥମ ଭାରତୀୟ ମହିଳା ଭାବେ ମୋଟର ସ୍ପୋର୍ଟ୍ସରେ ଏକ ବିଶ୍ୱ ଟାଇଟଲ ହାସଲ କରିଛନ୍ତି।



# ସାରା ରାଜ୍ୟରେ ବର୍ଷିଲା

**ଭୁବନେଶ୍ୱର, ୧୨।୮ (ବ୍ୟୁରୋ)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସୋମବାର ଲଘୁଚାପର ରୂପ ନେଇଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଆରମ୍ଭ ହୋଇଛି। ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଆହୁରି ଦୁଇଦିନ ଏଭଳି ବର୍ଷା ହେବା ସହ ବନ୍ୟା ଆସିବାର ଆଶଙ୍କା ଥିବାରୁ ରାଜ୍ୟ ସରକାର ସୋମବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଆଲର୍ଟ ଜାରି କରିଛନ୍ତି। ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ୨୪ ଘଣ୍ଟିଆ ଜରୁରିକାଳୀନ କେନ୍ଦ୍ର ଖୋଲି ନଜର ରଖିବାକୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍ସି) ବିଷ୍ଣୁପଦ ସେଠୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରି ଆଶ୍ରୟସ୍ଥଳରେ ଆବଶ୍ୟକ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ରଖିବାକୁ କୁହାଯାଇଛି। ସେହିଭଳି ଜଳମଗ୍ନ ହୋଇପଡୁଥିବା ରାସ୍ତା ଓ ବ୍ରିଜରେ ଗାଡ଼ିମୋଟର ଚଳାଚଳକୁ ବାରଣ କରାଯାଇଛି। ସର୍ଚ୍ଚ ଓ ଉଦ୍ଧାର ପାଇଁ ଅଗ୍ନିଶମ ବିଭାଗକୁ ପ୍ରସ୍ତୁତ ରହିବାକୁ କୁହାଯାଇଥିବାବେଳେ ଆବଶ୍ୟକ ସ୍ଥଳେ ଓଡ୍ରାଫ୍ ଟିମ୍କୁ ନିୟୋଜିତ କରାଯିବ। ଏଥିସହ ସ୍ୱାସ୍ଥ୍ୟ ଓ ପରିମଳ ଉପରେ ଗୁରୁତ୍ୱ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଉପକୂଳ ଓ ଉତ୍ତର ଓଡିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ଜିଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇଛି। ମଙ୍ଗଳବାର ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ବରଗଡ଼ ଜିଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ୧୩ ଓ ୧୪ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ଭଦ୍ରକ, କେନ୍ଦ୍ରାପଡ଼ା ଓ କଟକରେ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। ତେବେ ସୋମବାର ☞ପୃଷ୍ଠା-୪



ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ସୋମବାର ଗଞ୍ଜାମ ଜିଲା ଗୋପାଳପୁରଠାରେ ସମୁଦ୍ର କୂଳ ଲଙ୍ଘିଛି। (ଫଟୋ: ନବୀନ)

- ପ୍ରବଳ ବର୍ଷା ସହ ବନ୍ୟା ସମ୍ଭାବନା
- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଲେ ଏସ୍ଆର୍ସି
- ଅଗ୍ନିଶମ, ଓଡ୍ରାଫ ଟିମ୍ ପ୍ରସ୍ତୁତ ରହିବାକୁ ପରାମର୍ଶ
- ଆଭ୍ୟନ୍ତରୀଣ ଓଡ଼ିଶା ସମେତ ୪ ଜିଲାକୁ ଅରେଞ୍ଜ ଆଲର୍ଟ
- ଗୋପାଳପୁରଠାରେ କୂଳ ଲଂଘିଲା ସମୁଦ୍ର

### ଆଗାମୀ ସ୍ଥିତିକୁ ନେଇ ଆଶଙ୍କା

ଚଳିତ ବର୍ଷ ବିଳମ୍ବରେ ବର୍ଷା ଆସିବା ସହ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ଏପର୍ଯ୍ୟନ୍ତ ରାଜ୍ୟରେ ୧୧ ମିଲିମିଟର କମ୍ ବର୍ଷା ହୋଇଥିବାରୁ ଚାଷକାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ କେତେକ ଜିଲାରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ସୁନ୍ଦରଗଡ଼ ଓ ଦେବଗଡ଼ ଜିଲାରେ ମରୁଡ଼ି ସ୍ଥିତି ଉପୁଜିଛି। ଏହାସହିତ ୧୦ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ହୋଇଛି। ବୌଦ୍ଧ, ନୂଆପଡ଼ା, ଢେଙ୍କାନାଳ, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଅନୁଗୋଳ ଓ ସମ୍ବଲପୁରରେ ଆଗକୁ ବର୍ଷା ନ ହେଲେ ସ୍ଥିତି ଭୟଙ୍କର ହେବ ବୋଲି ଏସ୍ଆର୍ସିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

■ 'ମ୍ୟାନ୍ ଭର୍ସେସ ୱାଇଲ୍ଡ' ପ୍ରଦର୍ଶିତ

# ଲୋକଙ୍କ ସ୍ୱପ୍ନ ପୂରଣରେ ଆନନ୍ଦ ମିଳେ: ମୋଦି

**ନୂଆଦିଲ୍ଲୀ, ୧୨।୮ (ପି.ଟି.)**

■ ବିଅର ଗ୍ରିଲ୍ସଙ୍କ ସହ ପ୍ରକୃତି ସଂରକ୍ଷଣ ସମ୍ପର୍କିତ ବାର୍ତ୍ତାଳାପ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦୁଃସାହସିକ ଅଭିଯାତ୍ରୀ ବିଅର ଗ୍ରିଲ୍ସଙ୍କୁ ନେଇ ନିର୍ମିତ ଏପିସୋଡ୍ 'ମ୍ୟାନ୍ ଭର୍ସେସ ୱାଇଲ୍ଡ' ସୋମବାର ରାତିରେ ଡିସ୍କଭରି ଚ୍ୟାନେଲରେ ପ୍ରଦର୍ଶିତ ହୋଇଛି। ଉଭୟେ ଜଙ୍ଗଲ ମଧ୍ୟରେ ବୁଲିବା ଓ ନଦୀରେ ଭ୍ରମଣ କରୁଥିବା ଦେଖିବାକୁ ମିଳିଥିଲା। ମୋଦି ଗ୍ରିଲ୍ସଙ୍କ ସହ ଅନ୍ତରଙ୍ଗ ଆଳାପ କଲାବେଳେ ପ୍ରକୃତିର ସଂରକ୍ଷଣ ଓ ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା କରିଛନ୍ତି। ଉତ୍ତରାଖଣ୍ଡର ଜିମ୍ କର୍ବେଟ୍ ଜାତୀୟ ଉଦ୍ୟାନରେ ପ୍ରବଳ ଥଣ୍ଡା ଓ ବର୍ଷାକୁ ଖାତିର ନ କରି ସେମାନେ ଭ୍ରମଣ କରୁଥିବାବେଳେ ଜନସାଧାରଣଙ୍କ ସ୍ୱପ୍ନ ପୂରଣ କରିବା ତାଙ୍କୁ ଆନନ୍ଦ ଦେଇଥାଏ ବୋଲି ମୋଦି କହିଛନ୍ତି।

ଗ୍ରିଲ୍ସ ମୋଦିଙ୍କୁ ତାଙ୍କ ପିଲାଦିନ, ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ସମ୍ପର୍କରେ ପ୍ରଶ୍ନ କରିଥିଲେ। ଜୀବନରେ ସେ କାହାକୁ ଭୟ କରନ୍ତି କି ନାହିଁ, ରାଜନୈତିକ ର୍ୟାଲିରେ କେବେ ଛାନିଆ ଅନୁଭବ କରିଛନ୍ତି କି ବୋଲି ମଧ୍ୟ ଗ୍ରିଲ୍ସ ପଚାରିଥିଲେ। ଛାନିଆ ହେବା ତାଙ୍କର ସ୍ୱଭାବ ନୁହେଁ ବୋଲି ମୋଦି କହିବା ସହ ସେଭଳି ଭୟ କେବେ ଅନୁଭବ କରି ନ ଥିବା କହିଛନ୍ତି। ସେ ସବୁଥିରେ ସକାରାତ୍ମକତା ଦେଖିଥାନ୍ତି। ତେଣୁ କେବେ ଦୁଃଖୀ ହୋଇନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ଯୁବପିଢ଼ିଙ୍କ ☞ପୃଷ୍ଠା-୪

### ସିବିଏସ୍ଇ ଦଶମ, ଦ୍ୱାଦଶ ପରୀକ୍ଷା ଫି' ବୃଦ୍ଧି ପ୍ରସଙ୍ଗ
## ଅଭିଭାବକ ମହାସଂଘର ଆନ୍ଦୋଳନ ଚେତାବନୀ

........୪........

**ଆଜିର ସମ୍ପାଦକୀୟ**

## ପାଠ ନାହିଁ, ଫି'

**ଆଜିର ମନ୍ତବ୍ୟ**

"ଜମ୍ମୁ-କଶ୍ମୀର ମୁସଲମାନ ବହୁଳ ହୋଇଥିବାରୁ ଉକ୍ତ ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦କୁ ଭାଜପା ନେତୃତ୍ୱାଧୀନ ସରକାର ଉଚ୍ଛେଦ କରିଛି।

-ପି. ଚିଦାମ୍ବରମ, ବରିଷ୍ଠ କଂଗ୍ରେସ ନେତା

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଜୁନ୍ ତ୍ରୈମାସରେ ଦେଶର ସୁନା ଆମଦାନୀ ୩୫.୫% ବୃଦ୍ଧି ପାଇ ୧୧.୪୫ ବିଲିୟନ ଡଲାର(ପ୍ରାୟ ୮୦ ହଜାର କୋଟି ଟଙ୍କା)ରେ ପହଞ୍ଚିଯାଇଛି।

– ବାଣିଜ୍ୟ ମନ୍ତ୍ରଣାଳୟ

**ବିଶ୍ୱ ହସ୍ତୀ ଦିବସ**



ପ୍ରାଣୀଉଦ୍ୟାନ ନନ୍ଦନକାନନରେ ସୋମବାର ପାଳିତ ହୋଇଥିଲା ହସ୍ତୀ ଦିବସ। ଏହି ଅବସରରେ ଲୋକେ ଓ ସ୍କୁଲ ଛାତ୍ରୀଛାତ୍ରମାନେ ହାତୀ ଶାବକ ମାମା ଓ ଅନ୍ୟ ହାତୀଙ୍କୁ ନିକଟରୁ ଦେଖିବାକୁ ସୁଯୋଗ ପାଇଥିଲେ। (ଫଟୋ: ବିକାଶ ନାୟକ)

# ତଟ ସୁରକ୍ଷା ଜାହାଜରେ ନିଆଁ

**ବିଶାଖାପାଟଣା, ୧୨।୮ (ଆଇଏଏନ୍ଏସ୍)**

## ଜଣେ ନିଖୋଜ, ୨୮ ଉଦ୍ଧାର

ବିଶାଖାପାଟଣା ଉପକୂଳରେ ଥିବା ତଟ ସୁରକ୍ଷା ବାହିନୀର ଏକ ଜାହାଜରେ ସୋମବାର ବଡ଼ ଧରଣର ଅଗ୍ନିକାଣ୍ଡ ହୋଇଛି। ଜାହାଜର ଜଣେ କର୍ମଚାରୀ ନିଖୋଜ ହୋଇଥିବାବେଳେ ଅନ୍ୟ ୨୮ ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ପୋଡ଼ିଯାଇ ଆହତ ହୋଇଥିବା ୧୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ପୂର୍ବାହ୍ନ ୧୧ଟା ୩୦ ମିନିଟ ସମୟରେ କୋଷ୍ଟାଲ ଜାଗୁଆର ଜାହାଜରେ ବିସ୍ଫୋରଣ ଶବ୍ଦ ହେବା ସହ ପ୍ରବଳ ଧୂଆଁ ଉଠୁଥିବା ଦେଖାଯାଇଥିଲା। ଏଥିରେ ଥିବା ସମସ୍ତ ୨୯ କର୍ମଚାରୀ ଜୀବନ ବଞ୍ଚାଇବାକୁ ସମୁଦ୍ର ମଧ୍ୟକୁ ଡେଇଁପଡିଥିଲେ। ଉଦ୍ଧାର କାର୍ଯ୍ୟରେ ଆଇସିଜିଏସ୍ ରାନି ରଶମୋନି, ଆଇସିଜିଏସ୍ ସମୁଦ୍ର ପହେରେଦାର, ତଟସୁରକ୍ଷା ବାହିନୀର ହେଲିକପ୍ଟର ଏବଂ ବୋଟ୍ଗୁଡ଼ିକ ସାମିଲ ହୋଇଥିଲେ। ୨୮ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଦୀର୍ଘ ସମୟ ଉଦ୍ୟମ ସତ୍ତ୍ୱେ ଜଣଙ୍କର ପତ୍ତା ମିଳୁ ନ ଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଜାହାଜର ଡିଜେଲ ବକ୍ସରେ ବିସ୍ଫୋରଣ ହେବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଛି। ଜାହାଜର ୭୦ ଭାଗ ପୋଡ଼ିଯାଇଛି।



ବିଶାଖାପାଟଣା ଉପକୂଳରେ ତଟରକ୍ଷୀ ବାହିନୀର ଏକ ଜାହାଜରେ ଲାଗିଥିବା ନିଆଁକୁ ଲିଭାଯାଉଛି।

# ଆଇନଗତ ଆଳରେ ଘୁଞ୍ଚୁ ଚାଲିଛି ନିର୍ବାଚନ

**ଯାଜପୁର ଅଫିସ, ୧୨।୮**

ପୌର ନିର୍ବାଚନର ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଲାଗି ରହିଥିବା ଆଇନଗତ ବିବାଦକୁ ଆଳ କରି ନିର୍ବାଚନର ଦିନ ଗଡ଼ି ଗଡ଼ି ଚାଲିଛି। ହେଲେ ବାସ୍ତବରେ ଗତ ସାଧାରଣ ନିର୍ବାଚନରେ ସହରୀ ଓ ଶିକ୍ଷିତ ଭୋଟରଙ୍କ ମତ ପରିବର୍ତ୍ତନ ଶାସକ ଦଳକୁ ଚିନ୍ତାରେ ପକାଇଥିବା କାରଣରୁ ଏଭଳି ବିଳମ୍ବ ହେଉଥିବା ଚର୍ଚ୍ଚା ହେଉଛି। ଏହି କାରଣରୁ ଚଳିତବର୍ଷ ପୌର ପରିଷଦ ନିର୍ବାଚନ ହେବାର ଆଶା ମଧ୍ୟ କ୍ଷୀଣ ଦେଖାଯାଇଛି। ପୌରାଞ୍ଚଳ ବା ବିଭିନ୍ନ ସହରରେ ଅଧିକାଂଶ ଶିକ୍ଷିତ ଭୋଟର ରହିଛନ୍ତି। ଏପରିକି ରାଜ୍ୟରେ ଗତ ସାଧାରଣ ନିର୍ବାଚନରେ ବିଜେଡିଠାରୁ ୩ଗୁଣ ଅଧିକ ଭାଜପା ପୋଷ୍ଟାଲ ଭୋଟ ପାଇଛି। ଏଥିରେ ରାଜ୍ୟର ଯାଜପୁର ଓ ବରଗଡ଼ ଜିଲାରେ ସର୍ବାଧିକ ପୋଷ୍ଟାଲ ଭୋଟ ଭାଜପା ସପକ୍ଷରେ ଯାଇଛି। ବିଶେଷକରି ଚାକିରିଆ କିମ୍ବା ବାହାରେ ରହୁଥିବା ଶିକ୍ଷିତ ଭୋଟର ପୋଷ୍ଟାଲ ଭୋଟ ଦେଇଥାନ୍ତି। ଏହି ହାରକୁ ସମୀକ୍ଷା କରି ଶାସକ ଦଳ ପୌର ନିର୍ବାଚନକୁ ଜାଣିଶୁଣି ବିଭିନ୍ନ ଆଳ ଦେଖାଇ ଗଡେଇ ଚାଲିଥିବା ଆଲୋଚନା ହେଉଛି।

ସାଧାରଣ ନିର୍ବାଚନ ପୂର୍ବରୁ ଗତବର୍ଷ ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୱାର୍ଡଗୁଡ଼ିକରେ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ସର୍ଭେ ଓ ମତାମତ ଦେବାକୁ ସାଧାରଣରେ ନୋଟିସ ଦିଆଯାଇଥିଲା। ଫଳରେ ୨୦୧୯ ସାଧାରଣ ନିର୍ବାଚନ ପରେ ପୌର ନିର୍ବାଚନ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ପ୍ରଚଳିତ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ସଂରକ୍ଷଣ ପରିମାଣ ୫୦ ପ୍ରତିଶତରୁ ଅଧିକ ହୋଇଛି । ଏନେଇ ହାଇକୋର୍ଟରେ ମାମଲା ହୋଇଥିଲା। ହାଇକୋର୍ଟ ରାଜ୍ୟ ସରକାରଙ୍କୁ ସଂରକ୍ଷଣ ବ୍ୟବସ୍ଥା ୫୦ ପ୍ରତିଶତ ଭିତରେ ରଖିବାକୁ ରାୟ ଦେଇଥିଲେ। ସୁପ୍ରିମକୋର୍ଟରେ ମଧ୍ୟ ଏହି ରାୟ ବଳବତ୍ତର ରହିଥିଲା। ୫୦ ପ୍ରତିଶତ ଭିତରେ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ଓଡିଶା ମ୍ୟୁନିସିପାଲିଟି ଆକ୍ଟ -୧୯୫୦ ଓ ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ-୨୦୦୩ରେ ସଂଶୋଧନର ଆବଶ୍ୟକତା ରହିଛି । ଗତ ବିଧାନସଭାରେ ଆଇନ ସଂଶୋଧନ ପାଇଁ ପ୍ରସ୍ତାବ ଆସିବ ବୋଲି ଆଶା କରାଯାଉଥିଲା। ହେଲେ ଏହି ଆଶା ପୂରଣ ନ ହେବାରୁ ପୌର ପରିଷଦ ନିର୍ବାଚନ ପ୍ରକ୍ରିୟା ଆହୁରି ବିଳମ୍ବ ହେବ ବୋଲି କୁହାଯାଉଛି। ତେବେ ରାଜ୍ୟ ସରକାର ଜାଣିଶୁଣି ଏ ନେଇ ତତ୍ପରତା ପ୍ରକାଶ କରୁ ନ ଥିବା ସନ୍ଦେହ କରାଯାଉଛି। କାରଣ ଗତ ଲୋକ ସଭା ନିର୍ବାଚନରେ ରାଜ୍ୟରେ ଭାଜପାର ଭୋଟହାର ୩୮.୪ ପ୍ରତିଶତକୁ ବୃଦ୍ଧି ଘଟିଥିବାବେଳେ ବିଜେଡିର ଭୋଟହାର ୪୨.୮ ପ୍ରତିଶତକୁ ହ୍ରାସ ପାଇଛି। କଂଗ୍ରେସ ୧୩.୮ ପ୍ରତିଶତରେ ସୀମିତ ରହିଛି। ଏହିକ୍ରମରେ ସହରୀ ଓ ଶିକ୍ଷିତ ଭୋଟର ଭାଜପାକୁ ଅଧିକ ପସନ୍ଦ କରିଥିବା ମନେହୋଇଛି। ପୋଷ୍ଟାଲ ଭୋଟକୁ ଏହାର ମାପଦଣ୍ଡ ଭାବେ ନିଆଯାଇପାରେ। ରାଜ୍ୟର ୨୧ ଲୋକ ସଭା ଆସନରେ ଭାଜପା ୪୯,୦୪୭ ପୋଷ୍ଟାଲ ଭୋଟ ପାଇଥିବାବେଳେ ବିଜେଡି ମାତ୍ର ୧୪,୧୧୯ ପୋଷ୍ଟାଲ ଭୋଟ ପାଇଛି। ଏଥିରେ ଭାଜପାକୁ ଯାଜପୁର ଜିଲାରେ ୪୧୫୬ ଓ ବରଗଡ ଜିଲାରେ ୪୧୭୧ ପୋଷ୍ଟାଲ ଭୋଟ ସର୍ବାଧିକ ରହିଛି।

## କେଉଁ ଲୋକ ସଭା ଆସନରୁ କାହାକୁ ମିଳିଛି କେତେ ପୋଷ୍ଟାଲ ଭୋଟ

| କ୍ର.ସଂ. | ଆସନ | ଭାଜପା | ବିଜେଡି |
|---|---|---|---|
| ୧ | ଯାଜପୁର | ୪୧୫୬ | ୧୫୪୪ |
| ୨ | ଆସିକା | ୧୭୩୯ | ୩୮୫ |
| ୩ | ବାଲେଶ୍ୱର | ୨୪୨୦ | ୬୬୦ |
| ୪ | ବରଗଡ଼ | ୪୧୭୧ | ୧୦୭୭ |
| ୫ | ବ୍ରହ୍ମପୁର | ୧୬୯୭ | ୬୯୮ |
| ୬ | ଭଦ୍ରକ | ୩୩୮୦ | ୧୨୭୩ |
| ୭ | ଭୁବନେଶ୍ୱର | ୧୧୯୮ | ୨୪୧ |
| ୮ | ବଲାଙ୍ଗୀର | ୧୮୪୯ | ୩୮୭ |
| ୯ | କଟକ | ୧୪୩୨ | ୪୭୫ |
| ୧୦ | ଢେଙ୍କାନାଳ | ୩୪୯୪ | ୯୩୦ |
| ୧୧ | ଜଗତସିଂହପୁର | ୧୯୩୨ | ୧୦୩୦ |
| ୧୨ | କଳାହାଣ୍ଡି | ୩୩୬୪ | ୬୧୯ |
| ୧୩ | କନ୍ଧମାଳ | ୧୫୮୦ | ୫୨୫ |
| ୧୪ | କେନ୍ଦ୍ରାପଡ଼ା | ୨୩୦୪ | ୮୩୦ |
| ୧୫ | କେନ୍ଦୁଝର | ୨୦୯୨ | ୪୭୩ |
| ୧୬ | କୋରାପୁଟ | ୨୨୪୫ | ୭୦୪ |
| ୧୭ | ମୟୂରଭଞ୍ଜ | ୩୫୫୯ | ୮୮୦ |
| ୧୮ | ନବରଙ୍ଗପୁର | ୩୨୯ | ୨୩ |
| ୧୯ | ପୁରୀ | ୨୧୩୦ | ୫୩୯ |
| ୨୦ | ସମ୍ବଲପୁର | ୨୩୮୮ | ୫୪୫ |
| ୨୧ | ସୁନ୍ଦରଗଡ଼ | ୧୫୮୮ | ୨୮୧ |
| | ମୋଟ | ୪୯,୦୪୭ | ୧୪,୧୧୯ |

**ପୌର ପରିଷଦ ନିର୍ବାଚନ**

- ସହରୀ, ଶିକ୍ଷିତ ଭୋଟରଙ୍କୁ ଭୟ ଘାରିଛି
- ଭାଜପାକୁ ୪୯୦୪୭, ବିଜେଡିକୁ ୧୪,୧୧୯ ପୋଷ୍ଟାଲ ଭୋଟ
- ଯାଜପୁର ଓ ବରଗଡ ଜିଲାରେ ଭାଜପାକୁ ସର୍ବାଧିକ ପୋଷ୍ଟାଲ ଭୋଟ

ତେବେ ଏହି ପରିମାଣକୁ ନ ଯାଇ ଶିକ୍ଷିତ ଭୋଟହାରକୁ ଅବଲୋକନ କଲେ ଅଧିକାଂଶ ଶିକ୍ଷିତ ଭୋଟ ଭାଜପା ସପକ୍ଷରେ ଯାଇଥିବା ଏହି ପରିସଂଖ୍ୟାନରୁ ଜଳଜଳ ହୋଇ ଦିଶୁଛି। ଏଥିଯୋଗୁ ପୌର ପରିଷଦ ନିର୍ବାଚନ ନ କରି ପ୍ରଶାସକଙ୍କ ହାତରେ ପୌରପାଳିକା ଭାଗ୍ୟ ଛାଡ଼ି ଦିଆଯାଇଥିବା ମତପ୍ରକାଶ ପାଉଛି।






NECC NATIONAL EGG CO-ORDINATION COMMITTEE | 12.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 55 | 100 | 110 |
| CTC | 54 | 98 | 108 |
| DKL | 53 | 97 | 107 |
| BDK | 55 | 100 | 110 |
| BLS | 57 | 102 | 112 |
| ANG | 53 | 97 | 107 |
| BHM | 53 | 97 | 107 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୩ ଅଗଷ୍ଟ, ୨୦୧୯



"କଶ୍ମୀର ସଙ୍କଟ ଦୂର ଲାଗି ପାକ୍ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଅଗଷ୍ଟ ୧୪କୁ କଶ୍ମୀର ଏକତା ଦିବସ ଓ ୧୫କୁ କଳାଦିବସ ଭାବେ ପାଳନ କରାଯିବ।
- ଜେନେରାଲ କାମାର ଜାଭେଦ ବଜ୍ୱା, ପାକ୍ ସେନାମୁଖ୍ୟ



## ■ ଜମ୍ମୁ ପୋଲିସର ଆଡ୍‌ଭାଇଜରି

# ସନ୍ଦିଗ୍ଧଙ୍କ ସମ୍ପର୍କରେ ତୁରନ୍ତ ଜଣାଅ

**ଜମ୍ମୁ,୧୨।୮(ପି.ଟି.)**

ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀର ଦୁଇଭାଗ ହେବା ପରେ ସୀମାରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତର ନିଷ୍ପତ୍ତିକୁ ଦୃଢ଼ ବିରୋଧ କରୁଥିବା ପାକିସ୍ତାନ ଜମ୍ମୁ-କଶ୍ମୀରରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରୟାସ କରୁଛି। ଆତଙ୍କବାଦୀ ଆକ୍ରମଣ ସମ୍ଭାବନା ଥିବା ଗୋଇନ୍ଦା ସୂଚନା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଜମ୍ମୁରେ ସ୍ୱାଧୀନତା ଦିବସ ସଫଳତାର ସହ ପାଳନ କରିବା ପାଇଁ ପୋଲିସ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛି। କୌଣସି ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ବସ୍ତୁ ଦେଖିଲେ ତୁରନ୍ତ ପୋଲିସକୁ ଜଣାଇବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି। ଏନେଇ ଜମ୍ମୁର ବରିଷ୍ଠ ଏସ୍‌ପିଙ୍କ ପକ୍ଷରୁ ଆଡଭାଇଜରି ଜାରି କରାଯାଇଛି। ସେମାନଙ୍କ ସାଙ୍ଗରେ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ଧାରୁଆ ଅସ୍ତ୍ର, ହ୍ୟାଣ୍ଡବ୍ୟାଗ୍, ପଲିଥିନ୍ ବ୍ୟାଗ, ଟ୍ରାଞ୍ଜିଷ୍ଟର, ଷ୍ଟପ୍ ୱାଚ୍, କୌଣସି ପ୍ରକାର ପାଉଡର କିମ୍ବା ଦିଆସିଲ, ଲାଇଟର ଭଳି ଦାହ୍ୟ ସାମଗ୍ରୀ, କ୍ୟାମେରା ଆଦି ସାଙ୍ଗରେ ନ ନେବାକୁ ପରାମର୍ଶ ଦିଆଯାଇଛି। ସୁରକ୍ଷା ଯବାନଙ୍କୁ ସହଯୋଗ କରିବା ଏବଂ ଆବଶ୍ୟକସ୍ଥଳେ ସେମାନଙ୍କ ପରିଚୟ ଦେବାରେ କୁଣ୍ଠାବୋଧ ନ କରିବାକୁ କୁହାଯାଇଛି।

ଜମ୍ମୁ-କଶ୍ମୀରକୁ ମିଳୁଥିବା ସ୍ୱତନ୍ତ୍ର ମାନ୍ୟତା ଅଗଷ୍ଟ ୫ରୁ ରଦ୍ଦ ହେବା ପରଠାରୁ ଜିଲା ପ୍ରଶାସନ ନିୟମିତ ଭାବେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରୁଛି। ସେଠାରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଯେପରି ନ ଘଟେ ସେଥିପାଇଁ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଟେଲିଫୋନ ଓ ଇଣ୍ଟରନେଟ ସେବାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ପରେ ଧୀରେ ଧୀରେ କଟକଣା କୋହଳ କରାଯାଉଛି।



ଜମ୍ମୁ ରେଳ ଷ୍ଟେଶନରେ ସିଆର୍‌ପିଏଫ୍ ଯବାନ ପାଟ୍ରୋଲିଂ କରୁଛନ୍ତି।

# କଶ୍ମୀରରେ ଇଦ୍ ପାଳନ ଶାନ୍ତିପୂର୍ଣ୍ଣ

**ଶ୍ରୀନଗର/ଜମ୍ମୁ,୧୨।୮(ଆଇଏଏନ୍‌ଏସ୍)**



ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ କଟକଣା ଓ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସୋମବାର ଉପତ୍ୟକାରେ ଇଦ୍ ପାଳନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ବିଭିନ୍ନ ସ୍ଥାନରେ ସକାଳ ୭ଟାରୁ ନମାଜ ପାଠ ଆରମ୍ଭ ହୋଇ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ନମାଜ ପାଠ ପରେ ଲୋକମାନେ ପରସ୍ପରକୁ ଇଦ୍ ମୁବାରକ୍ ଜଣାଉଥିବା ଦେଖାଯାଇଥିଲା। ଲୋକମାନେ ଯେପରି ସୁବିଧାରେ ମସ୍‌ଜିଦମାନଙ୍କରେ ପହଞ୍ଚିପାରିବେ ସେଥିପାଇଁ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ଅନନ୍ତନାଗ, ବାରମୁଲା, କୁପ୍‌ୱାରା, ତ୍ରେହଗାମ୍, ସୋପୋରେ, କୁଲ୍‌ଗାମ, ଶୋପିଆନ୍, ପୁଲ୍‌ୱାମା, ଅୱନ୍ତିପୁରା, ବନ୍ଦିପୋରା, ଗଣ୍ଡେରୱାଲ, ବଡ୍‌ଗାମ୍ ସବୁଠୁ ଇଦ୍ ପାଳନ ଶାନ୍ତିପୂର୍ଣ୍ଣ ଥିଲା। ଜମ୍ମୁର ଇଦ୍‌ଗାରେ ୫୦୦୦ରୁ ଊର୍ଦ୍ଧ୍ୱ ଲୋକ ସମବେତ ହୋଇ ନମାଜ ପାଠ କରିଥିବାବେଳେ ବାରମୁଲାର ଜାମିଆ ମସ୍‌ଜିଦ୍‌ରେ ୧୦ ହଜାର ଲୋକ ଏକାଠି ହୋଇଥିଲେ। ଅଧିକାଂଶ ମୁସଲମାନ ନିଜ ନିଜ ଘରେ ଇଦ୍ ପାଳନ କରୁଥିବାରୁ ଜମ୍ମୁର ରେସିଡେନ୍ସି ରୋଡ୍ ଫାଙ୍କା ଥିଲା।

ଇଦ୍ ପାଇଁ ଶ୍ରୀନଗର ଓ ଉପତ୍ୟକାର ଅନ୍ୟ ଅଞ୍ଚଳରେ ଛେଳିମେଣ୍ଢା ପ୍ରବଳ ବିକ୍ରି ହୋଇଥିଲା। ରବିବାର ଶ୍ରୀନଗରରେ ୧୪୪ ଧାରା ପୁନର୍ବାର ଲାଗୁ ହେବା ପୂର୍ବରୁ ୨.୫ ଲକ୍ଷ ମେଣ୍ଢା ବିକ୍ରି ହୋଇଥିବା ଜଣାପଡ଼ିଛି। ବିଭିନ୍ନ ଅଞ୍ଚଳରୁ କଟକଣା ଉଠାଇ ଦିଆଯାଇଥିବାବେଳେ ଜମ୍ମୁର ୫ ଜିଲାରେ ରାତ୍ରିକାଳୀନ କଟକଣା ଜାରି ରହିଛି। ଶ୍ରୀନଗରରେ ୨୫୦ରୁ ଅଧିକ ଏଟିଏମ୍ କାର୍ଯ୍ୟକ୍ଷମ ହୋଇଥିବାବେଳେ ବ୍ୟାଙ୍କ ଶାଖାଗୁଡ଼ିକ ଖୋଲିଛି। ତେବେ ମୋବାଇଲ ଫୋନ ଉପରେ କଟକଣା ରହିଛି। କଶ୍ମୀରବାସୀ ହେଲ୍ପଲାଇନ୍ ସହାୟତାରେ ବାହାର ରାଜ୍ୟରେ ଥିବା ସେମାନଙ୍କ ସମ୍ପର୍କୀୟମାନଙ୍କ ସହ ଯୋଗାଯୋଗ କରିବାର ସୁଯୋଗ ପାଉଛନ୍ତି। ଏଥିପାଇଁ ୩୦୦ରୁ ଅଧିକ ପବ୍ଲିକ୍ ଟେଲିଫୋନ୍ ବୁଥ୍ ସ୍ଥାପନ କରାଯାଇଛି।

## ସୀମାରେ ମିଠା ଦିଆନିଆ ହେଲାନି

**ନୂଆଦିଲ୍ଲୀ,୧୨।୮(ପି.ଟି.)**

ଇଦ୍ ପାଳନ ବେଳେ ଅନ୍ତର୍ଜାତୀୟ ସୀମାରେ ଭାରତର ସୀମା ସୁରକ୍ଷା ବଳ (ବିଏସ୍‌ଏଫ) ଏବଂ ପାକିସ୍ତାନୀ ରେଞ୍ଜର୍ସ ମଧ୍ୟରେ ମିଠା ଆଦାନପ୍ରଦାନ ପରମ୍ପରା ସୋମବାର ବନ୍ଦ ରହିଛି। ୩୦୦୦ କିଲୋମିଟରରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ସୀମାକୁ ଉଭୟ ପକ୍ଷର ସେନା ଜଗୁଥିବାବେଳେ ଇଦ୍, ହୋଲି, ଦିୱାଲି ଏବଂ ଉଭୟ ଦେଶର ଜାତୀୟ ଦିବସରେ ମିଠା ଦିଆନିଆ ସମେତ ପରସ୍ପରକୁ ଅଭିନନ୍ଦନ ଜଣାଇଥାନ୍ତି। ତେବେ ସୋମବାର ପାକିସ୍ତାନୀ ରେଞ୍ଜର୍ସ ବିଏସ୍‌ଏଫ୍ ଯବାନଙ୍କ ସହ ସୀମାରେ ଇଦ୍ ପାଳନ କରିବାକୁ ମନା କରିଦେଇଥିଲା। ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଲାଗି ଭାରତ ସରକାରଙ୍କ ନିଷ୍ପତ୍ତି ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ପାକିସ୍ତାନ ନୂଆଦିଲ୍ଲୀ ସହ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିଛି।

# ଆକାଶମାର୍ଗରୁ ସର୍ଭେ କଲେ ଡୋଭାଲ



**ଶ୍ରୀନଗର,୧୨।୮(ପି.ଟି.)-** ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରେ ସୋମବାର ଇଦ୍ ପାଳନ ହୋଇଥିବାବେଳେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ୍ ଆକାଶ ମାର୍ଗରୁ ଶ୍ରୀନଗର ଓ ଦକ୍ଷିଣ କଶ୍ମୀରର ବିଭିନ୍ନ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ପୋଲିସ ମହାନିର୍ଦ୍ଦେଶକ ଦିଲବାଗ୍ ସିଂ ଏବଂ ସେନା କମାଣ୍ଡରମାନେ ଅନ୍ୟ ବିମାନରେ ଆକାଶମାର୍ଗରୁ ସ୍ଥିତି ସର୍ଭେ କରିଥିଲେ। ଉପତ୍ୟକାରେ ଆଇନଶୃଙ୍ଖଳା ବ୍ୟବସ୍ଥା ବେଶ୍ ଭଲ ଥିବା ଅଫିସରମାନେ ଜାଣିବାକୁ ପାଇଛନ୍ତି। ଶ୍ରୀନଗରରେ ଆତଙ୍କବାଦୀ, ଅସାମାଜିକ ଗୋଷ୍ଠୀ ଶାନ୍ତି ଭଙ୍ଗ କରିବା ସମ୍ଭାବନା ସତ୍ତ୍ୱେ ବିଭିନ୍ନ ସ୍ଥାନରୁ ୧୪୪ ଧାରା ହଟାଇଦିଆଯାଇଛି।

## ସିଆର୍‌ପିଏଫ୍-ପୋଲିସ ସଂଘର୍ଷ ଖବରକୁ ଖଣ୍ଡନ

**ନୂଆଦିଲ୍ଲୀ,୧୨।୮(ପି.ଟି.)-** ଜମ୍ମୁ-କଶ୍ମୀର ପୋଲିସ ଓ ସିଆର୍‌ପିଏଫ୍ ଯବାନଙ୍କ ମଧ୍ୟରେ ସଂଘର୍ଷ ଖବରକୁ ସୁରକ୍ଷା ବଳ ପକ୍ଷରୁ ସୋମବାର ଖଣ୍ଡନ କରାଯାଇଛି। ଜଣେ ପାକିସ୍ତାନୀ ଖବରଦାତା ସୋସିଆଲ ମିଡିଆରେ ଏଭଳି ଦୁର୍ଭାବନାପୂର୍ଣ୍ଣ ଖବର ପୋଷ୍ଟ କରିଥିଲେ। ଏହା ମିଥ୍ୟା ଓ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କଶ୍ମୀର ପୋଲିସ ଟୁଇଟ୍ କରିଛି। ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ ପରେ ସୁରକ୍ଷା ବାହିନୀ ମଧ୍ୟରେ ସଂଘର୍ଷ ଘଟିଥିଲା ଓ ଜଣେ ମୁସଲମାନ କଶ୍ମୀରୀ ପୋଲିସଙ୍କ ଗୁଳିରେ ୫ ସିଆର୍‌ପିଏଫ ଯବାନ ନିହତ ହୋଇଥିବା ପାକିସ୍ତାନୀ ଖବରଦାତା ୱାଜାହାତ୍ ସୟିଦ ଖାନ୍ ତାଙ୍କ ଟୁଇଟର ହ୍ୟାଣ୍ଡଲ୍‌ରେ ଲେଖିଥିଲେ।

## ■ ପାକ୍ ରାଜନୈତିକ ଦଳଗୁଡ଼ିକୁ କୁରେଶୀଙ୍କ ଆହ୍ୱାନ

# କଶ୍ମୀର ପ୍ରସଙ୍ଗରେ ଏକ ହୁଅ

**ଇସ୍‌ଲାମାବାଦ, ୧୨।୮(ପି.ଟି.)**



କଶ୍ମୀର ପ୍ରସଙ୍ଗରେ ପାକିସ୍ତାନର ସବୁ ରାଜନୈତିକ ଦଳ ଏକ ହେବାକୁ ଏହାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଆହ୍ୱାନ କରିଛନ୍ତି। ପାକ୍ ଅଧିକୃତ କଶ୍ମୀରର ମୁରାଦାବାଦ୍‌ଠାରେ ଇଦ୍ ପାଳନ ଅବସରରେ ସେ ଯୋଗଦେଇ କହିଛନ୍ତି, କଶ୍ମୀର ପଛରେ ସାରା ପାକିସ୍ତାନ ଓ ଏହାର ସମସ୍ତ ରାଜନୈତିକ ନେତୃବୃନ୍ଦ ଅଛନ୍ତି। ଅଗଷ୍ଟ ୧୪ରେ କଶ୍ମୀର ସମର୍ଥନରେ ଏକ ପ୍ରତିଧ୍ୱନି ଶୁଣାଯିବ। ଏହି ଦିନକୁ କଶ୍ମୀର ଏକତା ଦିବସ ଭାବେ ପାକିସ୍ତାନ ପାଳନ କରିବ। ଭାରତ ୩୭୦ ଉଚ୍ଛେଦ କରି ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ କରିବା ବିରୋଧରେ ଅଗଷ୍ଟ ୧୫କୁ କଳାଦିବସ ଭାବେ ପାଳନ କରାଯିବ ବୋଲି କୁରେଶୀ ପ୍ରକାଶ କରିଛନ୍ତି। ଏକାଠି ହେବା ପରିବର୍ତ୍ତେ ରାଜନୀତି କରାଗଲେ ସବୁ ବେକାର ହୋଇଯିବ ବୋଲି ସେ ସତର୍କ କରାଇଦେଇଛନ୍ତି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମକୁ ଏକହୋଇ ସ୍ୱର ଉଠାଇବାକୁ ପଡ଼ିବ ବୋଲି କୁରେଶୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଅଗଷ୍ଟ ୧୪ରେ ପିଓକେ ଗସ୍ତ କରି ଏହାର ବିଧାନସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। କଶ୍ମୀର ପ୍ରସଙ୍ଗକୁ ଜାତିସଂଘ ସୁରକ୍ଷା ପରିଷଦକୁ ନେବା ଲାଗି ପାକିସ୍ତାନ ସ୍ଥିର କରିଛି ଓ ଚାଇନା ଏଥିଲାଗି ପୂର୍ଣ୍ଣ ସମର୍ଥନ ଦେବ ବୋଲି କହିଥିବା କୁରେଶୀ ଏହି ଅବସରରେ ପ୍ରକାଶ କରିଛନ୍ତି।

# 'ମତ ପାର୍ଥକ୍ୟ ବିବାଦରେ ପରିଣତ ନ ହେଉ'

**ବେଜିଂ, ୧୨।୮(ପି.ଟି.)**

ଭାରତ ଓ ଚାଇନା ମଧ୍ୟରେ ସମ୍ପର୍କର ନିବିଡ଼ତା ରହିଛି। ଦୁଇଦେଶ କୌଣସି ଭିନ୍ନତାକୁ ଗ୍ରହଣ କରି ଭବିଷ୍ୟତରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅନ୍ଧକାର ମଧ୍ୟକୁ ଠେଲିଦେବା ଅନୁଚିତ ବୋଲି ଦୁଇଦିନିଆ ବେଜିଂ ଗସ୍ତରେ ଯାଇଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ଚାଇନା ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କ ସହ ଆଲୋଚନା କରି ଯେକୌଣସି ଉତ୍ତେଜନାର ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଦୁଇଦେଶ ବିଶ୍ୱ ରାଜନୀତି ଓ ସ୍ଥିରତାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। କୌଣସି ପ୍ରସଙ୍ଗରେ ମତ ପାର୍ଥକ୍ୟ ରହିଥିଲେ ହେଁ ଏହା ବିବାଦରେ ପରିଣତ ହେବା ଅନୁଚିତ ବୋଲି ଜୟଶଙ୍କର ପ୍ରକାଶ କରିଛନ୍ତି। ୟୁହାନା ସମ୍ମିଳନୀ ସମ୍ପର୍କରେ କହିବା ସହ ଦୁଇଦେଶ ଦ୍ୱିପାକ୍ଷିକ ସମ୍ପର୍କ ଅତୁଟ ରଖିବା ଓ ବିଭିନ୍ନ ମତ ପାର୍ଥକ୍ୟର ଉଚିତ୍ ମାର୍ଗରେ ସମାଧାନ କରାଯିବା ଜରୁରୀ ବୋଲି ସେ ପ୍ରକାଶ କରିଥିଲେ।

ଭାରତ ଓ ଚାଇନା ପ୍ରତିନିଧିମଣ୍ଡଳୀର ସଦସ୍ୟଙ୍କୁ ସେ ଉଦ୍‌ବୋଧନ ଦେଇ ପାରସ୍ପରିକ ସହଯୋଗର ଆବଶ୍ୟକତାକୁ ଦୋହରାଇଥିଲେ। ଚାଇନା ଉପରାଷ୍ଟ୍ରପତି ୱାଙ୍ଗ୍ କିସ୍‌ହାନ୍‌ଙ୍କ ସହ ଜୟଶଙ୍କର ବିଶ୍ୱର ସାମ୍ପ୍ରତିକ ରାଜନୈତିକ ସ୍ଥିତି, ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ବିଷୟରେ ଆଲୋଚନା କରିଥିଲେ। ଏଥିସହ ରାଷ୍ଟ୍ରପତି ଜି. ଜିନ୍‌ପିଙ୍ଗଙ୍କ ଭାରତ ଗସ୍ତ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।

କଶ୍ମୀର ପ୍ରସଙ୍ଗକୁ ନେଇ ପାକିସ୍ତାନ ଚାଇନାର ସହଯୋଗ ଲୋଡ଼ିଥିବାବେଳେ ଜାତିସଂଘ ନିରାପତ୍ତା ପରିଷଦରେ ଏହାକୁ ଉଠାଇବ ବୋଲି ଧମକ ଦେଇଛି। ସେପଟେ ଲଦାଖକୁ ଭାରତ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ଦେବା ପରେ ଚାଇନା ଏହାକୁ ବିରୋଧ କରିଥିଲା। ଏହା ଭାରତର ଆଭ୍ୟନ୍ତରୀଣ ମାମଲା ବୋଲି ଭାରତ କହିବାର ଦିନକ ପରେ ଜୟଶଙ୍କର ଚାଇନା ଗସ୍ତ କରିଛନ୍ତି।



ଏସ୍. ଜୟଶଙ୍କରଙ୍କ ସହ ୱାଙ୍ଗ୍ ୟି।

**ଚାଇନାକୁ ଜୟଶଙ୍କରଙ୍କ ବାର୍ତ୍ତା**

# ଆଜି ନାମାଙ୍କନପତ୍ର ଦାଖଲ କରିବେ ମନମୋହନ

**ଜୟପୁର, ୧୨।୮(ପି.ଟି.)**



ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ରାଜ୍ୟ ସଭା ଉପନିର୍ବାଚନ ଲାଗି ରାଜସ୍ଥାନରୁ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିବେ ବୋଲି ରାଜ୍ୟ କଂଗ୍ରେସ ଉପାଧ୍ୟକ୍ଷ ସଚିନ ପାଇଲଟ କହିଛନ୍ତି। ସେ ୪ ସେଟ୍ ନାମାଙ୍କନପତ୍ର ଦାଖଲ କରିବେ। ଗତ ଜୁନ୍‌ରେ ଭାଜପା ଏମ୍‌ପି ମଦନ ଲାଲ୍ ସାଇନିଙ୍କ ଦେହାନ୍ତ ପରେ ଏହି ଆସନଟି ଖାଲିପଡ଼ିଥିଲା। ରାଜ୍ୟ ବିଧାନସଭାରେ କଂଗ୍ରେସ ସଂଖ୍ୟାଗରିଷ୍ଠ (୮୬) ଥିବାରୁ ମନମୋହନ ଏଠାରୁ ଜିତିବା ସୁନିଶ୍ଚିତ। ୩ ଦଶନ୍ଧି ଧରି ଆସାମରୁ ପ୍ରତିନିଧିତ୍ୱ କରିଥିବା ମନମୋହନଙ୍କ କାର୍ଯ୍ୟକାଳ ଏଥର ଜୁନ୍ ୧୪ରେ ଶେଷ ହୋଇଥିଲା। ଆସାମରେ କଂଗ୍ରେସ ସ୍ଥିତି ଦୁର୍ବଳ ଥିବାବେଳେ ମନମୋହନଙ୍କୁ କଂଗ୍ରେସ ରାଜସ୍ଥାନରୁ ରାଜ୍ୟ ସଭାକୁ ପଠାଇବା ଲାଗି ମନସ୍ଥ କରିଛି। ଅଗଷ୍ଟ ୧୪ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରଖାଯାଇଛି।

# ସର୍ବୋଚ୍ଚ ରାମ ମୂର୍ତ୍ତି ନିର୍ମାଣରେ ଅନିଶ୍ଚିତତା

**ଅଯୋଧ୍ୟା,୧୨।୮(ଆଇଏଏନ୍‌ଏସ୍)**

ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଦୈନନ୍ଦିନ ଶୁଣାଣି ସୁପ୍ରିମକୋର୍ଟରେ ଚାଲିଥିବାବେଳେ ସେପଟେ ଶ୍ରୀରାମଙ୍କର ସର୍ବୋଚ୍ଚ ମୂର୍ତ୍ତି ସ୍ଥାପନକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। କାରଣ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ପ୍ରତିବନ୍ଧକ ଦେଖାଯାଇଛି। ସରଯୁ ନଦୀକୂଳ ମିର୍‌ପୁର ଅଞ୍ଚଳରେ ଏଥିପାଇଁ ଜମି ଅଧିଗ୍ରହଣ ହେବାକୁ ଥିବାବେଳେ ପ୍ରସ୍ତାବିତ ଜମିରେ ୫ଟି ମନ୍ଦିର, ୨୨ଜଣଙ୍କର ବ୍ୟକ୍ତିଗତ ଜମି, ୫୧୭ଟି ଗଛ ଓ ୧୬୫ଟି ଘର ରହିଛି। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୮୫ ପ୍ରତିଶତ ଲୋକ ଜମି ଛାଡ଼ିବାକୁ ରାଜି ହେଉନାହାନ୍ତି। ସେମାନଙ୍କ ପ୍ରତିବାଦ ଯୋଗୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ଉକ୍ତ ସ୍ଥାନ ବଦଳରେ ଜାତୀୟ ରାଜପଥ ପାର୍ଶ୍ୱରୁ ଜମି ଅଧିଗ୍ରହଣ କରିବାକୁ ଏବଂ ବିସ୍ଥାପିତ ହେବାକୁ ଥିବା ଲୋକଙ୍କୁ ଅନ୍ୟତ୍ର ଥଇଥାନ କରାଇବା ପାଇଁ ସରଯୁ କଲୋନି ବାସିନ୍ଦା ସଂଘ ପକ୍ଷରୁ କୁହାଯାଇଛି। ବିବାଦ ଏବେ ହାଇକୋର୍ଟରେ ପହଞ୍ଚିଛି।

ସରଯୁ ନଦୀକୂଳରେ ୧୦୦ ଏକର ଜମି ଉପରେ ରାମଙ୍କ ପ୍ରତିମୂର୍ତ୍ତି ପ୍ରକଳ୍ପ ନିର୍ମାଣ ପରିକଳ୍ପନା କରାଯାଇଥିଲା। ୫୦ ମିଟର ଉଚ୍ଚ ପ୍ଲାଟଫର୍ମ ଉପରେ ନିର୍ମିତ ଏହି ମୂର୍ତ୍ତିର ଉଚ୍ଚତା ୨୫୧ ମିଟର ହେବ, ଯାହାକି ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତିର ମାନ୍ୟତା ପାଇବ। ଉକ୍ତ ପ୍ରତିମୂର୍ତ୍ତି ତଳେ ରାମ ମ୍ୟୁଜିୟମ ନିର୍ମାଣ ହେବ ଯେଉଁଠାରେ ଭଗବାନ ବିଷ୍ଣୁଙ୍କ ସମସ୍ତ ଅବତାର ପ୍ରଦର୍ଶିତ ହେବ। ଏହି ଡିଜିଟାଲ ମ୍ୟୁଜିୟମରେ ଫୁଡ୍ ପ୍ଲାଜା, ଲାଇବ୍ରେରି, ଫଟୋ ଗ୍ୟାଲେରି ଆଦି ରହିବ। ଉତ୍ତରପ୍ରଦେଶ ପର୍ଯ୍ୟଟନ ବିଭାଗ ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା ଲାଗି ସେ ୩ ତାରିଖରେ ଅଯୋଧ୍ୟା ଯାଇଥିଲେ।

# ମନ୍ଦିରରେ ଦଳାଚକଟା: ଜଣେ ମୃତ, ୧୪ ଆହତ

**ଲଖିସରାଇ, ୧୨।୮(ପି.ଟି.)**

ବିହାରର ଅଶୋକଧାମ ମନ୍ଦିରରେ ସୋମବାର ଦଳାଚକଟା ଘଟିବାରୁ ଜଣେ ବ୍ୟକ୍ତି ପ୍ରାଣ ହରାଇବା ସହ ୧୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ବୟସ ୬୦ ହେବ। ତାଙ୍କ ପରିଚୟ ମିଳନି। ଗହଳି ଓ ଠେଲାପେଲାରେ ସେ ଅସୁସ୍ଥ ହୋଇ ପଡ଼ିବା ପରେ ତାଙ୍କୁ ସର୍ଦ୍ଦାର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରାବଣ ମାସର ଶେଷ ସୋମବାର ହୋଇଥିବାରୁ ଭଗବାନ ଶିବଙ୍କ ଦର୍ଶନ ଓ ଜଳଲାଗି ପାଇଁ ଅନେକ ଭକ୍ତ ସେଠାରେ ରୁଣ୍ଡ ହୋଇଥିଲେ। ଭକ୍ତସଂଖ୍ୟା ବଢ଼ିବା ସହ ଠେଲାପେଲା ହେବାରୁ ଦଳାଚକଟା ଭଳି ପରିସ୍ଥିତି ଉପୁଜିଥିଲା। ଖୁବ୍‌ଶୀଘ୍ର ପରିସ୍ଥିତିରେ ସୁଧାର ଆସିପାରିଥିଲା ବୋଲି ଟାଉନ ପୋଲିସ ଏସ୍‌ଏଚ୍‌ଓ ସଞ୍ଜୟ କୁମାର ସିଂ ପ୍ରକାଶ କରିଛନ୍ତି। ଆହତଙ୍କ ଚିକିତ୍ସା ଚାଲିଥିବା ବେଳେ ସେମାନେ ବିପଦମୁକ୍ତ ଥିବା ଜଣାପଡ଼ିଛି।


## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୪ | ୨୩.୫ |
| ଚାନ୍ଦବାଲି | ୩୦.୨ | ୨୬.୦ |
| କଟକ | ୨୯.୦ | ୨୩.୨ |
| ପାରାଦ୍ୱୀପ | ୨୭.୭ | ୨୬.୮ |
| ଭୁବନେଶ୍ୱର | ୨୯.୬ | ୨୬.୫ |
| ଗୋପାଳପୁର | ୨୮.୪ | ୨୬.୪ |
| ପୁରୀ | ୨୮.୮ | ୨୭.୦ |
| ଅନୁଗୋଳ | ୨୮.୭ | ୨୨.୦ |
| ବାରିପଦା | ୩୨.୮ | ୨୬.୪ |
| ଝାରସୁଗୁଡ଼ା | ୩୨.୪ | ୨୬.୪ |
| କେନ୍ଦୁଝର | ୩୦.୪ | ୨୪.୫ |
| ସମ୍ବଲପୁର | ୩୦.୨ | ୨୫.୬ |
| ସୁନ୍ଦରଗଡ଼ | ୨୭.୦ | ୨୧.୦ |
| ହୀରାକୁଦ | ୨୯.୬ | ୨୩.୬ |
| ତାଳଚେର | ୩୦.୧ | ୨୪.୫ |
| ଭବାନୀପାଟଣା | ୨୬.୦ | ୨୫.୨ |
| ବଲାଙ୍ଗୀର | ୨୮.୦ | ୨୪.୬ |
| କୋରାପୁଟ | ୨୪.୦ | ୨୧.୦ |
| ଫୁଲବାଣୀ | ୨୪.୮ | ୨୨.୮ |
| ଟିଟିଲାଗଡ଼ | ୨୬.୦ | ୨୨.୦ |
| ମାଲକାନଗିରି | ୨୮.୦ | ୨୨.୦ |
| ସୋନପୁର | ୨୮.୪ | ୨୨.୨ |
| ଦାରିଙ୍ଗିବାଡ଼ି | ୨୩.୦ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

# ବେକାବୁ ହେଲାଣି ବନ୍ୟା: ଭୂସ୍ଖଳନରେ ୯ ମୃତ

**ନୂଆଦିଲ୍ଲୀ, ୧୨।୮(ପି.ଟି.)**

କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର, ଗୁଜରାଟରେ ବର୍ଷାଜନିତ ବନ୍ୟା ପରିସ୍ଥିତି ଏବେ ବି ଗମ୍ଭୀର ରହିଥିବାବେଳେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି। ଏଥିସହ ଉତ୍ତରାଖଣ୍ଡ ଓ ଜମ୍ମୁ-କଶ୍ମୀରରେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ହୋଇ ୯ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ଲଗାଣ ବର୍ଷା ଯୋଗୁ ପରିସ୍ଥିତି ଗମ୍ଭୀର ରୂପ ଧାରଣ କରିଛି। ଉତ୍ତରାଖଣ୍ଡର ଚମ୍ୋଲି ଜିଲାରେ ଜଣେ ମହିଳାଙ୍କ ସମେତ ୬ ଜଣ ପ୍ରାଣ ହରାଇଥିବାବେଳେ ଜମ୍ମୁ-କଶ୍ମୀରର ରେସାଇ ଜିଲାରେ ୩ ପ୍ରାଣ ହରାଇଥିବା ଜଣାପଡ଼ିଛି।

କେରଳରେ ବନ୍ୟା ମୃତ୍ୟୁସଂଖ୍ୟା ୮୦ରେ ପହଞ୍ଚିଥିବାବେଳେ କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଗୁଜରାଟରେ ଏହି ସଂଖ୍ୟା ୧୦୦ ଟପିଛି। ୪ ବନ୍ୟାକ୍ଳିଷ୍ଟ ରାଜ୍ୟରେ ପ୍ରାୟ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ମହାରାଷ୍ଟ୍ରର କୋହ୍ଲାପୁରଠାରେ ମୁମ୍ବାଇ-ବେଙ୍ଗାଲୁରୁ ଜାତୀୟ ରାଜପଥ-୪ ବନ୍ଦ ରହିଥିବାବେଳେ ୬ ଦିନପରେ ବନ୍ୟା କମିବାରୁ ସୋମବାର ଏହା ଆଂଶିକ ଖୋଲିଛି। ଅନ୍ୟପକ୍ଷରେ ଗୁଜରାଟର କଚ୍ଛ ଜିଲାରେ ଜଳବନ୍ଦୀ ଥିବା ୧୨୫ ଲୋକଙ୍କୁ ଭାରତୀୟ ବାୟୁସେନା ଉଦ୍ଧାର କରିଛି। କେରଳର ବନ୍ୟାକ୍ଳିଷ୍ଟ ଅଞ୍ଚଳ ୱାୟନାଡ଼, ପୁଥୁମାଲାକୁ ସୋମବାର ରାହୁଲ ଗାନ୍ଧୀ ଗସ୍ତ କରିବା ସହ ପ୍ରପୀଡ଼ିତଙ୍କୁ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦ୍ଦୁରପ୍ପା ରାଜ୍ୟରେ ବନ୍ୟାସ୍ଥିତି ୬ ଦିନ ମଧ୍ୟରେ ସୁଧୁରିଯିବ ବୋଲି କହିବା ସହ ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି। ବନ୍ୟା ପ୍ରଭାବିତ ଦକ୍ଷିଣ କନ୍ନଡ ଓ ମହୀଶୂର ଗସ୍ତକରି ସୋମବାର ସେ ରିଲିଫ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ। କେନ୍ଦ୍ର ତୁରନ୍ତ ୩ହଜାର କୋଟି ଟଙ୍କା ଯୋଗାଇଦେବାକୁ ଅନୁରୋଧ କରାଯାଇଥିବା ସେ କହିଛନ୍ତି। ସେପଟେ ରାଜ୍ୟ ଲାଗି ତୁରନ୍ତ ୫ ହଜାର କୋଟି ଟଙ୍କାର ମଧ୍ୟବର୍ତ୍ତିକାଳୀନ ସହାୟତା ପ୍ରଧାନମନ୍ତ୍ରୀ ଯୋଗାଇ ଦେବାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ପତ୍ର ଲେଖି ଦାବି କରିଛନ୍ତି। କେରଳ ଭଳି କର୍ଣ୍ଣାଟକ ସ୍ଥିତି ମଧ୍ୟ ଏବେ ଉଦ୍‌ବେଗଜନକ ରହିଛି। କର୍ଣ୍ଣାଟକର ବେଲ୍‌ଗାଁଓସ୍ଥିତ ରେବାଗ୍ ତାଲୁକରେ ଏକ ଘରର ଛାତ ଉପରେ କୁମ୍ଭୀର ଶୋଇଥିବା ଦେଖିବା ପରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଲଗାଣ ବର୍ଷା ଜନିତ ବନ୍ୟା ପରିସ୍ଥିତି ଲୋକଙ୍କ ନିଦ ହଜାଇ ଦେଇଥିବାବେଳେ ଲକ୍ଷ ଲକ୍ଷ ଲୋକ ରିଲିଫ କ୍ୟାମ୍ପରେ ରହିବା, ଯୋଗାଯୋଗ ବିଚ୍ଛିନ୍ନ ହେବା, ଅତ୍ୟାବଶ୍ୟକ ସାମଗ୍ରୀ ନ ମିଳିବା ଚିନ୍ତା ବଢ଼ାଇଦେଇଛି।



କର୍ଣ୍ଣାଟକର ବେଲ୍‌ଗାଁଓସ୍ଥିତ ରେବାଗ୍ ତାଲୁକର ଏକ ଘର ଛାତ ଉପରେ କୁମ୍ଭୀର।

■ ୱାୟନାଡ଼ରେ ରାହୁଲ ଗାନ୍ଧୀ ସ୍ଥିତି ପରଖିଲେ

■ କର୍ଣ୍ଣାଟକ ଲାଗି ୫ ହଜାର କୋଟି ଦାବିକଲେ ଦେବେଗୌଡ଼ା

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୩ ଅଗଷ୍ଟ, ୨୦୧୯






## ସଂକ୍ଷେପରେ

### ବଜ୍ରପାତରେ ୬ ଆହତ, ୩ ଗୁରୁତର

**ସାଲେପୁର,୧୨।୮(ଡି.ଏନ.ଏ.):** କଟକ ଜିଲା ସାଲେପୁର ବ୍ଲକ ଅଞ୍ଚଳରେ ସୋମବାର ଅପରାହ୍ନରେ ବଜ୍ରପାତ ଘଟିଛି। ଏଥିରେ ୬ଜଣ ଆହତ ହୋଇଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ଆହତଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କୁ କଟକ ବଡ଼ମେଡିକାଲକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ବ୍ଲକ ଅଧୀନ ମହଣୋଇ ଠାକୁରାଣୀଙ୍କ ନିକଟରେ ଥିବା ମହଣ ଚକର ଏକ କ୍ଷେତରେ ମହଣ ଗ୍ରାମର ମଞ୍ଜୁଶ୍ରୀ ସାମଲ(୪୮), ଧ୍ରୁବ ଚରଣ ସାମଲ(୫୩), ଅମୂଲ୍ୟ ସାମଲ(୫୨), ଲିପିକା କାଣ୍ଡି(୨୬), ରଞ୍ଜିତା ବେହେରା(୪୮), ମିନତୀ ବେହେରା(୩୬) ଓ ବାସୁଦେବପୁର ଗ୍ରାମର ନମିତା ମଲ୍ଲିକ(୪୮)କାମ କରୁଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ବାସୁଦେବପୁରର ନମିତା ଓ ମହଣର ଅମୂଲ୍ୟ ଗୁରୁତର ହୋଇଥିଲେ। ଅନ୍ୟମାନେ ଆହତ ହୋଇଥିଲେ। ଗୁରୁତର ଦ୍ୱୟଙ୍କ ପେଟ ଓ ଜଙ୍ଘ ଜଳିଯାଇଛି। ସେହିପରି ବଜ୍ରପାତ ସମୟରେ ରାସ୍ତାରେ ଯାଉଥିବା ମହଣ ଗ୍ରାମର ରଜନୀ କାଣ୍ଡି(୫୦) ଆହତ ହୋଇଛନ୍ତି। ରାଇସୁଙ୍ଗୁଡା ଗ୍ରାମର ଚାଷୀ ସୁବାସ ବେହେରା(୪୨) ଧାନ ତଳି ରୋପଣ କରିବା ସମୟରେ ବଜ୍ରପାତ ଯୋଗୁ ଗୁରୁତର ହୋଇଛନ୍ତି। ତାଙ୍କ ଶରୀରର ବାମପାର୍ଶ୍ୱ ପୋଡ଼ି ଯାଇଛି।

### ୩ଥର ଇସ୍ତଫା ଗ୍ରହଣ କରିବାକୁ କହିଲିଣି: ନିରଞ୍ଜନ

**ଭୁବନେଶ୍ୱର,୧୨।୮(ବ୍ୟୁରୋ):** ରାଜ୍ୟରେ ନିକଟରେ ଶେଷ ହୋଇଥିବା ନିର୍ବାଚନରେ ପ୍ରଦେଶ କଂଗ୍ରେସ କମିଟି ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ କରିଛି। ଅନ୍ୟପଟେ ବିଳମ୍ବରେ ହୋଇଥିବା ପାଟକୁରା ନିର୍ବାଚନରେ ମଧ କଂଗ୍ରେସ ପ୍ରାର୍ଥୀ ଅମାନତ ହରାଇଥିବା ଦେଖିବାକୁ ମିଳିଛି। ୨୦୧୯ ନିର୍ବାଚନରେ କଂଗ୍ରେସର ଏତେ ଖରାପ ପ୍ରଦର୍ଶନ ପରେ ପିସିସି ସଭାପତି ପଦରୁ ନିରଞ୍ଜନ ପଟ୍ଟନାୟକ ଇସ୍ତଫା ଦେଇଥିଲେ। ଅଖିଳ ଭାରତ କଂଗ୍ରେସ କମିଟି ଅଧକ୍ଷ ପଦରେ ସୋନିଆ ଗାନ୍ଧୀ ଦାୟିତ୍ୱ ନେବାପରେ ବର୍ତ୍ତମାନ ରାଜ୍ୟସ୍ତରରେ ସଭାପତିମାନେ ବଦଳିବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଏନେଇ ନିରଞ୍ଜନଙ୍କୁ ପଚରାଯିବାରୁ ସେ କହିଛନ୍ତି, ନିର୍ବାଚନ ଫଳାଫଳ ବାହାରିବା ପରଦିନ ହିଁ ଇସ୍ତଫା ଦେଇକି ଆସିଛି। ଏହାପରେ ୩ ଥର ନୂଆଦିଲ୍ଲୀ ଗସ୍ତ କରିଛି। ବାରମ୍ବାର ଇସ୍ତଫା ଗ୍ରହଣ କରିବା ପାଇଁ ସେଠାରେ କହିଛି। ମାତ୍ର ଏଆଇସିସି ଅଧକ୍ଷ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ରାଜ୍ୟରେ ପିସିସି ବଦଳିବ ନାହିଁ ବୋଲି କହିଥିଲେ। ରବିବାର ମଧ ଦିଲ୍ଲୀ ଗସ୍ତ ଅବସରରେ ଏନେଇ କହିଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଧାରା ୩୭୦କୁ ସମୟକ୍ରମେ ପରିବର୍ତ୍ତନ ନେଇ ପ୍ରାବଧାନ ପୂର୍ବରୁ ମଧ ଥିଲା। ଏହାକୁ ଉଚ୍ଛେଦ ପ୍ରସଙ୍ଗକୁ ସ୍ୱାଗତ କରୁଛି, ହେଲେ ଏହାକୁ ଠିକ୍ ଢଙ୍ଗରେ କରାଯାଇନାହିଁ। କେବଳ ସୁଅ ମୁହଁକୁ ଠେଲି ଦେବା ଭଳି କାର୍ଯ୍ୟକ୍ରମ କରି ଗାନ୍ଧୀ ଏବଂ ନେହେରୁଙ୍କ ପରିବାରକୁ ଭାଜପା ଦାୟୀ କରିବାକୁ ପ୍ରୟାସ କରୁଛି। ଗାନ୍ଧୀଙ୍କ ଆଦର୍ଶ ରହିବ ନାଁ ଗଡ଼କରୀଙ୍କ ରହିବ ସେନେଇ ନିରଞ୍ଜନ ପ୍ରଶ୍ନ କରିଛନ୍ତି।

### ଯାନ୍ତ୍ରିକ ତ୍ରୁଟି ଯୋଗୁ ବସ୍‌ରେ ନିଆଁ




**ବାଲେଶ୍ୱର ଅଫିସ, ୧୨।୮:** ବାଲେଶ୍ୱର ଫକୀରମୋହନ ଗୋଲେଇ ନିକଟରେ ସେହେନ୍‌ସା ଯାତ୍ରୀବାହୀ ବସ୍ (ନଂ. ଓଡ଼ି୦୫ଭି-୦୭୧୭)ରେ ଏସିରୁ ସର୍ଟସର୍କିଟ୍ ହୋଇ ସୋମବାର ଅପରାହ୍ନ ୨ଟା ୪୦ମିନିଟ୍‌ରେ ନିଆଁ ଲାଗିଯାଇଥିଲା। ବସ୍‌ରେ ଥିବା ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ସଙ୍ଗେ ସଙ୍ଗେ ବାହାରକୁ ବାହାରି ଆସିଥିଲେ। ଖବର ପାଇ ଜିଲା ଅଗ୍ନିଶମ ବିଭାଗ ଅଧିକାରୀ ପୂରନ ସୋରେନ କୁଇକ୍ ରେସପନ୍ସ ୟୁନିଟ୍ ସହ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଯାତ୍ରୀମାନଙ୍କର କୌଣସି କ୍ଷତି ହୋଇ ନ ଥିବାବେଳେ ବସ୍‌ଟି ଆଂଶିକ ପୋଡ଼ିଯାଇଛି। ବସ୍‌ଟି ବାଲେଶ୍ୱର ବସ୍‌ଷ୍ଟାଣ୍ଡରୁ ବାହାରି ଭାୟା ଭୁବନେଶ୍ୱର ଦେଇ ବରଗଡ଼ ଯିବାର ଥିଲା।

# ୧୬ରେ ଆନ୍ଦୋଳନକୁ ଓହ୍ଲାଇବେ ୫୦ ହଜାର ଶିକ୍ଷକ, କର୍ମଚାରୀ

ଭୁବନେଶ୍ୱର, ୧୨।୮(ବ୍ୟୁରୋ)



ଆସନ୍ତା ୧୬ ତାରିଖ 'ଶିକ୍ଷକ ଦାବି ଦିବସ'ରେ ନିଜର ହକ୍ ପାଇଁ ୫୦ ହଜାର ଶିକ୍ଷକ ଓ କର୍ମଚାରୀ ରାସ୍ତାକୁ ଓହ୍ଲାଇବେ। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ସରକାରଙ୍କୁ ଏଭଳି ଚେତାବନୀ ଦେଇଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଦୀର୍ଘଦିନର ଆନ୍ଦୋଳନ ପରେ ସରକାର ଓଡ଼ିଶାରୁ ବ୍ଲକଗ୍ରାଣ୍ଟ ଭଳି ଏକ କୁତ୍ସିତ ପ୍ରଥା ହଟାଇ ଥିଲେ। ହେଲେ ଏଯାଏ କୌଣସି ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ଘୋଷଣା କରିନାହାନ୍ତି। ଓଡ଼ିଶାରେ ବିଭିନ୍ନ ବର୍ଗର କର୍ମଚାରୀଙ୍କ ପାଇଁ ସପ୍ତମ ବେତନ କମିଶନ ଲାଗୁ ହୋଇ ସାରିଥିବାବେଳେ ଏହି ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ସରକାର ଘୋଷଣା କଲେ ନାହିଁ। ନିର୍ବାଚନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ସମ୍ପୂର୍ଣ୍ଣ ଭୁଲିଯାଇ ନୀରବ ବସିଛନ୍ତି ସରକାର। ଅସଙ୍ଗତି ଯୋଗୁ ବନ୍ଦ ପଡ଼ିଥିବା ସ୍କୁଲ ଓ କଲେଜର କର୍ମଚାରୀଙ୍କୁ ଦୀର୍ଘ ୩୦ବର୍ଷ ପରେ ବି ଅନୁଦାନ ପରିସରଭୁକ୍ତ ନ କରି ସେମାନଙ୍କ ପରିବାରକୁ ଅନ୍ଧାର ଭିତରକୁ ଠେଲି ଦେଇଛନ୍ତି। ଏ ନେଇ ସରକାରଙ୍କ ସହ ବାରମ୍ବାର ଆଲୋଚନା କରାଯାଇଥିଲେ ମଧ କେବଳ ପ୍ରତିଶ୍ରୁତି ଛଡ଼ା ଅନ୍ୟ କିଛି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଶିକ୍ଷକ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହେବେ ବୋଲି ମିଳିତମଞ୍ଚ ପକ୍ଷରୁ କୁହାଯାଇଛି। ସୋମବାର ଶ୍ରମିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମିଳିତ ମଞ୍ଚ ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ସରକାରଙ୍କ ଉଦାସୀନତା ପ୍ରତିବାଦରେ ଉକ୍ତଦିନ ମଧ୍ୟାହ୍ନ ୧୨ଟାରେ ରେଳଷ୍ଟେଶନରୁ ଏକ ବିଶାଳ ରାଲି ଲୋୟର ପିଏମ୍‌ଜି ଅଭିମୁଖେ ବାହାରି ଆନ୍ଦୋଳନସ୍ଥଳ ପର୍ଯ୍ୟନ୍ତ ଯିବ ବୋଲି ସେମାନେ ଜଣାଇଛନ୍ତି।

# ଅନ୍ଧବିଶ୍ୱାସରୁ ମୁକୁଳିପାରୁନି ଭାରତ

## ଅଙ୍ଗ ଅଭାବରୁ ଜୀବନ ହାରୁଛନ୍ତି ଲକ୍ଷାଧିକ ରୋଗୀ

ସସ୍ମିତା ପାଇକରାୟ
ଭୁବନେଶ୍ୱର,୧୨।୮(ବ୍ୟୁରୋ)

କଥାରେ ଅଛି ଅଙ୍ଗଦାନ ମହତ୍ ଦାନ। ହେଲେ ଏହାକୁ ଗ୍ରହଣ କରିବାକୁ ଆଜି ବି ଅନେକେ ନାରାଜ। ବିଂଶଶତାବ୍ଦୀରେ ଅଙ୍ଗ ପ୍ରତିରୋପଣ ମେଡିକାଲ ସାଇନ୍ସର ଏକ ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ ହୋଉଥିବାବେଳେ ଏହାଦ୍ୱାରା ଲକ୍ଷ ଲକ୍ଷ ଜୀବନ ରକ୍ଷା କରିହେଉଛି। ହେଲେ ଦୁର୍ଭାଗ୍ୟର କଥା ଭାରତ ଏବେ ବି ଅଙ୍ଗଦାନକୁ ନେଇ ରହିଥିବା ଅନ୍ଧବିଶ୍ୱାସରୁ ମୁକୁଳିପାରିନି। ପ୍ରତିରୋପଣ ପାଇଁ ଅଙ୍ଗ ମିଳୁ ନ ଥିବାରୁ ପ୍ରତିବର୍ଷ ଲକ୍ଷାଧିକ ଲୋକଙ୍କୁ ବଞ୍ଚାଇ ହେଉନାହିଁ। ଅର୍ଗାନ୍ ଫେଲ୍ୟୁୟୋର୍ (ଅଙ୍ଗ ଅକାମୀ) ଯୋଗୁ ଭାରତରେ ବର୍ଷକୁ ପ୍ରାୟ ୫ଲକ୍ଷ ରୋଗୀଙ୍କର ମୃତ୍ୟୁ ଘଟୁଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ତଥ୍ୟରୁ ଏହା ସାମ୍ନାକୁ ଆସିଛି। କେବଳ ଏତିକି ନୁହେଁ, ୧୦ଲକ୍ଷରୁ ଅଧିକ ରୋଗୀ ନୂଆ ଜୀବନ ପାଇବାକୁ ଏବେ ବି ଅନ୍ୟର ଅଙ୍ଗଦାନ ଅପେକ୍ଷାରେ ରହିଛନ୍ତି।

ମୃତଦେହ ଦାନ କ୍ଷେତ୍ରରେ ଭାରତ ବହୁ ପଛରେ ରହିଛି। ପ୍ରତିରୋପଣ ପାଇଁ ଆବଶ୍ୟକ ଅଙ୍ଗ ଏବଂ ଉପଲବ୍ଧ ଥିବା ଅଙ୍ଗ ମଧ୍ୟରେ ବହୁ ତଫାତ୍ ରହିଛି। ରୋଗୀଙ୍କୁ ଯେତିକି ସଂଖ୍ୟାରେ ଆବଶ୍ୟକ ହେଉଛି ତାହାର ଏକ ଚତୁର୍ଥାଂଶ ମଧ ମିଳୁନି। କେନ୍ଦ୍ର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଯକୃତ ବା ଲିଭର୍ ରୋଗରେ ପ୍ରତିବର୍ଷ ଭାରତରେ ୨ଲକ୍ଷରୁ ଅଧିକ ଏବଂ ହୃଦ୍‌ରୋଗରେ ବାର୍ଷିକ ୫୦ ହଜାର ଲୋକଙ୍କର ମୃତ୍ୟୁ ଘଟିଥାଏ। ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ରୋଗୀ ନୂଆ ଜୀବନ ପାଇଁ କିଡ୍‌ନୀ ପ୍ରତିରୋପଣର ଆବଶ୍ୟକ କରୁଥିବା ବେଳେ ମାତ୍ର ୫ ହଜାର ରୋଗୀଙ୍କୁ କିଡ୍‌ନୀ ମିଳିପାରୁଥିବା ଏହି ତଥ୍ୟରୁ ଜଣାପଡ଼ିଛି। ଭାରତର ଜନସଂଖ୍ୟା ୧୨୦ କୋଟିରୁ ଅଧିକ ହୋଇଥିଲେ ମଧ




ପ୍ରତି ୧୦ଲକ୍ଷ ଲୋକଙ୍କ ମଧ୍ୟରେ ମାତ୍ର ୦.୩୪ ଅଙ୍ଗଦାନ କରୁଛନ୍ତି, ଯାହାକି ସମଗ୍ର ବିଶ୍ୱର ଅନୁପାତକୁ ଦେଖିଲେ ବେଶ୍ ନଗଣ୍ୟ। ଯୁକ୍ତରାଷ୍ଟ୍ର ଆମେରିକା, ଜର୍ମାନୀ, ସ୍ପେନ୍ ଓ ନେଦରଲାଣ୍ଡ ଭଳି ଦେଶ ମୃତଦେହ ଏବଂ ଅଙ୍ଗଦାନ କ୍ଷେତ୍ରରେ ସବୁଠାରୁ ଆଗରେ ରହିଛି।

ଅନ୍ୟପକ୍ଷରେ ବ୍ରେନ୍‌ଡେଡ୍ ବା ମସ୍ତିଷ୍କ ମୃତ ହେବାପରେ ରୋଗୀଙ୍କ ସମ୍ପର୍କୀୟମାନେ ଏହାକୁ କୋମା ଭାବି ରୋଗୀ ପୁଣିଥରେ ଠିକ୍ ହେବା ଆଶାରେ ରହୁଛନ୍ତି। ସେହି ସମୟରେ ଆଉଜଣଙ୍କ ଜୀବନ ବଞ୍ଚାଇବା ପାଇଁ ଅଙ୍ଗପ୍ରତ୍ୟଙ୍ଗ ଦାନ କରିବା ଏକ ଉଚିତ୍ ପଦକ୍ଷେପ ହୋଇଥିଲେ ମଧ ଭାରତୀୟମାନେ ଏହି ଭ୍ରାନ୍ତଧାରଣାରୁ ବାହାରି ପାରୁନାହାନ୍ତି। ଏହାବ୍ୟତୀତ ପ୍ରାଚୀନ କାଳରୁ ରହିଆସିଥିବା କେତେକ ଅନ୍ଧବିଶ୍ୱାସ, ସାଂସ୍କୃତିକ ଓ ଧାର୍ମିକ ବିଶ୍ୱାସ ଆଦି ଯୋଗୁ ମୃତବ୍ୟକ୍ତିଙ୍କ ପରିବାର ଲୋକେ ଅଙ୍ଗଦାନ କରିବାକୁ କୁଣ୍ଠାବୋଧ କରୁଛନ୍ତି। ବଡ଼ ବଡ଼ ସହରରେ ଧୀରେ ଧୀରେ ଏହି ପ୍ରଥାରେ ପରିବର୍ତ୍ତନ ଆସୁଥିଲେ ମଧ ଆଭ୍ୟନ୍ତରୀଣ ଓ ଗ୍ରାମୀଣ ଭାରତରେ ଏହାକୁ ଲୋକେ ଗ୍ରହଣ କରିପାରୁନାହାନ୍ତି। ଏହାବ୍ୟତୀତ ଅନୁନ୍ନତ ସ୍ୱାସ୍ଥ୍ୟସେବା ତଥା ଅଙ୍ଗ ପ୍ରତିରୋପଣ ପାଇଁ ଆବଶ୍ୟକ ଅତ୍ୟାଧୁନିକ ଟେକ୍ନୋଲୋଜି ଏବଂ ମାନବ ସମ୍ବଳ ଅଭାବ ଆଉ ଏକ ପ୍ରମୁଖ ସମସ୍ୟା। ଦେଶ ଏବଂ ଓଡ଼ିଶାରେ ଆବଶ୍ୟକ ସଂଖ୍ୟକ ଟ୍ରାନ୍ସପ୍ଲାଣ୍ଟ ସେଣ୍ଟର, ତାଲିମ୍‌ପ୍ରାପ୍ତ କର୍ମଚାରୀ, ଟ୍ରାନ୍ସପ୍ଲାଣ୍ଟ କୋଅର୍ଡିନେଟର୍ ବା ପ୍ରତିରୋପଣ ସହଯୋଗକାରୀ ନ ରହିବା ମୃତ ଶରୀର ଦାନ ଓ ଅଙ୍ଗଦାନ କ୍ଷେତ୍ରରେ ପ୍ରତିବନ୍ଧକ ସାଜୁଛି। ଜଣେ ରୋଗୀକୁ ବ୍ରେନ୍‌ଡେଡ୍ ବୋଲି ଘୋଷଣା କରିବା ପାଇଁ ଭାରତର ଅଧିକାଂଶ ହସ୍ପିଟାଲରେ ନିୟମ ନ ଥିବା ବେଳେ ଅଧିକାଂଶ ଅଙ୍ଗଦାନ ଏବଂ ପ୍ରତିରୋପଣ ସହ ଜଡ଼ିତ ପ୍ରକ୍ରିୟା ସମ୍ପର୍କରେ ଆଦୌ ସଚେତନ ନୁହନ୍ତି। ଏ ନେଇ ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲ୍‌ର ବିଶେଷଜ୍ଞ ତଥା ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଡା. ବିଶ୍ୱଜିତ ନନ୍ଦ କହିଛନ୍ତି, ଭାରତୀୟମାନେ ଅଙ୍ଗଦାନ କରି ଦେଶର ସାମାଜିକ ପ୍ରତିବନ୍ଧକ ଓ ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉଠାଇବା ଉଚିତ। ହାର୍ଟ, ପାନ୍‌କ୍ରିୟାସ୍, ଲିଭର୍, କିଡ୍‌ନୀ, ଫୁସ୍‌ଫୁସ୍ ଭଳି ଅଙ୍ଗଦାନ କରିବାକୁ ସମସ୍ତେ ଆଗେଇ ଆସିବା ଉଚିତ। ବୟସ, ଜାତି, ଧର୍ମ ଓ ଗୋଷ୍ଠୀ ନିର୍ବିଶେଷରେ ସମସ୍ତ ବ୍ୟକ୍ତି ଅଙ୍ଗଦାନ କରିପାରିବେ। ଅଙ୍ଗଦାନ କରି ପ୍ରତ୍ୟେକେ ୮ ଜଣଙ୍କର ଜୀବନ ରକ୍ଷା କରିପାରିବେ ଏବଂ ଟିସ୍ୟୁ ଦାନ କରି ୫୦ରୁ ଅଧିକ ଲୋକଙ୍କ ଜୀବନ ପରିବର୍ତ୍ତନ କରିପାରିବେ ବୋଲି ସେ କହିଛନ୍ତି।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଲାଣୀ ସେଲ ଖଣି ପରିଦର୍ଶନ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବଲାଣି ଲୌହ ଖଣି ପରିଦର୍ଶନ ଅବସରରେ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ବଡ଼ବିଲ, ୧୨।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ ସେଲ (ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ)ର ବଲାଣି ଲୌହ ଖଣିକୁ ସୋମବାର ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରିଦର୍ଶନ କରିଛନ୍ତି। ହେଲିକପ୍ଟର ଯୋଗେ ସେ ଝାଡ଼ଖଣ୍ଡର ନୂଆମୁଣ୍ଡିରେ ଓହ୍ଲାଇବା ପରେ ସେଠାରୁ ବଲାଣି ସେଲ ଖଣିର 'ଜି' ଏରିଆ ପରିଦର୍ଶନ କରିଥିଲେ। ଏଠାକାର ଖଣିକାର୍ଯ୍ୟ, ହପର, ପରିବହନ ଓ ବିଭିନ୍ନସ୍ଥାନ ଦେଖିବା ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଝାଡ଼ଖଣ୍ଡର ମେଘାହାତୁବୁରୁ ଅଭିମୁଖେ ଗସ୍ତ କରିଥିବା ଜଣାପଡ଼ିଛି।

## ■ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଭାଜପାର ୧୨ ଏମ୍‌ପି

# ଆୟୁଷ୍ମାନ ଭାରତ ଯୋଜନା ଲାଗୁ ପାଇଁ ଅନୁରୋଧ

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାଜପାର ଏମ୍‌ପିମାନେ ଚିଠି ଲେଖିଛନ୍ତି। ରାଜ୍ୟରେ ଏହି ଯୋଜନା ଲାଗୁ କରି ଓଡ଼ିଶାବାସୀଙ୍କୁ ଏହାର ଲାଭ ଦେବା ପାଇଁ ଏମ୍‌ପିମାନେ ଅନୁରୋଧ କରିଛନ୍ତି। ମାତ୍ର ରାଜ୍ୟ ସରକାର ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ଗ୍ରହଣ କଲାପରେ ଏହାକୁ ଓଡ଼ିଶାରେ ଲାଗୁ କରିବା ପାଇଁ ଚିନ୍ତା କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି। ଅପରପକ୍ଷରେ ବାରମ୍ବାର ରାଜ୍ୟ ଗସ୍ତରେ ଆସିଥିବା ବହୁ କେନ୍ଦ୍ରୀୟ ନେତା ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ପ୍ରସ୍ତାବ ଦେଇଥିବା ଦେଖିବାକୁ ମିଳିଥିଲା।

ଭାଜପା ଏମ୍‌ପିମାନଙ୍କ ପକ୍ଷରୁ ଦିଆଯାଇଥିବା ଚିଠିରେ ଦର୍ଶାଯାଇଛି ଯେ, ଦେଶର ଗରିବ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଛନ୍ତି। ରାଜ୍ୟବାସୀଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ବିଶ୍ୱର ସବୁଠୁ ବଡ଼ ସ୍ୱାସ୍ଥ୍ୟ ସେବା 'ଆୟୁଷ୍ମାନ ଭାରତ – ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'ରେ ଓଡ଼ିଶାର ୬୦ଲକ୍ଷ ହିତାଧିକାରୀ ଉପକୃତ ହୋଇପାରିବେ। ଏହାସହ ଦେଶର ୫୦କୋଟି ହିତାଧିକାରୀ ଏହି ଯୋଜନାର ଲାଭ ଉଠାଇପାରିବେ । ଏହି ଯୋଜନା ଅନୁସାରେ ପ୍ରତିପରିବାରକୁ ୫ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ସାମାଜିକ ଅର୍ଥନୈତିକ ଜାତିଗତ ଜନଗଣନା(ଏସ୍‌ଇସିସି) ତଥ୍ୟ ଆଧାରରେ ହିତାଧିକାରୀ ଚୟନ କରାଯାଇଛି। ଏହି ଯୋଜନାରେ ଶିଶୁ କନ୍ୟା, ମହିଳା ଏବଂ ବରିଷ୍ଠ ନାଗରିକମାନଙ୍କୁ ଅଗ୍ରାଧିକାର ଦିଆଯାଉଛି । ପୂର୍ବରୁ ହୋଇଥିବା ରୋଗର ଚିକିତ୍ସା ମଧ କରାଯିବ । ଏହି ଯୋଜନାକୁ ସମ୍ପୂର୍ଣ୍ଣରୂପେ ଅର୍ଥ ଓ କାଗଜ ବିହୀନ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି । ଚିକିତ୍ସା ସୁବିଧା ପାଇଁ ଆସୁଥିବା ରୋଗୀଙ୍କୁ କୌଣସି ନଗଦ ଅର୍ଥ ଦେବାର ଆବଶ୍ୟକତା ପଡି ନ ଥାଏ । ବିଭିନ୍ନ ଘରୋଇ ହସ୍ପିଟାଲଗୁଡ଼ିକୁ ଏଥିରେ ସାମିଲ କରାଯାଇଛି। ଏହି ଯୋଜନା ରାଜ୍ୟରେ ଲାଗୁ ହେବା ଦ୍ୱାରା ଓଡ଼ିଶାର ଜନତା ଲାଭାନ୍ୱିତ ହେବାସହ ପ୍ରବାସୀ ଓଡ଼ିଆ ଶ୍ରମିକମାନେ ଅନ୍ୟ ରାଜ୍ୟରେ ରହି ମଧ ମାଗଣାରେ ସ୍ୱାସ୍ଥ୍ୟସେବା ପାଇପାରିବେ। ଗତ ୯ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ୫ ଥର ଓଡ଼ିଶା ଗସ୍ତରେ ଆସି ସବୁ ସମୟରେ ଏହି ଯୋଜନା ରାଜ୍ୟରେ ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କୁ କହିଛନ୍ତି। ଗତ ଜୁନ୍ ୩ରେ 'ଆୟୁଷ୍ମାନ ଭାରତ – ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'ର ମୁଖ୍ୟ ଇନ୍ଦୁ ଭୂଷଣ ଓଡ଼ିଶା ଗସ୍ତରେ ଆସି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାଶ ଏବଂ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସହ ଆଲୋଚନା କରି ଏହି ଯୋଜନା ଲାଗୁ କରିବା ନେଇ ପ୍ରସ୍ତାବ ଦେଇଛନ୍ତି । ଏହି ଯୋଜନା ରାଜ୍ୟରେ ଲାଗୁ ହେଲେ କେନ୍ଦ୍ର ସରକାର ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇଦେବ। ଏହାସତ୍ତ୍ୱେ ଏହି ଯୋଜନାକୁ ଲାଗୁ କରାଯାଇ ପାରିନାହିଁ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଏମ୍‌ପି ଅଶ୍ୱିନୀ ବୈଷ୍ଣବ, ନିତେଶ ଗଙ୍ଗଦେବ, ସଙ୍ଗୀତା ସିଂହଦେଓ, ବିଶେଶ୍ୱର ଟୁଡୁ, ସୁରେଶ ପୂଜାରୀ, ଜୁଏଲ ଓରାମ, ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି 'ଆୟୁଷ୍ମାନ ଭାରତ ଯୋଜନା' ରାଜ୍ୟରେ ଲାଗୁ କରି ସୁସ୍ଥ ଭାରତ ଏବଂ ଓଡ଼ିଶା ବନେଇବା ପାଇଁ ଅନୁରୋଧ କରିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାଶ କହିଛନ୍ତି, ଏହି ଯୋଜନାର କିଛି ପ୍ରସ୍ତାବକୁ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ସରକାର କହିଛନ୍ତି। ଯଦି ଏହିସବୁ ସର୍ତ୍ତକୁ କେନ୍ଦ୍ର ସରକାର ମାନି ନିଅନ୍ତି ତାହେଲେ ରାଜ୍ୟବାସୀଙ୍କ ଲାଭ ହୋଇପାରିବ ଏବଂ ମୁଖ୍ୟମନ୍ତ୍ରୀ ତାପରେ କିଛି ନିଷ୍ପତ୍ତି ନେବେ ବୋଲି ଦାଶ କହିଛନ୍ତି।

# ଆମ୍ବୁଲାନ୍ସ ଓଲଟି ୩ ଆହତ

ଭଣ୍ଡାରିପୋଖରୀ, ୧୨।୮ (ଡି.ଏନ.ଏ.)

ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ ଥାନା ଯଶୋଟିକିରି ନିକଟରେ ସୋମବାର ଭୋର ସମୟରେ ଏକ ଆମ୍ବୁଲାନ୍ସ ଓଲଟି ୩ ଜଣ ଆହତ ହୋଇଛନ୍ତି। ଆମ୍ବୁଲାନ୍ସଟି କଟକରୁ ମୃତଦେହ ନେଇ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାଜପଥ ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ସୂଚନା ଅନୁସାରେ, ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ କୁରୁଆଶାସନ ଗ୍ରାମର ପରମେଶ୍ୱର ମିଶ୍ର(୭୫) ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ରବିବାର କଟକ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିବାରୁ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ଫେରୁଥିବା ବେଳେ ଯଶୋଟିକିରି ନିକଟରେ ଦୁର୍ଘଟଣା ଘଟିଥିଲା। ଆମ୍ବୁଲାନ୍ସରେ ଥିବା ପରମେଶ୍ୱରଙ୍କ ସ୍ତ୍ରୀ କନକଲତା, ଝିଅ ଝରଣା ଓ ପୁତୁରା ଚନ୍ଦ୍ରକାନ୍ତ ଆହତ ହୋଇଥିଲେ। ସେହି ରାସ୍ତା ଦେଇ ଫେରୁଥିବା ସାମାଜିକ କର୍ମୀ ରାଜଲକ୍ଷ୍ମୀ ମହାପାତ୍ର ଓ ଭଦ୍ରକର ପୂର୍ବତନ କାଉନସିଲର ଅଶୋକ ମହାପାତ୍ର ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଆମ୍ବୁଲାନ୍ସରୁ ଉଦ୍ଧାର କରି ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଝରଣାଙ୍କ ହାତ ଭାଙ୍ଗିଯାଇଥିବା ବେଳେ ତାଙ୍କ ମା' କନକଲତାଙ୍କ ମୁଣ୍ଡ ଫାଟିଯାଇଛି। ଆହତମାନେ ଚିକିତ୍ସିତ ହୋଇ ଘରକୁ ଫେରିଯାଇଛନ୍ତି।




ଓଲଟି ପଡ଼ିଥିବା ଆମ୍ବୁଲାନ୍ସ।

# ସୂର୍ଯ୍ୟମନ୍ଦିର ସ୍ଥିତି ପରଖିଲେ ଆମିକସ୍ କ୍ୟୁରି

କୋଣାର୍କ, ୧୨।୮(ଡି.ଏନ୍.ଏ.)

ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ସୁରକ୍ଷା ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଆମିକସ୍ କ୍ୟୁରି ଆଡଭୋକେଟ୍ ଏନ୍.କେ. ମହାନ୍ତି ସୋମବାର ମନ୍ଦିରର ସ୍ଥିତି ପରଖିଛନ୍ତି। ବର୍ଷା ସମୟରେ ମନ୍ଦିର ପରିସରରେ ପାଣି ଜମିରହିବା, ମନ୍ଦିରର ମୁଖ୍ୟ ଆକର୍ଷଣ ଜଗମୋହନକୁ ଚାରିପଟେ ଘେରିଥିବା ଲୁହାପାଇପ ଭାରା, ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ପଥରଖଣ୍ଡର ଅବକ୍ଷୟ ଆଦି ବିଭିନ୍ନ ସମସ୍ୟାର ଅନୁଧ୍ୟାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଏଏସ୍‌ଆଇ ପକ୍ଷରୁ ମନ୍ଦିରର ବାସ୍ତବ ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅନ୍ଧାରରେ ରଖାଯାଉଥିବାନେଇ ଅବଗତ କରିଥିଲେ। ପରେ ଆମିକସ୍ କୁରି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଲେ ଯେ, ମନ୍ଦିରର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଆସିଛି। ଖୁବଶୀଘ୍ର ସୂର୍ଯ୍ୟମନ୍ଦିର ସଂରକ୍ଷଣ ସହିତ ଜଡିତ ଷ୍ଟିଅରିଂ କମିଟି ସହ ବୈଠକ ଆୟୋଜିତ ହେବ। ସେ ସମୟରେ ସମସ୍ତ ତଥ୍ୟ ଦେବି। ଏହି ଗସ୍ତସମୟରେ ଆମିକସ୍ କ୍ୟୁରିଙ୍କ ସହିତ ସୂର୍ଯ୍ୟମନ୍ଦିର ବିଶେଷଜ୍ଞ କମିଟିର ସଦସ୍ୟ ତଥା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଡ. ଏନ୍.ସି.ପାଲ୍ ମନ୍ଦିର ପରିଦର୍ଶନ କରିଥିଲେ। ଡକ୍ଟର ପାଲ୍ ମନ୍ଦିରର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଆମିକସ୍ କ୍ୟୁରିଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିବା ଜଣାଯାଇଛି।



ଆମିକସ୍ କ୍ୟୁରି ଆଡଭୋକେଟ୍ ଏନ୍.କେ. ମହାନ୍ତି ମନ୍ଦିର ପରିସର ବୁଲି ଦେଖୁଛନ୍ତି।



ହରିୟାଣାର ମୁଲ୍ଲାନା(ସଂରକ୍ଷଣ) ବିଧାୟିକା ସନ୍ତୋଷ ସରୱାନ୍‌ଙ୍କୁ ତଲ୍‌ୱିନ୍ଦର ସିଂ ନାମକ ଜଣେ ବ୍ୟକ୍ତି ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି। ଭାଜପାର ଏହି ମହିଳା ବିଧାୟିକା ଅମ୍ବାଲା ଜିଲାରେ ଅନୁଷ୍ଠିତ ଏକ ବୈଠକରେ ଅଭିଭାଷଣ ଶେଷକରି ଲୋକଙ୍କ ସହ କଥା ହେଉଥିବାବେଳେ ଏଭଳି ଘଟଣା ଘଟିଛି। ଭାଜପା ସମର୍ଥକମାନେ ତାଙ୍କୁ ଧରି ପୋଲିସକୁ ଦେଇଥିଲେ। ପୋଲିସ ଏନେଇ ଅଭିଯୁକ୍ତ ଯୁବକଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏହାକୁ ଭାଜପା ସମର୍ଥକମାନେ ନିନ୍ଦା କରିବା ସହ ତଦନ୍ତ ଦାବି କରିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ନୱେଦ୍
ପରିବାରବର୍ଗ



ଆଦ୍ୟାଶା
ପରିବାରବର୍ଗ



କବିତା
ପରିବାରବର୍ଗ



ସୁବେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଛତୁ ଖାଇ ପରିବାରର ୬ ଅସୁସ୍ଥ

ଜୁନାଗଡ,୧୨।୮(ଡି.ଏନ୍.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ସହର ୭ନମ୍ବର ୱାର୍ଡ ସମିଆବନ୍ଦପଡ଼ାରେ ଛତୁ ଖାଇ ରବିବାର ବିଳମ୍ବିତ ରାତିରେ ଗୋଟିଏ ପରିବାରର ୬ଜଣ ଅସୁସ୍ଥ ହୋଇପଡିଛନ୍ତି। ସେମାନେ ହେଲେ ସପ୍ନେଶ୍ୱର ଭଏଁସାଲ(୫୬), ସ୍ତ୍ରୀ କୁମୁଦିନୀ(୫୦), ପୁଅ ଧନଞ୍ଜୟ(୨୪), ରଞ୍ଜିତ(୧୮), ଝିଅ ବବଲି ବଗର୍ତ୍ତୀ(୨୨) ଓ ଜ୍ୱାଇଁ କୈଳାସ ବଗର୍ତ୍ତୀ (୨୬)। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୋମବାର ଅପରାହ୍ଣରେ ସମସ୍ତେ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡିପାରେ। ବନ୍ଧୁ ଓ ପରିବାର କ୍ଷେତ୍ରରେ ମଧ୍ୟ ପ୍ରତିକୂଳତାର ଝଲକ ଦେଖିବାକୁ ମିଳିବ। ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ସାମାନ୍ୟ ଚେଷ୍ଟାକଲେ ପାଇପାରିବେ। ଆକସ୍ମିକ ଭାବେ ଯାତ୍ରା କାଳରେ ରାସ୍ତାରେ ପ୍ରିୟଜନଙ୍କୁ ଦେଖାକରିବାର ସୁଯୋଗ ପାଇପାରନ୍ତି।

**ବୃଷ** କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ସହକର୍ମୀ ସହଯୋଗର ହାତ ବଢ଼ାଇବେ। ପାରସ୍ପରିକ ମତଭେଦ କାରଣରୁ ଅଫିସରେ କିମ୍ବା ଆଲୋଚନା କ୍ଷେତ୍ର ଅମିମାଂସିତ ରହିପାରେ। ଘରୋଇ କ୍ଷେତ୍ରରେ ସନ୍ତାନ ହେତୁକ ପୀଡା ଅନୁଭବ କରିବେ। ଆଗାମୀ ଆନୁଷ୍ଠାନିକ କାମ ସୁବିଧାରେ ହାସଲ ସକାଶେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** ପାରିବାରିକ ଅସ୍ଥିରତା କାରଣରୁ ମନର ଅଶାନ୍ତି ଓ ରାଗକୁ ନିୟନ୍ତ୍ରଣ ମଧ୍ୟରେ ନ ରଖି ଅନ୍ୟକୁ ଦାୟୀ କରି ସମାଲୋଚିତ ହେବେ। ଆର୍ଥିକ ସ୍ଥିତି ଓ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଅନୁକୂଳ ରହିପାରେ। ଆଇନ, ଅଦାଲତ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**କର୍କଟ** ଭୁଲ୍ ବୁଝାମଣା କାରଣରୁ ନିଜ ଭାଇ, ବନ୍ଧୁ ଓ କୁଟୁମ୍ବ ଲୋକମାନଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। ବ୍ୟବସାୟ ଓ ପରିବହନ, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାର ରାସ୍ତା ଖୋଜି ପାଇ ପାରିବେ ନାହିଁ। ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରି ପରେ ଅନୁତପ୍ତ ହୋଇପାରନ୍ତି। ଦୀର୍ଘଦିନରୁ ଲାଗିରହିଥିବା କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହେବାର ଆଶା ରହିଛି।

**କନ୍ୟା** ଆଜି ପ୍ରତ୍ୟେକ ସ୍ତରରେ କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ, ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ଆପଣଙ୍କ ମନକୁ ବାଧିଲା ଭଳି କଥା କହିପାରେ। କୌଣସି ଯୋଜନା ବିହୀନ କାମରେ ମୁଣ୍ଡ ପୂରାନ୍ତୁ ନାହିଁ। ଆଲୋଚନା କାଳରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ତୁଳା** ଆଜି ଆପଣଙ୍କୁ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡିପାରେ। ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇ ନିଜର କାମଗୁଡିକୁ ସମ୍ପନ୍ନ କରିବାରେ ପଛେଇ ଯାଇପାରନ୍ତି। ସାଧାରଣ କଥାରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ।

**ବିଛା** ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହା ଆକସ୍ମିକ ଭାବରେ ଆତ୍ମୀୟମାନଙ୍କ ସହାୟତାରେ ହୋଇଯିବ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ ଓ ସଫଳ ମଧ୍ୟ ହେବେ। ଜମିଜମା କିଣା ବିକା କ୍ଷେତ୍ରରେ ନିଜ ପରିବାରର ସଦସ୍ୟମାନଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ । ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗିରହିବ, ଅବଶ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ଅଫିସରେ ସହକର୍ମୀମାନଙ୍କ ସହ ଖୁସିରେ ସମୟ କଟିଯିବାର ସମ୍ଭାବନା ରହିଛି। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର** କର୍ମକ୍ଷେତ୍ରରେ ଥିବା ସମୟରେ ଜଣେ ବ୍ୟକ୍ତି ଠାରୁ ହଠାତ୍ କୌଣସି ଖବର ପାଇ ବିଚଳିତବୋଧ କରିବେ। ଉପରିସ୍ଥ ଅଧିକାରୀମାନେ କାମହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ଆଜିର କାମ ଓ କଥାରେ ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ତର୍କ, ବିତର୍କ କାରଣରୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା, କ୍ରୀଡା, ଚଳଚ୍ଚିତ୍ର ତଥା ରାଜନୀତି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଆନୁଷ୍ଠାନିକ କ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ, ଯାନ୍ତ୍ରିକ ଜିନିଷ କିଣାବିକାରେ ଆଶାନୁଯାୟୀ ସୁଫଳ ପାଇବେ। କୌଣସି କଥା ଭଲ ରୂପେ ନ ବୁଝି ଅନ୍ୟ ଉପରେ ଦୋଷ ଲଦି ପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର, ଶିବ ପବିତ୍ରାରୋପଣ, ଅଗଷ୍ଟ ୧୩ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦିବା ଘ୧୦।୧୬ମି. ଗତେ ମକର ଚନ୍ଦ୍ର, ସିଂହ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ତ୍ରୟୋଦଶୀରଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ୮।୨୮ମି. ଗତେ ଘ୧୦।୦୮ମି. ମଧ୍ୟେ, ଘ୧୧।୪୭ମି. ଗତେ ଘ୧।୨୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୪୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୩।୦୨ମି. ଗତେ ଘ୪।୩୮ମି. ମଧ୍ୟେ ରାହୁକାଳ।

## ସାରା ରାଜ୍ୟରେ...

ପ୍ରଥମ ପୃଷ୍ଠାରୁ...

ଟିଟିଲାଗଡ଼ରେ ସର୍ବାଧିକ ୯୮ ମିଲିମିଟର ବର୍ଷା ହୋଇଥିବାବେଳେ ସୋନପୁର ୬୪, କଟକ ୫୦, ଭବାନୀପାଟଣା ୪୩, ବଲାଙ୍ଗୀର ୪୨, ମାଲକାନଗିରି ୩୮.୩, ପୁରୀ ୩୭, ପାରାଦୀପ ୩୬, ଫୁଲବାଣୀ ୨୪, ଝାରସୁଗୁଡ଼ା ଓ ଦାରିଙ୍ଗବାଡ଼ି ୨୩, ଭୁବନେଶ୍ୱର ୨୦.୬, ସମ୍ବଲପୁର ୨୦, ଚାନ୍ଦବାଲି ୧୫, ବାଲେଶ୍ୱର ୧୪, କେନ୍ଦୁଝର ୧୩, ସୁନ୍ଦରଗଡ଼ ୧୦, ଅନୁଗୋଳ ଓ ହୀରାକୁଦ ୮, ତାଳଚେର ୭, କୋରାପୁଟ ୬, ଗୋପାଳପୁର ୪, ବାରିପଦାରେ ୨.୪ ମିମି ହୋଇଥିବା ରେକର୍ଡ କରାଯାଇଛି। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ହୋଇଉଠିଛି। ଗୋପାଳପୁର ବେଳାଭୂମିରେ ଉଚ୍ଚ ଜୁଆରି ଆସି କୂଳ ଧୋଇ ନେଉଛି। ତେଣୁ ୧୪ ତାରିଖ ଯାଏ ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି।

ଅନ୍ୟପକ୍ଷରେ ଉପର ମୁଣ୍ଡରେ ବର୍ଷା ହେବା ଫଳରେ ହୀରାକୁଦ ଜଳ ଭଣ୍ଡାରରେ ଜଳସ୍ତର କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ଏହାର ଜଳଧାରଣ କ୍ଷମତା ୬୩୦ ଫୁଟ୍ ହୋଇଥିବାବେଳେ ସୋମବାର ମଧ୍ୟାହ୍ନରେ ଜଳସ୍ତର ୬୧୫.୬୫ ଫୁଟରେ ପହଞ୍ଚିଥିଲା। ଆଉ ଦୁଇଦିନ ମଧ୍ୟରେ ଜଳସ୍ତର ୬୧୭ ଫୁଟରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ପ୍ରତି ସେକେଣ୍ଡରେ ଜଳ ଭଣ୍ଡାର ଭିତରକୁ ୮୦ ହଜାର ୭୫୨ କ୍ୟୁସେକ୍ ପାଣି ପ୍ରବେଶ କରୁଥିବାବେଳେ ୧୮ ହଜାର ୭୮୪ କ୍ୟୁସେକ ନିଷ୍କାସିତ ହେଉଛି। ନିଷ୍କାସିତ ହେଉଥିବା ପାଣିରୁ ଜଳ ବିଦ୍ୟୁତ କେନ୍ଦ୍ର ମାଧ୍ୟମରେ ୧୫ ହଜାର ୧୩୨ କ୍ୟୁସେକ୍ ଓ କେନାଲ ବାଟେ ୩ ହଜାର ୫୫୫ କ୍ୟୁସେକ୍ ଛଡ଼ାଯାଉଥିବାବେଳେ ବିଭିନ୍ନ କଳକାରଖାନାକୁ ୧୭୦ କ୍ୟୁସେକ୍ ଯୋଗାଇ ଦିଆଯାଉଛି। ବର୍ଷା ଲାଗି ରହିଥିବାରୁ ୧୪ ତାରିଖ ଦିନ ୧୧ଟା ପରେ ଜଳ ଭଣ୍ଡାରର ଗେଟ୍ ଖୋଲାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଏହି ସମୟରେ ମହାନଦୀକୁ ନ ଯିବାକୁ ସମ୍ବଲପୁର, ହୀରାକୁଦ ଓ ଆଖପାଖ ଅଞ୍ଚଳରେ ଡାକବାଜି ଯନ୍ତ୍ରରେ ସୂଚନା ଦିଆଯାଉଛି। ଯେଉଁମାନେ ନଦୀ ତଟ ପାଖରେ ବସବାସ କରୁଛନ୍ତି ସେମାନ ସୁରକ୍ଷିତ ସ୍ଥାନକୁ ଫେରିଆସିବା ପାଇଁ କୁହାଯାଇଛି। ଏଥିସହିତ ଗୃହପାଳିତ ପଶୁଙ୍କୁ ନ ଛାଡ଼ିବା ପାଇଁ କୁହାଯାଇଛି।

## ଲୋକଙ୍କ ସ୍ୱପ୍ନ...

ପାଇଁ ଏକ ବଳିଷ୍ଠ ବାର୍ତ୍ତା ବୋଲି ଗ୍ରିଲ୍ସ କହିଛନ୍ତି। ପ୍ରକୃତିକୁ ଭଲ ପାଇବା ସହ ବଞ୍ଚିବା ଉପରେ ମୋଦି ଗୁରୁତ୍ୱ ଦେଇଛନ୍ତି। ପ୍ରକୃତିକୁ ନିଜର ଆବଶ୍ୟକତା ପାଇଁ ଲୁଣ୍ଠନ ନ କରି ଏହାକୁ ଭବିଷ୍ୟତ ବଂଶଧରଙ୍କ ପାଇଁ ଛାଡିଦେବାକୁ ସେ ପରାମର୍ଶ ଦେଇଛନ୍ତି। ସାରା ବିଶ୍ୱ ଏକ ପରିବାର। 'ବସୁଧୈବ କୁଟୁମ୍ବକମ୍' ହେଉଛି ବିଶ୍ୱକୁ ଭାରତର ବାର୍ତ୍ତା ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ପ୍ରଧାନମନ୍ତ୍ରୀ ହେବାକୁ କେବେ ସ୍ୱପ୍ନ ଦେଖିଥିଲେ କି ବୋଲି ଗ୍ରିଲ୍ସ ପ୍ରଶ୍ନ କରିବାରୁ ମୋଦି କହିଥିଲେ, ଦେଶର ବିକାଶ ଉପରେ ସେ ସବୁବେଳେ ଗୁରୁତ୍ୱ ଦେଉଥିଲେ। ପ୍ରଥମେ ମୁଖ୍ୟମନ୍ତ୍ରୀ ଭାବେ ସେ ୧୩ ବର୍ଷ କାର୍ଯ୍ୟ କରିଥିଲେ। ପରେ ଦେଶ ତାଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ବସାଇବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ସେ ୫ ବର୍ଷ ହେଲା ଉକ୍ତ କାର୍ଯ୍ୟ କରିଆସୁଛନ୍ତି। ତେବେ ବିକାଶ ଉପରେ ତାଙ୍କର ଫୋକସ୍ ସବୁବେଳେ ରହିଥିବା ମୋଦି କହିଛନ୍ତି। ସେ କେବଳ ନିଜ କାମ ଓ ଦାୟିତ୍ୱ କଥା ଚିନ୍ତା କରିଥାନ୍ତି, ପଦବୀକୁ କଦାପି ମୁଣ୍ଡକୁ ନେଇ ନ ଥାନ୍ତି।

ପିଲାଦିନ କଥା ମନେ ପକାଇ ମୋଦି କହିଥିଲେ, ଗରିବ ପରିବାରରେ ବଢ଼ିଥିବାରୁ ସବୁବେଳେ ପ୍ରକୃତି ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଥିଲେ। ପିଲାଦିନେ ଗାଁରେ ବର୍ଷା ହେଲେ ସମ୍ପର୍କୀୟଙ୍କୁ ଜଣାଇବା ପାଇଁ ପୋଷ୍ଟକାର୍ଡ କିଣିବାକୁ ବାପାଙ୍କ ପାଖରେ ପଇସା ନ ଥିଲା ବୋଲି ମୋଦି କହିଛନ୍ତି। ସେମାନେ ଯେଉଁ ସ୍ଥାନରେ ବୁଲୁଛନ୍ତି ସେଠାରେ ବାଘ ଅଛନ୍ତି ବୋଲି ଗ୍ରିଲ୍ସ କହିବାରୁ ଭଗବାନ ସବୁକିଛିର ଯତ୍ନ ନେଇଥାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ ନିଜକୁ ଭଲ ଛାତ୍ର କହିପାରିବେ ନାହିଁ। ତେବେ ଦାରିଦ୍ର୍ୟ ସତ୍ତ୍ୱେ ସେ ସବୁବେଳେ ସଫାସୁତୁରା ପୋଷାକ ପିନ୍ଧିବାକୁ ଚାହୁଁଥିଲେ। ତମ୍ବା ବେଲାରେ ତତଲା କୋଇଲା ରଖି ପୋଷାକକୁ ଇସ୍ତ୍ରି କରୁଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କିଶୋର ଅବସ୍ଥାରେ ସେ ଘର ଛାଡ଼ି ହିମାଳୟ ଚାଲିଯାଇଥିଲେ। ସେ ଆଧ୍ୟାତ୍ମିକ ଜଗତକୁ ଦେଖିବା ପାଇଁ ଚାହିଁଥିଲେ। ସେ ହିମାଳୟରେ କେତେଜଣ ଲୋକଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ସହ ଦୀର୍ଘ ବର୍ଷ ବିତାଇଥିଲେ ବୋଲି ମୋଦି କହିଛନ୍ତି।

■ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା ଫି' ବୃଦ୍ଧି ପ୍ରସଙ୍ଗ

# ଅଭିଭାବକ ମହାସଂଘର ଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**

■ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା

■ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ଗଣଶିକ୍ଷା ମନ୍ତ୍ରୀ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ପରୀକ୍ଷା ଫି' ବୃଦ୍ଧି କରାଯାଇଛି। ଏହାକୁ ଓଡ଼ିଶା ଅଭିଭାବକ ମହାସଂଘ ବିରୋଧ କରିଛି। ସମାଧାନ ପାଇଁ ସଂଘ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ଫି' ବୃଦ୍ଧି ପ୍ରତ୍ୟାହାର ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଓ ସିବିଏସ୍‌ଇ ଚେୟାରମ୍ୟାନଙ୍କୁ ଚିଠି ଲେଖିଛି। ଯଦି ୭ଦିନ ମଧ୍ୟରେ ଫି' ବୃଦ୍ଧି ପ୍ରତ୍ୟାହାର କରା ନ ଯାଏ ତେବେ ଆନ୍ଦୋଳନକୁ ଓହ୍ଲାଇବାକୁ ଅଭିଭାବକମାନେ ବାଧ ହେବେ ବୋଲି ସଂଘ ଚେତାବନୀ ଦେଇଛି। ସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ସିବିଏସ୍‌ଇର ଏହି ନିଷ୍ପତ୍ତିକୁ ଆମେ ଘୋର ନିନ୍ଦା କରୁଛୁ। ଏଭଳି ଅନୈତିକ ଫି' ବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର ପାଇଁ ମଙ୍ଗଳବାର ଭୁବନେଶ୍ୱର ସିବିଏସ୍‌ଇର ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେବୁ। ଯଦି କର୍ତ୍ତୃପକ୍ଷ ଦାବି ନ ଶୁଣନ୍ତି ୨୦୧୬ ପରି ସିବିଏସ୍‌ଇ କାର୍ଯ୍ୟାଳୟରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବୁ ବୋଲି ଭଟ୍ଟ ଜଣାଇଛନ୍ତି।

ଅନ୍ୟପକ୍ଷରେ ସର୍ବଭାରତୀୟ ଅଭିଭାବକ ସଂଘର ରାଜ୍ୟ ଶାଖା ମଧ୍ୟ ଫି'ବୃଦ୍ଧିକୁ ତୀବ୍ର ବିରୋଧ କରିଛି। ସଭାପତି ପ୍ରଦୀପ୍ତ ନାୟକ କହିଛନ୍ତି, ରାଜ୍ୟ ସରକାରଙ୍କ ବିଦ୍ୟାଳୟରେ ଦିନକୁ ଦିନ ଗୁଣାତ୍ମକ ମାନଦଣ୍ଡ ଖରାପ ହେଉଥିବାର ଅଭିଭାବକମାନେ ନିଜ ପେଟରୁ କାଟି ପିଲାଙ୍କୁ ସିବିଏସ୍‌ଇ ପାଠ୍ୟକ୍ରମ ଥିବା ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ପଢ଼ାଉଛନ୍ତି। କେନ୍ଦ୍ର ସରକାର ପରୀକ୍ଷା ଫି' ବୃଦ୍ଧି କରି ଏହି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। ଘରୋଇ ସିବିଏସ୍‌ଇ ବିଦ୍ୟାଳୟ ସମେତ କେନ୍ଦ୍ରୀୟ ବିଦ୍ୟାଳୟରେ ନାମ ଲେଖା ଓ ମାସିକ ଟ୍ୟୁଶନ ଫି' ମନଇଚ୍ଛା ବୃଦ୍ଧି କରାଯାଉଥିବାବେଳେ ସରକାର ଚୁପ୍ ବସିଛନ୍ତି। ଆଗାମୀ ଦିନରେ ବିରୋଧ ତୀବ୍ରତର ହେବ ବୋଲି ନାୟକ ଚେତାବନୀ ଦେଇଛନ୍ତି। ସିବିଏସ୍‌ଇ ଫି' ବୃଦ୍ଧିକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ନାପସନ୍ଦ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଏକକାଳୀନ ଫି' ବୃଦ୍ଧି ଠିକ୍ ହୋଇନାହିଁ। ଏହା ନିଶ୍ଚିତ ଭାବେ ଅଭିଭାବକଙ୍କୁ ବାଧିବ। ତେଣୁ ଏ ଦିଗରେ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରି ନିଶ୍ଚିତ ଭାବେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ସିବିଏସ୍‌ଇ କର୍ତ୍ତୃପକ୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଉଭୟ ଏସ୍‌ସି/ଏସ୍‌ଟି ଓ ସାଧାରଣ ବର୍ଗର ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫି' ବୃଦ୍ଧି କରିଛନ୍ତି। ପୂର୍ବରୁ ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫି' ୫୦ ଟଙ୍କା ଥିବାବେଳେ ଏହା ଏବେ ୧୨୦୦ ଟଙ୍କା ହୋଇଛି। ସେହିପରି ସାଧାରଣ ବର୍ଗର ଛାତ୍ରୀଛାତ୍ର ୭୫୦ ଟଙ୍କା ପରିବର୍ତ୍ତେ ୧୫୦୦ ଟଙ୍କା ହୋଇଛି। ମାଇଗ୍ରେଶନ୍ ଫି' ୧୫୦ ଟଙ୍କା ବଦଳରେ ୩୫୦ ଟଙ୍କାକୁ ବୃଦ୍ଧି କରାଯାଇଛି।

# ବାରିପଦାର ସୁବ୍ରତଙ୍କୁ ଜାତୀୟ ଯୁବ ପ୍ରତିଭା ସମ୍ମାନ

**ବାରିପଦା ଅଫିସ,୧୨।୮**



କ୍ରୀଡ଼ା ମନ୍ତ୍ରୀ ସୁବ୍ରତଙ୍କୁ ସମ୍ମାନିତ କରୁଛନ୍ତି।

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ତକତପୁର ଅଞ୍ଚଳର ସୁବ୍ରତ କୁମାର ଦାସ ୨୦୧୬-୧୭ ବର୍ଷର ଜାତୀୟ 'ଯୁବ ପ୍ରତିଭା ସମ୍ମାନ' ଲାଭ କରିଛନ୍ତି। ସୋମବାର ଆନ୍ତର୍ଜାତିକ ଯୁବ ଦିବସ ପାଳନ ଅବସରରେ ନୂଆଦିଲ୍ଲୀଠାରେ ଆୟୋଜିତ ଯୁବ ପ୍ରତିଭା ସମ୍ବର୍ଦ୍ଧନା ସଭାରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ମୟୂରଭଞ୍ଜ ଜିଲାରେ ପ୍ରଥମ ଯୁବକ ଭାବେ ସେ ଏହି ସମ୍ମାନ ଲାଭ କରି ଓଡ଼ିଶାର ଟେକ ବଢାଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

ସୁବ୍ରତ ପିଲାଦିନରୁ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆଗ୍ରହ ରଖିଥିଲେ। କଲେଜରେ ପାଠ ପଢିବା ସମୟରେ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ସହିତ ଜଡ଼ିତ ହୋଇଥିଲେ। ସେ ଜାତୀୟ ସେବା ଯୋଜନାରେ କାର୍ଯ୍ୟକରି ପୂର୍ବରୁ ୨ ଥର ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିଲେ। ଏଥିସହ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ୩ଥର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୁରସ୍କୃତ ହୋଇ ମୟୂରଭଞ୍ଜ ଜିଲା ପାଇଁ ଗୌରବ ଆଣିଥିଲେ। ଦୃଢ଼ ଇଚ୍ଛା ଓ ବିଶ୍ୱାସ ରଖି ସର୍ବଭାରତୀୟସ୍ତରରେ ୨୦ ଜଣ ଯୁବକ ଓ ୩ଟି ଅନୁଷ୍ଠାନ ମଧ୍ୟରୁ ଓଡ଼ିଶାରୁ ଏକ ମାତ୍ର ଯୁବକ ଭାବେ ସେ ଏହି ସମ୍ମାନ ପାଇଛନ୍ତି। ନୂଆଦିଲ୍ଲୀଠାରେ ଆୟୋଜିତ ଭବ୍ୟ ସମ୍ବର୍ଦ୍ଧନା ସଭାରେ କ୍ରୀଡା ଓ ଯୁବ ସେବା ବିଭାଗ ମନ୍ତ୍ରୀ କିରେନ ରିଜିଜୁ, ଜାତୀୟ ଯୁବ ସମ୍ପାଦିକା ଉପମା ଚୌଧୁରୀ, ଜାତୀୟ ଯୁଗ୍ମ ସମ୍ପାଦକ ଅସିତ ସିଂ ଏବଂ ବିତ୍ତୀୟ ବିଭାଗ ସମ୍ପାଦକ କିରଣ ସୋନି ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ସୁବ୍ରତଙ୍କ ସମେତ ୨୩ ଜଣଙ୍କୁ ରାଷ୍ଟ୍ରୀୟ ଯୁବ ପ୍ରତିଭା ଭାବେ ସମ୍ମାନିତ କରିଥିଲେ। ପରେ ସୁବ୍ରତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହି ସମ୍ମାନ ଆଗକୁ ଜନସେବା କରିବା ଲାଗି ତାଙ୍କୁ ଉତ୍ସାହିତ କରିବ ।


# classifieds Everyday 0674-2580101, 2549302




**SALE**

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

One BHK flat for sale ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66753

Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267. D-67340

ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740. D-67339

Plot for sale at Khandagiri, Hanspal, Trisulia, Nakhara, 9937816565, 9937568585. D-13835

ଫୁଲନଖରାର Synergy Engineering College ସମ୍ମୁଖରୁ walkable distance ରେ ପିଚୁରାସ୍ତାକୁ ଲାଗି ଘରବାରି boundary plots ଶସ୍ତାରେ ମିଳୁଛି। 9078699286. D-66755

2BR flats 1113-1400 sqft. for sale, AIIMS Hospital, Patrapada, Bhubaneswar. 8917665342, 9861444497. D-66173

Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363. D-66941

Prime land on Puri Konark Marine Drive on NH (1st plot) 8000sqft. cost 150lakhs (negotiable), ideal for Lodge/Nursing home. Contact No.: 9338579645. D-65000

ଭୁବନେଶ୍ୱର ନିକଟସ୍ଥ ନଖରା, DPS ଅନନ୍ତପୁର, ଦଧିବିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଲିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟ ବିକ୍ରିହେଉଛି। ଯୋଗାଯୋଗ: 8249870448. D-13744

Bhubaneswar କଳ୍ପନାଛକଠାରୁ 11k.m. ଏବଂ ରଙ୍ଗବଜାର BJEM School-2 ଠାରୁ 3k.m. Gayatri College ପାଖରେ ଘରବାରି demarcated 30' ରାସ୍ତା ଏବଂ Electricity ସୁବିଧାଥାଇ immediate ଘର ଉପଯୋଗୀ ପ୍ଲଟ sqft. 415/- ରେ ମିଳୁଛି। 9937025111, 9437114429. D-66759

Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730. D-66760

**GENERAL**

**SALE**

2010 model AMW make transit mixture concrete carrier 2Nos., in good running condition for sale. Contact: 9437290482. D-67212




Available 350 sft. suitable for franchise/ service centre. Location Saheed Nagar, Opp. Hotel Empires, Bhubaneswar. Contact: Sudarshan-9040151899/ 0674-2541150. D-66281




Contact for interior design of ceiling, TV unit, wardrobe and modular kitchen from the experts. Call: 7008550473. D-13806

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ ଏବଂ ରଙ୍ଗୀନ ଟ୪୨୦/-ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Newly opening Ayurvedic body massage smart therapist, Shree herbal, 775 0020754. D-67343

Kajal ayurvedic massage club fully relaxed by smart lady, home service available. 9937637219. D-66939

Herbal full body massage by smart / expert therapist. Contact: 8338067247. D-67346

Summer special mesmerizing offer expert therapeutic refreshing massage appointment. 9668374480. D-67347

Full body herbal massage with refreshment expert therapist. 7381239385, 06742540855. D-67348

Experience full body massage with us (expert). Call: 7377048581, 06742597822. D-67349




ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793


**ପାଠକଙ୍କ ପାଇଁ ସୂଚନା:**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଦିଲ୍ଲୀ ବିମାନବନ୍ଦରରେ ବୋମା ଥିବା ଖବର ସୋମବାର ପ୍ରଚାର ହେବା ପରେ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଟର୍ମିନାଲ-୨ରେ ବୋମା ଥିବା ଦିଲ୍ଲୀ ପୋଲିସକୁ ରାତି ୮.୪୯ରେ ଫୋନକଲ ଆସିଥିଲା। ସଙ୍ଗେ ସଙ୍ଗେ ଉକ୍ତ ଅଞ୍ଚଳକୁ ଖାଲି କରାଯାଇ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ସବୁ ଯାତ୍ରୀ ଗେଟ୍ ନଂ.୪ ଦେଇ ଚାଲିଯାଇଥିଲେ। ବୋମା ନିଷ୍କ୍ରିୟକାରୀ ଟିମ୍ ଓ ସିଆଇଏସ୍‌ଏଫ୍ ତନ୍ନତନ୍ନ କରି ସର୍ଚ୍ଚ କରିବା ପରେ କିଛି ମିଳି ନ ଥିଲା। ଏହି ଗୁଜବ ଯୋଗୁ ୭୦ ମିନିଟ୍ କାଳ ବିମାନବନ୍ଦର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।



# ରାଜ୍ୟ ଯୋଜନା ବୋର୍ଡ ପୁନର୍ଗଠନ ଚର୍ଚ୍ଚା

- ଡବ୍ଲ୍ୟୁଓଡିସି ପାଇପାରେ ନୂଆ ଅଧ୍ୟକ୍ଷ
- କ୍ରିୟାଶୀଳ ଉପରେ ଗୁରୁତ୍ୱ
- ଥଇଥାନ କେନ୍ଦ୍ର ବୋଲି ବିରୋଧୀଙ୍କ ଅଭିଯୋଗ

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ରାଜ୍ୟ ସରକାର କେତେକ ପ୍ରମୁଖ ପରିଷଦ ଗୁଡ଼ିକର ପୁନର୍ଗଠନ କରିବାକୁ ଯାଉଛନ୍ତି। ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଥିବା ଜଣାପଡ଼ିଛି। ରାଜ୍ୟ ଯୋଜନା ବୋର୍ଡ ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ପୁନର୍ଗଠନ ନେଇ ଚର୍ଚ୍ଚା ହେଉଛି। ଯୋଜନା ବୋର୍ଡର ଉପାଧ୍ୟକ୍ଷ ଥିବା ବିଷ୍ଣୁଚରଣ ଦାସ ବର୍ତ୍ତମାନ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବିଧାୟକ। ପ୍ରାୟତଃ ଯୋଜନା ବୋର୍ଡରେ ବିଧାୟକଙ୍କୁ ଉପାଧ୍ୟକ୍ଷ କରାଯାଇ ନ ଥାଏ। ତେଣୁ ନୂଆ ଉପାଧ୍ୟକ୍ଷଙ୍କ ନାମ ଘୋଷଣା କରାଯିବା ସମ୍ଭାବନା ରହିଛି। ସେହିପରି ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଥିବା କିଶୋର ମହାନ୍ତି ବ୍ରଜରାଜନଗର ବିଧାୟକ ହୋଇଥିବାରୁ ଏହି ପଦରେ ବି ପରିବର୍ତ୍ତନ ହେବାକୁ ଯାଉଥିବା କୁହାଯାଉଛି।

୨୦୧୪ରେ ଏନ୍‌ଡିଏ କେନ୍ଦ୍ରରେ ସରକାରକୁ ଆସିବା ପରେ ଯୋଜନା କମିଶନକୁ ପରିବର୍ତ୍ତନ କରାଯାଇ ନୀତି ଆୟୋଗ କରାଯାଇଥିଲା। ତେଣୁ କେନ୍ଦ୍ର ପରି ରାଜ୍ୟରେ ପୁନର୍ଗଠନ ନେଇ ଆଲୋଚନା ଜୋର ଧରିଥିଲା। ହେଲେ ରାଜ୍ୟ ସରକାର ଏହି ଯୋଜନା ବୋର୍ଡରେ କୌଣସି ପରିବର୍ତ୍ତନ କିମ୍ବା ପୁନର୍ଗଠନ କରିନାହାନ୍ତି। ବିଧାନସଭା ଅଧିବେଶନ ସମୟରେ ବୋର୍ଡ ବୈଠକ ଶେଷ ଥର କେବେ ବସିଥିଲା, ସେ ନେଇ ପ୍ରଶ୍ନ ଆସିଥାଏ। ସବୁ ସମୟରେ ଦୀର୍ଘଦିନ ଧରି ବୈଠକ ବସି ନ ଥିବା ଉତ୍ତର ଆସିଥାଏ। ଏଥିପାଇଁ ବିରୋଧୀ ସରକାରଙ୍କୁ ସମାଲୋଚନା କରିଆସୁଛନ୍ତି। ତେଣୁ ରାଜ୍ୟ ସରକାର ବୋର୍ଡର ପୁନର୍ଗଠନ ସହ କ୍ରିୟାଶୀଳ କରି ବିରୋଧୀଙ୍କୁ ଚୁପ୍ କରିବାକୁ ଚାହୁଁଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ଫ୍ଲାଗଶିପ୍‌ରେ ଥିବା କେତେକ ନିର୍ଦ୍ଦିଷ୍ଟ ଯୋଜନାର କାର୍ଯ୍ୟାନ୍ୱୟନ(ମନିଟରିଂ) କରିବାକୁ ଚିନ୍ତା କରାଯାଉଛି। ବିଶେଷଭାବେ ମହିଳା ଓ ଶିଶୁ କଲ୍ୟାଣ, ମିଶନ ଶକ୍ତି ସମ୍ପର୍କିତ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ। ସବୁ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଆରମ୍ଭ କରାଯାଇଥିବା ୫-ଟି ମନ୍ତ୍ର ଉପରେ ମଧ ଗୁରୁତ୍ୱ ଦିଆଯିବ ବୋଲି ଆଲୋଚନା ହେଉଛି। ବୋର୍ଡ କେବେ ପୁନର୍ଗଠିତ ହେବ ସେନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ହେଲେ ନିକଟରେ ସମସ୍ତ ଜିଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତି କରାଯାଇ ସାରିଥିବାରୁ ରାଜ୍ୟ ଯୋଜନା ବୋର୍ଡ ପୁନର୍ଗଠନ ସହ ଏହାର ଉପାଧ୍ୟକ୍ଷଙ୍କ ନାମ ଘୋଷଣା ନେଇ ଚର୍ଚ୍ଚା ଜୋର ଧରିଛି। ସେହିପରି ଆଗାମୀ ଦିନରେ ଯୋଜନା ବୋର୍ଡ ଦ୍ୱାରା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ପଦ୍ମନାଭ ବେହେରା ସୂଚନା ଦେଇଛନ୍ତି। ସେହିପରି ଡବ୍ଲ୍ୟୁଓଡିସିରେ ନୂଆ ଅଧ୍ୟକ୍ଷ ଏବଂ କେତେଜଣ ନୂଆ ସଦସ୍ୟଙ୍କୁ ନିଆଯାଇପାରେ ବୋଲି ଜଣାପଡ଼ିଛି।

ହେଲେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ବୋର୍ଡ ଏବଂ ପରିଷଦକୁ ଏକ ଥଇଥାନ କେନ୍ଦ୍ର ବୋଲି କହିଛନ୍ତି। ସୁରେଶ କହିଛନ୍ତି ଯେ, ସରକାରୀ ଦଳର ଯେଉଁମାନେ ବିଧାୟକ, ଏମ୍‌ପି, ମନ୍ତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ହେବାରୁ ବଞ୍ଚିତ ହେଲେ, ସେହିମାନଙ୍କୁ ଥଇଥାନ କରିବା ପାଇଁ ଏହା କରାଯାଉଛି। ଏଥିରେ କୌଣସି ନୂତନତ୍ୱ ନାହିଁ। ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ରାଜ୍ୟରେ ସରକାରୀ ଅନୁଷ୍ଠାନଗୁଡ଼ିକୁ ପଙ୍ଗୁ କରି ଦିଆଯାଉଛି। ତୃଣମୂଳରୁ ରାଜ୍ୟସ୍ତର ଯାଏ ଯୋଜନା ପ୍ରଣୟନରେ ଲୋକଙ୍କ ଭୂମିକା ରହୁନି। ତୃତୀୟ ମହଲାର ନିର୍ଦ୍ଦେଶକୁ ସମସ୍ତଙ୍କ ଉପରେ ଲଦି ଦିଆଯାଉଛି। ଦୀର୍ଘଦିନର ଦାବି ସତ୍ତ୍ୱେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର କାର୍ଯ୍ୟାଳୟ ସେହି ଅଞ୍ଚଳକୁ ସ୍ଥାନାନ୍ତରିତ ହୋଇ ପାରିଲା ନାହିଁ, ତେଣୁ ଏହି ସଂସ୍ଥାଗୁଡ଼ିକ ରାଜନୈତିକ ଥଇଥାନ କେନ୍ଦ୍ରରେ ପରିଣତ କରାଯାଇଛି।

## ଜିଲା ଟିଠି
## ବୌଦ୍ଧ



### ନୂଆ ଧାନ ଚିନ୍ତା

ବୌଦ୍ଧ ଏକ କୃଷିଭିତ୍ତିକ ଜିଲା। ଜିଲାରେ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରି ଚଳିଥାନ୍ତି। ଲୋକଙ୍କ ପ୍ରମୁଖ ଜୀବିକା ହେଲା ଧାନ ଚାଷ। ସେଥିରୁ ହିଁ ନିଜର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇଥାନ୍ତି। କିନ୍ତୁ ଜିଲାରେ ଚାଷ ପାଇଁ ଜଳସେଚନ ସୁବିଧା ନ ଥିବାରୁ ଚାଷୀ ସବୁବେଳେ ମରୁଡିର ଶିକାର ହେବା ସହ ଆର୍ଥିକ କ୍ଷେତ୍ରରେ ପଛକୁ ରହିଯାଉଛି। ଚଳିତ ବର୍ଷ ଜିଲା କୃଷି ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଜିଲାରେ ୩୦ ପ୍ରତିଶତ ବର୍ଷା ହୋଇଛି। କମ୍ ବର୍ଷା ଯୋଗୁ ୪୦ ପ୍ରତିଶତ ଧାନ ବୁଣାହୋଇଛି। ସାଧାରଣତଃ ବୌଦ୍ଧ ଜିଲାର ଚାଷୀ ଶ୍ରାବଣ ପୂର୍ଣ୍ଣିମା ବେଳକୁ ଚାଷ କାର୍ଯ୍ୟ ଶେଷ କରିଥାଏ। ଚଳିତ ବର୍ଷ ଶ୍ରାବଣ ସରିବାକୁ ବସିଲାଣି, ହେଲେ ଚାଷକାମ ବହୁ ପଛରେ ପଡିଛି। ତଳିଗୁଡିକ ପାଣି ଅଭାବରୁ ବିହୁଡା ହୋଇ ପାରୁନାହିଁ। ଗତ ୨ ଦିନ ହେବ ଜିଲାରେ ପ୍ରବଳ ବର୍ଷା ହୋଇଥିଲେ ମଧ୍ୟ ଚାଷ କାର୍ଯ୍ୟ ପଛରେ ପଡିଛି। ଜିଲାରେ ୮୫୧୮୦ ହେକ୍ଟର ଚାଷ ଜମି ରହିଛି। ସେଥିମଧ୍ୟରୁ ୫୯୧୨୦ ହେକ୍ଟରରେ ଧାନ ଚାଷ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏପର୍ଯ୍ୟନ୍ତ ଜିଲାରେ ମାତ୍ର ୨୫୭୧୮ ହେକ୍ଟର ଜମିରେ ଧାନଚାଷ ଆରମ୍ଭ ହୋଇଛି। ଯାହାକିଛି ଜଳସେଚନର ସୁବିଧା ଅଛି ତାହା ଚାଷୀଙ୍କ କାମରେ ଆସେନି। ଜିଲାରେ ବଡ ଜଳସେଚନ ପ୍ରକଳ୍ପ କହିଲେ ବାଘ ଓ ସାଲୁଙ୍କୀ ଜଳ ସେଚନ ପ୍ରକଳ୍ପକୁ ବୁଝାଇଥାଏ। ଏହି ଦୁଇ ପ୍ରକଳ୍ପ କେବଳ ବର୍ଷା ହେଲେ ଯାଇ କାର୍ଯ୍ୟକ୍ଷମ ହୋଇଥାଏ। ସେହିପରି ଜିଲାରେ ୭୦ଟି କ୍ଷୁଦ୍ରଜଳସେଚନ ପ୍ରକଳ୍ପ ଓ ୬୧୦ଟି ଲିଫ୍ଟ ଇରିଗେଶନ ପଏଣ୍ଟ ଅଛି। ଏହା ବ୍ୟତୀତ ୫୦୮୦ଟି ଡଗ୍‌ୱେଲ ଓ ବୋଲୱେଲ ଅଛି। ଏସବୁ ସତ୍ତ୍ୱେ ଜିଲାରେ ବର୍ଷା ନ ହେଲେ ଚାଷୀ ମରୁଡିର ଶିକାର ହୋଇଥାଏ। ବର୍ଷା ଅଭାବ ଯୋଗୁ ଚଳିତ ବର୍ଷ ଚାଷୀ ବିଳମ୍ବରେ ଚାଷ କାମ ଆରମ୍ଭ କରିଛି। ଆଉ କିଛି ଦିନ ଗଲେ ପଶ୍ଚିମ ଓଡ଼ିଶାର ବଡ଼ ତିହାର ନୂଆଁଖାଇ। ନୂଆଁଖାଇ ତିହାରରେ ଚାଷୀ ତା'ର ପ୍ରଥମ ଫସଲକୁ ମା' ଇଷ୍ଟଦେବୀଙ୍କ ପାଖରେ ଅର୍ପଣ କରିଥାଏ। ଏବର୍ଷ ଚାଷ କାମ ଡେରିରେ ଆରମ୍ଭ ହୋଇଛି। ଫଳରେ ଚାଷୀ ନୂଆଁଖାଇ ପାଇଁ ନୂଆ ଧାନ ଲାଗି ଚିନ୍ତାରେ ପଡିଛି। କୃଷି ବିଭାଗର ତଥ୍ୟ ଅନୁଯାୟୀ ଜିଲାରେ ଜଳସେଚନ, କ୍ଷୁଦ୍ରଜଳସେଚନ, ଲିଫ୍ଟ ଇରିଗେଶନ ପକ୍ଷରୁ କେବଳ ଧାନ ଚାଷ ପାଇଁ ୪୮୪୩୪ ହେକ୍ଟରରେ ଜଳସେଚନ କରାଯାଉଛି। ପ୍ରକୃତପକ୍ଷେ ଏହା କେବଳ କାଗଜ କଲମରେ ଦର୍ଶାଯାଉଥିବା ମନେ ହେଉଛି। କୃଷିଭିତ୍ତିକ ବୌଦ୍ଧ ଜିଲାରେ ଯଦି ପ୍ରଶାସନ ଚାଷ ପାଇଁ ଜଳସେଚନ ବ୍ୟବସ୍ଥା ନ କରନ୍ତି, ତେବେ ଜିଲାର ଚାଷୀ ପ୍ରତିବର୍ଷ ମରୁଡ଼ିର ଶିକାର ହେବ ବୋଲି ସ୍ପଷ୍ଟ ହୋଇଛି।

– ଅଜିତ କୁମାର ବାରିକ

# ଗରଦପୁରରେ ଭାରତୀୟ ରାଷ୍ଟ୍ରଦୂତ

ପାଟକୁରା, ୧୨।୮ (ଡି.ଏନ୍.ଏ.)

ବୁରୁଣ୍ଡିରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଷ୍ଟେଲା ବୁଦୁରିଗାନ୍ୟା ସୋମବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତସ୍ଥିତ ରାଧାରମଣ ହାଇସ୍କୁଲ ପରିଦର୍ଶନ କରିଛନ୍ତି। ଉକ୍ତ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ସଭାପତି ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମୀର ସାମଲଙ୍କ ଆମନ୍ତ୍ରଣକ୍ରମେ ସେ ଭଗବାନପୁର ଆସିଥିବା ଜଣାପଡ଼ିଛି। ଷ୍ଟେଲା ରାଧାରମଣ ହାଇସ୍କୁଲରେ ପହଞ୍ଚିବା ପରେ ତାଙ୍କ ସ୍ୱାଗତ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସେ ସ୍କୁଲ ପରିସରରେ ଥିବା ବିଜ୍ଞାନ ଗୃହ, ପାଠାଗାର ଆଦି ବୁଲି ଦେଖିବା ସହ ପିଲାଙ୍କ ପାଠପଢ଼ା ସମ୍ପର୍କରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଆଲୋଚନା କରିଥିଲେ।

ଏହାପରେ ସ୍ଥାନୀୟ ମହିଳାମାନେ ଷ୍ଟେଲାଙ୍କୁ ସ୍ୱାଗତ କରିବା ସହ ନିକଟସ୍ଥ ବିଭିନ୍ନ ମନ୍ଦିର ଓ ଅନୁଷ୍ଠାନ ବୁଲାଇ ଦେଖାଇଥିଲେ। ଏହି ସମୟରେ ଗ୍ରାମର ବିଭିନ୍ନ ସମସ୍ୟା, ଆର୍ଥିକ ବିକାଶ ଓ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଷ୍ଟେଲା ପଚାରି ବୁଝିଥିଲେ। ସାମାଜିକ ଚଳଣି, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ପଚାରି ବୁଝିବା ସହ ମହିଳାମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଗ୍ରାମର ବୁଢ଼ୀ ଜାଗୁଲାଇ ମତ୍ସ୍ୟ ଉତ୍ପାଦକ ସଂଘ ସଭାନେତ୍ରୀ ଝିନା ପରିଡ଼ାଙ୍କ ସହ ଷ୍ଟେଲା ମତ୍ସ୍ୟ ଚାଷ ସମ୍ପର୍କରେ କଥା ହୋଇଥିଲେ। ଏହାପରେ ବିଲକୁ ଯାଇ ଚାଷୀ ରଞ୍ଜନ ସ୍ୱାଇଁଙ୍କୁ ଭେଟି ଚାଷ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଭଗବାନପୁର ଦୁଗ୍ଧ ଉତ୍ପାଦକ ସଂଘ ସମ୍ପାଦକ ରମାକାନ୍ତ ସ୍ୱାଇଁଙ୍କୁ ଭେଟି ଆଲୋଚନା କରିବା ପରେ ଗ୍ରାମରେ ଥିବା ନିତ୍ୟାନନ୍ଦ ସାମଲଙ୍କ ଚାଟଶାଳିକୁ ଯାଇ ଛୋଟଛୋଟ ପିଲାଙ୍କ ସହ କିଛି ସମୟ ବିତାଇଥିଲେ। ଷ୍ଟେଲାଙ୍କ ଏହି ଗସ୍ତ ସମୟରେ ସେ ଭଗବାନପୁର ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ରଖିଥିବା ନେଇ ଆଲୋଚନା ହେଉଥିବା ବେଳେ ଏନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଏହି ଗସ୍ତରେ ଷ୍ଟେଲାଙ୍କ ସହ ତାଙ୍କ ସେକ୍ରେଟାରୀ ମନୋଜ ତିୱାରୀ ଉପସ୍ଥିତ ଥିଲେ। ଅପରାହ୍ନରେ ସେ ଭୁବନେଶ୍ୱର ଫେରିଯାଇଥିବା ଜଣାପଡ଼ିଛି।



ରାଧାରମଣ ହାଇସ୍କୁଲରେ ଭାରତୀୟ ରାଷ୍ଟ୍ରଦୂତ ଷ୍ଟେଲା ବୁଦୁରିଗାନ୍ୟା ଓ ଅନ୍ୟମାନେ।

# ଠିକାଦାରଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା

- ଭଡ଼ାଘରୁ ମିଳିଲା ମୃତଦେହ
- ସାଥୀ ଶ୍ରମିକଙ୍କ ଉପରେ ପୋଲିସର ସନ୍ଦେହ

ଝାରସୁଗୁଡ଼ା ଅଫିସ/ ଲଖନପୁର,୧୨।୮(ଡି.ଏନ୍.ଏ.)

ଝାରସୁଗୁଡା ବିଟିଏମ୍ ଫାଣ୍ଡି ଅନ୍ତର୍ଗତ ଏକତାଳି ଗ୍ରାମ ଡିପୁପଡ଼ାର ଏକ ଘରୁ ସୋମବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ଫାଶିଦୁଲ ରେହମନ୍ (୩୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସ୍ପଷ୍ଟ କରିଛି। ଫାଶିଦୁଲଙ୍କ ମୁହଁକୁ ପଥରରେ ଛେଚି ହତ୍ୟା କରାଯିବା ପରେ ତାଙ୍କୁ ଏକ ମଶାରିରେ ଢାଙ୍କି ଦିଆଯାଇଛି। କିଏ ଓ କାହିଁକି ତାଙ୍କୁ ହତ୍ୟାକଲା ସେ ନେଇ ପୋଲିସ ଛାନ୍‌ଭିନ୍ ଚଳାଇଛି। ଏ ନେଇ ଝାରସୁଗୁଡ଼ା ଥାନାରେ ଏକ ହତ୍ୟା ମାମଲା (ନଂ. ୫୦୫/୧୯) ରୁଜୁକରି ପୋଲିସ ତଦନ୍ତ କରୁଛି।

ଫାଶିଦୁଲ ପଶ୍ଚିମବଙ୍ଗରୁ ଆସି ଏକାତାଳି ଗ୍ରାମରେ ଭଡ଼ା ଘର ନେଇ ରହୁଥିଲେ। ଏଠାରେ ସେ ଠିକାରେ କାମ ନେଇ ବିଭିନ୍ନ ବ୍ୟକ୍ତିଙ୍କ ଘର ନିର୍ମାଣ କରନ୍ତି। କାମ କରିବା ପାଇଁ ସେ ସାଙ୍ଗରେ ୭ଜଣ ଶ୍ରମିକଙ୍କୁ ରଖିଥିଲେ। ଗୋଟିଏ ଘର ଭଡ଼ା ନେଇ ସମସ୍ତେ ଏକାଠି ରହୁଥିଲେ। ଫାଶିଦୁଲ ଓ ଶ୍ରମିକମାନେ ମୁସଲମାନ ସମ୍ପ୍ରଦାୟର। ଇଦ୍ ପର୍ବ ପାଇଁ ଗାଁକୁ ଯାଉଛୁ ବୋଲି ଶ୍ରମିକମାନେ ୩ ଦିନ ତଳେ ଘର ମାଲିକଙ୍କୁ କହିଥିଲେ। କିନ୍ତୁ ସୋମବାର ସକାଳେ ସେମାନେ ରହୁଥିବା ଘରର ଫ୍ୟାନ୍ ବୁଲୁଥିବା ଘର ମାଲିକ ଦେଖିବାକୁ ପାଇଥିଲେ। ଘର ପାଖକୁ ଯିବାରୁ ପଚାଗନ୍ଧ ବାହାରିଥିଲା। ଏ ନେଇ ଘର ମାଲିକଙ୍କ ସନ୍ଦେହ ହେବାରୁ ସେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଘର ଖୋଲିବା ପରେ ଫାଶିଦୁଲଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଫାଶିଦୁଲଙ୍କ ସହ ଉକ୍ତ ଘରେ ରହୁଥିବା ଶ୍ରମିକମାନେ ତାଙ୍କୁ ହତ୍ୟା କରି ଫେରାର ହୋଇଯାଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ଏବେ ସମ୍ପୃକ୍ତ ଶ୍ରମିକମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛି।

# ସାପ କାମୁଡ଼ାରେ ଭଉଣୀଭାଇ ମୃତ

- ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ଡାକ୍ତର ନ ଥିଲେ
- ବିଳମ୍ବରେ ଆରମ୍ଭ କରାଯାଇଥିଲା ଚିକିତ୍ସା

ସୁନ୍ଦରଗଡ଼,୧୨।୮(ଡି.ଏନ.ଏ.)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ସବ୍‌ଡେଗା ବ୍ଲକ ସୁବଲିୟା ନବରଙ୍ଗପୁର ବସ୍ତିରେ ସାପ କାମୁଡାରେ ଭଉଣୀଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବର୍ଷା ଦଣ୍ଡସେନା (୧୩) ଓ ଅବିନାଶ ଦଣ୍ଡସେନା (୮)। ରବିବାର ରାତିରେ ଉଭୟ ଗୋଟିଏ ଖଟରେ ଶୋଇଥିଲେ। କୌଣସି ଏକ ବିଷାକ୍ତ ସାପ ଉଭୟଙ୍କୁ କାମୁଡି ଦେଇଥିଲା। ସକାଳୁ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ପରିବାର ଲୋକେ ତୁରନ୍ତ ସୁନ୍ଦରଗଡ଼ ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତରଖାନାରେ ପହଞ୍ଚିଲା ବେଳକୁ କୌଣସି ଡାକ୍ତର ନ ଥିଲେ। ରାତି ଡ୍ୟୁଟିରେ ଥିବା ଜରୁରିକାଳୀନ ଡାକ୍ତର ଘରକୁ ଚାଲି ଯାଇଥିଲେ। ସିକ୍ୟୁରିଟି ଗାର୍ଡ ସେମାନଙ୍କୁ ସକାଳ ୮ଟାରେ ଆଉଟଡୋରକୁ ଡାକ୍ତର ଆସିଲେ ପିଲାଦ୍ୱୟଙ୍କୁ ଦେଖାଇବାକୁ କହିଥିଲେ। ହେଲେ କିଛି ସମୟ ଭିତରେ ଭଉଣୀଭାଇଙ୍କ ଅବସ୍ଥା ଅଧିକ ଗୁରୁତର ହୋଇପଡିଥିଲା। ଏହାର କିଛି ସମୟ ପରେ ଡାକ୍ତର ଆସି ପହଞ୍ଚି ଥିଲେ। ଆବଶ୍ୟକ ସ୍ୱାସ୍ଥ୍ୟପରୀକ୍ଷା କରିବା ପରେ ଉଭୟଙ୍କୁ ଗୋଟିଏ ଲେଖାଏଁ ସାଲାଇନ୍ ଦେଇ ପ୍ରଥମେ ବର୍ଷାଙ୍କୁ ବୁର୍ଲା ଡାକ୍ତରଖାନାକୁ ନେଇଯିବା ପାଇଁ କହିଥିଲେ। ବୁର୍ଲା ଡାକ୍ତରଖାନା ନେବା ବାଟରେ ସୋମବାର ଦିନ ପ୍ରାୟ ୧୧ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର କିଛି ସମୟ ପରେ ଅବିନାଶଙ୍କୁ ମଧ୍ୟ ଡାକ୍ତର ବୁର୍ଲା ନେବାକୁ ପରାମର୍ଶ ଦେଇଥିଲେ। ଅବିନାଶଙ୍କୁ ପରିବାର ଲୋକେ ରାଉରକେଲା ଆଇଜିଏଚ୍‌କୁ ନେଉଥିବା ବେଳେ ବାଟରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା। ଶେଷରେ ପରିବାର ଲୋକେ ଭଉଣୀଭାଇଙ୍କ ମୃତଦେହ ଧରି ସୁନ୍ଦରଗଡ଼ ଡାକ୍ତରଖାନା ପହଞ୍ଚିଥିଲେ। ଠିକ୍ ସମୟରେ ଚିକିତ୍ସା ସେବା ମିଳିଥିଲେ ସେମାନଙ୍କ ପୁଅଝିଅଙ୍କ ଜୀବନ ବଞ୍ଚିଯାଇଥାଆନ୍ତା ବୋଲି ମାଆ ଜୁଲି ଓ ବାପା ପ୍ରଦୀପ୍ତ କହିଛନ୍ତି।

# ରାଜୀବ ଜ୍ୟୋତିକୁ ପିସିସି ସଭାପତିଙ୍କ ସ୍ୱାଗତ

ଭୁବନେଶ୍ୱର,୧୨।୮(ବ୍ୟୁରୋ)

କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଅଗଷ୍ଟ ୯ କ୍ରାନ୍ତିଦିବସ ଦିନ ତାମିଲ୍‌ନାଡୁର ଶ୍ରୀପେରୁମ୍ବୁଦୁରୁ ଠାରୁ ବାହାରିଥିବା ୨୮ତମ ରାଜୀବ ଜ୍ୟୋତି ସଦ୍‌ଭାବନା ଯାତ୍ରାକୁ ରାଜ୍ୟ କଂଗ୍ରେସ ସୋମବାର ସ୍ୱାଗତ କରିଛି। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଏହାକୁ ସ୍ୱାଗତ କରିଛନ୍ତି। ଏହାର ନେତୃତ୍ୱ ନେଇଥିବା ଏସ୍ ଏସ୍ ପ୍ରକାଶମ୍ ଓ ସହଯାତ୍ରୀମାନଙ୍କୁ ମଧ ପିସିସି ସଭାପତି ଅଭିନନ୍ଦନ ଜଣାଇଛନ୍ତି। ଏହି ଉପଲକ୍ଷେ କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି, ସ୍ୱର୍ଗତ ରାଜୀବ ଗାନ୍ଧୀ ଶାନ୍ତି ଓ ସଦ୍‌ଭାବନାର ପ୍ରତୀକ ଥିଲେ। ଏକବିଂଶ ଶତାବ୍ଦୀରେ ଭାରତକୁ ଏକ ବିକାଶଶୀଳ ରାଷ୍ଟ୍ରରେ ପରିଣତ କରିବା ପାଇଁ ସେ ସ୍ୱପ୍ନ ଦେଖିଥିଲେ। ତାଙ୍କ ସ୍ମୃତିକୁ ମନେରଖିବା ପାଇଁ ୨୮ବର୍ଷ ଧରି ଏହି ଯାତ୍ରା ଆୟୋଜିତ ହୋଇଆସୁଛି। ଏହି ଯାତ୍ରା ଭୁବନେଶ୍ୱର ଠାରୁ କଟକ, ବାଲେଶ୍ୱର ଦେଇ କଲିକତା ଯିବ। ସେଠାରୁ ଉତ୍ତରପ୍ରଦେଶର ରାଇବରେଲି, ଆମେଥି ଦେଇ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବ। ଦିଲ୍ଲୀଠାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ସ୍ୱଗତ କରିବେ ବୋଲି ଏସ୍ ଏସ୍ ପ୍ରକାଶମ୍ କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ନାବାଳକଙ୍କ ମୃତ୍ୟୁ, ରାସ୍ତାରୋକୋ

ଭଞ୍ଜନଗର,୧୨।୮(ଡି.ଏନ.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଗୁଣ୍ଡିରିବାଡ଼ିରେ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ବିଦ୍ୟୁତ୍ ଖୁଣ୍ଟକୁ ଭିଡିକରି ରଖିବା ନିମନ୍ତେ ଲାଗିଥିବା ଷ୍ଟେ ତାରରେ ଲାଗି ଜଣେ ନାବାଳକ ମୃତ୍ୟୁ ଘଟିଛି। ସେ ହେଲେ ସନ୍ୟାସି ପ୍ରଧାନଙ୍କ ପୁଅ ଶ୍ରୀକାନ୍ତ (୧୦)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ନିଧିଆପଲ୍ଲୀଠାରେ ସ୍ଥାନୀୟ ଲୋକେ ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଭଞ୍ଜନଗର-ଫୁଲବାଣୀ ରାସ୍ତା ଅବରୋଧ କରିଥିଲେ। ପ୍ରକାଶ ଯେ, ଶ୍ରୀକାନ୍ତ ଘର ସମ୍ମୁଖରେ ସାଙ୍ଗମାନଙ୍କ ସହ ଖେଳୁଥିବାବେଳେ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟ ପାଖକୁ ବଲ୍ ଚାଲିଯାଇଥିଲା। ଶ୍ରୀକାନ୍ତ ଆଣିବାକୁ ଗଲାବେଳେ ଖୁଣ୍ଟର ଷ୍ଟେ ତାରକୁ ଧରି ପକାଇଥିଲେ। ଉକ୍ତ ତାର ଚାର୍ଜ ହୋଇଥିବାରୁ ଶ୍ରୀକାନ୍ତ ସେଥିରେ ଲାଗିଯାଇଥିଲେ। ତାଙ୍କୁ ଉଦ୍ଧାରକରି ପ୍ରଥମେ ମୁଜାଗଡ଼ ଓ ଗୁରୁତର ହେବାରୁ ପରେ ଭଞ୍ଜନଗର ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶ୍ରୀକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସାଉଥ୍‌କୋ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଉତ୍ତ୍ୟକ୍ତ ଲୋକେ ସନ୍ଧ୍ୟାରେ ନିଧିଆପଲ୍ଲୀ ଛକରେ ଭଞ୍ଜନଗର-ଫୁଲବାଣୀ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ପ୍ରବଳ ବର୍ଷାରେ ଗ୍ରାମର ମହିଳା ପୁରୁଷ ରାସ୍ତାରେ ବସି ରହିଥିଲେ। ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକି ରହିଥିବାବେଳେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସାଉଥ୍‌କୋ କର୍ମଚାରୀଙ୍କ ଅବହେଳା ଯୋଗୁ ଏତେବଡ଼ ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଚଳାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକୋ ହଟି ନ ଥିଲା।

CLASSIFIED DISPLAY

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
■ Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର
DIGITAL HEARING AID
signia Life sounds brilliant. Hearing Systems SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

LEARN CCTV ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
• CCTV, Biometric & EPABX Marketing, Installation & Technical Training.
• Onsite Practice • Internship
• 100% Job Placement • Class Detailing
• 100% Practical Training • Hostel Facility available
ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

OFFICE OF THE HEADMASTER
CHILIKA NODAL HIGH SCHOOL
AT/PO- BARKUL, VIA-BALUGAON, DIST.-KHORDHA-752030
WALK-IN-INTERVIEW

The Chilika Nodal High School is holding walk-in-interview for the post of Vocational Trainer at Chilika High School, Barkul, Balugaon in the sector mentioned below. The eligible candidates should appear for the walk-in-interview with the filled in application form.

The application should be accompanied by a recent passport size photograph to be attached to the application. Self-attested of proof of birth date, qualification, relevant experience etc. should be attached to the application.

| Sl. No. | Sector | Qualification | Date & Time of Interview |
|---|---|---|---|
| 1. | Retail (01 post) | Graduate or Diploma in Retail Management, P.G. Diploma in Marketing with at least 50% marks and 1 year teaching/ work experience. Preference given to higher education with MBA (Retail Marketing) and / or P.G. Diploma in Retail Management. | 26.08.2019 10 A.M. to 1 P.M. |
| 2. | Tourism & Hospitality (01 Post) | Diploma/Degree in Hotel Management from a recognized institute / University with at least 5 years work/teaching experience in Food and Beverage service including one year as supervisory capacity in a classified Hotel or Facility Management Company. | |

Note :-
The desirable minimum competencies required for all courses: {i} Excellent communication skills (Written and Oral) {ii} Minimum computing skills.
1. Age limit for the applicant is maximum 37 years and relaxable for reserved Categories in accordance with instruction / order issued by the Government from time to time.
2. Incomplete application and applications not companied by relevant certificates will be rejected.
3. Any candidate desiring to apply for more than sector shall have to submit separate applications for each sector.
4. A consolidated remuneration of Rs 25,000/- per month will be paid to the Vocational Trainer by PSSCIVE. The engagement is purely temporary in nature.
5. Applications are to be sent to the Headmaster, Chilika Nodal High School, Chilika,Khordha-752030 and are to be submitted with the necessary documents on the day of interview.

Headmaster, Chilika Nodal High School
At/Po- Barkul, Khordha-752030

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ODISHA
C-71, SECTOR-7, CDA, CUTTACK, ODISHA
O.A. NO.: 104 of 2019

Andhra Bank, Pokhariput Branch, Bhubaneswar ...Applicant
-Versus-
M/s. Baseema Enterprisers and others ...Defendants

To,
1. M/s. Baseema Enterprisers, Propritor Mrs. Gargi Pattnaik, Plot No. 44/1021, Lingaraj Nagar, Gandamunda, Old Town, Bhubaneswar, Dist.: Khurda, PIN Code:- 751002.
2. Gargi Pattanaik, aged about 37 years, W/o: Maitreya Mishra, Resident of Plot No. 44/1021, Lingaraj Nagar, Gandamunda, Old Town, Bhubaneswar, Dist.: Khurda, PIN Code:- 751002.
3. Mahammad Mikail Khan, aged about 36 years, S/o: Late Fajul Khan, Resident of Plot No. 1315/3592, Behera Sahi, Nayapalli, Bhubaneswar, Dist.: Khurda, PIN Code:- 751015.

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 104 of 2019** in the Court of the Debts of Recovery Tribunal, Cuttack for recovery of **Rs.14,53,687/-** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **25.09.2019 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Date: 07.08.2019
Sd/- (Manoj Kumar Patnaik)
REGISTRAR

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ODISHA
C-71, SECTOR-7, CDA, CUTTACK, ODISHA
O.A. NO.: 103 of 2019

Andhra Bank, Pokhariput Branch, Bhubaneswar ...Applicant
-Versus-
M/s. B.K. Sales and others ...Defendants

To,
1. M/s. B.K. Sales, Plot No. 29/30, Ravi Talkies Square, ES Square, Lewis Road, Bhubaneswar, Dist.: Khurda, PIN Code:- 751002. Represented through its Partners Mr. Maitreya Mishra & Mrs. Gargi Pattnaik.
2. Maitreya Mishra, aged about 35 years, S/o: Balakrushna Mishra, Resident of Plot No. 44/1021, Lingaraj Nagar, Gandamunda, Old Town, Bhubaneswar, Dist.: Khurda, PIN Code:- 751002.
3. Gargi Pattanaik, aged about 37 years, W/o: Maitreya Mishra, Resident of Plot No. 44/1021, Lingaraj Nagar, Gandamunda, Old Town, Bhubaneswar, Dist.: Khurda, PIN Code:- 751002.
4. Mahammad Mikail Khan, aged about 35 years, S/o: Late Fajul Khan, Resident of Plot No. 1315/3592, Behera Sahi, Nayapalli, Bhubaneswar, Dist.: Khurda, PIN Code:- 751015.

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 103 of 2019** in the Court of the Debts of Recovery Tribunal, Cuttack for recovery of **Rs.14,36,265/-** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **25.09.2019 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Date: 07.08.2019
Sd/- (Manoj Kumar Patnaik)
REGISTRAR

ଧରିତ୍ରୀ
DHARITRI
ମଙ୍ଗଳବାର, ୧୩ ଅଗଷ୍ଟ, ୨୦୧୯

ଯଦି କ୍ରୀତଦାସଟିଏ ନ ହୋଇ ମୁକ୍ତ ମଣିଷ ହେବାକୁ ଚାହ– ଯଦି ତୁମେ ଏକ ଓ ଅବିଭକ୍ତ ହୋଇରହିବାକୁ ଚାହ– ଯଦି ତୁମେ ମୃତ୍ୟୁର ଅନ୍ଧାର ଭିତରେ ନ ରହି– ଅମର ହେବାକୁ ଚାହ– ଅନ୍ଧକାରାବୃତ ନ ହୋଇ ଆଲୋକିତ ଜୀବନ ବଂଚିବାକୁ ଚାହ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଶିକାର ନ ହୋଇ– ଆନନ୍ଦମୟ ଜୀବନ ବଞ୍ଚିବାକୁ ଚାହ– ଦୁର୍ବଳ ନ ହୋଇ ଖୁବ୍ ଶକ୍ତିମାନ ହେବାକୁ ଚାହ– ତେବେ ଅନନ୍ତ ମଧ୍ୟରେ ବାସ କର ଓ ଶାନ୍ତକୁ ଅଧିକାର କର। –ଶ୍ରୀଅରବିନ୍ଦ



# ପାଠ ନାହିଁ, ଫି'

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ୧୧ ଅଗଷ୍ଟରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫି' ବହୁମାତ୍ରାରେ ବୃଦ୍ଧି କରିଛି। ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ଲାଗି ଫି' ୨୪ ଗୁଣା ବୃଦ୍ଧି ପାଇଛି। ପୂର୍ବରୁ ସେମାନେ ୫୦ ଟଙ୍କା ଦେଉଥିବା ବେଳେ ଏବେ ୧୨୦୦ ଟଙ୍କା ଦେବେ। ସେହିପରି ସାଧାରଣ ବର୍ଗ ପିଲା ଆଗରୁ ୭୫୦ ଟଙ୍କା ଦେଉଥିବା ବେଳେ ଏଣିକି ୧୫୦୦ ଟଙ୍କା ପଇଠ କରିବେ। ଏହିପରି ଶ୍ରେଣୀରେ ନାମ ପଞ୍ଜୀକରଣଠାରୁ ଆରମ୍ଭ କରି ଅତିରିକ୍ତ ବିଷୟରେ ପରୀକ୍ଷା ଦେବା ଲାଗି ଥିବା ଫି' ମଧ୍ୟ ବଢ଼ାଇ ଦିଆଯାଇଛି। ଏକାଥରକେ ଏତେ ମାତ୍ରାରେ ଫି' ବୃଦ୍ଧି କରାଯାଇଥିବାରୁ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘ ଏହାକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛି।

ସିବିଏସ୍ଇ ପରିଚାଳିତ ସ୍କୁଲରେ ପିଲାଙ୍କ ପାଠପଢ଼ା ଦିନକୁ ଦିନ ମହଙ୍ଗା ହେବାରେ ଲାଗିଲାଣି। ପ୍ରାରମ୍ଭିକ ଶ୍ରେଣୀ ଏଲ୍କେଜିରେ ନାମଲେଖା ଓ ମାସିକ ଫି' ବାବଦରେ ସାଧାରଣ ସ୍କୁଲଗୁଡ଼ିକ ଯେତିକି ଅର୍ଥ ଦାବି କରୁଛନ୍ତି, କର୍ପୋରେଟ୍ ଢାଞ୍ଚାରେ ଚାଲୁଥିବା ବିଦ୍ୟାଳୟ ଅତ୍ୟଧିକ ମାତ୍ରାର ଅର୍ଥ ନେଉଥିବା ସମସ୍ତେ ଜାଣନ୍ତି। କେତେ ଲେଖାଏ ଅର୍ଥ ସ୍କୁଲ କର୍ତ୍ତୃପକ୍ଷ ନେବା ଉଚିତ ହେବ, ସେଥିନେଇ କୌଣସି ମାନଦଣ୍ଡ ନ ଥିବାରୁ ଅଭିଭାବକମାନେ ଆର୍ଥିକ ଚାପରେ ପଡୁଛନ୍ତି। ଅନେକ ସମୟରେ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ମଧ୍ୟରେ ଯୁକ୍ତିତର୍କ ଘଟି କଥା ଅଦାଲତ ପର୍ଯ୍ୟନ୍ତ ଯାଉଛି। ତଥାପି ପରିସ୍ଥିତିରେ ଉନ୍ନତି ଘଟୁନାହିଁ। ଯେହେତୁ ପିଲାଙ୍କ ଭବିଷ୍ୟତ ସର୍ବାଗ୍ରେ ରହୁଛି, ଅଭିଭାବକମାନେ ଶେଷଯାଏ ଲଢ଼ି କିଛି ସକାରାତ୍ମକ ଆଶ୍ୱାସନା ନ ପାଇ ଚୁପ୍ ହୋଇଯାଉଛନ୍ତି। କାରଣ ପିଲାଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଅଭିଭାବକମାନେ କିଛି କରିପାରିବେ ନାହିଁ। କେତେକ ସ୍କୁଲରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପାଠପଢ଼ା ହେବ ବୋଲି ପ୍ରଚାର କରାଯାଉଥିଲେ ମଧ୍ୟ ନାମଲେଖା ପରେ ସେହି ମାନ ବଜାୟ ରହୁ ନ ଥିବା ଦେଖିବାକୁ ମିଳୁଛି। ଏପରି କି ଅଭିଭାବକଙ୍କଠାରୁ ଅପର୍ଯ୍ୟାପ୍ତ ଅର୍ଥ ନେଉଥିଲେ ହେଁ ଉଚ୍ଚଶିକ୍ଷିତ ଓ ଅଭିଜ୍ଞ ଶିକ୍ଷୟିତ୍ରୀଶିକ୍ଷକ ରଖୁ ନ ଥିବା ଅନେକ ସ୍କୁଲରେ ପଢୁଥିବା ପିଲାମାନେ ଅଭିଯୋଗ କରୁଛନ୍ତି। କେବଳ ସେତିକି ନୁହେଁ, ସ୍କୁଲ ପିଲାମାନଙ୍କ ବହିଖାତାଠାରୁ ଆରମ୍ଭ କରି ପୋଷାକ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଦୋକାନରୁ ସେସବୁ କିଣିବା ପାଇଁ ବାଧ କରାଯାଉଥିବା ଦେଖିବାକୁ ମିଳୁଛି। ସ୍କୁଲ କର୍ତ୍ତୃପକ୍ଷ ଏଭଳି ବ୍ୟବସାୟିକ କ୍ଷେତ୍ରରେ ମୁଣ୍ଡ ନ ପୂରାଇବା ପାଇଁ ଅତୀତରେ ଅଦାଲତ କହିଥିଲେ ମଧ୍ୟ ସେଗୁଡ଼ିକୁ ଅନୁପାଳନ କରାଯାଉ ନାହିଁ। କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ, ସୈନିକ ସ୍କୁଲ ଭଳି ସରକାରୀ ପରିଚାଳିତ ଶିକ୍ଷାନୁଷ୍ଠାନରେ ଅର୍ଥ ଲୋଭ ଦେଖାଯାଉ ନ ଥିଲେ ମଧ୍ୟ ଶିକ୍ଷାର ମାନ ବୃଦ୍ଧି ପାଉଥିବାର ଲକ୍ଷଣ ଦେଖିବାକୁ ମିଳୁନାହିଁ। ଏହିଭଳି କେନ୍ଦ୍ର ପରିଚାଳିତ ସ୍କୁଲଗୁଡ଼ିକରେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦିଆଯିବା ପରିବର୍ତ୍ତେ ହିନ୍ଦୀ ଶିଖାଇବା ଫଳରେ ପିଲାମାନଙ୍କୁ ମାତୃଭାଷାରୁ ବଞ୍ଚିତ କରାଯାଉଛି। ଏହା ଭବିଷ୍ୟତର ଓଡ଼ିଆ ପିଢ଼ିକୁ କ୍ଷତି ପହଞ୍ଚାଇବ।

ସିବିଏସ୍ଇ ପରୀକ୍ଷା ଫି' ଅପର୍ଯ୍ୟାପ୍ତ ବୃଦ୍ଧି କରାଯିବା ଗରିବ ଓ ଅସହାୟ ବର୍ଗକୁ ବାଧିବ। ଯେହେତୁ ସିବିଏସ୍ଇରେ ବସିଥିବା ଅଧିକାରୀମାନଙ୍କ ସ୍କୁଲର ମୌଳିକ ସ୍ତର ସହ ସମନ୍ୱୟ ରହୁ ନାହିଁ, ସେହେତୁ ମନଇଚ୍ଛା ଫି' ବୃଦ୍ଧି କରିବାରେ ଦ୍ୱିଧାବୋଧ କରୁନାହାନ୍ତି। ଏହି ଶିକ୍ଷା ବୋର୍ଡ ଏବେ ପରୀକ୍ଷା ଫି' ବୃଦ୍ଧି କରି କେବଳ ସମାଲୋଚିତ ହୋଇଛି ତାହା ନୁହେଁ, ନିକଟ ଅତୀତରେ ପ୍ରଶ୍ନପତ୍ର ଲିକ୍, ଖାତାଦେଖାରେ ଅନିୟମିତତା, ପାଠ୍ୟକ୍ରମରେ ବ୍ୟାପକ ପରିବର୍ତ୍ତନ ଭଳି ଅନେକ ତ୍ରୁଟି ଯୋଗୁ ନିନ୍ଦିତ ହୋଇଥିବା ସମସ୍ତଙ୍କୁ ଜଣା।

ଭାରତରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ଭିତ୍ତିଭୂମି ଆଜି ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଛି। ଶିକ୍ଷା ବିନା ପୃଥିବୀର କୌଣସି ସମାଜର ସ୍ଥାୟୀ ଅଗ୍ରଗତି ଘଟିପାରି ନାହିଁ। ପାଶ୍ଚାତ୍ୟ ଦେଶଗୁଡ଼ିକର ଅର୍ଥନୈତିକ ସଫଳତା ପଛରେ ଧର୍ମ କିମ୍ବା ଅନ୍ଧବିଶ୍ୱାସ ରହିନାହିଁ। ସେଠାରେ ପ୍ରାଇମେରି (ପ୍ରାଥମିକ) ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ହେତୁ ଅଳ୍ପ ଶିକ୍ଷିତ ମଧ୍ୟ ଜୀବନରେ ସଫଳତା ହାସଲ କରିପାରୁଛନ୍ତି। କେବଳ ପାଶ୍ଚାତ୍ୟ ଦେଶ ନୁହେଁ, ପୂର୍ବ ଏସିଆର ଅନେକ ରାଷ୍ଟ୍ରରେ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିବାରୁ କେତୋଟି ଦଶନ୍ଧି ମଧ୍ୟରେ ଆଖିଦୃଶିଆ ଉନ୍ନତି ଘଟିପାରିଛି। ଆରମ୍ଭରୁ ଭାରତର ସରକାରୀ ବ୍ୟବସ୍ଥାରେ ବିଦ୍ୟାଳୟ ଏବଂ ଶିକ୍ଷା ଉଭୟକୁ ଅଣଦେଖା କରାଯାଇଛି। ସେଥିପାଇଁ କେବଳ ଭିତ୍ତିଭୂମି ସୃଷ୍ଟି କଲେ ହେବ ନାହିଁ, ଶିକ୍ଷକଙ୍କ ପ୍ରଶିକ୍ଷଣର ମଧ୍ୟ ମୌଳିକ ଆବଶ୍ୟକତା ରହିଛି। ଏହା ଭାରତର କୌଣସି ରାଜ୍ୟରେ ହେଉନାହିଁ। ଅର୍ଥାତ୍ ଯେତେବେଳେ ଶିକ୍ଷାର ନାମଗନ୍ଧ ନାହିଁ, ସେତେବେଳେ କେବଳ ବ୍ୟବସାୟ ପାଇଁ ଛାତ୍ରୀଛାତ୍ରଙ୍କ ଫି ବଢ଼ାଇବା ଏକ କୌତୂହଳ ଘଟଣା ବୋଲି ମନେହେଉଛି। ସମ୍ଭବତଃ ଏହି ବର୍ଦ୍ଧିତ ଫି' ଆଦାୟ କରି ସିବିଏସ୍ଇ ନିଜର ଉନ୍ନତି ଘଟାଇବ।

## ଚିରନ୍ତନୀ

ଗ୍ରନ୍ଥ ପରେ ରଚିତ ହେଲା
ଗ୍ରନ୍ଥ ଅଗଣନ
ମାନବ–ଆଶା ବେଦନାରାଶି ବହି
ବନ୍ଦୀ କରି ପତ୍ରେ ତାର
ବିରାଟ କେତେ ମନ,
ଅତୀତ ଭାଷା ଯାଉଛି ଆଜି କହି!
(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 0 | | | E | | | | | | B |
| 3 | E | | | A | | 7 | | 6 | | 4 | 0 | | 1 | |
| | | A | 7 | 8 | | | | 3 | | | | | | |
| | D | | 9 | | E | | | 0 | | B | 1 | C | | |
| | C | B | | | | | 1 | | 9 | | 3 | | | 4 |
| B | | | | | | | | 1 | | 2 | E | 9 | 5 | |
| | | D | | | | 2 | 6 | | | 3 | | 1 | E | |
| 1 | | | | | B | | D | | | | | | C | A |
| | | | C | | D | | 8 | | 6 | | 9 | 0 | | |
| | | | | E | | | 0 | | | A | | | | |
| | | | | 6 | 7 | | | | | | 5 | | | 8 |
| 4 | | | | 9 | | 0 | | | | | | 5 | | 3 |
| | | 9 | | 4 | A | | 2 | | 7 | | B | | 6 | 1 |
| | | | | 5 | | B | | | | D | | 4 | | |
| D | | | 1 | | | | 3 | | 4 | 0 | | E | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | C | 7 | 1 | B | E | A | D | 9 | 4 | 0 | 5 | 3 | 6 | 2 |
| 9 | 5 | B | 4 | 2 | 3 | 7 | E | 0 | 1 | D | 6 | A | C | 8 |
| 3 | D | 0 | 5 | 7 | C | 1 | 6 | 8 | 9 | 2 | A | B | 4 | E |
| 2 | E | 1 | A | 9 | 6 | 3 | 4 | B | C | 7 | 8 | 5 | D | 0 |
| A | 4 | 6 | 8 | D | 0 | C | 5 | 2 | 3 | E | B | 9 | 1 | 7 |
| C | 6 | A | 9 | 1 | D | B | 0 | 3 | E | 8 | 4 | 7 | 2 | 5 |
| 0 | 2 | E | 7 | 6 | 8 | 9 | 1 | C | A | 5 | 3 | D | B | 4 |
| B | 1 | 3 | C | 5 | 2 | 6 | 7 | 4 | 0 | 9 | D | E | 8 | A |
| D | 8 | 5 | B | 3 | 4 | 2 | A | E | 7 | 6 | C | 1 | 0 | 9 |
| 7 | 9 | 4 | E | 0 | A | 5 | 8 | D | B | 1 | 2 | C | 3 | 6 |
| 6 | B | 9 | 3 | 4 | 7 | 8 | C | 1 | 5 | A | 0 | 2 | E | D |
| 5 | 0 | C | 2 | E | 9 | D | 3 | 7 | 8 | 4 | 1 | 6 | A | B |
| 1 | 7 | 8 | 6 | C | 5 | 0 | 2 | A | D | B | E | 4 | 9 | 3 |
| E | 3 | D | 0 | A | B | 4 | 9 | 6 | 2 | C | 7 | 8 | 5 | 1 |
| 4 | A | 2 | D | 8 | 1 | E | B | 5 | 6 | 3 | 9 | 0 | 7 | C |

ଗତକାଲିର ଉତ୍ତର

# କଶ୍ମୀରରେ ଆତଙ୍କବାଦ କମିବ



ସହଦେବ ସାହୁ

ଏ ପ୍ରବନ୍ଧ ପ୍ରକାଶିତ ହେବା ପୂର୍ବରୁ ଜମ୍ମୁ–କଶ୍ମୀର ଓ ଲଦାଖରେ ମୁସଲିମ୍ ଲୋକେ ଇଦୁଜ୍ଜୁହା ଉପଲକ୍ଷେ ଶାନ୍ତିଶୃଙ୍ଖଳାରେ ନମାଜ ପଢିସାରିଥିବେ ଏବଂ ଘରେ ଏକ ଭିନ୍ନ ବାତାବରଣରେ ଥିବେ। ଆଶଙ୍କା ବି ଥିବ– ପାକିସ୍ତାନ ପକ୍ଷରୁ ପ୍ରୋତ୍ସାହନ ପାଇଥିବା ଆତଙ୍କବାଦୀମାନେ କ'ଣ କରିବେ ଜଣାନାହିଁ। କିନ୍ତୁ ରାଜ୍ୟରୁ ଆତଙ୍କବାଦୀଙ୍କୁ ମୂଳପୋଛ କରିବା ଓ ସମାଜରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ଯେ କେନ୍ଦ୍ରର ମୋଦି ସରକାର ସମ୍ବିଧାନର ଧାରା ୩୭୦କୁ ଉଚ୍ଛେଦ କରିଛନ୍ତି ତାହା ସେମାନେ ଭାବି ନ ଥିବେ। ଭାବିଥିବେ ପାକିସ୍ତାନୀ ଚିନ୍ତାଧାରାରେ ହିନ୍ଦୁବାଦୀ ଭାଜପା ଦଳ ଭାରତକୁ ହିନ୍ଦୁ ରାଷ୍ଟ୍ର କରିବାର ଏହା ଏକ ଚାଲ୍!

ଅନେକେ ଜାଣନ୍ତି ନାହିଁ ଯେ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍ ଭଳି ସର୍ବଭାରତୀୟ ଚାକିରିରେ କାହିଁକି ରାଜ୍ୟମାନଙ୍କରେ ଶତକଡା ୬୬ ଭାଗ ବାହାରର ପିଲାଙ୍କୁ ନିଆଯାଉଛି? ଜାତୀୟ ସଂହତି ବଢାଇବା ମୁଖ୍ୟ ଲକ୍ଷ୍ୟ। ଏବେ ୨୦୧୭ରେ ନୀତି ହୋଇଛି ଯେ ରାଜ୍ୟସ୍ତରର ଆବଣ୍ଟନ ନ କରି ଜୋନ୍ ବା ରାଜ୍ୟଗୁଡିକର ଗୋଷ୍ଠୀରୁ ରାଜ୍ୟଟିଏ ବାଛିବାକୁ ପଡିବ। ଯେତେବେଳେ କଶ୍ମୀରରେ ବିଚ୍ଛିନ୍ନତାବାଦୀ ସାଙ୍ଗକୁ ପଞ୍ଜାବରେ ଖଲିସ୍ଥାନୀ ଆନ୍ଦୋଳନ ବଢିଲା ଏବଂ ଏଲ୍ଟିଟିଇକୁ ସମର୍ଥନ ଜଣାଇ ତତ୍କାଳୀନ ମାନ୍ଦ୍ରାଜ (ଏବେ ତାମିଲନାଡୁ)ର କେତେକ ନେତା ତାମିଲମାନଙ୍କ ସ୍ୱତନ୍ତ୍ର ଦେଶ ଚାହିଁଲେ, ସେତେବେଳେ କେନ୍ଦ୍ର ସରକାର ଦେଖିଲେ ଯେ ସର୍ବଭାରତୀୟ ଚାକିରିର ଅଫିସରମାନେ ନିଜ ରାଜ୍ୟର ବିଚ୍ଛିନ୍ନତାବାଦୀମାନଙ୍କ ସାଙ୍ଗରେ ମିଶିଯାଉଛନ୍ତି ଓ ସାହାଯ୍ୟ କରୁଛନ୍ତି। ସମ୍ବିଧାନର ୩୭୦ ଧାରା ଜମ୍ମୁ–କଶ୍ମୀର ରାଜ୍ୟକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର କରିଦେଇଥିଲା– ଆଇନ ଶୃଙ୍ଖଳା ଦାୟିତ୍ୱ ରାଜ୍ୟ ସରକାରଙ୍କର ଥିଲାବେଳେ ପ୍ରତିରକ୍ଷା ଓ ବହିର୍ବ୍ୟାପାର ଭାରତ ହାତରେ ଥିଲା। ସନ୍ତ୍ରାସବାଦୀମାନଙ୍କୁ ଦମନ କରିବାରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସମର୍ଥନ ପାଉ ନ ଥିଲେ। ପୋଲିସ ଓ ସୈନ୍ୟବାହିନୀ ଗୋଟିଏ ସରକାର ହାତକୁ ଆସିଗଲେ ଆଇନଶୃଙ୍ଖଳାରେ ଉନ୍ନତି ଘଟିବ ଓ ରାଜ୍ୟର ବିକାଶ ବିପର୍ଯ୍ୟସ୍ତ ହେବ ନାହିଁ ବୋଲି କଂଗ୍ରେସ ନେତାଏ ବି ଭାବୁଛନ୍ତି।

ଜମ୍ମୁ–କଶ୍ମୀରର ସମସ୍ୟା ଉପୁଜାଇଥିବା କଂଗ୍ରେସ ଦଳ ତା'ର ସଭ୍ୟମାନଙ୍କୁ ହୁଇପ୍ ଜାରି କରି ୩୭୦ ଧାରା ଉଚ୍ଛେଦ ପ୍ରସ୍ତାବ ବିରୋଧରେ ଭୋଟଦେବା ପାଇଁ କହିଲା; ଦଳର ବୟୋଜ୍ୟେଷ୍ଠ ନେତାମାନଙ୍କୁ ବକ୍ତା ଭାବେ ଛିଡା କରାଇଲା। ରାଜ୍ୟସଭାରେ କଂଗ୍ରେସ ଦଳର ନେତା ଭୁବନେଶ୍ୱର କାଲିତା କହିଲେ, ଏ ପ୍ରକାର ହୁଇପ୍ ରାଷ୍ଟ୍ରର ମତ ବିରୋଧରେ ଯାଉଛି, ତେଣୁ ସେ ଦଳରୁ ଇସ୍ତଫା ଦେଉଛନ୍ତି। ଅନ୍ୟ ଜଣେ ବରିଷ୍ଠ ନେତା ଜନାର୍ଦ୍ଦନ ଦ୍ୱିବେଦୀ କହିଲେ, ଧାରା ୩୭୦ ଇତିହାସର ଏକ ଭୁଲ; ମୁଁ ଖୁସି ଯେ ସ୍ୱାଧୀନତା ସମୟରେ କରାଯାଇଥିବା ଭୁଲକୁ ଏବେ ସଂଶୋଧନ କରାଯାଉଛି। ମୁମ୍ବାଇର କଂଗ୍ରେସ ଅଧ୍ୟକ୍ଷ ମିଲିନ୍ଦ ଦେଓରା ନିଜ ପଦ ଛାଡି ଦେଇ ଭାରତର ସ୍ୱାର୍ଥକୁ ଜଗିବେ ବୋଲି କହିଲେ। ଆଗର କଂଗ୍ରେସ ଏମ୍ପି ଦିପେନ୍ଦର ହୁଡା ୟୁଟ୍ୟୁବ୍ରେ କହିଲେ, ''ମୋର ବ୍ୟକ୍ତିଗତ ମତ ଯେ ଏକବିଂଶ ଶତାବ୍ଦୀରେ ଧାରା ୩୭୦ର ଆବଶ୍ୟକତା ନାହିଁ। ଏହାକୁ ଉଠାଇଦେଲେ ଜମ୍ମୁ–କଶ୍ମୀରବାସୀଙ୍କ ଲାଭ ହେବ।'' ପ୍ରାକ୍ତନ ଆଇନମନ୍ତ୍ରୀ ବରିଷ୍ଠ ନେତା ଅଶ୍ୱିନୀ କୁମାର ଏହାକୁ ସାହସିକ ପଦକ୍ଷେପ ଏବଂ ଏହା ରାଷ୍ଟ୍ରର ମିଜାଜ ସହିତ ମେଳ ଖାଉଛି ବୋଲି କହିଲେ। ରାଏବରେଲିର ବିଧାୟକ ଅଜିତ୍ ସିଂ ଓ ରାଜସ୍ଥାନର ମନ୍ତ୍ରୀ ଅଶୋକ ଚନ୍ଦନା ମୋଦିଙ୍କ ପ୍ରସ୍ତାବକୁ ସମର୍ଥନ କଲେ। ଦଳର ମୁଖପାତ୍ର ଜୟବୀର ସେର୍ଗିଲ ଏହାକୁ ସମର୍ଥନ କଲେ। ସବୁଠୁ ବଡ଼କଥା ଯେ ଜମ୍ମୁ–କଶ୍ମୀରର ରାଜବଂଶଜ କରଣ ସିଂ ମଧ୍ୟ ମୋଦିଙ୍କ କାମକୁ ପସନ୍ଦ କରିଛନ୍ତି। ସୋନିଆ ଗାନ୍ଧୀ ଏଥିରେ ଅବାକ୍ ଏବଂ ପ୍ରିୟଙ୍କା ଗାନ୍ଧୀ ବି ଚୁପ୍। ଜାତୀୟ ସଂହତି ଯେ ଜମ୍ମୁ–କଶ୍ମୀରର ୩୭୦ ଧାରା ଉଚ୍ଛେଦ ପକ୍ଷରେ ତାହା ସ୍ପଷ୍ଟ ହୋଇଯାଇଛି।

ଆଉ ଗୋଟିଏ କଥା ସମସ୍ତେ ଭୁଲିଯାଉଛନ୍ତି। ବିଶ୍ୱରେ ମୁସଲମାନଙ୍କ ସଂଖ୍ୟାର ମାତ୍ର ୨୦% ଆରବ ଦେଶମାନଙ୍କରେ, ୧୨.୭% ଇଣ୍ଡୋନେସିଆରେ। ପାକିସ୍ତାନରେ ମାତ୍ର ୧୧%, ଭାରତରେ ୧୦.୯%; ପ୍ରାୟ ପାକିସ୍ତାନ ସାଙ୍ଗେ ସମାନ; ସେଥିରେ ପୁଣି ମୁସଲମାନଙ୍କ ସ୍ୱାର୍ଥରକ୍ଷାରେ ଭାରତଠାରୁ ପାକିସ୍ତାନ କୁଆଡେ ବେଶି ଚିନ୍ତିତ! ଏହି କାରଣରୁ ତ ୧୯୬୫ ଯୁଦ୍ଧରେ ଭାରତୀୟ ସାମରିକ ବାହିନୀ ଲାହୋର ପର୍ଯ୍ୟନ୍ତ ଯାଇ ଫେରି ଆସିଲା; ୧୯୭୧ରେ ବାଂଲାଦେଶ ଯୁଦ୍ଧରେ ବନ୍ଦୀ କରିଥିବା ୯୦ ହଜାର ସୈନ୍ୟଙ୍କୁ ଛାଡିଦେଲା।

ସମ୍ବିଧାନର ବ୍ୟବସ୍ଥା ଦେଖନ୍ତୁ। ଅଧ୍ୟାୟ ୨୧ 'ଅସ୍ଥାୟୀ, ମଧ୍ୟବର୍ତ୍ତୀ ଓ ସ୍ୱତନ୍ତ୍ର ବ୍ୟବସ୍ଥା' ଶିରୋନାମା ତଳେ ଅଛି ୩୭୦ ଧାରା। ୧୯୫୨ ନଭେମ୍ବର ୧୭ରେ ଭାରତର ରାଷ୍ଟ୍ରପତି ୩୭୦ ଧାରା ଯୋଡିଦେଲେ; ଭାରତର ସାମ୍ବିଧାନିକ ସଭା (କନ୍ଷ୍ଟିଟ୍ୟୁଏଣ୍ଟ ଆସେମ୍ବ୍ଲି) ଏହା କରିନାହିଁ। ୩୭୦(୧) କହୁଛି ଯେ କେବଳ ଇନ୍ଷ୍ଟ୍ରୁମେଣ୍ଟ ଅଫ୍ ଆକ୍ସେସନ୍ (ମିଶ୍ରଣ ଦଲିଲ)ରେ ଯାହା ଅଛି ତଦନୁଯାୟୀ ୟୁନିୟନ ଓ କଙ୍କରେଣ୍ଟ ତାଲିକାଭୁକ୍ତ ବିଷୟରେ ଭାରତ ସରକାର ଆଇନ କରିପାରିବେ, (୨) ଜମ୍ମୁ–କଶ୍ମୀର ରାଜ୍ୟ ସରକାରଙ୍କ ସମ୍ମତିରେ ଉପରୋକ୍ତ ତାଲିକାରେ ଅନ୍ୟ ବିଷୟରେ ଆଇନ କରିପାରିବେ। (୩) ତା' ସତ୍ତ୍ୱେ ରାଷ୍ଟ୍ରପତି ସାଧାରଣ ନୋଟିସ୍ ଜରିଆରେ ଏହି ଧାରା କେଉଁ ତାରିଖରୁ ନାକଚ ହୋଇଯିବ ବା କେତେକ ବ୍ୟତିକ୍ରମ ଓ ସଂଶୋଧନ ସହ ଜାରି ରହିଥିବ ତାହା ଘୋଷଣା କରିପାରିବେ, କିନ୍ତୁ ଏଥିଲାଗି ରାଜ୍ୟର ସମ୍ବିଧାନ ପ୍ରଣୟନକାରୀ ଆସେମ୍ବ୍ଲିର ସୁପାରିସ ଆବଶ୍ୟକ ହେବ। ୧୯୫୪ର ସେହି ଆଦେଶ ସହିତ ଧାରା ୩୫ 'କ' ବି ଯୋଡାଗଲା। ୩୫ 'କ' ଧାରାର ଶିରୋନାମା– ସ୍ଥାୟୀ ଅଧିବାସୀ ଓ ସେମାନଙ୍କ ଅଧିକାର ସ୍ଥିତି– ଏବଂ ଏହା କହେ ଯେ ସମ୍ବିଧାନରେ ଯାହା ଥିଲେ ବି ଜମ୍ମୁ–କଶ୍ମୀରର ବିଧାନସଭା କ) ସ୍ଥାୟୀ ଅଧିବାସୀ ସଂଜ୍ଞା କରିବେ, ଖ) ସ୍ଥାୟୀ ଅଧିବାସୀଙ୍କୁ ଅଧିକାର ଓ ସୁବିଧା ଦେଇପାରିବେ ଏବଂ ଅନ୍ୟମାନଙ୍କ ଉପରେ କଟକଣା ଜାରି କରିପାରିବେ, ଯଥା ୧) ରାଜ୍ୟରେ ଚାକିରି, ୨) ଅସ୍ଥାବର ସମ୍ପତ୍ତି ହାସଲ, ୩) ରାଜ୍ୟରେ ଅଧିବାସୀ ହେବା, ୪) ରାଜ୍ୟ ଯୋଗାଉଥିବା ଅଧ୍ୟୟନ–ବୃତ୍ତି ଓ ଅନ୍ୟାନ୍ୟ ପ୍ରକାରର ସହାୟତା ପାଇବା।

ପିପୁଲସ୍ ୟୁନିୟନ ଅଫ୍ ସିଭିଲ ଲିବର୍ଟି (ପିୟୁସିଏଲ୍) ୩୭୦ ଧାରା ଉଚ୍ଛେଦ ବିରୋଧରେ ସୁପ୍ରିମ୍କୋର୍ଟ ଯାଇଥିଲା। କହିଥିଲା ୩୭୦ ଏକ ସ୍ୱୟଂସମ୍ପୂର୍ଣ୍ଣ ଧାରା। ଧାରା ୩୭୦(୧) (ଡି) ଅନୁଯାୟୀ କନ୍ଷ୍ଟିଟ୍ୟୁଏଣ୍ଟ ଆସେମ୍ବ୍ଲି ଆଉ ଥରେ ନ ବସିଲା ଯାଏ ଭାରତର ରାଷ୍ଟ୍ରପତି କିଛି କରିପାରିବେ ନାହିଁ। କିନ୍ତୁ ମୋଦି ସରକାରଙ୍କ ପରାମର୍ଶରେ ରାଷ୍ଟ୍ରପତି ଧାରା ୩୬୭କୁ ସଂଶୋଧନ କରି ସବ୍କ୍ଲଜ୍ ୪ ଭର୍ତ୍ତି କରିଛନ୍ତି। ତେଣୁ ୩୭୦ (୩) ଅନୁସାରେ କନ୍ଷ୍ଟିଟ୍ୟୁଏଣ୍ଟ ଆସେମ୍ବ୍ଲି ମାନେ ଲେଜିସ୍ଲେଟିଭ୍ ଆସେମ୍ବ୍ଲି ଅଫ୍ ଦି ଷ୍ଟେଟ୍ ବୋଲି ପଢାଯିବ। ୨୦୧୮ ଡିସେମ୍ବରରୁ ପ୍ରେସିଡେଣ୍ଟଙ୍କ ରୁଲ୍ ଥିବାରୁ ରାଷ୍ଟ୍ରପତି ବି ଲେଜିସ୍ଲେଟିଭ୍ ଆସେମ୍ବ୍ଲି ଅଫ୍ ଦି ଷ୍ଟେଟ୍, ତେଣୁ ସେ ଆସେମ୍ବ୍ଲି, ସେ କନ୍ଷ୍ଟିଟୁଏଣ୍ଟ ଆସେମ୍ବ୍ଲି ଏବଂ ସେ ରାଷ୍ଟ୍ରପତି। ମୋଦିଙ୍କ ପରାମର୍ଶଦାତାମାନଙ୍କ ବିଚକ୍ଷଣତା ରାଜ୍ୟକୁ କେନ୍ଦ୍ରଶାସିତ ଅଞ୍ଚଳ କରିବା ସହଜ କରିଦେଲା। ରାଜ୍ୟସଭାରେ ସଂଖ୍ୟାଗରିଷ୍ଠତା ଦରକାର ପଡିଲା ନାହିଁ। ପିୟୁସିଏଲ୍ ଦାବି କରିଥିଲା ଯେ ୫ ଅଗଷ୍ଟରେ ଅଣାଯାଇଥିବା (୧) ଦି କନ୍ଷ୍ଟିଟ୍ୟୁଶନ୍ (ଆପ୍ଲିକେଶନ୍ ଟୁ ଜମ୍ମୁ ଆଣ୍ଡ କଶ୍ମୀର) ଅର୍ଡର ୨୦୧୯– ପ୍ରେସିଡେନ୍ସିଆଲ୍ ଅର୍ଡର୍ ସିଓ ୨୭୨, (୨) ରାଜ୍ୟ ସଭାରେ ପେସ୍ କରାଯାଇଥିବା ଷ୍ଟାଟ୍ୟୁଟୋରୀ ରିଜୋଲ୍ୟୁଶନ ଏବଂ (୩) ଦି ଜମ୍ମୁ–କଶ୍ମୀର ରିଅର୍ଗାନାଇଜେଶନ୍ ବିଲ୍ଗୁଡିକୁ ଫେରାଇ ନିଆଯାଉ। କିନ୍ତୁ ସୁପ୍ରିମ୍କୋର୍ଟ ତାହା ଗ୍ରହଣ କରିନାହାନ୍ତି। ୩୭୦ ଧାରା ବଳବତ୍ତର ରହିଲେ ଦିନେ କଶ୍ମୀର ସ୍ୱାଧୀନ ହୋଇପାରିବ ବା ପାକିସ୍ତାନରେ ମିଶିପାରିବ– ଏ ସ୍ୱପ୍ନ ଦେଖିବାର ଅବସର ଆଉ ରହିଲା ନାହିଁ। ବରଂ ଜମ୍ମୁ–କଶ୍ମୀରର ଯେଉଁ ଅଂଶ ପାକିସ୍ତାନ ଓ ଚାଇନା ମାଡିବସିଛନ୍ତି ତାହା ଭାରତର ଅଂଶ ବୋଲି କହିବାରେ ଜୋର୍ ଆସିବ।

ଇମେଲ୍: sahadevas@yahoo.com

# ଓଡ଼ିଶା କାହିଁକି ଭିକ୍ଷାଥାଳ ଧରି ଠିଆହେବ



ଶ୍ରୀକାନ୍ତ ଜେନା

ଓଡ଼ିଶାକୁ 'ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟ' ଭାବେ ଗ୍ରହଣ କରିବାକୁ ଓଡ଼ିଶା ବିଧାନସଭା ଦୁଇ ଥର ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରି କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛି, ଯାହାକୁ ପୁଣିଥରେ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି। ତେବେ କାହିଁକି ଓଡ଼ିଶା ବିଧାନସଭା ଏହି ଦାବିକୁ ବାରମ୍ବାର କେନ୍ଦ୍ର ନିକଟରେ ଉଠାଉଛି ?

ଏହାର କାରଣ ଓଡ଼ିଶା ଗରିବୀରେ ଦେଶରେ ଏକ ନମ୍ବର (ରଘୁରାମ ରାଜନ କମିଟି ରିପୋର୍ଟ)। ଓଡ଼ିଶା ଲୋକଙ୍କର ମୁଣ୍ଡପିଛା ଆୟ ଦେଶରେ ସର୍ବନିମ୍ନ। ଏହି ରାଜ୍ୟରୁ ସବୁଠୁ ବେଶି ଯୁବତୀଯୁବକ ଓ ଅନ୍ୟ ଶ୍ରମଜୀବୀ ଅନ୍ୟ ରାଜ୍ୟକୁ ପଳାୟନ କରୁଛନ୍ତି କର୍ମସଂସ୍ଥାନ ପାଇଁ। କୃଷି ଉତ୍ପାଦନରେ ଓଡ଼ିଶା ସବୁଠୁ ନିମ୍ନରେ। ବେକାରି ସମସ୍ୟା ଭୟଙ୍କର। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ ପହଞ୍ଚିଛି ଦୟନୀୟ ଅବସ୍ଥା। ରେଳ–ସଡ଼କ–ବନ୍ଦର–ଶିଳ୍ପ–କୃଷିର ବିକାଶ ଅନ୍ୟ ରାଜ୍ୟ ତୁଳନାରେ ବହୁତ ପଛରେ। ଅନ୍ୟପଟେ ଲୋକସଂଖ୍ୟାର ୨୩ ପ୍ରତିଶତ ଆଦିବାସୀ ଓ ୧୭ ପ୍ରତିଶତ ଦଳିତ ସମ୍ପ୍ରଦାୟର। ଏମାନଙ୍କ ମଧ୍ୟରୁ ଅଧିକାଂଶ ଭୂମିହୀନ। ଅନ୍ୟାନ୍ୟ ପଛୁଆ ବର୍ଗ ସମୁଦାୟ ଲୋକସଂଖ୍ୟାର ୫୪ ପ୍ରତିଶତ । ସମୁଦାୟ ୯୪ ପ୍ରତିଶତ ଲୋକଙ୍କ ମଧ୍ୟରୁ ୯୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି।

ଓଡ଼ିଶା କିନ୍ତୁ ପ୍ରାକୃତିକ ସମ୍ପଦରେ ଭରପୂର। ଦେଶର ୩୨ ଭାଗ କୋଇଲା ଓଡ଼ିଶାରେ। ସେହିପରି ଲୁହାପଥର ୩୫ ଭାଗ, କ୍ରୋମାଇଟ ୯୯ ଭାଗ, ବକ୍ସାଇଟ୍ ୫୦ ଭାଗ, ମାଙ୍ଗାନିଜ ୩୫ ଭାଗ ଓ ନିକେଲ ୯୧ ଭାଗ ବି ଓଡ଼ିଶାରେ ଅଛି। ଜଙ୍ଗଲ ସମ୍ପଦ ଦେଶର ୧୬ ଭାଗ। ସମୁଦ୍ର ବେଳାଭୂମି ୪୮୦ କି.ମି.। ନଦୀ ଓ ଜଳସମ୍ପଦରେ ମଧ୍ୟ ଓଡ଼ିଶା ଭରପୂର। ରାଜ୍ୟରେ ଅଛି ୧୦ଟି କୃଷି ଜଳବାୟୁ ଅଞ୍ଚଳ (Agro Climatic Zone), ଯାହା ଦେଶର ଅନ୍ୟ କୌଣସି ରାଜ୍ୟରେ ନାହିଁ।

ଓଡ଼ିଶା ବମ୍ବେ–ଦିଲ୍ଲୀର ବଡ଼ ବଡ଼ ଶିଳ୍ପପତିଙ୍କର ଖଣିଜ ସମ୍ପଦ ଦୋହନର କେନ୍ଦ୍ରବିନ୍ଦୁ ହୋଇଛି। ଆମେ ଯେଉଁମାନେ ରାଜନେତା ଆଜି ସେମାନଙ୍କର କେବଳ 'ଚୌକିଦାର' ସାଜିଛୁ। ସମ୍ପତ୍ତି ଆମର, ମାଲିକ କିନ୍ତୁ ସେମାନେ। ଓଡିଶାର ୯୦ ଭାଗ ବ୍ୟବସାୟ ଓଡ଼ିଶା ବାହାର ଲୋକଙ୍କ ହାତରେ। ଆମେ କେବଳ ତାଙ୍କର ଠିକା ଶ୍ରମିକ ବା ଛୋଟ ଠିକା କଣ୍ଟ୍ରାକ୍ଟର।

ଓଡ଼ିଶାର ଗୌରବମୟ ଇତିହାସ ରହିଛି। ସାତ ସମୁଦ୍ର ପାର ହୋଇ ଅନ୍ୟ ଦେଶ ସହ ନୌବାଣିଜ୍ୟରେ ଓଡ଼ିଶା ଥିଲା ପ୍ରଥମ ରାଜ୍ୟ, ଯେଉଁ ପରମ୍ପରାକୁ ଏବେ ଓଡିଶାବାସୀ କାର୍ତ୍ତିକ ପୂର୍ଣ୍ଣିମା ଦିନ 'ବାଲିଯାତ୍ରା' ପର୍ବ ଭାବେ ପାଳନ କରି ଡଙ୍ଗା ଭସାଣ କରିଥାନ୍ତି।

ବ୍ରିଟିଶ ସାମ୍ରାଜ୍ୟ ସର୍ବଶେଷରେ ଓଡ଼ିଶାକୁ ନିୟନ୍ତ୍ରଣକୁ ନେଇଥିଲା। କିନ୍ତୁ ଓଡ଼ିଶାର ବୀର ପାଇକମାନେ ଓଡ଼ିଶାକୁ ପ୍ରଥମେ ମୁକ୍ତ କରିଥିଲେ ବ୍ରିଟିଶ ସାମ୍ରାଜ୍ୟ କବଳରୁ। ବରୁଣେଇ ଦୁର୍ଗ ତା'ର ମୂକସାକ୍ଷୀ। ସମ୍ରାଟ ଅଶୋକଙ୍କୁ କଳିଙ୍ଗ ଯୁଦ୍ଧ 'ଚଣ୍ଡାଶୋକ'ରୁ 'ଧର୍ମାଶୋକ'ରେ ପରିଣତ କରାଇଥିଲା। ଧଉଳି ତା'ର ମୂକସାକ୍ଷୀ ଭାବେ ଛିଡା ହୋଇଛି। ଶାନ୍ତି ଓ ସୌହାର୍ଦ୍ଦ୍ୟର ପୁଣ୍ୟଭୂମି ଓଡ଼ିଶା। ଓଡ଼ିଶାରେ ହିନ୍ଦୁ ପରିବାରରେ ପିଲାଟିଏ ଜନ୍ମ ହେଲେ ଏକୋଇଶିଆ ପାଳନ ବେଳେ 'ସତ୍ୟ–ପୀର' ପାଲା ହୁଏ। ଦେଶରେ ଏହା ଏକ ନିଆରା ପରମ୍ପରା। ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟଧର୍ମ ସମନ୍ୱୟର କେନ୍ଦ୍ରସ୍ଥଳୀ ଓଡ଼ିଶା। ଉତ୍କଳ ଗୌରବ ମଧୁବାବୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ବି ଓଡ଼ିଶାବାସୀଙ୍କର ସେ ପ୍ରାତଃସ୍ମରଣୀୟ। ଓଡିଶାର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ଅଧିକାର ପାଇଁ ନ୍ୟାୟାଳୟର ଲଢେଇରେ ସେ ସର୍ବାଗ୍ରେ ଥିଲେ।

ରତ୍ନଗର୍ଭା ଓଡ଼ିଶାର ଲୁଣ୍ଠନ କେବେ ବନ୍ଦହେବ ଓ ଓଡ଼ିଶା ଗରିବୀରୁ କେବେ ମୁକ୍ତ ହେବ? ମହାତ୍ମା ଗାନ୍ଧୀ ଶହେ ବର୍ଷ ତଳେ ୧୯୨୧ ମସିହାରେ ଓଡ଼ିଶାରୁ ଫେରି ବମ୍ବେଠାରେ ଉଦ୍‌ବେଗ ପ୍ରକାଶ କରି କହିଥିଲେ–'ଗରିବୀ କ'ଣ ଦେଖିବାକୁ ହେଲେ ଓଡ଼ିଶାକୁ ଯାଅ'। ଆଜି ବି ସେହି ଅବସ୍ଥା। ଆମେ ଦେଶର ସବୁଠୁ ଗରିବ ରାଜ୍ୟ କାହିଁକି? କାହିଁକି ଆମ ପ୍ରତି ଅବିଚାର? ସମ୍ରାଟ ଖାରବେଳଙ୍କର ଏହି ପବିତ୍ର ଭୂମି କାହିଁକି କାହା ନିକଟରେ ଭିକ୍ଷା ଥାଳ ଧରି ଠିଆ ହେବ? ଓଡ଼ିଶାର ଅନ୍ୟତମ ବରପୁତ୍ର ବିଜୁ ପଟ୍ଟନାୟକ ୧୯୬୯–୭୦ ମସିହାରେ କଂଗ୍ରେସରୁ ବାହାରିଆସି 'ଉତ୍କଳ କଂଗ୍ରେସ' ଗଠନ କରି ଦିଲ୍ଲୀର ଅବିଚାର ବିରୋଧରେ ସ୍ୱର ଉତ୍ତୋଳନ କରି ବାଲିଚନ୍ଦ୍ରପୁରଠାରେ ଉତ୍କଳ କଂଗ୍ରେସର ପ୍ରଥମ ରାଜ୍ୟ ସମ୍ମିଳନୀରେ ଏହି ପ୍ରଶ୍ନ ଉଠାଇଥିଲେ। ଜଣେ ଛାତ୍ର ଭାବେ ସେହି ସମ୍ମିଳନୀରେ ଭାଗନେବାର ସୁଯୋଗ ମତେ ମିଳିଥିଲା। ଗୋଟିଏ ସ୍ଲୋଗାନ ତାଙ୍କର ଥିଲା– ''ଦିଲ୍ଲୀର ଅବିଚାର ନିକଟରେ ମୁଣ୍ଡ ନୁଆଁଇବୁ ନାହିଁ''। ଆଜି ତା'ର ପ୍ରାସଙ୍ଗିକତା ଅଛି କି ନାହିଁ? କାହିଁକି ଆଜି ଦିଲ୍ଲୀ ନିକଟରେ ଆତ୍ମସମର୍ପଣ କରିବା? କ'ଣ ୪ କୋଟି ଓଡ଼ିଆଙ୍କ 'ବିଧାନସଭା ପ୍ରସ୍ତାବ'ର କୌଣସି ମୂଲ୍ୟ ନାହିଁ?

ଓଡ଼ିଶାର ଯୁବକ ଓ ଛାତ୍ରମାନେ ଏ ରାଜ୍ୟର ଭବିଷ୍ୟତ ନିଜ ହାତକୁ ନିଅନ୍ତୁ ଓ ନିଜର ଭାଗ୍ୟ ନିଜେ ଗଢିବାକୁ ସଂକଳ୍ପବଦ୍ଧ ହୁଅନ୍ତୁ।

ଜି–୧, ଗଙ୍ଗନଗର, ୟୁନିଟ–୬, ଭୁବନେଶ୍ୱର

## ଏଇ ଭାରତରେ

ବିଭେଦ ମଧ୍ୟରେ ଏକତା ଭାରତର ପରିଚୟ। ବିଭିନ୍ନ ଧର୍ମ ମଧ୍ୟରେ ଶାଶ୍ୱତ ଚିନ୍ତାଧାରା ଧର୍ମ ନିରପେକ୍ଷତାର ଆଉ ଏକ ଉଦାହରଣ, ଯାହା ଦେଖିବାକୁ ମିଳିଛି ବାରାଣସୀର ହରୁହା ଡିହ ଅଞ୍ଚଳରେ । ମୁସଲମାନମାନେ ହିନ୍ଦୁ ଝିଅର ଶବକୁ କାନ୍ଧରେ ବୋହି ନେଇ ଦାହ ମଧ୍ୟ କରିଛନ୍ତି। ମୃତ ଝିଅର ନାମ ସୋନି। ବୟସ ୧୯। ସୋନିର ମା' ହୃଦ୍‌ରୋଗ ଓ ବାପା ହୋରିଲାଲ ବିଶ୍ୱକର୍ମା ପକ୍ଷାଘାତରେ ପୀଡିତ। ସୋନିର ଏକମାତ୍ର ଭାଇ ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ। ସୋନି ହଠାତ୍ ମ୍ୟାଲେରିଆରେ ପୀଡିତ ହେବାପରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋନିଙ୍କ ମୃତ୍ୟୁପରେ ସାରା ପରିବାର ଭାଙ୍ଗି ପଡିଥିବାବେଳେ ତାଙ୍କ ପଡ଼ୋଶୀ ମୁସଲମାନମାନେ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ। ସେମାନେ ଏକାଠି ହୋଇ ଶବଦାହ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଥିଲେ। କାନ୍ଧରେ ସୋନିର ଶବକୁ ବାରାଣସୀର ମଣିକର୍ଣ୍ଣିକା ଘାଟକୁ ନେଇଥିଲେ । ଶବ ନେବା ସମୟରେ ସେମାନେ 'ରାମ ନାମ ସତ୍ୟ ହୈ' ଉଚ୍ଚାରଣ କରିଥିଲେ। ଘାଟରେ ସେମାନେ ସୋନିର ଭାଇଙ୍କୁ ଶବଦାହରେ ସାହାଯ୍ୟ ମଧ୍ୟ କରିଥିଲେ । ସେମାନେ ହୋରିଲାଲ ପରିବାରକୁ ଆର୍ଥିକ ସାହାଯ୍ୟ ମଧ୍ୟ ଦେଇଥିଲେ। ଆମେ ଆମ ଭିତରେ ସାଧାରଣ କଥାକୁ ନେଇ କଳହ କରୁଛେ, କିନ୍ତୁ ମୃତ୍ୟୁ ଜୀବନର ସତ୍ୟ ଓ ଶେଷ ଅଧ୍ୟାୟ ବୋଲି ଶବଦାହରେ ସାହାଯ୍ୟ କରିଥିବା ଶକିଲଙ୍କ ମତ। ଧାର୍ମିକ ବିଦ୍ୱେଷ ଓ ହିଂସା ଦୂର କରିବାରେ ଶକିଲଙ୍କ ମତ ଯେ ଶତ ପ୍ରତିଶତ ଗ୍ରହଣୀୟ ଏହା ଯେ କେହି ସ୍ୱୀକାର କରିବେ ।

## ୨୫ ବର୍ଷ ତଳର ଧରିତ୍ରୀ

### ୧୩ ଅଗଷ୍ଟ ୧୯୯୪

- ଦକ୍ଷିଣ ବିହାରର ଝାଡ଼ଖଣ୍ଡ ଅଞ୍ଚଳ ପାଇଁ ଏକ ସ୍ୱୟଂଶାସିତ ଝାଡ଼ଖଣ୍ଡ ପରିଷଦ ଗଠନ ନିମନ୍ତେ କେନ୍ଦ୍ର ସରକାରଙ୍କ ଘୋଷଣା।
- ୧୯୯୩ ବମ୍ବେ ବୋମା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗ କ୍ରମେ ଟାଡାରେ ଗିରଫ ହୋଇଥିବା ଫିଲ୍ମଷ୍ଟାର ସଞ୍ଜୟ ଦତ୍ତଙ୍କ ଜାମିନ ଆବେଦନକୁ ସୁପ୍ରିମକୋର୍ଟରେ ନାମଞ୍ଜୁର।

## ପାଠକ ଶ୍ରେଷ୍ଠ ବିଚାରକ

### ପାସ୍‌ଫେଲ୍ ବ୍ୟବସ୍ଥା

ମହାଶୟ,

ପୂର୍ବେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ପିଲାଙ୍କ ପାଇଁ ପାସ୍‌ଫେଲ ବ୍ୟବସ୍ଥା ଥିଲା । ସେଥିପାଇଁ ପିଲାମାନେ ନିଜର ପାଠପଢା ପ୍ରତି ବିଶେଷ ଧ୍ୟାନ ଦେଉଥିଲେ। କିଛି ବର୍ଷ ହେବ ସରକାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଛାତ୍ରୀଛାତ୍ରଙ୍କୁ ଆଦୌ ଫେଲ ନ କରିବାର ନିଷ୍ପତ୍ତି ଗ୍ରହଣ କଲେ। ଫଳରେ ଅକୃତକାର୍ଯ୍ୟ ହୋଇ ଅପମାନିତ ହେବା ଭୟ ଛାତ୍ରୀଛାତ୍ରଙ୍କ ମନରେ ରହିଲା ନାହିଁ। ସେମାନେ ପାଠପଢା ପ୍ରତି ବିଶେଷ ଧ୍ୟାନ ଦେଲେ ନାହିଁ। କେବଳ ବିଦ୍ୟାଳୟକୁ ଯିବା ଓ ନାମକୁ ମାତ୍ର ଛାତ୍ରୀଛାତ୍ର ବୋଲାଇବା ସାର ହେଲା। ପରବର୍ତ୍ତୀ ସମୟରେ ସେମାନେ ଉଚ୍ଚ ସୋପାନରେ ପାଦ ଥାପିବା ବେଳେ ଅପାରଗତା ପଦାରେ ପଡ଼ିଲା, ଯାହା ଫଳରେ ରାଜ୍ୟ ସରକାରଙ୍କର ନିଦ ଭାଙ୍ଗିଲା। ବର୍ତ୍ତମାନ ଗଣଶିକ୍ଷା ବିଭାଗ ବହୁ ମାନସ ମନ୍ଥନପୂର୍ବକ ସ୍ଥିର କଲେ ପୁନର୍ବାର ପାସ୍‌ଫେଲ ବ୍ୟବସ୍ଥା ଲାଗୁ ହେବ। ଶିକ୍ଷା ଭଳି ଗୁରୁତ୍ୱ ପ୍ରସଙ୍ଗକୁ ହେୟ ମନେ କରାଯିବା ଓ ବାରମ୍ବାର ମତ ବଦଳାଇବା ଅନୁଚିତ। ଏହାଦ୍ୱାରା ପିଲାଙ୍କର ଭବିଷ୍ୟତ ଅନ୍ଧକାର ହୋଇଯିବ। ଏଣୁ ଶିକ୍ଷାନୀତି ସ୍ପଷ୍ଟ ଓ ସ୍ଥାୟୀ ହେବା ଆବଶ୍ୟକ, ଯାହାକି ପିଲାମାନଙ୍କର ଭବିଷ୍ୟତକୁ ଉଜ୍ଜ୍ୱଳ କରିପାରିବ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡା

### ଡୋନାଲ୍‌ଡ ଟ୍ରମ୍ପଙ୍କ ଶିଷ୍ଟାଚାର

ୱାଶିଂଟନସ୍ଥିତ ବ୍ରିଟେନ ରାଷ୍ଟ୍ରଦୂତଙ୍କ ଅଫିସରୁ ଆମେରିକା ପ୍ରଶାସନ ସହିତ ପତ୍ରାଳାପ ସଂକ୍ରାନ୍ତ କିଛି ନଥିପତ୍ର ପ୍ରଘଟ ହୋଇଯିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ବ୍ରିଟେନ ରାଷ୍ଟ୍ରଦୂତଙ୍କୁ ମୂର୍ଖ ଓ ଉନ୍ମତ୍ତ ବୋଲି ଗାଳି ଦେଇଛନ୍ତି। କେବଳ ଏତିକି ନୁହେଁ ବ୍ରିଟେନର ପ୍ରଧାନମନ୍ତ୍ରୀ ଟେରେସା ମେଁଙ୍କୁ ଟ୍ରମ୍ପ ବୋକୀ ବୋଲି କହି ମଧ୍ୟ ସମାଲୋଚନା କରିଛନ୍ତି। ଫଳରେ ବ୍ରିଟେନ ରାଷ୍ଟ୍ରଦୂତଙ୍କୁ ନିଜ ପଦରୁ ଇସ୍ତଫା ଦେବାକୁ ପଡିଛି। ଅତୀତରେ ଯେତେବେଳେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜୁନିୟର ବୁଶ୍‌ଙ୍କୁ ଜଣେ ସାମ୍ବାଦିକ ପଚାରିଲେ ଭାରତର ପ୍ରଧାନମନ୍ତ୍ରୀ କିଏ। ବୁଶ୍ ତତ୍‌କ୍ଷଣାତ ଉତ୍କ୍ଷିପ୍ତ ହୋଇ ସେ ସାମ୍ବାଦିକଙ୍କୁ ପଚାରିଥିଲେ, ତୁମେ କହିପାରିବ କି ମେକ୍ସିକୋର ବୈଦେଶିକ ମନ୍ତ୍ରୀ କିଏ, ତାଙ୍କ ନାମ କ'ଣ ? ତେଣୁ ବିଶ୍ୱ ନେତୃବୃନ୍ଦଙ୍କ ପ୍ରତି ଆମେରିକା ରାଷ୍ଟ୍ରପତିମାନଙ୍କର ଏତାଦୃଶ ଆଚରଣ ନିଶ୍ଚିତ ଭାବେ ଶିଷ୍ଟାଚାର ବିରୋଧୀ ତଥା ନିନ୍ଦନୀୟ।

ଜୁପିଟର ଦାସ, ଉଇଣ୍ଟର ହାଉସ, ଖାକିମଠ ନୂଆସାହି, ପୁରୀ

### ଅପରାଧୀଙ୍କ ପ୍ରତି ନଜର ରହୁ

ଅପରାଧୀମାନେ ପୋଲିସ ହେପାଜତରୁ ଖସି ଯାଉଛନ୍ତି। ଜନସାଧାରଣଠାରୁ ଡକାୟତି କରି ଆଖିପିଛୁଳାକେ ଉଭାନ ହେଉଛନ୍ତି। ସେମାନେ ଆଇନକୁ ଭ୍ରୂକ୍ଷେପ କରୁନାହାନ୍ତି। ଜେଲରୁ ଫେରି ପୁନର୍ବାର ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। ଅଦାଲତରୁ ଖସିବାରେ ସମର୍ଥ ହୋଇ ପାରୁଛନ୍ତି। ଅପରାଧୀଙ୍କୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ନୂତନ କୌଶଳ ଆବଶ୍ୟକ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କଶ୍ମୀରରେ ହିଂସାକାଣ୍ଡ ଖବର ମିଳିଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ରାତିରେ କହିବା ପରେ ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ ଏହାର ପାଲଟା ଜବାବ ଦେଇଛନ୍ତି। ଜମ୍ମୁ-କଶ୍ମୀର ସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି ବୋଲି କହିବା ସହ ସ୍ଥିତି ଅନୁଧ୍ୟାନ ଲାଗି ରାହୁଲଙ୍କ ପାଖକୁ ବିମାନ ପଠାଉଛି, ସେ ନିଜେ ସ୍ଥିତି ଦେଖିଆସନ୍ତୁ ବୋଲି ମଲିକ କହିଛନ୍ତି। ଜଣେ ଦାୟିତ୍ୱସମ୍ପନ୍ନ ଲୋକଙ୍କ ମୁହଁରେ ଏଭଳି କଥା ଶୋଭା ପାଏନା ବୋଲି ସେ ସମାଲୋଚନା କରି କହିଛନ୍ତି। ଗୋଟିଏ ବି ଗୁଳି ଫୁଟିନାହିଁ, ସ୍ଥିତି ସୁଧୁରିଛି ବୋଲି ରାଜ୍ୟପାଳ ମଲିକ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### କୋଚିଲାଖାଇ ଚମଡ଼ େଇ ଉଦ୍ଧାର, ୩ ଗିରଫ

ଠାକୁରମୁଣ୍ଡା,୧୨।୮(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡର ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଘଣ୍ଟିଆଦର ଗ୍ରାମରୁ ରବିବାର ରାତିରେ ବିରଳ ହୋଇଯାଇଥିବା ଏକ କୋଚିଲାଖାଇ ଚମଡ଼େଇ ଉଦ୍ଧାର ହୋଇଛି। ଏହାକୁ ଜଙ୍ଗଲରୁ ଧରାଯାଇ ବିକ୍ରି ଉଦ୍ଦେଶ୍ୟରେ ଘରେ ବାନ୍ଧି ରଖାଯାଇଥିଲା। ପୋଲିସ, ବନବିଭାଗ ଏବଂ ଏସଟିଏଫ୍ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରି ଏହି ଘଟଣାରେ ସଂପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ମହୁଲଡ଼ିହା ଥାନା ପୋଲିସ ଗତ ୨୦ ତାରିଖରେ ଉଦଳା ଅଞ୍ଚଳର ୪ ଯୁବକଙ୍କୁ ଭଦୁବେଡା ନିକଟରୁ ସନ୍ଦେହରେ ଧରିଥିଲା। ଥାନାରେ ଅଟକ ରଖି ପଚରାଉଚରା ପରେ ସେମାନେ ବନ୍ୟଜନ୍ତୁ କାରବାରରେ ସମ୍ପୃକ୍ତ ଥିବା ଜଣା ପଡ଼ିଥିଲା। ପୋଲିସ ସେହି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିବା ପରେ ଗତ ୮ ତାରିଖରେ ରିମାଣ୍ଡରେ ଆଣିଥିଲା। ଏସଟିଏଫ କର୍ମଚାରୀ ସେମାନଙ୍କୁ ପଚରାଉଚରା କରିବା ପରେ ଅଧିକ ତଥ୍ୟ ସଂଗ୍ରହ ହୋଇଥିଲା। ଏହି ତଥ୍ୟକୁ ଆଧାର କରି ୧୦ ତାରିଖ ରାତିରେ ପୋଲିସ, ବନବିଭାଗ ସମେତ ଏସଟିଏଫ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରିଥିଲେ। ଚଢାଉ ସମୟରେ ଘଣ୍ଟିଆଦର ଗ୍ରାମର ଗୋଲଖ ବିହାରୀ ବେହେରାଙ୍କ ନିକଟରୁ ଏକ କୋଚିଲାଖାଇ ଚଢେଇ ଉଦ୍ଧାର ହୋଇଥିଲା। ଏହି ଘଟଣାରେ ଜଡିତ ଥିବା ସେହି ଗ୍ରାମର ଧରଣୀଧର ଲୋହାର ଓ ବିଜୟ ପାତ୍ରଙ୍କୁ ମଧ ଗିରଫ କରାଯାଇଥିଲା। ଗିରଫ ୩ ଅଭିଯୁକ୍ତଙ୍କୁ ବନବିଭାଗ ବନ୍ୟସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ସୋମବାର କୋର୍ଟ ଚାଲାଣ କରିଛି।

### ଗ୍ରାମ ପୋଖରୀରେ ୨ କୁମ୍ଭୀର: ଲୋକେ ଆତଙ୍କିତ

ଗଣିଆ,୧୨।୮(ଡି.ଏନ.ଏ.): ନୟାଗଡ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଗୋପୀନାଥପୁର ଗ୍ରାମ ପୋଖରୀରେ ୨ଟି କୁମ୍ଭୀର ରହିଥିବା ଦେଖିବାକୁ ମିଳିଛି। ପାଖାପାଖି ଥିବା ଦୁଇଟି ପୋଖରୀରେ କୁମ୍ଭୀର ୨ଟି ଦେଖି ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। କୁମ୍ଭୀର ଆକ୍ରମଣ ଭୟରେ ଲୋକମାନେ ପୋଖରୀକୁ ସ୍ନାନ ଓ ଶୌଚ ପାଇଁ ଯାଇପାରୁନାହାନ୍ତି। ଗ୍ରାମବାସୀଙ୍କ ଠାରୁ ପ୍ରକାଶ, କୁମ୍ଭୀର ଦୁଇଟି ଗତ କିଛି ଦିନ ହେଲା ନିକଟସ୍ଥ ମହାନଦୀରୁ ଚାଲିଆସି ଏହି ପୋଖରୀରେ ରହିଛନ୍ତି। ସୋମବାର ସକାଳୁ ଗ୍ରାମର କିଛି ଲୋକ ଗାଧୋଇବା ପାଇଁ ଯାଇଥିବା ବେଳେ ପୋଖରୀ ହୁଡାରେ କୁମ୍ଭୀର ଦୁଇଟିକୁ ଦେଖିବାକୁ ପାଇଥିଲେ। ମହାନଦୀରେ ଗୋଳିଆ ପାଣି ଆସୁଥିବାରୁ ଗ୍ରାମବାସୀ ଏହି ପୋଖରୀରେ ସ୍ନାନ ଶୌଚ ପାଇଁ ନିର୍ଭର କରିଥାନ୍ତି। ସେହିପରି ପୋଖରୀରେ ଛଡାଯାଇଥିବା ମାଛ ଯାଆଁଳଗୁଡିକୁ କୁମ୍ଭୀର ଖାଇଦେବା ଆଶଙ୍କା ଦେଖାଦେଇଛି। ଏ ନେଇ ଗ୍ରାମବାସୀ ବନ୍ୟପ୍ରାଣୀ ବିଭାଗର କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପୋଖରୀରୁ କୁମ୍ଭୀର ଦୁଇଟିକୁ ଉଦ୍ଧାର କରି ମହାନଦୀରେ ଛାଡିଦେବା ପାଇଁ ଦାବି କରିଛନ୍ତି। କୁମ୍ଭୀର ପ୍ରତି ନଜର ରଖାଯିବା ପାଇଁ ପୋଖରୀ ନିକଟରେ କର୍ମଚାରୀମାନଙ୍କୁ ନିୟୋଜିତ କରାଯିବା ସହ ଖୁବ୍ ଶୀଘ୍ର କୁମ୍ଭୀର ଦୁଇଟିକୁ ଉଦ୍ଧାର କରାଯାଇ ମହାନଦୀରେ ଛଡାଯିବ ବୋଲି ବନ୍ୟପ୍ରାଣୀ ବିଭାଗ ତରଫରୁ ସୂଚନା ମିଳିଛି।

# ଉପକୂଳରେ ବଢୁଛି ଅନୁପ୍ରବେଶ ଆଶଙ୍କା

- ୨ ମେରାଇନ ଥାନାରେ କର୍ମଚାରୀ, ଅସ୍ତ୍ରଶସ୍ତ୍ରର ଅଭାବ
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ

ମହାକାଳପଡ଼ା, ୧୨।୮ (ଡି.ଏନ୍.ଏ.)

କେନ୍ଦ୍ର ସରକାର ସମ୍ବିଧାନରୁ ୩୭୦ ଧାରା ଓ ୩୫(ଏ) ଉଚ୍ଛେଦ କରିବା ପରେ ପଡୋଶୀ ରାଷ୍ଟ୍ର ପାକିସ୍ତାନ ବ୍ୟତିବ୍ୟସ୍ତ ହୋଇପଡିଛି। ସ୍ୱାଧୀନତା ଦିବସ ପୂର୍ବରୁ ଭାରତରେ ବଡ଼ ଧରଣର ହିଂସାକାଣ୍ଡ ଘଟାଇବା ପାଇଁ ଯୋଜନା କରୁଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ କେନ୍ଦ୍ରାପଡ଼ା ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳପଥ ଦେଇ ଆତଙ୍କବାଦୀ ଅନୁପ୍ରବେଶ କରିବାର ଆଶଙ୍କା ରହିଛି। ସେଥିପାଇଁ ଉପକୂଳ ବଙ୍ଗୋପସାଗରସ୍ଥିତ ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ ଘାଟି, ପାରାଦୀପ ଶିଳ୍ପାଞ୍ଚଳର ସାର କାରଖାନା, ବନ୍ଦର, ତୈଳ ବିଶୋଧନାଗାର ଓ ଅନ୍ୟାନ୍ୟ ଶିଳ୍ପସଂସ୍ଥା ସମେତ ମହାକାଳପଡା ଅଞ୍ଚଳର ଗହୀରମଥା ନିଷିଦ୍ଧାଞ୍ଚଳ, ହୁକିଟୋଲା, ଲଞ୍ଚଘୋଲା, ଷୋଳମୁହାଣ, ଫଲସ୍‌ପଏଣ୍ଟ (ଲାଇଟ ହାଉସ ବା ବତିଘର) ଏବଂ ଭିତରକନିକା ଅଭୟାରଣ୍ୟ ଅଞ୍ଚଳରେ ହାଇ ଆଲର୍ଟ ଜାରି ହୋଇଛି। ମାତ୍ର ମହାକାଳପଡା ବ୍ଲକ ଅନ୍ତର୍ଗତ ଜମ୍ବୁ ମେରାଇନ ଓ ତନ୍ତିଆପାଳ ମେରାଇନ ଥାନାରେ କର୍ମଚାରୀ ଓ ଅସ୍ତ୍ରଶସ୍ତ୍ରର ଅଭାବଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ୨ ଥାନାରେ ଆବଶ୍ୟକ କର୍ମଚାରୀ, ଅସ୍ତ୍ରଶସ୍ତ୍ର ଓ ଉଚ୍ଚ ପ୍ରଶିକ୍ଷଣ ଦିଆଯାଉ ନ ଥିବାରୁ ସୁରକ୍ଷାକର୍ମୀ ସମୁଦ୍ରରେ ଆତଙ୍କବାଦୀଙ୍କ ମୁକାବିଲା କରିବା କଷ୍ଟକର ବୋଲି ବୁଦ୍ଧିଜୀବୀ ସମରେନ୍ଦ୍ର ମାହାଲି, ସୁବାସ ସ୍ୱାଇଁ ଓ ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ମତବ୍ୟକ୍ତ କରିଛନ୍ତି।

ସୂଚନା ଅନୁସାରେ, ଜମ୍ବୁ ମେରାଇନ ଥାନାରେ ଜଣେ ଇନ୍ସପେକ୍ଟର, ୨ ହାବିଲଦାର, ୮ଜଣ କନଷ୍ଟେବଳ, ୧୧ଜଣ ହୋମଗାର୍ଡ ଓ ୧୪ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଏଥିସହ ଖରିନାସୀସ୍ଥିତ ମତ୍ସ୍ୟଜେଠୀରେ ୨ଟି ହାଇସ୍ପିଡ୍ ପାୱାର ବୋଟ ରହିଛି। ସପ୍ତାହରେ ୨ରୁ ୩ଥର ସମୁଦ୍ର ମଧ୍ୟରେ ପାଟ୍ରୋଲିଂ କରାଯାଉଥିବା ବେଳେ ଏବେ ଏହି ବ୍ୟବସ୍ଥା ଅଧିକ କଡ଼ାକଡ଼ି କରାଯାଇଛି ବୋଲି ସେ କହିଛନ୍ତି। ସେହିପରି ତନ୍ତିଆପାଳ ମେରାଇନ ଥାନାର ଦାୟିତ୍ୱ ମହାକାଳପଡା ଥାନା ଆଇଆଇସି ମନୋରଞ୍ଜନ ଚୌଧୁରୀଙ୍କୁ ଦିଆଯାଇଛି। ଏହି ମେରାଇନ ଥାନାରେ ଜଣେ ଲେଖାଁଏ ଏସ୍‌ଆଇ ଓ ଏଏସ୍‌ଆଇ ଥିବାବେଳେ ୨ଜଣ ହାବିଲଦାର, ୭ ଜଣ କନଷ୍ଟେବଳ ଓ ୧୫ଜଣ ହୋମଗାର୍ଡ ରହିଛନ୍ତି। ତେବେ ଥାନାରେ କୌଣସି ହାଇସ୍ପିଡ୍ ବୋଟ ନ ଥିବା ସୂଚନା ମିଳିଛି। ଏପରିସ୍ଥିତିରେ ଉପକୂଳ ଅଞ୍ଚଳର ସୁରକ୍ଷାକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତାପ୍ରକଟ କରିଛନ୍ତି। ଦିନକୁ ଦିନ ସ୍ଥାନୀୟ ଅଞ୍ଚଳରେ ବାଂଲାଭାଷୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧିପାଉଥିବାରୁ ମେରାଇନ୍ ଥାନକୁ ଅଧିକ କର୍ମଚାରୀ ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।



ମେରାଇନ୍ ପୋଲିସ ସ୍ପିଡ୍ ବୋଟ୍‌ରେ ପାଟ୍ରୋଲିଂ କରୁଛି।



ପାହାଡ଼ ଉପରୁ ପାପନାଶିନୀ ଝରଣା ଦେଇ ଆସୁଥିବା ଜଳସ୍ରୋତ।

## ଗନ୍ଧମାର୍ଦ୍ଦନ ପାହାଡ଼ରେ ପ୍ରବଳ ବର୍ଷା
# ଉଚ୍ଛୁଳିଲା ପାପନାଶିନୀ ଝରଣା

ଖପ୍ରାଖୋଲ,୧୨।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗନ୍ଧମାର୍ଦ୍ଦନ ପାହାଡରେ ପ୍ରବଳ ବର୍ଷା ଯୋଗୁ ହରିଶଙ୍କର ପାପନାଶିନୀ ଝରଣା ଉଚ୍ଛୁଳି ପଡିଥିଲା। ଆଜି ଥିଲା ଶ୍ରାବଣ ମାସର ଶେଷ ସୋମବାର। ସେଥିପାଇଁ ହରିଶଙ୍କରରେ ପ୍ରବଳ ଭିଡ଼ ଲାଗିଥିଲା। ଶ୍ରଦ୍ଧାଳୁମାନଙ୍କ ସହିତ ବୋଲ୍‌ବମ୍ ଯାତ୍ରୀମାନେ ଜଳଲାଗି କରିବାକୁ ଆସିଥିଲେ। ହେଲେ ଅପରାହ୍ନରେ ପ୍ରବଳ ବର୍ଷା ହେବାରୁ ପାହାଡ ଉପରୁ ପ୍ରବଳ ବେଗରେ ପାଣି ତଳୁକୁ ଖସିଥିଲା। ଏଥିଯୋଗୁ ପାପନାଶିନୀ ଝରଣାରେ ଜଳସ୍ରୋତ କ୍ଷୀପ୍ର ହୋଇଥିଲା। ତଳେ ଥିବା ରିଜରଭରରୁ ମଧ୍ୟ ପାଣି ଉଚ୍ଛୁଳି ତଳକୁ ଆସିଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକ ତଥା ଶ୍ରଦ୍ଧାଳୁଙ୍କ ମଧ୍ୟରେ କିଛି ସମୟ ପାଇଁ ଭୟ ସୃଷ୍ଟି ହୋଇଥିଲା।

# ଆରମ୍ଭ ହେଲା ଜନଗଣନା-୨୦୨୧

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ଜନଗଣନା-୨୦୨୧ ପ୍ରକ୍ରିୟା ସୋମବାରଠାରୁ ରାଜଧାନୀ ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୧୫ ନଂ ୱାର୍ଡ, କେନ୍ଦ୍ରାପଡା ଜିଲାର ପଟ୍ଟାମୁଣ୍ଡାଇ ତହସିଲ, ବଲାଙ୍ଗୀରର ପୁଇଁତଳା ତହସିଲରେ ଏହା ଆରମ୍ଭ ହୋଇଛି। ଓଡ଼ିଶା ଜନଗଣନା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଭାକର ବରାଦଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପୂର୍ଣ୍ଣାଙ୍ଗ ଜନଗଣନା ପୂର୍ବରୁ ପ୍ରାକ୍ ଜନଗଣନାରେ ଦେଖାଯାଇଥିବା ତ୍ରୁଟିକୁ ସୁଧାରିବାକୁ ଗୁରୁତ୍ୱ ଦିଆଯାଇଛି।

ଏହି ଜନଗଣନା ପ୍ରକ୍ରିୟା ସାମାନ୍ୟ ବିଳମ୍ବରେ ହୋଇଥିବା କୁହାଯାଇଛି। ତେଣୁ ବର୍ତ୍ତମାନ ଘରଗୁଡିକର ଟ୍ୟାଗିଂ କରାଯାଉଛି। ଏହି କାର୍ଯ୍ୟ ଆସନ୍ତା ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଚାଲିବ। ଜାତୀୟ ଜନଗଣନା ରେଜିଷ୍ଟ୍ରାର(ଏନ୍‌ପିଆର) ନାଗରିକମାନଙ୍କ ତଥ୍ୟ ପ୍ରଦାନରେ ସହାୟକ ହେବ ବୋଲି କୁହାଯାଇଛି। ରାଜଧାନୀର ଜନଗଣନା ଅଧିକାରୀ ପ୍ରସନ୍ନ କୁମାର ରାଉତ କହିଛନ୍ତି ଯେ, ଜନଗଣନାରେ ପରିବାରର ଲୋକସଂଖ୍ୟା, ପରିବାର ମୁଖିଆ, ପାନୀୟଜଳ ସୁବିଧା, କେତେ ପରିମାଣରେ ମୌଳିକ ସୁବିଧା ପାଉଛନ୍ତି ସେ ନେଇ ସର୍ବେକ୍ଷଣ କରାଯାଉଛି। ଜନଗଣନା ପ୍ରି-ଟେଷ୍ଟ ପରେ ପାଇଲଟ ସର୍ଭେ ସେପ୍ଟେମ୍ବର ୧୦ରୁ ୧୯ ମଧ୍ୟରେ ହେବ ବୋଲି ପ୍ରସନ୍ନ କହିଛନ୍ତି। ଆଗାମୀ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଘରୱାରି ଟ୍ୟାଗିଂ ଏବଂ ଏନ୍‌ପିଆର ହେବ। ଟ୍ୟାଗିଂ ପାଇଁ ୩୩ ଏବଂ ଏନ୍‌ପିଆର ପାଇଁ ୧୫ଟି ପ୍ରଶ୍ନ ପଚରାଯିବ। ଏହା ପରେ ୨୦୨୧ ଫେବୃୟାରୀ ୯ରୁ ୨୧ ମଧ୍ୟରେ ପ୍ରକୃତ ଜନଗଣନା ଆରମ୍ଭ ହେବ। ସେହି ପର୍ଯ୍ୟାୟରେ ଲୋକମାନଙ୍କୁ ୨୮ଟି ପ୍ରଶ୍ନ ପଚରାଯିବ। ସାରା ରାଜ୍ୟରେ ଜନଗଣନା ପାଇଁ ପ୍ରାୟ ଏକ ଲକ୍ଷ ଗଣନାକାରୀଙ୍କୁ ନିୟୋଜିତ କରାଯାଇଥିବା ଜଣାପଡିଛି।

# ଲଗାଣ ବର୍ଷାରେ ପୁଣି କଲଭର୍ଟ ଧୋଇଗଲା

- କଳାହାଣ୍ଡି-କନ୍ଧମାଳ ଯୋଗାଯୋଗ ବିଚ୍ଛିନ୍ନ
- ୬ ଘଣ୍ଟା ପରେ ମରାମତି ଶେଷ, ଯାତାୟାତ ସ୍ୱାଭାବିକ

ବାଲିଗୁଡା/କୋଟଗଡ, ୧୨।୮(ଡି.ଏନ.ଏ.)

ଲଗାଣ ବର୍ଷାରେ ବେହାଲ ହୋଇପଡ଼ିଛି କନ୍ଧମାଳ ଜିଲାର ବାଲିଗୁଡା ଅଞ୍ଚଳ। ସୋମବାର ମଧ୍ୟାହ୍ନରେ ବାଲିଗୁଡା ବ୍ଲକ ବାଟାଗୁଡା ୫୯ନଂ. ଜାତୀୟ ରାଜପଥର ଅସ୍ଥାୟୀ କଲଭର୍ଟ ଧୋଇଯାଇଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା ଶହଶହ ଗାଡିମୋଟର। କଳାହାଣ୍ଡି-କନ୍ଧମାଳ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଥିବାବେଳେ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ। ବାଲିଗୁଡା ଏସ୍‌ଡିପିଓ ବିନୀତ ଅଗ୍ରୱାଲ, ବିଡିଓ ନରେଶ ଚନ୍ଦ୍ର ଶବର, ବିଭାଗୀୟ ଯନ୍ତ୍ରୀ ତଥା ଠିକାସଂସ୍ଥାର ଯନ୍ତ୍ରୀ ଓ କର୍ମଚାରୀ ପହଞ୍ଚି ମରାମତି କାମ ଆରମ୍ଭ କରିଥିଲେ। ୬ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସପ୍ତାହକ ମଧ୍ୟରେ ଦୁଇ ଥର ଅସ୍ଥାୟୀ କଲଭର୍ଟ ଧୋଇହେବା ଫଳରେ ଜନସାଧାରଣ ତଥା ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେପଟେ ବାଲିଗୁଡା-ଲଣ୍ଡାଗାଁ-ସୋନପୁର ଓ ବାଲିଗୁଡା-ମୋହନଗିରି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ରାସ୍ତା ଉପରେ ୩ରୁ ୪ଫୁଟ ବର୍ଷାଜଳ ପ୍ରବାହିତ ହେଉଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଲଣ୍ଡାଗାଁ ଅଭିମୁଖେ ୨ଟି ଓଡ୍ରାଫ ଟିମ୍ ବାହାରିଛନ୍ତି। କୋଟଗଡ ବ୍ଲକରେ ମଧ ବର୍ଷା ଲାଗି ରହିଛି। ଫଳରେ ସ୍ଥାନୀୟ ନଦୀରେ ଜଳସ୍ତର ବୃଦ୍ଧି ପାଉଛି। ଏଥିସହ ଝରିଆପଦାଠାରେ ସନ୍ତୋଷ ମହାନ୍ତିଙ୍କ ଦାଣ୍ଡ ଘର କାନ୍ଥ ଭାଙ୍ଗି ଯାଇଥିବା ସହ ବିଭିନ୍ନ ଲୋକଙ୍କ ଘରେ ପାଣି ପଶିଛି।



ଧୋଇଯାଇଥିବା ଅସ୍ଥାୟୀ ରାସ୍ତା।

■ କାନ୍ଥରେ ଲଗାଯାଇଥିବା ପୋଷ୍ଟରରେ ଧମକ
# ୧୦ ଲକ୍ଷ ଦିଅ, ନଚେତ୍ ଗାଡ଼ି ଜାଳିଦେବୁ

ରାଉରକେଲା ଅଫିସ,୧୨।୮

ବିଧାୟକଙ୍କଠାରୁ ୧୦ ଲକ୍ଷ ଟଙ୍କା ଆଣି ଆମକୁ ଦିଅ। ଶୀଘ୍ର ଝିରପାଣି କୁରୁପା ହୋଟେଲରେ ଏହି ଟଙ୍କା ଜମା କର। ଏବେ ଗୋଟିଏ ଗାଡ଼ି ପୋଡ଼ିଛୁ। ଆଗକୁ ଦରକାର ହେଲେ ଶହେ ଗାଡ଼ି ପୋଡ଼ିବୁ। ଏମିତି ଧମକପୂର୍ଣ୍ଣ ବାର୍ତ୍ତା ଥାଇ ପୋଷ୍ଟର ଲଗାଯାଇଛି ଜଗଦା ଖାଦାନଟୋଲା ଅଞ୍ଚଳର ଖଗେନ୍ଦ୍ର ପ୍ରସାଦ ଦାସଙ୍କ ଘର କାନ୍ଥରେ। ସୂଚନାଯୋଗ୍ୟ, ଗତ ରବିବାର ରାତିରେ ଖଗେନ୍ଦ୍ରଙ୍କର ଏକ ଟାଟା ଏସିଇ ପିକ୍‌ଅପ୍‌କୁ ଜାଳି ଦେବାକୁ ଉଦ୍ୟମ କରାଯାଇଥିଲା। ଏ ନେଇ ସେ ଝିରପାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତନାଘନା ଆରମ୍ଭ କରିଛି। ଏହା ପଛରେ କେଉଁ ଗୋଷ୍ଠୀ ବା ବ୍ୟକ୍ତିଙ୍କ ହାତ ରହିଛି ତା'ର ଖୋଳତାଡ଼ ଚାଲିଛି। ଏ ନେଇ ଖଗେନ୍ଦ୍ରଙ୍କୁ ପଚରାଯିବାରୁ ସେ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି। ବିଧାୟକଙ୍କଠାରୁ ଟଙ୍କା ଦାବି କରାଯାଇଥିବାରୁ ପୋଲିସ ଘଟଣାକୁ ଗୁରୁତର ସହ ନେଇଛି। ରାଉରକେଲା ବିଧାୟକ ସାରଦା ନାୟକ କହିଛନ୍ତି, ମୋର କାହା ସହିତ କୌଣସି ଶତ୍ରୁତା ନାହିଁ। ଏଣୁ ବିଚଳିତ ହେବାର ପ୍ରଶ୍ନ ଉଠୁନି। ପୋଲିସ ଉପରେ ମୋର ଆସ୍ଥା ରହିଛି। ଘଟଣାରେ ସମ୍ପୃକ୍ତ ଗୋଷ୍ଠୀ କିମ୍ବା ବ୍ୟକ୍ତି ନିଶ୍ଚିତ ଧରାପଡ଼ିବେ। ଝିରପାଣି ଥାନା ଅଧିକାରୀ କହିଛନ୍ତି, ମାମଲା ରୁଜୁ ହୋଇନି। ତଦନ୍ତ ଜାରି ରହିଛି।

## ଧାନବିଲରେ ବଉଳା କୁମ୍ଭୀର

ରାଜନଗର, ୧୨।୮ (ଡି.ଏନ୍.ଏ.)

ଭିତରକନିକା ଜାତୀୟ ଉଦ୍ୟାନ ଦେଇ ପ୍ରବାହିତ ନଦୀ, ନାଳରୁ ବିଭିନ୍ନ ସମୟରେ କୁମ୍ଭୀରଗୁଡ଼ିକ ଭିତରକନିକା ସଂଲଗ୍ନ ବିଭିନ୍ନ ଚାଷଜମି, ପୋଖରୀକୁ ପଶି ଆସୁଥିବା ଦେଖାଯାଉଛି। ରାଜନଗର ବ୍ଲକ ଅଧୀନ ଚକମନପୁର ଦେଇ ପ୍ରବାହିତ ପାଟଶାଳା ନଦୀରୁ ବାହାରି ପ୍ରାୟ ୧୦ଫୁଟର ଏକ ବଉଳା କୁମ୍ଭୀର ରବିବାରଠାରୁ ନିକଟସ୍ଥ ଏକ ଚାଷଜମିରେ ପ୍ରବେଶ କରିଛି। ଜନୈକ ଚାଷୀ ଉକ୍ତ ଜମିରେ ଚାଷକାର୍ଯ୍ୟ କରୁଥିବା ବେଳେ କୁମ୍ଭୀରକୁ ଦେଖି ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ଗୁପ୍ତି ଫରେଷ୍ଟର ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୯ ବନ କର୍ମଚାରୀ ସୋମବାର ସେଠାରେ ଜାଲ ପକାଇ କୁମ୍ଭୀରକୁ ଧରିବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି।

# ମୁଆଁଘାଟରେ ଭାସିଗଲା ଭୁଟୁଭୁଟି

■ କାଉଡ଼ିଆଙ୍କୁ ଉଦ୍ଧାର କଲା ଓଡ୍ରାଫ ଟିମ୍

ଆରଡ଼ି, ୧୨।୮ (ଡି.ଏନ.ଏ.)

ଭଦ୍ରକ ଜିଲାର ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ି ନିକଟରେ ଥିବା ମୁଆଁଘାଟରେ ସୋମବାର କାଉଡିଆମାନେ ବୈତରଣୀ ନଦୀ ପାର୍ ହେଉଥିବା ବେଳେ ଭୁଟୁଭୁଟି ପ୍ରାୟ ଦେଢ଼ କି.ମି. ଦୂରକୁ ଭାସି ଯାଇଥିଲା। କେନ୍ଦ୍ରାପଡ଼ା ଜିଲା ପାର୍ଶ୍ୱରୁ ଏହି ଭକ୍ତମାନେ ମଣିବାବାଙ୍କୁ ଜଳଲାଗି କରିବାକୁ ରବିବାର ପୀଠକୁ ଆସିଥିଲେ। ସେମାନେ ସୋମବାର ପୂର୍ବାହ୍ନରେ ଫେରୁଥିବା ବେଳେ ନଦୀର କିଛିବାଟ ଗଲା ପରେ ସେହି ଭୁଟୁଭୁଟିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଚାଳକ ନିରୁପାୟ ହୋଇ ମଙ୍ଗ ସଳଖି ଧରି କାଉଡ଼ିଆମାନଙ୍କୁ ନୀରବ ରହିବାକୁ କହିଥିଲେ। ଖବର ପାଇ ଓଡ୍ରାଫ ଟିମ୍ ଅନ୍ୟ ଏକ ଭୁଟୁଭୁଟି ସହାୟତାରେ ସମସ୍ତ କାଉଡ଼ିଆଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ସେହି ଭୁଟୁଭୁଟିରେ ୫୦ରୁ ୬୦ ଜଣ କାଉଡ଼ିଆ ଥିଲେ ବୋଲି ଜଣାପଡ଼ିଛି।



ଭାସି ଯାଇଥିବା ଭୁଟୁଭୁଟିକୁ ଓଡ୍ରାଫ ଟିମ୍ ଉଦ୍ଧାର କରୁଛି।

**କରଞ୍ଜିଆ ବନଖଣ୍ଡ**

# ହାତୀ ଆତଙ୍କ ଥମୁନି

- ଧାନ ଫସଲ ବ୍ୟାପକ ନଷ୍ଟ
- ଗାଁ ପାଖ ଜଙ୍ଗଲ ଛାଡ଼ି ଯାଉନାହାନ୍ତି

ଠାକୁରମୁଣ୍ଡା,୧୨।୮(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ଝାଡଖଣ୍ଡ ହାତୀ ପଲ ଆତଙ୍କ ଖେଳାଇଛନ୍ତି। ହାତୀ ଉପଦ୍ରବ ଚଳାଇ ୩୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ସାରିଲେଣି। ସେମାନେ ପ୍ରତି ରାତିରେ ଜଙ୍ଗଲ ତଳି ଗାଁ ଗଣ୍ଡାରେ ପଶି ବ୍ୟାପକ ଧାନ ଓ ପରିବା ଫସଲ ଉଜାଡି ଦେଉଛନ୍ତି। ସନ୍ଧ୍ୟା ହେଲେ ହାତୀ ପଲ ଜଙ୍ଗଲରୁ ଆସି ଉପଦ୍ରବ କରୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରାତି ବିତାଉଛନ୍ତି। ବନ ବିଭାଗ କର୍ମଚାରୀ ହାତୀ ଘଉଡାଇବାରେ ସଫଳ ହେଉ ନ ଥିବାରୁ ଧନ ଜୀବନ ହାନୀ ଘଟି ଚାଲିଛି। ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଦିଗଧର ପଞ୍ଚାୟତ ନୂଆସାହି ଗାଁ ଆମ୍ବନାଳୀଠାରେ କିଛି ଦିନ ହେଲା ଏହି ହାତୀପଲଙ୍କ ଉପଦ୍ରବ ଯୋଗୁ ବ୍ୟାପକ ଫସଲହାନି ହୋଇଛି। ହାତୀପଲ ଗ୍ରାମ ନିକଟ ଜଙ୍ଗଲ ଛାଡ଼ି ଯାଉ ନ ଥିବାରୁ ଚାଷୀ ମାନେ ଚିନ୍ତାରେ ପଡିଛନ୍ତି। ଦିଗଧର ଗ୍ରାମର ରାମଦୁ ହାସଁଦା, ଈଶ୍ୱର ମାରାଣ୍ଡି, ଗଣେଶ ସୋରେନ, ରାମଚନ୍ଦ୍ର ହାସଁଦା ଇନ୍ଦ୍ରମଣି ସୋରେନଙ୍କ ଫସଲ ହାତୀପଲ ଉଜାଡି ଦେଇଛନ୍ତି। ହାତୀ ପଲ ଘଉଡାଇବା ସହ ଚାଷୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି ହେଉଛି।



ହାତୀ ଖୋଜରେ ନଷ୍ଟ ହୋଇଥିବା ଫସଲ।

## ଆକ୍ରମଣରେ ଜଣେ ଗୁରୁତର

ବାଙ୍ଗିରିପୋଷି,୧୨।୮(ଡି.ଏନ୍.ଏ.)- ବାଙ୍ଗିରିପୋଷି ବନାଞ୍ଚଳ ଅନ୍ତର୍ଗତ ଆମ୍ବଡିହା ଗ୍ରାମର ସମାୟ ଟୁଡୁଙ୍କ ପୁଅ ସୁନାରାମ ଟୁଡୁ ସୋମବାର ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ସକାଳେ ଶୌଚ ପାଇଁ ଯାଇଥିବା ବେଳେ ଏକ ହାତୀ ତାଙ୍କୁ ଶୁଣ୍ଢରେ କଚାଡି ଦେଇଥିଲା ବାଙ୍ଗିରିପୋଷି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ବାଙ୍ଗିରିପୋଷି ରେଞ୍ଜ ଅଧିକାରୀ ତପନ କୁମାର ଦାସ ପିଆରଏମ ମେଡିକାଲରେ ଆହତଙ୍କୁ ଭେଟି ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ଅଞ୍ଚଳରେ ହାତୀ ଉପଦ୍ରବ ବଢି ଚାଲିଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।



■ ପୋଲିସର କାର୍ଯ୍ୟକୁ ନେଇ ସନ୍ଦେହରେ ସାହିବାସୀ
# ଯୁବକଙ୍କ ସହ ୨ ଏସ୍‌ଆଇ ରାତି ସାରା ଅଟକ

- ଆଇଆଇସିଙ୍କ ବୁଝାଶୁଝା ପରେ ସକାଳେ ମୁକୁଳିଲେ
- ପୋଲିସ ଜିମା ପରେ ଥାନାରେ ଯୁବକ ଅଟକ
- ସୂଚନାଦାତା ବୋଲି କହିଲା ପୋଲିସ

ପରଜଙ୍ଗ, ୧୨।୮(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଅଧୀନ ଖାଲପାଳ ଡାଇ ସାହିରେ ଚୋରି ବଢୁଥିବାବେଳେ ପୋଲିସର କାର୍ଯ୍ୟକଳାପକୁ ନେଇ ସନ୍ଦେହରେ ପଡିଛନ୍ତି ଲୋକେ। ରବିବାର ବିଳମ୍ବିତ ରାତିରେ ଘଟିଥିବା ଏକ ଘଟଣା ସାହିବାସୀଙ୍କୁ ଏପରି ସନ୍ଦେହରେ ପକାଇଥିଲା ଯେ ସେମାନେ ବାହାର ଅଞ୍ଚଳର ଜଣେ ଯୁବକଙ୍କ ସହ ଥାନାର ୨ଜଣ ଏସ୍‌ଆଇଙ୍କୁ ରାତି ସାରା ଅଟକ ରଖିଥିଲେ। ଖବରପାଇ ସୋମବାର ସକାଳେ ଥାନା ଅଧିକାରୀ ଆନନ୍ଦ ଡୁଙ୍ଗଡୁଙ୍ଗ ପହଞ୍ଚି ବୁଝାଶୁଝା କରିବା ସହ ଯୁବକ ଜଣକ ପୋଲିସର ସୂଚନାଦାତା ବୋଲି ପରିଚୟ ଦେବା ପରେ ସାହିବାସୀ ଅଟକଙ୍କୁ ଛାଡିଦେଇଥିଲେ।

ସାହିବାସୀଙ୍କ କହିବା ଅନୁଯାୟୀ, ୩ ଦିନ ତଳେ ନର ବେହେରାଙ୍କ ଘରୁ ଚୋରି ହୋଇଥିଲା। ଏହାପରେ ଚୋରି ରୋକିବାକୁ ସାହିର ଲୋକମାନେ ରାତିରେ ସଜାଗ ରହୁଥିଲେ। ରବିବାର ରାତି ପ୍ରାୟ ୧୨ଟାରେ ଏକ କାର୍ ସାହି ଆଡ଼େ ଆସୁଥିବା ବେଳେ ଲୋକମାନଙ୍କୁ ଦେଖି ପଛକୁ ଫେରି ଅନ୍ୟଆଡ଼େ ପଳାଇଥିଲା। ଏହି ସମୟରେ ବାହାର ଅଞ୍ଚଳର ଜଣେ ଯୁବକ ଏକ ବାଇକ୍‌ରେ ସେଠାରେ ପହଞ୍ଚିଥିଲେ। ଲୋକେ ତାଙ୍କୁ ଘେରିଯାଇ ପଚରାଉଚରା କରିବାରୁ ସେ ନିଜକୁ ସାଦା ପୋଷାକରେ ଥିବା ପୋଲିସ ବୋଲି କହିଥିଲେ। ଏପରି କି ଫୋନ କରି ପୋଲିସକୁ ଡାକୁଛି କହି ଜଣେ ଅଧିକାରୀଙ୍କୁ ଫୋନ କରିଥିଲେ। ଫୋନ ଯିବାର ମାତ୍ର କିଛି ସମୟ ମଧ୍ୟରେ ଥାନାର ଦୁଇ ଏସ୍‌ଆଇ ଜନ୍ମେଜୟ ପାତ୍ର ଓ ବ୍ରଜକିଶୋର ମଲ୍ଲିକ ସେଠାରେ ପହଞ୍ଚିବା ପରେ ଲୋକଙ୍କ ସନ୍ଦେହ ବଢ଼ିଯାଇଥିଲା। ଥାନାର ଦୂରତା ୧୦ କିମିରୁ ଅଧିକ ହୋଇଥିବାବେଳେ ଏତେ ଶୀଘ୍ର ପୋଲିସ କିପରି ପହଞ୍ଚିଲା ତାହାକୁ ନେଇ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହାଛଡ଼ା ପୋଲିସ ପରିଚୟ ଦେଉଥିବା ଯୁବକ ଜଣକ ପୂର୍ବରୁ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତି ଥିବା ଆଲୋଚନା ହେଉଥିବାରୁ ଲୋକଙ୍କ ସନ୍ଦେହ ଅଧିକ ବଢ଼ିଯାଇଥିଲା। ଏପରି ଜଣେ ଯୁବକଙ୍କ ସହ ପୋଲିସର କି ସମ୍ପର୍କ ରହିଛି ସେ ନେଇ ଗ୍ରାମବାସୀ ପ୍ରଶ୍ନ କରିବା ସହ ସେମାନଙ୍କୁ ଅଟକ ରଖିଥିଲେ। ସକାଳ ପ୍ରାୟ ୭ଟାରେ ଥାନା ଅଧିକାରୀଙ୍କ ସମେତ ଏସ୍‌ଆଇ ସମରଜିତ ନାୟକ, ସରାଙ୍ଗ ଫାଣ୍ଡି ଅଧିକାରୀ ଦାମୋଦର ସାହୁ ପ୍ରମୁଖ ପହଞ୍ଚି ସାହିବାସୀଙ୍କ ସହ ଆଲୋଚନା କରି ୨ ଅଧିକାରୀଙ୍କୁ ମୁକୁଳାଇଥିଲେ। ଏଥିସହ ଯୁବକଙ୍କୁ ଲୋକେ ପୋଲିସ ଜିମା ଦେଇଥିଲେ।


ଆଦୌ ଅଭିନେତ୍ରୀ ହେବାକୁ ଚାହିଁ ନ ଥିବା କୃତି ଖର୍ବନ୍ଦା ବର୍ତ୍ତମାନ ଅପ୍‌କମିଂ ଫିଲ୍ମ 'ହାଉସଫୁଲ୍ ୪', 'ପାଗଳପନ୍ତି', 'ଚେହରେ' ଏବଂ ତାମିଲ ଫିଲ୍ମ 'ଭାନ୍' ପାଇଁ ବ୍ୟସ୍ତ ଅଛନ୍ତି।



# ବିଶ୍ୱର ପ୍ରସିଦ୍ଧ ବାମହାତୀ


ଆଜି ଅନ୍ତର୍ଜାତୀୟ ବାମହାତୀ ଦିବସ । ଏହି ଅବସରରେ ବାମହାତୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରାଯାଏ। ୧୯୭୬ରେ ଆମେରିକାର ଡିନ୍ ଆର୍. କ୍ୟାମ୍ପବେଲ୍‌ଙ୍କ ଦ୍ୱାରା ଲେଫ୍ଟହ୍ୟାଣ୍ଡର୍ସ ଇଣ୍ଟରନ୍ୟାଶନାଲ ଡେ' ପ୍ରଥମକରି ପାଳନ କରାଯାଇଥିଲା । ବିଶ୍ୱର ବାମହାତୀ ଲୋକଙ୍କ ସଂଖ୍ୟା ୭ରୁ ୧୦ପ୍ରତିଶତ । ପୃଥିବୀରେ ପାଖାପାଖି ୭୦କୋଟି ୮୦ଲକ୍ଷ ବାମହାତୀ ଅଛନ୍ତି । ମହିଳା ବାମହାତୀଙ୍କ ଅପେକ୍ଷା ପୁରୁଷ ବାମହାତୀଙ୍କ ସଂଖ୍ୟା ଅଧିକ । କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକଙ୍କ ଦକ୍ଷତା ବିଶ୍ୱକୁ ପ୍ରଭାବିତ କରିପାରିଛି । ଆରିଷ୍ଟଟଲଙ୍କଠାରୁ ଆରମ୍ଭ କରି ଲିଓନାର୍ଡୋ ଦା ଭିନ୍‌ସ, ନେପୋଲିଅନ ବୋନାପାର୍ଟ ଏବଂ ଓବାମାଙ୍କ ଭଳି ଅନେକ ପ୍ରଭାବସମ୍ପନ୍ନ ବାମହାତୀ ବ୍ୟକ୍ତି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି ।

## ଅମିତାଭ ବଚନ




ଭାରତର ହିନ୍ଦୀ ଚଳଚ୍ଚିତ୍ର ଜଗତରେ ବିଗ୍ ବି ଭାବେ ଜଣାଶୁଣା ଅମିତାଭ ବଚ୍ଚନ ବି ଜଣେ ବାମହାତୀ। ଏହା ତାଙ୍କ ଅଭିନୟ ସମୟରେ ବେଶ୍ ଭଲ ଭାବେ ବାରିହୁଏ। ଏବେ ଯାଏ ଏହି ସୁପରଷ୍ଟାର ଜଣକ ପାଖରେ ବୟସ ହାର ମାନିଛି। ୭୬ବର୍ଷ ବୟସରେ ମଧ୍ୟ ସେ ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ଭେଟି ଦେଇଚାଲିଛନ୍ତି।

## ରଜନିକାନ୍ତ



ଜଣେ ବସ୍ କଣ୍ଡକ୍ଟରରୁ ସୁପରଷ୍ଟାର ବନିଥିବା ରଜନିକାନ୍ତ ଏବେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ଯୋଡିକୁ କୃଷ୍ଣ ଓ ଅର୍ଜୁନ କହି ଚର୍ଚ୍ଚାରେ ରହିଛନ୍ତି। ରଜନିକାନ୍ତ ଦୀର୍ଘ ବର୍ଷ ଧରି ହିନ୍ଦୀ, ତେଲୁଗୁ ଚଳଚ୍ଚିତ୍ରରେ ନିଜର ପ୍ରଭାବ ଜାହିର କରିଆସିଛନ୍ତି।

## ରତନ ଟାଟା



ବିଶିଷ୍ଟ ଶିଳ୍ପପତି ତଥା ଟାଟାଗ୍ରୁପ୍‌ର ଅଧ୍ୟକ୍ଷ ରତନ ଟାଟା ବି ଜଣେ ବାମହାତୀ। ସେ ଜଣେ ସଫଳ ଶିଳ୍ପପତି ଭାବେ ଭାରତକୁ ଶିଳ୍ପକ୍ଷେତ୍ରରେ ଆଗକୁ ନେବାରେ ପ୍ରମୁଖ ଭୂମିକା ନେଇଛନ୍ତି। ୮୧ ବର୍ଷୀୟ ଏହି ଶିଳ୍ପପତିଙ୍କ ସରଳ ଜୀବନଚର୍ଯ୍ୟା ସମସ୍ତଙ୍କୁ ପ୍ରଭାବିତ କରେ।

## ବାରାକ ଓବାମା



ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଜଣେ ବାମହାତୀ। ସେ ୨୦୦୯ରୁ ୨୦୧୭ ଯାଏ ଆମେରିକାର ରାଷ୍ଟ୍ରପତି ରହିଥିଲେ। ୨୦୦୯ରେ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବିଲ୍ ଗେଟ୍‌ସ



ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ୍ ଗେଟ୍‌ସ ବିଶ୍ୱର ଶ୍ରେଷ୍ଠ ଦଶଜଣ ବିଲିଅନେୟାରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ସମ୍ପତ୍ତିର ମୂଲ୍ୟ ୧୦୩.୭ ବିଲିଅନ ଡଲାର। ସେ ବି ଜଣେ ବାମହାତୀ ବ୍ୟକ୍ତିତ୍ୱ।

## ମାର୍କ ଜୁକରବର୍ଗ



୧୯୮୪ ମେ ୧୪ରେ ଜନ୍ମିତ ଜୁକର ବର୍ଗ ସୋସିଆଲ ମିଡିଆ ଫେସ୍‌ବୁକ୍‌ର ସହ ସଂସ୍ଥାପକ। ସେ ମଧ୍ୟ ସୋଲାର ସେଲ୍ ସ୍ପେସ୍‌କ୍ରାଫ୍ଟ ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ ପ୍ରତିଷ୍ଠା କରିଛନ୍ତି। ଏବେ ତାଙ୍କ ସମ୍ପତ୍ତିର ମୂଲ୍ୟ ୬୬.୪ ବିଲିଅନ ଡଲାର। ସେ ବିଶ୍ୱ ଧନୀ ତାଲିକାରେ ୬ଷ୍ଠ ସ୍ଥାନରେ ରହିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ସେ ମାତ୍ର ୧ ଡଲାର ଦରମା ନିଅନ୍ତି।

## ଓପ୍ରା ୱିନଫ୍ରେ



ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରି ଓପ୍ରା ତାଙ୍କ ଜୀବନରେ ବହୁତ ଆଗକୁ ଯାଇପାରିଛନ୍ତି। ଅଭିନେତ୍ରୀ ତଥା ନିର୍ମାତା ଭାବେ ସେ ଜଣାଶୁଣା। ଶିକାଗୋରୁ ପ୍ରସାରିତ ଦି ଓପ୍ରା ୱିନଫ୍ରେ ଟକ୍ ଶୋ ଲାଗି ସେ ପ୍ରସିଦ୍ଧି ଲାଭ କରିଛନ୍ତି।

## ସିକ୍ସର କିଙ୍ଗ୍ ଯୁବରାଜ ସିଂ



ଭାରତର ଶ୍ରେଷ୍ଠ ବାମହାତୀ ବ୍ୟାଟ୍ସମ୍ୟାନଙ୍କ ସମ୍ପର୍କରେ ଆଲୋଚନା କଲେ ଯୁବରାଜ ସିଂଙ୍କ ନାମ ନିଶ୍ଚିତ ଆସିବ। ୧୯୮୧ ଡିସେମ୍ବର ୧୨ ତାରିଖରେ ପଞ୍ଜାବର ରାଜଧାନୀ ଚଣ୍ଡିଗଡ଼ଠାରେ ଜନ୍ମିତ ଏହି ଅଲରାଉଣ୍ଡର କ୍ରିକେଟ ଇତିହାସର ଅନ୍ୟତମ ସଫଳ କ୍ରିକେଟର। ସେ ୨୦୦୭ ଆଇସିସି ଟି୨୦ ବିଶ୍ୱକପ୍ ଓ ୨୦୧୧ ଆଇସିସି ବିଶ୍ୱକପ୍ ଚାମ୍ପିୟନ ଦଳର ସଦସ୍ୟ ଥିଲେ। ୨୦୦୭ରେ ଇଂଲଣ୍ଡ ପେସର ଷ୍ଟୁଆର୍ଟ ବ୍ରଡଙ୍କ ଓଭରରେ ୬ ଛକା ମାରି ସିକ୍ସର କିଙ୍ଗ୍ ଭାବେ ପରିଚିତ ହୋଇଥିଲେ ଯୁବରାଜ। ୨୦୦୦ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଯୁବି ଦେଶ ପାଇଁ ୩୦୪ ଦିନିକିଆ ମ୍ୟାଚ୍ ଖେଳି ୧୪ ଶତକ ସହ ମୋଟ ୮୭୦୧ ରନ୍ କରିଥିଲେ।

## ସୌରଭ ଗାଙ୍ଗୁଲି



ଦେଶର ଅନ୍ୟତମ ସଫଳତମ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ଦେଶର ସର୍ବକାଳୀନ ଶ୍ରେଷ୍ଠ ବାମହାତୀ ବ୍ୟାଟ୍ସମ୍ୟାନ ବିବେଚନା କରାଯାଏ। ୧୯୭୨ ଜୁଲାଇ ୮ ତାରିଖରେ କୋଲକାତାରେ ଜନ୍ମିତ ଗାଙ୍ଗୁଲି ୧୯୯୬ ଇଂଲଣ୍ଡ ବିପକ୍ଷରେ ପଦାର୍ପଣ କରିଥିଲେ। ସ୍ପିନରଙ୍କୁ ଲଙ୍ଗ ଅନ୍ ଅଞ୍ଚଳରେ ଛକା ଓ ପେସରଙ୍କୁ କଭର ଡ୍ରାଇଭ ତାଙ୍କ ବ୍ୟାଟିଂର ଟ୍ରେଡ୍‌ମାର୍କ ଶଟ୍ ଥିଲା। ତାଙ୍କ ନାମରେ ୩୮ ଅନ୍ତର୍ଜାତୀୟ ଶତକ ରହିଛି। ଦିନିକିଆ ଫର୍ମାଟରେ ସେ ୩୧୧ ମ୍ୟାଚ୍ ଖେଳି ୪୧.୦୨ ଆଭରେଜରେ ୨୨ ଶତକ ସହ ୧୧,୩୬୩ ରନ୍ କରିଥିଲେ। ସେହିଭଳି ୧୧୩ ଟେଷ୍ଟ ମ୍ୟାଚ୍‌ରେ ୧୬ ଶତକ ସହାୟତାରେ ୭,୨୧୨ ରନ୍ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଢ଼େଇ ଥଣ୍ଟରେ କୁଣ;**
**ବଡ଼ଘର ଦେଖି ଦେଇଛ ବାପା ହେ !**
**ପେଯକୁ ନ ଥାଏ ଲୁଣ ।**

ଭଲ ଘର ଭଲ ବର ଦେଖି ପ୍ରତ୍ୟେକ ପିତାମାତା ଝିଅକୁ ବିବାହ କରାଇଥାନ୍ତି। ତେବେ ଶାଶୁଘରର ଆର୍ଥିକ ଅବସ୍ଥା ଯଦି ସ୍ୱଚ୍ଛଳ ହୋଇ ନ ଥାଏ ତାହେଲେ ବିଚାରି ଝିଅ ବଡ଼ ଦୁଃଖକଷ୍ଟ ପାଇଥାଏ। ବାହାଘର ପୂର୍ବରୁ ଭଲ ଘର, ଭଲ ଚଳଣି ଭାବି ବିଭା ହୋଇଥିବା ଝିଅ ଶାଶୁଘରର ପ୍ରକୃତ ଦୁରବସ୍ଥା ଦେଖି ଦୁଃଖରେ ମ୍ରିୟମାଣ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଳକୁ ବାଡ଼କୁ ଅନେଇ ବକେ;**
**ନାନା କୁବଚନ ମୁଖରେ ଭାକେ ।**

ଯେଉଁମାନେ କଳିହା ପ୍ରକୃତିର ହୋଇଥାନ୍ତି ସେମାନେ ବିନା କାରଣରେ କଳିଝଗଡ଼ା ଲଗାଇଥାନ୍ତି। କଣ୍ଟା ବାଡ଼ରେ ଲୁଗା ପକାଇ କଳି କରିବା ସେମାନଙ୍କ ବଦ ପ୍ରକୃତି ହୋଇଥାଏ। ମୁହଁ ଉପରେ ସିଧା ନ କହି ଦେଖେଇ ଶୁଣେଇ କୁତ୍ସାରଟନା ତାଙ୍କ ମନ୍ଦ ଅଭ୍ୟାସ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଇତିହାସର ଆଇନାରେ | ଅଗଷ୍ଟ ୧୩ର ପ୍ରମୁଖ ଘଟଣା

୧୯୭୮ ଅଗଷ୍ଟ ୧୩ରେ ଲେବାନନ୍ ଗୃହଯୁଦ୍ଧ ବେଳେ ବେରୁଟରେ ପାଲେଷ୍ଟାଇନ୍‌ର ୧୫୦ ନାଗରିକଙ୍କୁ ହତ୍ୟା କରାଯାଇଥିଲା। ଲେବାନନ୍‌ରେ ଗୃହଯୁଦ୍ଧ ୧୯୭୫ରେ ଆରମ୍ଭ ହୋଇ ୧୯୯୦ରେ ଶେଷ ହୋଇଥିଲା। ଏହି ଗୃହଯୁଦ୍ଧରେ ପାଖାପାଖି ୧,୨୦,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ଦେଶ ମଧ୍ୟରେ ୭୬,୦୦୦ ଲୋକ ବିସ୍ଥାପିତ ହୋଇଥିଲେ। ୧୦ଲକ୍ଷ ଲୋକ ଗଣ ପଳାୟନ କରିଥିଲେ।

୨୦୧୫ ଅଗଷ୍ଟ ୧୩ରେ ବାଗ୍‌ଦାଦ୍‌ରେ ଏକ ଟ୍ରକ୍‌ବୋମା ବିସ୍ଫୋରଣ ଯୋଗୁ ୭୬ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୨୧୨ଜଣ ଆହତ ହୋଇଥିଲେ। ଶିଆ ମୁସଲମାନ ଅଧୁଷିତ ସାଡର ସିଟିର ଏକ ଫୁଡ୍ ମାର୍କେଟକୁ ଲକ୍ଷ୍ୟକରି ବିସ୍ଫୋରଣ ଘଟାଯାଇଥିଲା। ଇରାକ୍‌ର ରାଜଧାନୀ ବାଗ୍‌ଦାଦ୍ ଟାଇଗ୍ରିସ୍ ନଦୀକୂଳରେ ଅବସ୍ଥିତ। ଅଷ୍ଟମ ଶତାବ୍ଦୀରେ ଉକ୍ତ ନଗର ପ୍ରତିଷ୍ଠା କରାଯାଇଥିଲା।

## ୨୦ରେ ଚନ୍ଦ୍ରକକ୍ଷରେ ପହଞ୍ଚିବ ଚନ୍ଦ୍ରୟାନ-୨

**ଅହମଦାବାଦ:**

ଭାରତର ଦ୍ୱିତୀୟ ମୁନ୍ ମିଶନ୍ 'ଚନ୍ଦ୍ରୟାନ-୨' ଅଗଷ୍ଟ ୨୦ରେ ଚନ୍ଦ୍ର କକ୍ଷରେ ପହଞ୍ଚିବା ଆଶା କରାଯାଉଛି। ଏହା ସେପ୍ଟେମ୍ବର ୭ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଅଧ୍ୟକ୍ଷ କେ. ଶିବନ୍ ପ୍ରକାଶ କରିଛନ୍ତି। ଏଠାରେ ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ ଡକ୍ଟର ବିକ୍ରମ ସରାଭାଇଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବରେ ଯୋଗଦେଇ ଶିବନ୍ ଏହା କହିଛନ୍ତି। ୩,୮୫୦ କିଲୋଗ୍ରାମ ବିଶିଷ୍ଟ ଚନ୍ଦ୍ରୟାନ-୨ ହେଉଛି ୩ ମୋଡ୍ୟୁଲ ବିଶିଷ୍ଟ ସ୍ପେସ୍‌କ୍ରାଫ୍ଟ। ଏଗୁଡିକ ଅର୍ବିଟର, ଲ୍ୟାଣ୍ଡର ଏବଂ ରୋଭର। ଏହାକୁ ଜୁଲାଇ ୨୨ରେ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ଲଞ୍ଚ୍ କରାଯାଇଥିଲା। ଅଗଷ୍ଟ ୧୪ ରାତି ୩ଟା ୩୦ରେ ଚନ୍ଦ୍ରୟାନ-୨ ପୃଥିବୀର କକ୍ଷପଥ ଛାଡି ଚନ୍ଦ୍ର ଅଭିମୁଖେ ଯାତ୍ରା କରିବ। ଅଗଷ୍ଟ ୨୦ରେ ଏହା ଚନ୍ଦ୍ରର କକ୍ଷପଥରେ ପହଞ୍ଚିବ। ଏହା ଚନ୍ଦ୍ରକୁ ପରିକ୍ରମା କରି ସେପ୍ଟେମ୍ବର ୭ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ। ଉକ୍ତ ଯାନର ସମସ୍ତ ସିଷ୍ଟମ ଭଲଭାବେ କାର୍ଯ୍ୟ କରୁଥିବା ଶିବନ୍ କହିଛନ୍ତି।

## ବ୍ଲାକ୍‌ହୋଲ ଅନୁସନ୍ଧାନ କରିବ ଇସ୍ରାଏଲ୍



**ଜେରୁଜେଲମ:**

୨୦୨୩ରେ ଏକ ସ୍ୱତନ୍ତ୍ର ସାଟେଲାଇଟ୍ ମହାକାଶକୁ ଲଞ୍ଚ୍ କରିବାକୁ ଇସ୍ରାଏଲ୍ ଯୋଜନା କରିଛି। ମହାଜାଗତିକ ବିସ୍ଫୋରଣକୁ ରେକର୍ଡ କରିବା ସହିତ ବ୍ଲାକହୋଲ୍ ସମ୍ପର୍କରେ ଅଧିକ ଅନୁସନ୍ଧାନ କରାଯିବ ବୋଲି ୱିଜମାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଡବ୍ଲୁଆଇଏସ୍) ପକ୍ଷରୁ କୁହାଯାଇଛି। ୧୬୦ କିଲୋଗ୍ରାମ ବିଶିଷ୍ଟ ଏହି ସ୍ୱତନ୍ତ୍ର ସାଟେଲାଇଟର ନାମ (ଅଲ୍‌ଟ୍ରାସାଟ୍)। ଇସ୍ରାଏଲ୍ ଏରୋସ୍ପେସ୍ ଇଣ୍ଡଷ୍ଟ୍ରିଜ୍ ଏବଂ ଇସ୍ରାଏଲି ଡିଫେନ୍ସ ଇଲେକ୍‌ଟ୍ରୋନିକ୍ସ କମ୍ପାନି ଏଲବିଟ୍ ସିଷ୍ଟମ୍ସ ଦ୍ୱାରା ୪ବର୍ଷ ମଧ୍ୟରେ ଏହା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ।

## 'ଡ୍ରିମ୍ ଗର୍ଲ'ର ଟ୍ରେଲର ଲଞ୍ଚ୍



ଆୟୁଷ୍ମାନ ଖୁରାନା

**ମୁମ୍ବାଇ:** ଏକ୍‌ତା କପୁରଙ୍କ ପ୍ରଯୋଜନାରେ ନିର୍ମାଣ ହେଉଥିବା ରୋମାଣ୍ଟିକ୍ କମେଡି ଫିଲ୍ମ 'ଡ୍ରିମ୍ ଗର୍ଲ'ରେ ଅଭିନୟ କରୁଛନ୍ତି ଆୟୁଷ୍ମାନ ଖୁରାନା। ସେ ଜଣେ ଜାତୀୟ ପୁରସ୍କାର ବିଜୟୀ କଳାକାର ହୋଇଥିବାରୁ ତାଙ୍କୁ ପ୍ରଶଂସା କରିବାରେ ଏକ୍‌ତା ଶତମୁଖ। ଉକ୍ତ ଫିଲ୍ମର ଟ୍ରେଲର ଲଞ୍ଚ୍ ବେଳେ ଏକ୍‌ତା କହିଛନ୍ତି, ସ୍କ୍ରିପ୍ଟ ଶୁଣିବା ପରେ ଅନୁଭବ କଲି ଯେ, ମୁଖ୍ୟ ଚରିତ୍ର ପାଇଁ ଆୟୁଷ୍ମାନ୍ ହିଁ ଉପଯୁକ୍ତ। ନିର୍ଦ୍ଦେଶକ ରାଜ ଶାଣ୍ଡିଲ୍ୟଙ୍କୁ ମଧ୍ୟ ସ୍କ୍ରିପ୍ଟ ଶୁଣାଇ ଦିଆଯାଇଛି। ଆୟୁଷ୍ମାନ୍ ତାଙ୍କର ମହିଳାଙ୍କ ଭଳି ସ୍ୱର ପରିବର୍ତ୍ତନ ପାଇଁ ଉପଯୁକ୍ତ ବୋଲି ନିର୍ଦ୍ଦେଶକ ମନେକରୁଛନ୍ତି। ଏକ୍‌ତାଙ୍କ ବାଲାଜି ମୋସନ୍ ପିକ୍ଚର୍ସର ସହ ପ୍ରଯୋଜନାରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମରେ ଆୟୁଷ୍ମାନ ଏକ ପୁରୁଷ ଚରିତ୍ରରେ ଅଭିନୟ କରିଲେ ବି ମହିଳାଙ୍କ କଣ୍ଠସ୍ୱରରେ କଥା କହିବା ସହିତ ତାଙ୍କର ଆକ୍ସନ ମଧ୍ୟ ହାସ୍ୟୋଦ୍ଦୀପକ ହେବ।

ଆୟୁଷ୍ମାନ ମଧ୍ୟ ଜଣେ ମହିଳା ସ୍ୱରରେ କହିବାରେ କି ପ୍ରକାର ଅନୁଭୂତି ହାସଲ କରୁଛନ୍ତି ତାହାକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। 'ଡ୍ରିମ୍ ଗର୍ଲ'ର ନିର୍ଦ୍ଦେଶନା ଦେଉଛନ୍ତି ରାଜ ଶାଣ୍ଡିଲ୍ୟ। ଏଥିରେ ନୁଶରତ ଭାରୁଚା, ମନଜୋତ ସିଂ ଏବଂ ଅଭିଷେକ ବାନାର୍ଜୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହି ରୋମାଣ୍ଟିକ୍-କମେଡି ଫିଲ୍ମ ସେପ୍ଟେମ୍ବର୧୩ରେ ରିଲିଜ ହେବାର ଅଛି।


OFFICE OF THE DISTRICT PROJECT COORDINATOR, SAMAGRA SHIKSHA, MALKANGIRI

ସର୍ବ ଶିକ୍ଷା ଅଭିଯାନ

Letter No.2507/19 Date: 10.08.19

**NOTIFICATION**

It is brought to the notice of all concerned that the Provisional Merit and Rejected list of the candidates applied for the post of Warden, Accountant, Part Time Teacher (English), Part Time Teacher (Math/Science), Part Time Teacher (Sanskrit), Peon-cum-Attendant, Head Cook, Asst. Cook and Watchman for Newly opened Residential School at Niladrinagar UP School of Malkangiri District in response to advertisement No.419, dated.21.01.2019 is hereby published and the details can be downloaded from the website i.e. www.malkangiri.nic.in.

*By the order of Collector-cum-Chairman*
Sd./-
District Project Coordinator
Samagra Shiksha, Malkangiri

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁମାଟଏଡ୍ ଆର୍ଥାଇଟିସ୍, ଓଷ୍ଟିଓ ଆର୍ଥାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.୧ କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କସିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ
ପର୍ସନାଲ, ବିଜନେସ୍,
କୃଷି, ବ୍ୟବସାୟ,
ସମ୍ପତି, କୁକୁଡାପାଳନ,
ଇଟାଭାଟି, ଆଧାର
କାର୍ଡ, ରାସନ କାର୍ଡ,
ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କସିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କସିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

See Color Display Classified on every Tuesday & Friday

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡ଼ା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା
୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ,
ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ନାଭାଲ ଟାଟା ହକି ଏକାଡେମୀ ଉଦ୍‌ଘାଟନୀ ଉତ୍ସବ, କଳିଙ୍ଗ ଷ୍ଟାଡିୟମ, ଅପରାହ୍ନ ୫ଟା।

**ପୁରୀ**
- ମିଳିତ ଝୁଲଣ ଉତ୍ସବ, ମାତା ମଠ, ବଳିଆପଣ୍ଡା, ଗୌର ବିହାର, ଅପରାହ୍ନ ୩ଟା।
- ୧୨ତମ ଜାତୀୟ ନାଟକ ମହୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ଅଭିଯୋଗ ଶୁଣାଣି ଶିବିର, ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

## ବଜ୍ରପାତରେ ଚାଷୀ ମୃତ

**ପୁରୀ ଅଫିସ, ୧୨।୮:** ପୁରୀ ସହରରେ ସୋମବାର ବର୍ଷା ଲାଗିରହିଥିବାବେଳେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ସଦର ବାଲିଗୁଆଳି ଅଞ୍ଚଳର କେଶବ ପ୍ରଧାନ। ସୂଚନା ଅନୁଯାୟୀ, ପୂର୍ବାହ୍ନରେ କେଶବ ବିଲରେ କାମ କରୁଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ସେଠାରେ ଥିବା ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭକ୍ତଙ୍କ ପକେଟ ମାର୍: ଜଣେ ଗିରଫ

**ପୁରୀ ଅଫିସ, ୧୨।୮:** ଶ୍ରୀମନ୍ଦିର ପରିସରରେ ସୋମବାର ଜଣେ ଭକ୍ତଙ୍କଠାରୁ ପକେଟ ମାର୍ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ତଳନୂଆସାହିର ପିଙ୍କୁ ବେହେରା(୨୫)ଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶର ଅଭିଷେକ ପାଠକ ପରିବାର ସହ ଶ୍ରୀମନ୍ଦିର ବାହାର କାଠ ପାଖରେ ଠାକୁର ଦର୍ଶନ କରୁଥିଲେ। ଏହି ସମୟରେ ପିଙ୍କୁ ତାଙ୍କ ପକେଟରୁ ମନିପର୍ସ ଚୋରାଇ ନେଇଥିଲେ। ଏ ନେଇ ଅଭିଷେକ ସିଂହଦ୍ୱାର ଥାନାରେ ଅଭିଯୋଗ କରିଥିଲେ।

## ଡିଭାଇଡରରେ ପିଟି ହୋଇ ଯୁବକ ମୃତ

**ପୁରୀ ଅଫିସ, ୧୨।୮:** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଚନ୍ଦନପୁର ବାଇପାସ୍ ତୁଳସୀଚଉଁରା ଛକରେ ରବିବାର ରାତିରେ ଜଣେ ବାଇକ ଆରୋହୀ ଡିଭାଇଡରରେ ପିଟି ହୋଇ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ପୁରୀ ଚୁଡ଼ଙ୍ଗସାହିର ଦୀପକ ସାହୁ (୨୨)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ଦୀପକ ତାଙ୍କ ଭିଣୋଇ ଦେବାଶିଷ ମହାନ୍ତିଙ୍କ ବାଇକ୍‌ରେ ବୀରଗୋବିନ୍ଦପୁରରୁ ପୁରୀ ଫେରୁଥିଲେ। ତୁଳସୀଚଉଁରା ଛକଠାରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱସ୍ଥ ଡିଭାଇଡରରେ ପିଟି ହୋଇଯାଇଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପୁରୀ ସଦର ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମହ୍ଲାର ଉତ୍ସବ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୨।୮(ବ୍ୟୁରୋ):** ରବୀନ୍ଦ୍ର ମଣ୍ଡପଠାରେ ସୋମବାର ନୂପୁର ପକ୍ଷରୁ ମହ୍ଲାର ଉତ୍ସବ-୨୦୧୯ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭାଜପା ରାଜ୍ୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ଓ ଚଳଚ୍ଚିତ୍ର ନିର୍ମାତା ଏଲ୍.ଏନ୍.ଅଗ୍ରୱାଲ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଶୁଭେନ୍ଦୁ ମହାନ୍ତି ଓ ନିର୍ଦ୍ଦେଶକ ଗୁରୁ ନିରଞ୍ଜନ ରାଉତ ମଞ୍ଚାସୀନ ଥିଲେ। ଭିନୀତ୍ କୁମାର ଓ ମାମା ସ୍ୱାଇଁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ୩ ଯୁବଶିଳ୍ପୀଙ୍କୁ ଗୁରୁ ନିରଞ୍ଜନ ରାଉତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନୃତ୍ୟରେ ସୌରଭ ମହାନ୍ତି, ଓଡ଼ିଶୀ ସଙ୍ଗୀତରେ ମାମା ଓ ମର୍ଦ୍ଦଳରେ ସୌମ୍ୟ ରଞ୍ଜନ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ 'ବେଟି ବଚାଓ-ବେଟି ପଢ଼ାଓ' ଉପରେ ଏକ ସ୍ୱତନ୍ତ୍ର ନୃତ୍ୟାଭିନୟ ପରିବେଷଣ କରାଯାଇଥିଲା।

### ନନ୍ଦନକାନନ ପାଳିଲା ବିଶ୍ୱ ହସ୍ତୀ ଦିବସ

# ଆକର୍ଷଣ ସାଜିଲେ ୪ ହାତୀ



ନନ୍ଦନକାନନରେ ହାତୀ ସହ ପୁରସ୍କୃତ କର୍ମଚାରୀ।

**ହାତୀ ଶାବକ ମାମାକୁ ଦେଖି ଖୁସିହେଲେ ଛାତ୍ରୀଛାତ୍ର**

ବାରଙ୍ଗ,୧୨।୮(ଡି.ଏନ୍.ଏ.)

ସୋମବାର ଥିଲା ବିଶ୍ୱ ହସ୍ତୀ ଦିବସ। ନନ୍ଦନକାନନ ଓ ସ୍କୁଲ ସୋମବାର ବନ୍ଦ ଥିବାରୁ ଏହି ଦିବସକୁ ସ୍କୁଲ ପିଲାଙ୍କ ଗହଣରେ ପାଳନ କରାଯାଇଥିଲା। ନନ୍ଦନକାନନର ୪ ହାତୀ ଜୁଲି, ଗୌରୀ, କମଳା ଓ ମାମାକୁ ଏଥିରେ ସାମିଲ କରାଯାଇଥିଲା। ତନ୍ମଧ୍ୟରୁ ହାତୀ ଶାବକ ମାମା ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସକାଳ ୯ଟାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବର୍ଷା ହେବା ସତ୍ତ୍ୱେ ଆଖପାଖର ୧୨ ସ୍କୁଲର ଛାତ୍ରୀଛାତ୍ର ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଜଟଣୀ ବିଧାୟକ ସୁରେଶ ରାଉତରାୟ ଓ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇଥିଲେ। ଅତିଥି ଓ ପିଲାମାନେ ହାତୀମାନଙ୍କୁ ମକା, ସେଓ, କଦଳୀ, ନଡ଼ିଆ ଓ ଆଖୁ ଆଦି ଖାଇବାକୁ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ୯ଜଣ ମାହୁନ୍ତଙ୍କୁ ୨ହଜାର ଟଙ୍କା ସହ ପ୍ୟାଣ୍ଟଶାର୍ଟ ଦିଆଯାଇଥିଲା। ପରେ କନଫରେନ୍ସ ହଲ୍‌ରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ନନ୍ଦନକାନନର ମୁଖ୍ୟ ବନସଂରକ୍ଷକ(ବନ୍ୟପ୍ରାଣୀ) ଡ.ଅଜୟ କୁମାର ମହାପାତ୍ର କହିଥିଲେ, ମା'ଠାରୁ ଅଲଗା ହୋଇଯାଉଥିବା ହାତୀ ଶାବକମାନଙ୍କୁ ଉଦ୍ଧାର କରାଯାଇ ଏଠାରେ ଲାଳନପାଳନ କରି ବଡ଼ କରାଯାଉଛି। କେନ୍ଦ୍ରୀୟ ଚିଡ଼ିଆଖାନାର ନିୟମାନୁସାରେ ଉଦ୍ଧାର କେନ୍ଦ୍ର ରୂପେ ପରିଗଣିତ ନନ୍ଦନକାନନରେ ଏବେ ହାତୀଙ୍କ ସଂଖ୍ୟା ଅଧିକ ରହିଛି। ଉଦ୍ଧାର ପରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ କୁମକୀ ଅପରେଶନରେ ବିଭିନ୍ନ ଜଙ୍ଗଲକୁ ଛଡାଯାଉଛି ବୋଲି ସେ କହିଥିଲେ। ଏହି ଅବସରରେ ଅଗଷ୍ଟ ୧ ତାରିଖରେ ୧୧ଟି ସ୍କୁଲର ପିଲାଙ୍କୁ ନେଇ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ନନ୍ଦନକାନନ ନିର୍ଦ୍ଦେଶକ ଶଶୀ ପଲ୍, ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ, ଏସିଏଫ ଅମୂଲ୍ୟ କୁମାର ପରିଡା, ଏସିଏଫ ଅଶୋକ କୁମାର ଦାସ, ଏସିଏଫ ପ୍ରଶାନ୍ତ କୁମାର ପଣ୍ଡା, ରେଞ୍ଜ ଅଫିସର କୁମର ବେହେରା, କମଳ ପଟ୍ଟନାୟକଙ୍କ ସମେତ ନନ୍ଦନକାନନର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଧାୟକ ରାଉତରାୟ ହାତୀର ଜୟଗାନ କରି ହାତୀମାନଙ୍କ ପାଇଁ ତାଳି ମାରିବାକୁ ଉପସ୍ଥିତ ପିଲାମାନଙ୍କୁ କହି ହସାଇଥିଲେ। ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ନନ୍ଦନକାନନର ପୁନରୁଦ୍ଧାର କାର୍ଯ୍ୟ ଶୀଘ୍ର ସରିଥିବାରୁ ଦୁଇ ବିଧାୟକ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ।

## ଗୋଡ଼ିବାରିରେ ନନ୍ଦ, ଯଶୋଦା



ଗୋଡ଼ିବାରି

ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ପକ୍ଷରୁ ମଧ୍ୟ ଗୋଡିବାରିଠାରେ ବିଶ୍ୱ ହସ୍ତୀ ଦିବସ ପାଳନ ହୋଇଯାଇଛି। ଗୋଡିବାରିରେ ବିନା ଆଡ଼ମ୍ବରରେ ଏହାକୁ ସ୍କୁଲପିଲାମାନଙ୍କ ଗହଣରେ ପାଳନ କରାଯାଇଛି। କେବଳ ନନ୍ଦ ଓ ଯଶୋଦା ସାମିଲ ହୋଇଥିବାବେଳେ ବାଦ୍ ପଡିଥିଲା ଶଙ୍କର। ନନ୍ଦ ଓ ଯଶୋଦାକୁ ଚନ୍ଦକା-ଡମପଡା ଡିଏଫଓ କେଦାର ସ୍ୱାଇଁ, ଏସିଏଫ୍ ରମାକାନ୍ତ ନାୟକ ଓ ହିମାଂଶୁ ମହାନ୍ତି, ଚନ୍ଦକା ରେଞ୍ଜର ମାନସ ମହାନ୍ତିଙ୍କ ସମେତ ସ୍କୁଲ ପିଲାମାନେ ଓ କର୍ମଚାରୀମାନେ ସୁସ୍ୱାଦ ଖାଦ୍ୟ ପ୍ରଦାନ କରିଥିଲେ। କିଛିବର୍ଷ ପୂର୍ବେ ଶଙ୍କର ଜଣେ ମାହୁନ୍ତଙ୍କୁ ମାରିଦେଇଥିଲା। ସେବେଠାରୁ ଅଭୟାରଣ୍ୟ କର୍ତ୍ତୃପକ୍ଷ ତାକୁ କୁମାରଖୁଣ୍ଟିରେ ଛାଡ଼ିଦେଇଥିଲେ। ପରେ ଶଙ୍କର ପାଇଁ ସୁସ୍ୱାଦ ଖାଦ୍ୟ ପଠାଇ ଦିଆଯାଇଥିଲା। ଏଠାରେ ଥିବା ୬ ମାହୁନ୍ତଙ୍କୁ ପୁରସ୍କାର ପ୍ରଦାନ କରାଯାଇଲା।

**ଶଙ୍କର ପାଇଁ ପଠାଗଲା ଖାଦ୍ୟ**

**ଦ୍ୱାଦଶ ଜାତୀୟ ନାଟକ ମହୋତ୍ସବ**



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଚାଲିଥିବା ଜାତୀୟ ନାଟକ ମହୋତ୍ସବରେ ସୋମବାର ମଞ୍ଚସ୍ଥ ନାଟକ 'ଚୁପ ! କୋର୍ଟ ଚାଲିଛି'ର ଏକ ଦୃଶ୍ୟ।

# ସ୍ୱାଧୀନତା ଲାଗି ନାରୀ ଆଜି ବି ସଂଘର୍ଷରତ

ପୁରୀ ଅଫିସ, ୧୨।୮

ପୁରୀର ନାଟ୍ୟାନୁଷ୍ଠାନ 'ରଙ୍ଗଶାଳା' ଆନୁକୂଲ୍ୟରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଚାଲିଥିବା ଦ୍ୱାଦଶ ଜାତୀୟ ନାଟକ ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ଦିବସ। ଭୁବନେଶ୍ୱରର ନାଟ୍ୟାନୁଷ୍ଠାନ 'ଜୀବନ ରେଖା' ପକ୍ଷରୁ ପରିବେଷିତ ହୋଇଥିଲା ନାଟକ 'ଚୁପ !କୋର୍ଟଚାଲିଛି'। ଜଣେ ନାରୀର ସଂଘର୍ଷମୟ କାହାଣୀ ଉପରେ ପର୍ଯ୍ୟବସିତ ଥିଲା ଏହି ନାଟକ।

ଏମିତି ଥିଲା କାହାଣୀ। କନ୍ୟାଭ୍ରୂଣ ହତ୍ୟା ଉପରେ ନାଟକ ମଞ୍ଚସ୍ଥ ଲାଗି ସ୍ଥିର କଲେ ଗୋଟିଏ ନାଟ୍ୟ ଦଳ। ରିହର୍ସାଲ ଆରମ୍ଭ ହେଲା। କନ୍ୟାଭ୍ରୂଣକୁ ନେଇ କୋର୍ଟରେ କେସ୍ ଚାଲିଲା। ଅଦାଲତରେ ଗୋଟିଏ ପଟେ ଜଣେ ନାରୀ ନିଜ ସ୍ୱାଧୀନତା ଲାଗି କାଠଗଡ଼ାରେ ଠିଆ ହୋଇଥାନ୍ତି। ଅନ୍ୟପଟେ ଜଣକ ପରେ ଜଣେ ସାକ୍ଷୀ ସାକ୍ଷ୍ୟ ଦେଇ ଚାଲି ଯାଉଥାନ୍ତି। ଆରୋପ ପ୍ରତ୍ୟାରୋପ ମଧ୍ୟରେ ସମ୍ପୃକ୍ତ ମହିଳାଙ୍କ ଚରିତ୍ର ଉପରେ ଉଠିଲା ଅଙ୍ଗୁଳି। ପେଶାରେ ସେ ଶିକ୍ଷୟିତ୍ରୀ। ହେଲେ ନିଶା ଅଭିନୟ। ସେ ବିବାହ ପୂର୍ବରୁ ମାତୃତ୍ୱ ଲାଭ କରିଛନ୍ତି। ଏଥିପାଇଁ ଅତି ସ୍ୱାର୍ଥପର ଭାବେ ସମସ୍ତେ ତାଙ୍କୁ ଦୋଷାରୋପ କରୁଛନ୍ତି। ସେ ନ୍ୟାୟ ପାଇବା ଲାଗି ସଂଘର୍ଷଜାରି ରଖିଛନ୍ତି। ଏମିତି ରୋଚକମୋଡ଼ରେ କାହାଣୀ ଗତିଶୀଳ ଥିବାବେଳେ ନାଟକ ମଞ୍ଚସ୍ଥର ସମୟ ହୋଇଗଲାଣି ବୋଲି କେତେଜଣ କହିଥିଲେ। ନିର୍ଦ୍ଦେଶକ କହିଥିଲେ, 'ଚୁପ୍! କୋର୍ଟ ଚାଲିଛି'। ଅଭିନ୍ନ ରାଉତରାୟଙ୍କ ନିର୍ଦ୍ଦେଶିତ ଏହି ନାଟକରେ ବିଭିନ୍ନ ଭୂମିକାରେ ମମତା ତ୍ରିପାଠୀ, ଇନା ପୁରୋହିତ, ମାନୁ ପଟ୍ଟନାୟକ, ସୁନିଲ ପଟ୍ଟନାୟକ, ଦେବେନ୍ଦ୍ର ସୁନ୍ଦର ରାୟ, ପବିତ୍ର ମହାନ୍ତି, ପ୍ରଦୀପ ନାୟକ, ସିଦ୍ଧାର୍ଥ ରାୟ, ସୂର୍ଯ୍ୟ ନାରାୟଣ ପତି, ନିଗମେଶ, ଗଗନ ଦୀପ ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତରେ ପ୍ରତାପ ରାଉତ, ମଞ୍ଚରେ ବିଶ୍ୱଜିତ ରାଉତ, ଆଲୋକ ଓ ରୂପସଜ୍ଜାରେ ସଞ୍ଜୟ ସାହା ଓ ବାଞ୍ଛାନିଧି ପାତ୍ର ଦାୟିତ୍ୱ ତୁଲାଇଥିଲେ। ୨ୟ ଦିବସରେ ସଭାପତି ଶିଳ୍ପପତି ଗିରୀଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପାରାଦୀପ ପିପିଏଲର ମାନବ ସମ୍ବଳ ବିଭାଗ ମ୍ୟାନେଜର ଜଗନ୍ନାଥ ଖୁଣ୍ଟିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିତ୍ ରବୀନ୍ଦ୍ର ସେନାପତି, ବରିଷ୍ଠ ସାମାଜିକ କର୍ମୀ ବଦ୍ରି ମିଶ୍ର, ଶିଳ୍ପପତି ବିଜୟ ସୁବୁଦ୍ଧି, ନାଟ୍ୟ ନିର୍ଦ୍ଦେଶକ ପତିତ ପରିଡ଼ା, ନାଟ୍ୟକାର ଭରତ ନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ମଞ୍ଚ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି କଳାକାର, ନାଟ୍ୟ ନିର୍ଦ୍ଦେଶକଙ୍କୁ ସମ୍ମାନିତ କରାଯାଇଥିଲା।

## ପରିବର୍ତ୍ତନ ହେଉ ରାଜ୍ୟ ଯୁବନୀତି

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ସହରାଞ୍ଚଳରେ ବସବାସ କରୁଥିବା ମହିଳା ଓ ଯୁବତୀଙ୍କର ଅର୍ଥନୈତିକ ବିକାଶ, ଦକ୍ଷତାବୃଦ୍ଧି, ସର୍ବସାଧାରଣ ସ୍ଥାନରେ ସୁରକ୍ଷା ଓ ସହଭାଗିତାର ବିକାଶ ଜରୁରୀ। ଏହାଦ୍ୱାରା ତୃଣମୂଳ ସ୍ତରରେ ବିକାଶର ସୋପାନ ଠିକ୍ ଭାବେ ଚାଲିପାରିବ। ସୋମବାର ସିସିଡବ୍ଲ୍ୟୁଡି, ଏଚ୍‌ପି, ଭୁବନେଶ୍ୱର ୟଙ୍ଗ ଅର୍ବାନ ୱିମେନ୍ ଫୋରମ୍, ୟଙ୍ଗ ଇଣ୍ଡିଆ ଓ ଆକ୍ସନ୍‌ଏଡ୍‌ଙ୍କ ମିଳିତ ଆନୁକୂଲ୍ୟରେ ରେଡ୍‌କ୍ରସ୍ ଭବନରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଯୁବଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ଅଂଶଗ୍ରହଣ କରିଥିବା ଯୁବତୀମାନେ କହିଲେ, ରାଜ୍ୟରେ ୨୦୧୩ରେ ଯୁବନୀତି ପ୍ରଣୟନ ହୋଇଥିଲା। ହେଲେ ଏହାର କାର୍ଯ୍ୟକାରିତା ତୃଣମୂଳ ସ୍ତରରେ ପହଞ୍ଚି ପାରୁନାହିଁ। ଯୁବନୀତିରେ ପରିବର୍ତ୍ତନ ହେବା ଆବଶ୍ୟକ। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ଆକ୍ସନଏଡ୍‌ର ଆଞ୍ଚଳିକ ପରିଚାଳକ ଦେବବ୍ରତ ପାତ୍ର, ୟଙ୍ଗ୍ ଇଣ୍ଡିଆର ସଚିବ ଏନ୍. ଆନ୍‌ସାରୀ, ସାମାଜିକ କର୍ମୀ ଆମ୍ଳିନ୍ ପଟ୍ଟନାୟକ, ନେହେରୁ ଯୁବକେନ୍ଦ୍ର ସଙ୍ଗଠନର ବିପିନ କୁମାର ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସିସିଡବ୍ଲୁଡି ସମ୍ପାଦକ ସଦାଶିବ ସ୍ୱାଇଁ କହିଥିବାବେଳେ ଇପ୍‌ସିତା ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

**ଓଡ଼ିଶା କଲ୍‌ଚରାଲ୍ ସର୍କଲ୍ ପକ୍ଷରୁ 'ଉଡ଼େ ତ୍ରିରଙ୍ଗା'**

# 'ଡଟ୍ ଫେଷ୍ଟ' ଭଳି ହେବ ଅନ୍ତର୍ଜାତୀୟ ଭୁବନେଶ୍ୱର ସଙ୍ଗୀତ ଉତ୍ସବ

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଜଣାଶୁଣା କଣ୍ଠଶିଳ୍ପୀଙ୍କୁ ନେଇ ଆୟୋଜିତ ହେବ ଅନ୍ତର୍ଜାତୀୟ ଭୁବନେଶ୍ୱର ସଙ୍ଗୀତ ଉତ୍ସବ। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରୀର ବହୁ ନାମୀଦାମୀ କଳାକାର ଏଥିରେ ସଙ୍ଗୀତ ପରିବେଷଣ କରିବେ। ଆଧୁନିକ ଓ ରକ୍ ମ୍ୟୁଜିକ୍ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିବ। ଭୁବନେଶ୍ୱରବାସୀଙ୍କ ସହ ଦେଶ ବିଦେଶରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ୫ଦିନ ବ୍ୟାପୀ ଏହି ଅନ୍ତର୍ଜାତୀୟ ସ୍ତରର କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଓଡ଼ିଶା କଲ୍‌ଚରାଲ୍ ସର୍କଲର ଅଧ୍ୟକ୍ଷ ତଥା ଶିଳ୍ପପତି ଜେ.କେ. ମହାନ୍ତି କହିଛନ୍ତି।

ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ସାଂସ୍କୃତିକ ଅନୁଷ୍ଠାନ 'ଓଡ଼ିଶା କଲ୍‌ଚରାଲ୍ ସର୍କଲ୍' ପକ୍ଷରୁ ଦେଶାତ୍ମବୋଧକ ଗୀତକୁ ନେଇ ଉତ୍କଳ ରଙ୍ଗମଞ୍ଚଠାରେ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମ 'ଉଡ଼େ ତ୍ରିରଙ୍ଗା'ରେ ଯୋଗଦେଇ ମହାନ୍ତି ଏହି ଘୋଷଣା କରିଛନ୍ତି। ହକି ବିଶ୍ୱକପ୍ ସମୟରେ ଭୁବନେଶ୍ୱରରେ ଆୟୋଜିତ 'ଡଟ୍ ଫେଷ୍ଟ' ସଦୃଶ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓ ବିଶିଷ୍ଟ ସଙ୍ଗୀତଜ୍ଞ ପଦ୍ମଶ୍ରୀ ପ୍ରଫୁଲ୍ଲ କର ଯୋଗ ଦେଇଥିଲେ। ଓଡ଼ିଶା କଲ୍‌ଚରାଲ୍ ସର୍କଲର ଅଧ୍ୟକ୍ଷ ତଥା ଶିଳ୍ପପତି ମହାନ୍ତି ଉତ୍ସବରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ବିଭୁକିଶୋର, ଟି ସୌରୀ, ଶୈଳଭାମାଙ୍କ ସମେତ ମନୋଜ, ଜ୍ୟୋତିର୍ମୟୀ ଓ ତନୁଶ୍ରୀ ଉଭୟ ଓଡ଼ିଆ ଓ ହିନ୍ଦୀରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। 'ପୂଜିବି ଭାରତ', 'ଦେଶବାସୀ ବନ୍ଧୁ', 'ଆର୍ଯ୍ୟଭୂମି ମାତୃଭୂମି', 'ସ୍ୱର୍ଗାଦପୀ ଗରିୟସୀ', 'ବହି ଯାଏରେ ଗଙ୍ଗା ଉଡ଼େ ତ୍ରିରଙ୍ଗା', 'ସତ୍ୟମେବ ଜୟତେ', 'ଦିଲ୍ ଦିୟା ହେ...' ଭଳି ଗୀତ ଶୁଣିବାକୁ ମିଳିଥିଲା। ଉପାଧ୍ୟକ୍ଷ ଡ. ଜେନାମଣି ସଞ୍ଜୀବ କୁମାର ସ୍ୱାଗତ ଭାଷଣ ଦେଇଥିଲେ ଓ ସମ୍ପାଦକ ଚୌଧୁରୀ ଅମିତାଭ ଦାସ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ସଦସ୍ୟ ବିଶ୍ୱରଞ୍ଜନ ଦାଶ, ବିମଳ ଦାସ, ଶୀତିକଣ୍ଠ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/category/selfie/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ବିକି



ପ୍ରିୟରଞ୍ଜନ



ଆକାଶ



ଭାଗିରଥି



କୃଷ୍ଣ



ମନୋଜ



ପ୍ରକାଶ



ଦେବଜିତ୍



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ।
- ଗୁରୁ ନାନକ



## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ରେଳ କର୍ମଚାରୀ ମୃତ

**ଟାଙ୍ଗୀ(କଟକ), ୧୨।୮(ଡି.ଏନ୍.ଏ.):** ମୋବାଇଲ ଫୋନ୍‌ରେ ଗପିବା ଜଣେ ରେଳ କର୍ମଚାରୀଙ୍କ ପାଇଁ କାଳ ହୋଇଛି। ସୋମବାର ସନ୍ଧ୍ୟାରେ ଟ୍ରେନ୍ ଧକ୍କାରେ ବିହାର ଅଞ୍ଚଳର ଦିଲୀପ ତନ୍ତୀ ନାମକ ରେଳ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଭଦ୍ରକ-କଟକ ପାସେଞ୍ଜର ଟ୍ରେନ୍ ଟାଙ୍ଗୀସ୍ଥିତ କପିଳାସ ରୋଡ୍ ଷ୍ଟେଶନ ଅଭିମୁଖେ ଆସୁଥିଲା। ଏହି ସମୟରେ ସ୍ଥାନୀୟ ୧୭୩ ନମ୍ବର ରେଳଫାଟକ ବନ୍ଦ ଥିଲା। ପଥଚାରୀମାନେ ଫାଟକର ଉଭୟ ପାର୍ଶ୍ୱରେ ଛିଡା ହୋଇଥିଲେ। ଏହି ସମୟରେ ରେଳ କର୍ମଚାରୀ ଦିଲୀପ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ଫାଟକ ବନ୍ଦଥିବାରୁ ବାଇକ ରଖି ଫୋନ୍‌ରେ କଥା ହୋଇଥିଲେ। କଥା ହେଉ ହେଉ ଅନ୍ୟମନସ୍କରେ ଫାଟକ ଟପି ରେଳଧାରଣାରେ ପହଞ୍ଚି ଯାଇଥିଲେ। ପଛପଟୁ ପାସେଞ୍ଜର ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଦୂରକୁ ଛିଟିକି ପଡ଼ିବାରୁ ସେଠାରେ ପଡ଼ିଥିବା ଲୁହାରେ ତାଙ୍କ ମୁଣ୍ଡ ମାଡ଼ ହୋଇଯାଇଥିଲା। ପ୍ରବଳ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଜିଆରପି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ମେଡିକାଲକୁ ପଠାଇ ତଦନ୍ତ ଆରମ୍ଭ କରିଥିବା ଡିଏସ୍‌ପି ସ୍ମୃତିରଞ୍ଜନ କର କହିଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀପ କପିଳାଶ ରୋଡ୍ ଷ୍ଟେଶନରେ କାର୍ଯ୍ୟ କରୁଥିଲେ।

# ନନ୍ଦନକାନନରେ ଲାଞ୍ଜଖଣ୍ଡି ବାଘୁଣୀ ପ୍ରିୟଙ୍କା ମୃତ



- ୬ ଛୁଆ ଜନ୍ମ କରିଥିବାବେଳେ ୫ଟିର ମୃତ୍ୟୁ
- ଅନ୍ୟ ଏକ ବାଘୁଣୀ ସହ ଲଢ଼ି ହରାଇଥିଲା ଲାଞ୍ଜ

**ବାରଙ୍ଗ, ୧୨।୮(ଡି.ଏନ୍.ଏ.)**

ସୋମବାର ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପାଇଁ ଉଭୟ ଖୁସି ଓ ଦୁଃଖର ବାତାବରଣ ସୃଷ୍ଟି ହୋଇଛି। ଗୋଟିଏପଟେ ବିଶ୍ୱ ହସ୍ତୀ ଦିବସ ପାଳନ ପାଇଁ ନନ୍ଦନକାନନ ଅଧିକାରୀମାନେ ବ୍ୟସ୍ତ ଥିବାବେଳେ ଅନ୍ୟପଟେ ଏନକ୍ଲୋଜର ନଂ୧୮ରେ ନାଲି ବାଘୁଣୀ ପ୍ରିୟଙ୍କାର ମୃତ୍ୟୁ ଘଟିଛି। ମୃତ୍ୟୁ କରିଥିବା ଏହି ବାଘୁଣୀ ଅଶୋକ ଓ ତନୁଜା ଔରସରୁ ୨୫ ମାର୍ଚ୍ଚ ୨୦୦୦ରେ ଜନ୍ମଗ୍ରହଣ କରି ୧୯ବର୍ଷ ୫ମାସ ବୟସର ହୋଇଥିଲା। ଗତ୨ବର୍ଷହେବ ବୟସ୍କାଧିକ କାରଣରୁ ତା'ର ଚିକିତ୍ସା ଜାରିରହିଥିଲା। ବିଶେଷଜ୍ଞମାନଙ୍କ ପରାମର୍ଶକ୍ରମେ ପ୍ରିୟଙ୍କାର ଚିକିତ୍ସା ସତ୍ତ୍ୱେ ସୋମବାର ସାଢେ଼୧୦ଟାରେ ମୃତ୍ୟୁ କରିଥିଲା। ଗତ ୧ମାସ ହେବ ପ୍ରିୟଙ୍କାର ସ୍ୱାସ୍ଥ୍ୟରେ କ୍ରମାଗତଭାବେ ଅବନତି ଘଟିବାରୁ ଧୀରେ ଧୀରେ ଶରୀର କ୍ଷୀଣ ହେବାସହ ଓଜନ ହ୍ରାସ ହୋଇ ଆହର କମିବାରେ ଲାଗିଥିଲା। ରବିବାରଠାରୁ ଉଠିବାର ଶକ୍ତି ହରାଇବା ସହ କ୍ୱାରେଣ୍ଟାଇନରେ ସେ ତଳେ ପଡିଯାଇଥିଲା। ଖବରପାଇ ନନ୍ଦନକାନନ ଡାକ୍ତରମାନେ ଯାଇ ତା'ର ଚିକିତ୍ସା କରି ସାଲାଇନ ଲଗାଇଥିଲେ ମଧ ବଞ୍ଚାଇବାରେ ସକ୍ଷମ ହୋଇ ନ ଥିଲେ। ନନ୍ଦନକାନନର ଅନ୍ୟତମ ଆକର୍ଷଣୀୟ ମହାବଳ ବାଘୁଣୀ ଥିଲା ପ୍ରିୟଙ୍କା। ରାଗୀସ୍ୱଭାବର ଏହି ମହାବଳ ବାଘୁଣୀ ଅନ୍ୟ ଏକ ବାଘୁଣୀ ସହ ଲଢ଼େଇରେ ନିଜ ଲାଞ୍ଜଟି ହରାଇଥିଲା। ସେହିଦିନଠାରୁ ଲାଞ୍ଜଖଣ୍ଡି ନାମରେ ପରିଚିତ ପ୍ରିୟଙ୍କା ତା'ର ଜୀବନ କାଳ ମଧ୍ୟରେ ୬ଟି ଛୁଆ ଜନ୍ମ କରିଥିଲେ ମଧ ୫ଟି ବଞ୍ଚାଇପାରି ନ ଥିବାବେଳେ ଗୋଟିଏ ଛୁଆ କଲିକତାକୁ ଯାଇଥିବାର ଜଣାପଡିଛି। ରୋଶନ ଓ ପ୍ରିୟଙ୍କାର ପ୍ରଥମ ମିଳନରେ ୧୫ ଓ ୧୬ତାରିଖ ନଭେମ୍ବର ୨୦୧୧ରେ ୫ଟି ସନ୍ତାନ ଜନ୍ମ ନେଇଥିଲା। ସେମାନଙ୍କ ମଧ୍ୟରେ ଗୋଟିଏ ଧଳା ଓ ୪ଟି ସାଧାରଣ ରଙ୍ଗର ଛୁଆ ରହିଥିଲେ। କିନ୍ତୁ ଭାଗ୍ୟର ବିଡମ୍ବନା ଥିଲା ଅଲଗା ଏହି ନବଜାତକ ଛୁଆଜନ୍ମ ହେବାର ୪ଦିନ ନପୂରୁଣୁ ୧୮ନଭେମ୍ବରରେ ସମସ୍ତଙ୍କ ମୃତ୍ୟୁ ଘଟିଥିଲା। ଯାହାକି ଥଣ୍ଡା ଯୋଗୁ ମୃତ୍ୟୁ କରିଥିବା ନନ୍ଦନକାନନ କର୍ତ୍ତୃପକ୍ଷ କହିଥିଲେ। ଏହାକୁ ନେଇ ସେ ସମୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାକୁ ନେଇ ପିପୁଲ ଫର ଆନିମଲ୍ସ ପକ୍ଷରୁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ନାମରେ ଅଭିଯୋଗ ହୋଇଥିଲା ଓ ଘଟଣାର ତଦନ୍ତ ପାଇଁ ସିଜେଡଏର ଏକ ଟିମ ଆସିଥିଲେ। ପ୍ରିୟଙ୍କାର ଦ୍ୱିତୀୟ ଗର୍ଭସ୍ଥ ସନ୍ତାନ ଶୀଲା ୨୦୧୪ ଜାନୁୟାରୀ ୨୭ରେ ଜିରାଫ ଆଣିବା ପ୍ରତିବଦଳରେ କଲିକତା ଚିଡିଆଖାନାକୁ ଯାଇଥିଲା। ପ୍ରିୟଙ୍କାର ମୃତ୍ୟୁପରେ ନନ୍ଦନକାନନରେ ବାଘ ସଂଖ୍ୟା ହ୍ରାସ ପାଇ ୨୬ରେ ପହଞ୍ଚିଛି। ସେଥିମଧ୍ୟରେ ସାଧାରଣ ବାଘ ୫ଅଣ୍ଡିରା ଓ ୮ମାଈ, ଧଳାବାଘ ୪ଅଣ୍ଡିରା ଓ ୫ମାଈ, କଳାଲୋମଯୁକ୍ତ ବାଘ ୪ଅଣ୍ଡିରା ଥିବାର ଜଣାପଡିଛି। ସେହିପରି ୨୦୧୮ସେପ୍ଟେମ୍ବର୨୯ରେ ଜନ୍ତୁ ଅଦଳବଦଳରେ ମହୀଶୂର ଶ୍ରୀରାମଚନ୍ଦ୍ର ଜୁଲୋଜିକାଲ ପାର୍କରୁ ଆସିଥିବା ଅଣ୍ଡିରା ଧୂସର ଗଧିଆ ଏବେ କ୍ୱାରେଣ୍ଟାଇନରେ ରହି ମୃତ୍ୟୁସହ ସଂଗ୍ରାମ କରୁଥିବାର ଜଣାପଡିଛି।

## ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

# ହତ୍ୟା ଅଭିଯୋଗ ଆଣିଲେ ମୃତା ମହିଳାଙ୍କ ବାପଘର

- ହତ୍ୟା ମାମଲା ରୁଜୁ କଲା ପୋଲିସ
- ରବିବାର ମିଳିଥିଲା ଝୁଲନ୍ତା ଗଳିତ ମୃତଦେହ

**ନିମାପଡ଼ା, ୧୨।୮(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅଞ୍ଚଳରେ ଘଟିଥିବା ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା ସୋମବାର ଭିନ୍ନ ମୋଡ ନେଇଛି। ବ୍ରହ୍ମଗିରି ଥାନା ଅନ୍ତର୍ଗତ ଆଳିଆପୁଟ ଗ୍ରାମର ସର୍ବେଶ୍ୱର ପ୍ରଧାନ ତାଙ୍କ ଝିଅ ଲିଲି ପ୍ରଧାନ ଓ ଜ୍ୱାଇଁ ବିଶ୍ୱଜିତ୍ ମହାନ୍ତିଙ୍କୁ ହତ୍ୟା କରାଯାଇଛି ବୋଲି ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଦଫା ୪୯୮ଏ, ୩୦୨, ୩୦୪ବି, ୩୪-୪ ଡିପି ଆକ୍ଟରେ ଏକ ହତ୍ୟା ମାମଲା(ନଂ.୨୦୪/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉଭୟ ଦମ୍ପତିଙ୍କ ବ୍ୟବଚ୍ଛେଦ ରିପୋର୍ଟ ଓ ଭିସେରା ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ଜନାର୍ଦ୍ଦନ ପାଢୀ କହିଛନ୍ତି।

ସୂଚନା ଅନୁଯାୟୀ, ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ମହାନ୍ତିସାହି ଗ୍ରାମରେ ବିଶ୍ୱଜିତ ମା'ବାପାଙ୍କ ସହ ସପରିବାର ରହୁଥିଲେ। ବିଶ୍ୱଜିତ୍‌ଙ୍କ ମା'ଙ୍କ ଦେହ ଖରାପ ଥିବାରୁ ଚିକିତ୍ସା ପାଇଁ ତାଙ୍କ ମା ଓ ବାପା ୧୦ଦିନ ପୂର୍ବେ କଟକ ଯାଇଥିଲେ। ରବିବାର ଅପରାହ୍ନରେ ଫେରି ଘର କବାଟ ଖୋଲିବା ବେଳେ ଦୁର୍ଗନ୍ଧ ହେଉଥିଲା। ପରେ ଘର ଭିତରକୁ ଯିବାବେଳେ ପୁଅ ଓ ବୋହୂ ଘର ବାରଣ୍ଡାରେ ଥିବା ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଲୋକ ଜାଣି ପୋଲିସକୁ ଜଣାଇଥିଲେ। ଅନ୍ୟପକ୍ଷରେ ବିଶ୍ୱଜିତଙ୍କ ବାପା ପ୍ରମୋଦ ମହାନ୍ତି ତାଙ୍କ ପୁଅ ଓ ବୋହୂ ଆତ୍ମହତ୍ୟା କରିଛନ୍ତି ବୋଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୪/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ଆଳିଆପୁଟ ଗ୍ରାମର ଲିଲିଙ୍କୁ ପ୍ରାୟ ଏକ ବର୍ଷ ପୂର୍ବେ ବିଶ୍ୱଜିତ୍ ପ୍ରେମ ବିବାହ କରିଥିଲେ। ଏହି ବିବାହକୁ ବିଶ୍ୱଜିତଙ୍କ ପରିବାର ଲୋକ ବିରୋଧ କରିବା ସହ ଯୌତୁକ ପାଇଁ ଲିଲିଙ୍କୁ ନିର୍ଯାତନା ଦେଉଥିଲେ। ଲିଲି ନେଇଥିବା ସୁନା ଅଳଙ୍କାରକୁ ଶାଶୁଘର ଲୋକ ଛଡାଇ ନେଇଥିଲେ। ଏହାକୁ ବିଶ୍ୱଜିତ ବିରୋଧ କରିବାରୁ ଉଭୟ ସ୍ୱାମୀ, ସ୍ତ୍ରୀଙ୍କୁ ବିଶ୍ୱଜିତଙ୍କ ପରିବାର ଲୋକ ହଇରାଣ କରୁଥିଲେ। ଏହା ପରେ ଯୋଜନାବଦ୍ଧଭାବେ ଉଭୟଙ୍କୁ ହତ୍ୟା କରାଯାଇଛି ବୋଲି ସର୍ବେଶ୍ୱର ତାଙ୍କ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

# ଧୁମଧାମରେ ପାଳନ ହେଲା ଇଦ୍



କଟକ ସତୀଚୌରା ଛକ ନିକଟ ଇଦ୍‌ଗାଠାରେ ସମୂହ ନମାଜ ପାଠ।

**ଭୁବନେଶ୍ୱର, ୧୨।୮(ବ୍ୟୁରୋ):** ରାଜଧାନୀରେ ଥିବା ମସ୍‌ଜିଦ୍‌ଗୁଡ଼ିକରେ ସୋମବାର ଧୁମ୍‌ଧାମ୍‌ରେ ପାଳିତ ହୋଇଛି ମୁସଲମାନ ସମ୍ପ୍ରଦାୟର ଦ୍ୱିତୀୟ ବଡ଼ ପର୍ବ ଇଦ୍-ଉଲ୍-ଜୁହା। ବର୍ଷା ସତ୍ତ୍ୱେ ଦିନତମାମ ମସ୍‌ଜିଦ୍‌ରେ ଉତ୍ସବର ପରିବେଶ ଲାଗି ରହିଥିଲା। ଆଲ୍ଲାଙ୍କ ନିକଟରେ ସମସ୍ତେ ନିଜକୁ ସମର୍ପିତ ଦେଇଥିଲେ। ଭୁବନେଶ୍ୱର ୟୁନିଟ୍-୪ କ୍ୟାପିଟାଲ ମସ୍‌ଜିଦ, ୟୁନିଟ୍-୩ ଜାମା ମସ୍‌ଜିଦ୍ ଏବଂ ସତ୍ୟନଗରସ୍ଥିତ ମସ୍‌ଜିଦ୍ ଇ ଫେମିଦାରେ ଭିଡ଼ ଜମିଥିଲା। ସକାଳ ୮ଟା ୪୫ରୁ ୧୦ଟା ମଧ୍ୟରେ ଇଦ୍ ନମାଜ ପାଠ କରାଯାଇଥିଲା। ଆଲ୍ଲା ହୋ ଆକବର ଶବ୍ଦରେ ସମ୍ପୂର୍ଣ୍ଣ ମସ୍‌ଜିଦ୍ ପ୍ରକମ୍ପିତ ହୋଇଥିଲା। ନୀତି, ନିଷ୍ଠା ଓ ଆନନ୍ଦ ଉଲ୍ଲାସର ସହ ସମସ୍ତେ ଏକାଠି ହୋଇ ତ୍ୟାଗ ଓ ସମର୍ପଣର ଏହି ପର୍ବକୁ ପାଳନ କରିଥିଲେ। ସେହିଭଳି କଟକ, ପୁରୀ, ଖୋର୍ଦ୍ଧାରେ ମଧ ଆନନ୍ଦଉଲ୍ଲାସରେ ଇଦ୍ ପାଳନ କରାଯାଇଥିଲା।

ହଜରତ ଇବ୍ରାହିମ୍ ଆଲ୍ଲାଙ୍କ ଉଦ୍ଦେଶ୍ୟରେ ପ୍ରିୟ ପୁତ୍ର ହଜରତ ଇସ୍ମାଇଲଙ୍କୁ ସମର୍ପଣ କରିଥିବାରୁ ପ୍ରତ୍ୟେକ କିଛି ନା କିଛି ତ୍ୟାଗ କରି ଇଦ୍ ପାଳନ କରିଥିଲେ। ନୂଆ ବସ୍ତ୍ର ପିନ୍ଧି ମୁଣ୍ଡରେ ଟୋପି ଓ ଆଖିରେ ସୁରମା ଲଗାଇ ନମାଜ ପାଠ ପରେ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ଧନୀ ଗରିବ, ଉଚ୍ଚ ନୀଚ ଓ ପର ଆପଣାର ଭେଦଭାବ ଭୁଲି ସମସ୍ତେ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଯାହାକି ଇଦ୍‌ର ଅନ୍ୟତମ ଆକର୍ଷଣ ଥିଲା। ମସ୍‌ଜିଦ୍‌ଗୁଡିକରେ ମୌଲବୀମାନେ ନମାଜ ପାଠ କରାଇଥିଲେ। ଏହି ଅବସରରେ ମୁସଲମାନ୍ ସମ୍ପ୍ରଦାୟର ଲୋକମାନେ ଆଲ୍ଲାଙ୍କ ଉଦ୍ଦେଶ୍ୟରେ ଗରିବ ଲୋକଙ୍କୁ ବିଭିନ୍ନ ସାମଗ୍ରୀ ଦାନ କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଇଦ୍ ଗାହ ପରମ୍ପରା ଅନୁଯାୟୀ ଅନେକ ସ୍ଥାନରେ ଖୋଲା ପଡ଼ିଆରେ ଶ୍ରଦ୍ଧାଳୁମାନେ ସମୂହ ପ୍ରାର୍ଥନା କରିଥିଲେ। ଏହାବ୍ୟତୀତ ଘରେ ଘରେ ଇଦ୍ ଅବସରରେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ବନ୍ଧୁ ପରିଜନ ଏକାଠି ହୋଇ ଏହି ସୁସ୍ୱାଦୁ ବ୍ୟଞ୍ଜନ ସହ ଇଦ୍ ପାଳନ କରିଥିଲେ। ଏହାସହ ବଡ଼ମାନେ ସାନମାନଙ୍କୁ ଆଶୀର୍ବାଦ ସ୍ୱରୂପ ବିଭିନ୍ନ ଉପହାର ପ୍ରଦାନ କରିଥିଲେ।

## ରାଜ୍ୟସ୍ତରୀୟ ଜାତୀୟ ଗ୍ରନ୍ଥାଗାରିକ ଦିବସ

# ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ: ମନ୍ତ୍ରୀ



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**

ରାଜ୍ୟରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମାଜର ଉନ୍ନତି ଓ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର ପ୍ରଗତିରେ ପାଠାଗାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷାର ପ୍ରଗତି ଲାଗି ଆମେ ରାଜ୍ୟର ଗ୍ରନ୍ଥାଗାରକୁ ସଜାଡ଼ିବା ଆବଶ୍ୟକ ବୋଲି ସୋମବାର ରାଜ୍ୟସ୍ତରୀୟ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳନ ଅବସରରେ ଉଚ୍ଚଶିକ୍ଷା ଓ କୃଷି ମନ୍ତ୍ରୀ ଅରୁଣ ସାହୁ ପ୍ରକାଶ କରିଛନ୍ତି। ସୂଚନା ଭବନରେ ପାଠାଗାର ଆନ୍ଦୋଳନର ଜନକ ଡ. ଏସ୍. ଆର ରଙ୍ଗନାଥନ୍‌ଙ୍କ ଜୟନ୍ତୀ ଉତ୍ସବ ତଥା ରାଜ୍ୟସ୍ତରୀୟ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳନ ଅବସରରେ ମୁଖ୍ୟଅତିଥିଭାବେ ଯୋଗଦେଇ ମନ୍ତ୍ରୀ ସାହୁ କହିଛନ୍ତି, ରାଜ୍ୟରେ ଥିବା ଗ୍ରନ୍ଥାଗାରଗୁଡ଼ିକରେ କାର୍ଯ୍ୟରତ ଗ୍ରନ୍ଥାଗାରିକଙ୍କ ବିଭିନ୍ନ ସମସ୍ୟା ପ୍ରତି ସରକାର ସଚେତନ ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ କରାଯିବାନେଇ ସରକାର ଚିନ୍ତା କରିଛନ୍ତି ବୋଲି ସେ କହିଛନ୍ତି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସଭାପତିତ୍ୱରେ ରାଜ୍ୟ ମହାବିଦ୍ୟାଳୟ ଗ୍ରନ୍ଥଗାରିକ ସଂଘ ପକ୍ଷରୁ ଆୟୋଜିତ ଏହି ସମାରୋହରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଗ୍ରନ୍ଥାଗାରିକ ତଥା ପରମଭୂଷଣ ଡ. ବନବିହାରୀ ଶୁକ୍ଳା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଓୟୁଏଟି ମୁଖ୍ୟ ଗ୍ରନ୍ଥାଗାରିକ ରବୀନ୍ଦ୍ର କୁମାର ମହାପାତ୍ର ଓ ସଂଘର ପ୍ରତିଷ୍ଠାତା ଓ ପୂର୍ବତନ ସମ୍ପାଦକ ଅର୍ଜୁନ କୁମାର ଜେନା, ପି.ଏନ କଲେଜ ଅଫ୍ ଲାଇବ୍ରେରୀ ସାଇନ୍ସର ଅଧକ୍ଷ ଲଲାଟେନ୍ଦୁ କେଶରୀ ଭୋଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟର ସେବାନିବୃତ୍ତ ଓ ସେବାରତ ବିଶିଷ୍ଟ ଲାଇବ୍ରେରିଆନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ୫୦% ସାମଗ୍ରୀ କିଣନ୍ତୁ ରାଜ୍ୟ ପିଏସ୍‌ୟୁ

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**



### ଏମ୍‌ଏସ୍‌ଏମ୍‌ଇ ସମିଟ୍

କେନ୍ଦ୍ରୀୟ ପିଏସ୍‌ୟୁଗୁଡିକ ଅଣୁ, କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଗୁଡିକଠାରୁ ୨୫% ସାମଗ୍ରୀ କିଣିବା ପାଇଁ ସରକାର ନୀତି ଆଣିଛନ୍ତି। ମାତ୍ର ରାଜ୍ୟସ୍ତରରେ ସେମାନଙ୍କୁ ଏଥିପାଇଁ ପ୍ରୋତ୍ସାହନ ମିଳୁନାହିଁ। ରାଜ୍ୟ ପିଏସ୍‌ୟୁଗୁଡିକ ଧାର୍ଯ୍ୟ ଲକ୍ଷ୍ୟ ୨୦% ସାମଗ୍ରୀ ଏମ୍‌ଏସ୍‌ଏମ୍‌ଇଠାରୁ କ୍ରୟ କରୁ ନ ଥିବା ଦେଖାଯାଉଛି। ଫଳରେ କ୍ଷୁଦ୍ର ଶିଳ୍ପଗୁଡିକୁ ଏହାର ଲାଭ ମିଳୁନାହିଁ। ଏପରି ସ୍ଥିତିରେ ରାଜ୍ୟ ପିଏସ୍‌ୟୁଗୁଡିକ ପାଇଁ ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇଙ୍କ ଠାରୁ ୨୫% ସାମଗ୍ରୀ କ୍ରୟ କରିବା ନେଇ ନୀତି ହେବା ପ୍ରୟୋଜନ। ସେହିଭଳି କେଉଁ ପିଏସ୍‌ୟୁ କେତେ ପରିମାଣର ସାମଗ୍ରୀ କ୍ଷୁଦ୍ର ଶିଳ୍ପଗୁଡିକରୁ କିଣୁଛନ୍ତି, ତାର ତର୍ଜମା କରାଯାଉନାହିଁ। ଏହାହେଲେ ଏମ୍‌ଏସ୍‌ଏମ୍‌ଇଗୁଡିକରୁ ବାର୍ଷିକ କେତେ ସାମଗ୍ରୀ କିଣା ହେଉଛି ତାର ପ୍ରକୃତ ସ୍ଥିତି ଜଣାପଡନ୍ତା। ଉକ୍ତ କ୍ଷୁଦ୍ରଶିଳ୍ପଗୁଡିକରୁ ଉତ୍ପାଦିତ ସାମଗ୍ରୀର ୫୦% କେବଳ ରାଜ୍ୟ ପିଏସ୍‌ୟୁଗୁଡିକ କ୍ରୟ କଲେ ସଂସ୍ଥାଗୁଡିକ ଉନ୍ନତ ଲାଭ ଅର୍ଜନ କରିବାକୁ ସକ୍ଷମ ହୁଅନ୍ତେ। ଏହାବାଦ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ(ଓଏସ୍‌ଆଇସି) ଏମ୍‌ଏସ୍‌ଏମ୍‌ଇ ସାମଗ୍ରୀର ଅଧିକ ବିକ୍ରି ଏବଂ ଉନ୍ନତ ରପ୍ତାନି ଦିଗରେ କାର୍ଯ୍ୟ କରିବା ଉଚିତ ବୋଲି ଶିଳ୍ପ ସଂଘ ଓସ୍‌ମେ ପକ୍ଷରୁ ଏଠାରେ ଅନୁଷ୍ଠିତ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ସମିଟ୍‌ରେ ମତପ୍ରକାଶ ପାଇଛି।


କାର୍ଯ୍ୟକ୍ରମରେ ରାଜ୍ୟ ଶିଳ୍ପ ନିର୍ଦ୍ଦେଶକ ପ୍ରଣବ ଜ୍ୟୋତି ନାଥ କହିଛନ୍ତି ଯେ, ଏଣ୍ଟରପ୍ରିନ୍ୟୋରମାନଙ୍କର ବିକାଶ ଲାଗି ରାଜ୍ୟ ସରକାର ଅନେକ ସ୍କିମ ଘୋଷଣା କରିଛନ୍ତି। ମାତ୍ର ଏହାର ଲାଭ ସେମାନେ ନେଉ ନାହାନ୍ତି। ସରକାରୀ ସ୍ତରରେ ଉଦ୍ୟୋଗୀମାନଙ୍କର ଅନେକ ଆବେଦନ ଖାରଜ ହେଉଛି। ଯୋଜନାର ଲାଭ ନେବା ଲାଗି ସେମାନେ ଉତ୍ସାହ ଦେଖାନ୍ତୁ ବୋଲି ନାଥ ସଂସ୍ଥାଗୁଡିକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, କ୍ଷୁଦ୍ର ଶିଳ୍ପଗୁଡିକ ସାମଗ୍ରୀ କିଣିବା କ୍ଷେତ୍ରରେ ଭଲ କାମ କରୁଛନ୍ତି, ମାତ୍ର ଭେଣ୍ଡର ଉନ୍ନତିକରଣ ଦିଗରେ ଆହୁରି ଉନ୍ନତି ଆଣିବାକୁ ହେବ। ଏ କ୍ଷେତ୍ରରେ ସର୍ବାଧିକ ଧ୍ୟାନ ଦେବାକୁ ପଡିବ। ରାଜ୍ୟରେ ବ୍ୟବସାୟ ବାତାବରଣ ସହଜ କରିବା ଦିଗରେ ସରକାର ଉଦ୍ୟମ ଜାରି ରଖିଛନ୍ତି। ସେହିଭଳି ଉଦ୍ୟୋଗୀଙ୍କ ଲାଗି ବିଭିନ୍ନ ଯୋଜନା ଘୋଷଣା କରାଯିବ ବୋଲି ନାଥ ସ୍ପଷ୍ଟ କରିଛନ୍ତି।

ଏମ୍‌ଏସ୍‌ଏମ୍‌ଇ ଡିଆଇ କଟକର ଡାଇରେକ୍ଟର ଇନ୍‌ଚାର୍ଜ ଏସ୍.କେ. ସାହୁ କହିଛନ୍ତି ଯେ, କ୍ଷୁଦ୍ର ଶିଳ୍ପଠାରୁ ପିଏସ୍‌ୟୁଗୁଡିକର ଉତ୍ପାଦ ସଂଗ୍ରହ ଉନ୍ନତ ହେଲେ ଏହା ଦୀର୍ଘମିଆଦୀ ଭିତ୍ତିରେ ସଂସ୍ଥାଗୁଡିକର ବିକାଶରେ ସହାୟକ ହେବ। ମହିଳା ଉଦ୍ୟୋଗୀଙ୍କ ଲାଗି ରହିଥିବା ସ୍ୱତନ୍ତ୍ର ସ୍କିମ ଉପରେ ସେ ଏଠାରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଓସ୍‌ମେ ଅଧକ୍ଷ ଗୌରୀ ଶଙ୍କର ଦାସ, ମହାସଚିବ ସାତ୍ୱିକ ସ୍ୱାଇଁ, ଏମ୍‌ସିଏଲ୍ ମହାପ୍ରବନ୍ଧକ ମିହିର ଚନ୍ଦ୍ର, ଏନ୍‌ଏସ୍‌ଆଇସି ଏସ୍‌ଟି ଏସ୍‌ସି ହବ୍ ମୁଖ୍ୟ ଶୁଭାଶିଷ ଦାସ ଏବଂ ଏମ୍‌ଏସ୍‌ଏମ୍‌ଇ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଦୁଇଦିନ ଧରି ଚାଲିଥିବା ଏମ୍‌ଏସ୍‌ଏମ୍‌ଇ ସମିଟ୍ ସୋମବାର ଶେଷ ହୋଇଛି।

## ଫଟୋରେ ଖବର



ଗୋଲ୍ଡେନ ଗୀତ ଗଜଲ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ସୋମବାର ଅନୁଷ୍ଠିତ ସଙ୍ଗୀତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ଗାନ କରୁଛନ୍ତି।




ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ହମାରା ବଚ୍‌ପନ ଟ୍ରଷ୍ଟ ପକ୍ଷରୁ ସୋମବାର ଅନ୍ତର୍ଜାତୀୟ ଯୁବ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।




ଓଡ଼ିଶା ପତିତ ଉଦ୍ଧାର ସମିତି ପକ୍ଷରୁ ସୋମବାର ଅନ୍ତର୍ଜାତୀୟ ଯୁବ ଦିବସରେ ଭୁବନେଶ୍ୱର ରେଳ ଷ୍ଟେଶନରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା।



ମା’ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
–ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଯୁବତୀଙ୍କୁ ବ୍ଲାକମେଲିଂ କରି ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୨।୮(ବ୍ୟୁରୋ): ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋକୁ ଭାଇରାଲ କରିବା ଧମକ ଦେଇ ବ୍ଲାକମେଲିଂ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କେନ୍ଦ୍ରାପଡା ଜିଲା ନିକିରେଇ ଥାନା ଅଧୀନ ଇନ୍ଦୁପୁର ଗ୍ରାମର ଦେବୀ ପ୍ରସାଦ ପତି(୨୦)। କିନ୍ତୁ କିଛିବର୍ଷ ହେବ ସେ ଖଣ୍ଡଗିରି କୋଳଥିଆ ଅଞ୍ଚଳରେ ରହୁଥିଲେ। ପୋଲିସ ତାଙ୍କଠାରୁ ୫ଟି ସୁନା ଚେନ, ୨ଟି ସୁନା କାନଫୁଲ, ଦୁଇପଟ ସୁନା ଶଙ୍ଖା ଓ ନଗଦ ୧୦ହଜାର ଟଙ୍କା ଜବତ କରିଛି। ସୂଚନା ମୁତାବକ, ଦେବୀ କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ପରେ ବିବାହାର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସମ୍ପର୍କରେ ଫାଟ ଆସିବାରୁ ଦେବୀ ସମସ୍ତ ଫଟୋକୁ ଭାଇରାଲ କରିବାର ଧମକ ଦେଇଥିଲେ। ପରେ ତାଙ୍କୁ ନିଜ ମନ ମୁତାବକ ଟଙ୍କା ମାଗି ଅଭିଯୁକ୍ତ ବ୍ଲାକମେଲିଂ କରିଥିଲେ। ଯୁବତୀଜଣଙ୍କ ଭୟରେ ଘଟଣାରେ ସମ୍ପର୍କରେ ପରିବାର ଲୋକଙ୍କୁ ନ ଜଣାଇ ନିଜର ଇଜ୍ଜତ ବଞ୍ଚାଇବାକୁ ଯାଇ ନିଜ ଘରୁ ଟଙ୍କା, ସୁନାଅଳଙ୍କାର ଚୋରି କରି ଦେବୀଙ୍କୁ ଦେଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କ ଜୁଲମ ବଢିବା ପରେ ଯୁବତୀ ଜଣଙ୍କ ପରିବାର ଲୋକଙ୍କୁ ସବୁକଥା ଜଣାଇଥିଲେ। ଏ ନେଇ ଯୁବତୀଙ୍କ ଭାଇ ଗତ ରବିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ୩୬୪/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ନେଇ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକାରୀ ଅଧିକାରୀ ଏସଆଇ ଦୀପକ ଲେଙ୍କାଙ୍କ ନେତୃତ୍ୱରେ ରବିବାର ବିଳମ୍ବିତ ରାତିରେ ଅଭିଯୁକ୍ତଙ୍କ କୋଳଥିଆସ୍ଥିତ ଘରେ ଚଢାଉ କରିଥିଲା। ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଫୋନ ମେମୋରି ଚିପ ସର୍ବପ୍ରଥମେ ଜବତ କରି ଯାଞ୍ଚ କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରେ ଦେବୀଙ୍କ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

### ଏସ୍‌ସିଏସ୍ ୧୯୮୩ ବ୍ୟାଚ୍‌ର ବନ୍ଧୁମିଳନ

ଭୁବନେଶ୍ୱର, ୧୨।୮(ବ୍ୟୁରୋ): ପୁରୀର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ୧୯୮୩ ବ୍ୟାଚ ଛାତ୍ରୀଛାତ୍ରଙ୍କ ରବିବାର ଏକ ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହାଇଯାଇଛି। ଉତ୍ସବରେ ବ୍ୟକ୍ତିଗତ ଜୀବନର ସମସ୍ତ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ୮୬ଜଣ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ବିଗତ ମହାବିଦ୍ୟାଳୟ କାଳୀନ ଜୀବନର ସ୍ମୃତିକୁ ମନେପକାଇ ପରସ୍ପର ସହ ନିଜର ଅନୁଭୂତି ବାଣ୍ଟିଥିଲେ। ଏହି ଅବସରରେ କିଛି ବନ୍ଧୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କର ମନୋରଞ୍ଜନ କରିଥିଲେ। କଲ୍ୟାଣ ପଣ୍ଡା, ଦୁର୍ଗା ମିଶ୍ର, ରବି ଭଞ୍ଜ ଓ ଜୟଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଉକ୍ତ ବନ୍ଧୁ ମିଳନ ଉତ୍ସବ ପାଳିତ ହୋଇଥିଲା। ଏହି ଉତ୍ସବରେ ଡ. ଚିତ୍ତ ରଞ୍ଜନ ମିଶ୍ର, କୃଷ୍ଣ ନାୟକ, ସତ୍ୟବାଦୀ ମିଶ୍ର, ନିଧି କୁମାର ରାଉତରାୟ, ମୃତ୍ୟୁଞ୍ଜୟ ହରିଚନ୍ଦନ, ମଙ୍ଗଳା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ■ କାହିଁକି ଏତେ ଦାୟିତ୍ୱହୀନତା ?

# ଜୀବନ ନେଇଯିବ ବିପଜ୍ଜନକ ଖୁଣ୍ଟ

ଭୁବନେଶ୍ୱର,୧୨।୮(ବ୍ୟୁରୋ)



ବିପଜ୍ଜନକ ଅବସ୍ଥାରେ ଥିବା ବିଦ୍ୟୁତ୍‌ଖୁଣ୍ଟ।

■ଟ୍ୟୁବ୍, ଦଉଡ଼ିରେ ଝୁଲି ରହିଛି
■ବିଦ୍ୟୁତ୍ ତାର ଲାଗି ଚାର୍ଜ ହେଉଛି
■ଭୟ, ଆଶଙ୍କାରେ କଲୋନୀବାସୀ

ବାତ୍ୟା ଫନୀରେ ରାଜଧାନୀରେ ଶହ ଶହ ବିଦ୍ୟୁତ୍, ଟେଲିଫୋନ୍ ଓ କେବୁଲ ଖୁଣ୍ଟ ଭାଙ୍ଗିପଡିଥିବାବେଳେ ଆଉକିଛି ନଇଁଯାଇ ଝୁଲି ରହିଥିଲା। ବିଦ୍ୟୁତ୍ କର୍ମଚାରୀମାନେ ତରବରିଆ ଭାବେ ମରାମତି କରି ବିଦ୍ୟୁତ୍ ସଂଯୋଗଦେଇଥିଲେ। କେତେକ ସ୍ଥାନରେ ଅସ୍ଥାୟୀ ଭାବେ ମରାମତି କରାଯାଇଥିଲା। ଟେଲିଫୋନ୍ ଓ କେବୁଲ ଖୁଣ୍ଟ ମରାମତି ମଧ୍ୟ ସେହିଭଳି କରାଗଲା। ଏସବୁ ଖୁଣ୍ଟଗୁଡିକ ପ୍ରାୟ ପାଖାପାଖି ଥିବାରୁ କର୍ମଚାରୀମାନେ ପରସ୍ପରକୁ ଟ୍ୟୁବ୍, ଦଉଡ଼ି କିମ୍ବା ତାରରେ ବାନ୍ଧି କାମ ଚଳାଇଥିଲେ। ଏବେ ପର୍ଯ୍ୟନ୍ତ ସେହି କାମଚଳା କାର୍ଯ୍ୟରେ ଅଧା ଉପୁଡା, ଝୁଲି ରହିଥିବା ଖୁଣ୍ଟରେ ସେବା ଯୋଗାଣ ଚାଲିଛି। ସହରର ଅଧିକାଂଶ ସ୍ଥାନରେ ବିଦ୍ୟୁତ୍ ଜନିତ ବିପଦର ଆଶଙ୍କା ଦେଖିବାକୁ ମିଳୁଛି। ବହୁ ସ୍ଥାନରେ ବିଦ୍ୟୁତ୍ ତାର ମୁଣ୍ଡରେ ବାଜିବା ଭଳି ସ୍ଥିତିରେ ରହିଛି। ଏବେ ବର୍ଷାଦିନ ହୋଇଥିବାରୁ କେତେକ ଖୁଣ୍ଟ ଚାର୍ଜ ହୋଇଯାଉଥିବାବେଳେ ଆଉ କେତେକ ଖୁଣ୍ଟ କେତେବେଳେ ବି ଉପୁଡ଼ି ଯାଇପାରେ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ଚେତାପଶୁନି। ଏଭଳି ଦାୟିତ୍ୱହୀନତା ପାଇଁ କେତେବେଳେ ବି ଜୀବନ ଯିବାର ଭୟ ଏବେ ସହରବାସୀଙ୍କୁ ଘାରିଛି। ନୟାପଲ୍ଲୀ ଥାନା ଏକାମ୍ରଭିଲ୍ଲା କଲୋନୀରେ ଏଭଳି ବିପଜ୍ଜନକ ସ୍ଥିତି ଦେଖିବାକୁ ମିଳିଛି।

ଜୟଦେବବିହାର ବିଜୁପଟ୍ଟନାୟକ କଲେଜ ଛକରୁ ଏକାମ୍ରପାର୍କ ଅଭିମୁଖେ ଗଲେ ବାଟରେ ଡାହାଣ ପାର୍ଶ୍ୱରେ ଏକାମ୍ର ଭିଲ୍ଲା କଲୋନୀକୁ ରାସ୍ତା ଯାଇଛି। କଲୋନୀର ପ୍ରବେଶ ପଥ ରାସ୍ତା ଉପରକୁ ଝୁଲି ରହିଛି ଏହି ବିପଜ୍ଜନକ ଜିଆଇ ଖୁଣ୍ଟ। ଉକ୍ତ ଖୁଣ୍ଟରେ କେବୁଲ ଓ ଅନ୍ୟାନ୍ୟ ତାର ବଣ୍ଡଲ୍ ଗୁଡ଼ାହୋଇ ରହିଛି। ଉପୁଡି ପଡିବା ଅବସ୍ଥାରେ ରହିଥିବା ଏହି ଖୁଣ୍ଟକୁ ଟ୍ୟୁବ୍ ଓ ଦଉଡ଼ି ସହାୟତାରେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ରଖାଯାଇଛି। କୌଣସି ମୁହୂର୍ତ୍ତରେ ବି ଉପୁଡିପଡ଼ିବାର ସମ୍ଭାବନା ରହିଛି। ଏହାକୁ ଲାଗି ବିଦ୍ୟୁତ୍ ଖୁଣ୍ଟ ରହିଛି। ବିଦ୍ୟୁତ୍ ତାର ଉକ୍ତ ଜିଆଇ ଖୁଣ୍ଟରେ ଲାଗିଯାଇଛି। ଅଧିକାଂଶ ସମୟରେ ଖୁଣ୍ଟଟି ବିଦ୍ୟୁତ୍ ଚାର୍ଜ ହୋଇ ରହୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପ୍ରତିଦିନ ଛୋଟ ଛୋଟ ପିଲା ସେହିବାଟ ଦେଇ ସ୍କୁଲ ଯାଉଛନ୍ତି। କିଏ କେତେବେଳେ ଧରିଦେବ କହିହେଉ ନାହିଁ। ସେହିବାଟ ଦେଇ କଲୋନୀବାସୀ ଯାଉଛନ୍ତି। ବର୍ଷା ଓ ପବନ ହେଉଥିବାରୁ କେତେବେଳେ ଯେ କାହା ଉପରେ ଉପୁଡି ପଡିବ ତାହା ବି କହିହେଉନାହିଁ। ଲୋକେ ଭୟରେ ଯାତାୟାତ କରୁଥିବାବେଳେ ଅଭିଭାବକମାନେ ପିଲାଙ୍କୁ ଏକୁଟିଆ ସ୍କୁଲ୍ କିମ୍ବା ବାହାରକୁ ଛାଡ଼ିବାକୁ ଡରୁଛନ୍ତି। ଯଦି କେହି ପିଲା ଖେଳିବାକୁ ଚାଲିଯାଉଛି ତେବେ ବାପାମା’ଙ୍କ ଚିନ୍ତା ବଢୁଛି। ଏହା ନିକଟରେ ଏକ ଖୋଲା ଡ୍ରେନ୍ ମଧ୍ୟ ରହିଛି। କିଛିଦିନ ତଳେ ସାଲିଆସାହିର ଏକ ଖୋଲା ଡ୍ରେନ୍‌ରେ ଭାସିଯାଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ସେହି ସମୟରେ ବିଏମ୍‌ସି ଅଧିକାରୀ, ସ୍ଥାନୀୟ ନେତା ବିପଜ୍ଜନକ ସ୍ଥିତିରେ ଥିବା ଏକାମ୍ର ଭିଲ୍ଲାର ଉକ୍ତ ଖୁଣ୍ଟ ଓ ଖୋଲା ଡ୍ରେନ୍‌କୁ ବୁଲି ଦେଖି ତୁରନ୍ତ ମରାମତି ହେବ ବୋଲି କହିଥିଲେ। କିନ୍ତୁ ଏହାପରେ ଆଉ କାହାର ଦେଖା ନାହିଁ ବୋଲି କଲୋନୀବାସୀ କହିଛନ୍ତି। ଏ ନେଇ ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ ଏହା ତାଙ୍କର ଦାୟିତ୍ୱ ନୁହେଁ ବୋଲି କହୁଛନ୍ତି। ତେଣୁ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ଆଗକୁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ■ ଅଧା ରହିଗଲା ମାନସିକ


# କୁଆଖାଇରେ ବୁଡ଼ି ନାବାଳିକା କାଉଡ଼ିଆ ମୃତ

ଭୁବନେଶ୍ୱର,୧୨।୮(ବ୍ୟୁରୋ)

■ ପ୍ରଶାସନକୁ ଦାୟୀ କଲେ ସ୍ଥାନୀୟ ଲୋକେ
■ ବାରମ୍ବାର ଜୀବନ ଯିବାପରେ ଲାଗିପାରୁନି ସୂଚନା ଫଳକ

ମାନସିକ କରିଥିଲେ ଶ୍ରୀ ଲିଙ୍ଗରାଜ ମନ୍ଦିର ଯାଇ ପାଣି ଢାଳିଥାନ୍ତେ। ସୋମବାର ସକାଳେ କେଶୁରା ନିକଟରେ କୁଆଖାଇ ନଦୀରୁ ପାଣି ଉଠାଇବା ପାଇଁ କଳସ ଧରି ବୁଡ଼ ପକାଇଥିଲେ। ହେଲେ ସେ ଆଉ ଉଠିପାରି ନ ଥିଲେ। ଗୋଡ଼ ଖସି ଯିବାରୁ ନାବାଳିକା କାଉଡ଼ିଆ ଜଣକ ବୁଡ଼ି ଯାଇଥିଲେ। ସେ ହେଲେ ଲକ୍ଷ୍ମୀସାଗରରେ ରହୁଥିବା ବିନ୍ଦୁଶ୍ରୀ ସାହୁ(୧୫)। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଅଧଘଣ୍ଟା ଧରି ଖୋଜାଖୋଜି କରିବା ପରେ ମୃତଦେହ ମିଳିଥିଲା। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୭/୧୯) ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।

ସୂଚନା ଅନୁଯାୟୀ, ବିନ୍ଦୁଶ୍ରୀଙ୍କ ନିଜ ଗାଁ ଅନୁଗୋଳ ଗୁଦୁଲି ମୁଣ୍ଡାରେ। ସେ ପରିବାର ସହ ଲକ୍ଷ୍ମୀସାଗରରେ ରହୁଥିଲେ। ମାନସିକ କରିଥିବାରୁ ସେ ସୋମବାର ସକାଳ ପ୍ରାୟ ୯ଟାରେ ସାଙ୍ଗମାନଙ୍କ ସହ ପାଣି ଉଠାଇବାକୁ କୁଆଖାଇ ନଦୀ କେଶୁରା ଘାଟକୁ ଯାଇଥିଲେ। କୂଳରେ ପୂଜା କରିବା ପରେ କଳସ ଧରି ନଦୀ ଭିତରକୁ ଯାଇ ବୁଡ଼ ପକାଉଥିବାବେଳେ ବୁଡିଯାଇ ସ୍ରୋତରେ ଗଭୀର ଜଳକୁ ଚାଲିଯାଇଥିଲେ। ତାଙ୍କ ସହ ଥିବା ସାଙ୍ଗସାଥୀ ଓ ଅନ୍ୟ କାଉଡିଆ ଭକ୍ତମାନେ ଖୋଜାଖୋଜି କରି ପାଇ ନ ଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚିଥିଲେ। ଏହି ଘଟଣା ପାଇଁ ପ୍ରଶାସନକୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। କେଉଁ ଘାଟରେ ଗଭୀର ପାଣି ରହିଛି ସେନେଇ କୌଣସି ସୂଚନା ଫଳକ ଲଗାଯାଇନାହିଁ। ପୂର୍ବରୁ ଖୁଆଖାଇ ନଦୀରେ ବୁଡିଯାଇ ଅନେକଙ୍କ ଜୀବନ ଯାଇଛି। ଏହାସତ୍ତ୍ୱେ ଏବେବି ପ୍ରଶାସନ ପକ୍ଷରୁ ସଚେତନତା କିମ୍ବା ସୂଚନା ଫଳକ ଲଗାଯାଇ ନ ଥିବା ଦେଖିବାକୁ ମିଳିଛି।




ଭୁବନେଶ୍ୱର ରେଡକ୍ରସ ଭବନରେ ଆକ୍ସନଏଡ୍ ସହଯୋଗରେ ସିସିଡବ୍ଲୁଡି ପକ୍ଷରୁ ସୋମବାର ଅନୁଷ୍ଠିତ ଅନ୍ତର୍ଜାତୀୟ ଯୁବ ଦିବସ ଓ ରାଜ୍ୟସ୍ତରୀୟ କ୍ୟାମ୍ପେନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

### ଲକ୍ଷେଶ୍ୱର ମନ୍ଦିରରେ ୧୬୦୦ କାଉଡିଆଙ୍କ ଜଳଲାଗି

ବାଲିଅନ୍ତା,୧୨।୮(ଡି.ଏନ୍.ଏ.)

ଶ୍ରାବଣ ମାସର ଶେଷ ସୋମବାରରେ ନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିରରେ ୧୬୦୦ କାଉଡିଆ ଜଳଲାଗି କରିଥିଲେ। କାଉଡିଆମାନେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ମନ୍ଦିର ସମ୍ମୁଖରେ ନିର୍ମିତ ଅସ୍ଥାୟୀ ବ୍ୟାରିକେଡ ଦେଇ ଗର୍ଭଗୃହରେ ପ୍ରବେଶ କରିଥିଲେ। ଶେଷରେ ଭଜନ ସମାରୋହ ହୋଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ ବଂଶୀଧର ଭୋଳ, ନନ୍ଦିନୀ ସ୍ୱାଇଁ, ଅନନ୍ତ ବରାଳଙ୍କ ସମେତ ବିଭିନ୍ନ ଗ୍ରାମରୁ ଆସିଥିବା ସ୍ୱେଚ୍ଛାସେବକ ଓ କମିଶନରେଟ ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ।

### ଚାରାରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ଭୁବନେଶ୍ୱର ଭଞ୍ଜଭାରତୀ ଅନୁଷ୍ଠାନ ପକ୍ଷରୁ ପାତ୍ରପଡ଼ାସ୍ଥିତ ରାଜ୍ୟ ଔଷଧୀୟ ବୃକ୍ଷ ଉଦ୍ୟାନରେ ବୃକ୍ଷରୋପଣ ଓ ବନ ମହୋତ୍ସବ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନୀଳାଦ୍ରିମୋହନ ଶତପଥୀ, ଭୁବନେଶ୍ୱର ବନଖଣ୍ଡ ଅଧିକାରୀ ଅଶୋକ ମିଶ୍ର, ଡା. କୃଷ୍ଣକେଶବ ଷଡ଼ଙ୍ଗୀ, କୋଷାଧକ୍ଷା ବିଜୟା ମିଶ୍ର, ସଦସ୍ୟ ପବିତ୍ରମୋହନ ସାହୁ ପ୍ରମୁଖ ବୃକ୍ଷରୋପଣ କରିବା ସହିତ ଓଡ଼ିଆ ସାହିତ୍ୟରେ ବୃକ୍ଷ ମହିମା ବର୍ଣ୍ଣନାର ଅବତାରଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲିମ୍ବ, ବଉଳ, କାଞ୍ଚନ, ଅଶ୍ୱତ୍ଥ, ଚମ୍ପା ଚାରାରୋପଣ କରିଥିଲେ।

### କୁନି ଶିଳ୍ପୀଙ୍କ ତୂଳୀରେ ସ୍ୱାଧୀନତାର ଝଲକ



କୁନି ଶିଳ୍ପୀମାନେ ସ୍ୱାଧୀନତା ପତାକାର ଚିତ୍ର ଆଙ୍କୁଛନ୍ତି।

ପୁରୁଣାଭୁବନେଶ୍ୱର,୧୨।୮(ଡି.ଏନ୍.ଏ.)

ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ପୋଖରୀପୁଟ ଫେଜ-୨ ଇନ୍ଦ୍ରପ୍ରସ୍ଥ କଲୋନୀ ପରିସରରେ ଥିବା ଚିତ୍ରଶାଳା ପକ୍ଷରୁ ସ୍ୱାଧୀନତା ସଂଗ୍ରାମ ଓ ଶହୀଦଙ୍କ ସ୍ମୃତି ଆଧାରରେ ଏକ ସ୍ୱତନ୍ତ୍ର ଚିତ୍ରାଙ୍କନ କର୍ମଶାଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଅନସୂୟା ସାହୁଙ୍କ ତତ୍ତ୍ୱାବଧାନରେ କୁନି ଶିଳ୍ପୀମାନେ ଜାତୀୟ ପତାକା, ଶାନ୍ତିର କପୋତ, ତ୍ରିରଙ୍ଗାରେ ପ୍ରଜାପତି, ବେଲୁନ୍ ସମେତ ମୁକ୍ତି ସଂଗ୍ରାମର ଚିତ୍ର ପ୍ରସ୍ତୁତ କରିଥିଲେ। ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ଏହି ମୁହୂର୍ତ୍ତକୁ ପିଲାଙ୍କ ମନରେ ଭରିଦେବା ସହିତ ଜାତୀୟତାବାଦ ଭାବନା ଓ ଚିତ୍ରକଳାରେ ଦକ୍ଷତା ସୃଷ୍ଟି କରିବା କାର୍ଯ୍ୟକ୍ରମର ଆଭିମୁଖ୍ୟ ବୋଲି ଚିତ୍ରଶାଳା ପକ୍ଷରୁ କୁହାଯାଇଛି। ସାମାଜିକ କର୍ମୀ ସୁଶାନ୍ତ ସାହୁ, ତ୍ରିଲୋଚନ ବେଉରା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅନୁଷ୍ଠାନର ଏଭଳି ପ୍ରୟାସ ଓ ପିଲାଙ୍କ ସାମର୍ଥ୍ୟକୁ ସାଧୁବାଦ ଜଣାଇଥିଲେ।

## ■ ଶ୍ରାବଣ ଶେଷ ସୋମବାର

# ଶ୍ରୀଲିଙ୍ଗରାଜଙ୍କୁ ଜଳଲାଗି କଲେ ୨୫ହଜାର କାଉଡ଼ିଆ



ଶ୍ରୀଲିଙ୍ଗରାଜ ମନ୍ଦିରରେ କାଉଡ଼ିଆଙ୍କ ଭିଡ ଲାଗିଛି।

ପୁରୁଣାଭୁବନେଶ୍ୱର,୧୨।୮(ଡି.ଏନ୍.ଏ.)

ଶ୍ରାବଣ ମାସର ଶେଷ ସୋମବାରରେ ଶ୍ରୀଲିଙ୍ଗରାଜଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରାୟ ୨୫ହଜାର କାଉଡ଼ିଆ ଶ୍ରୀଲିଙ୍ଗରାଜଙ୍କୁ ଜଳଲାଗି କରିଥିବା ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ କହିଛନ୍ତି। ଭୋର ୩ଟାରୁ ମନ୍ଦିର ଦ୍ୱାର ଫିଟାଯାଇ ଆଳତି, ଅବକାଶ ନୀତି ହୋଇଥିଲା। ଭୋର ୪ଟାରୁ ଶ୍ରୀଜୀଉଙ୍କ ସାହଣ ମେଳା ଦର୍ଶନ ଅବସରରେ କାଉଡ଼ିଆ ଓ ଶ୍ରଦ୍ଧାଳୁ ଜଳଲାଗି ଓ ପୂଜାର୍ଚ୍ଚନା କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଦେବୋତ୍ତର କମିଶନର ଚିତ୍ତରଞ୍ଜନ ପାତ୍ର, ଉପକମିଶନର ପ୍ରବୀର କୁମାର ଚୌଧୁରୀ, ସହକାରୀ ଦେବୋତ୍ତର କମିଶନର ଆଶିଷ ପଟ୍ଟନାୟକ, ଜିଲାପାଳ ସୀତାଂଶୁ କୁମାର ରାଉତ, ନାଲକୋ ଚେୟାରମ୍ୟାନ ତପନ ଚାନ୍ଦ, ପୋଲିସ କମିଶନର ସତ୍ୟଜିତ ମହାନ୍ତି ପ୍ରମୁଖ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପ୍ରଦୀପ ସେବା ଟ୍ରଷ୍ଟ, ଆର୍ଟ ଅଫ ଲିଭିଂ, ମିଶିଙ୍ଗ ଫାଉଣ୍ଡେଶନ ପ୍ରମୁଖ ମନ୍ଦିର ସଫେଇ କାର୍ଯ୍ୟ କରିଥିଲେ। ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ କାର୍ଯ୍ୟ ତଦାରଖ କରିଥିଲେ। ଶ୍ରୀଲିଙ୍ଗରାଜ ମନ୍ଦିର ଭିତରକୁ ମୋବାଇଲ ଓ କ୍ୟାମେରା ପ୍ରବେଶ ନିଷେଧ ଥିବା ବେଳେ ସୋମବାର ଜଣେ ସେବାୟତଙ୍କ ମନ୍ଦିର ଭିତର ଫଟୋ ଭାଇରାଲ ହୋଇଥିବା ଦେଖାଦେଇଛି। ଏହାକୁ ମନ୍ଦିର ପ୍ରଶାସନ ଗୁରୁତର ନେବା ସହ କଟକଣା କଡାକଡି କରିବା ପାଇଁ ସାଧାରଣରେ ଦାବି ହେଉଛି।

## ■ ଭୁବନେଶ୍ୱର ରେଲୱେ ଷ୍ଟେଶନ

# ସେବାରେ ଆସୁନି ଦେୟମୁକ୍ତ ଶୌଚାଳୟ

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

**ଖୋଲାରେ ପରିସ୍ରା କରୁଛନ୍ତି ଲୋକେ**

ପ୍ରତିଦିନ ଭୁବନେଶ୍ୱରର ରେଲୱେ ଷ୍ଟେଶନକୁ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀ ଯିବା ଆସିବା କରୁଛନ୍ତି। ହେଲେ ଆବଶ୍ୟକ ପରିମାଣର ଶୌଚାଳୟ ନଥିବାରୁ ଲୋକେ ହଇରାଣ ହେଉଛନ୍ତି। ଏପରିକି ଏଠାରେ କେତେକ ଶୌଚାଳୟ ଦେୟମୁକ୍ତ ଥିଲେ ମଧ୍ୟ କୌଣସି ସୂଚନା ଫଳକ ନ ଥିବାରୁ ଲୋକେ ଜାଣି ନ ପାରି ଖୋଲାରେ ପରିସ୍ରା କରୁଛନ୍ତି। ଫଳରେ ପରିସ୍ରା ଗନ୍ଧରେ ନାକ ଫାଟି ପଡୁଛି। ଏ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରେଲୱେ ପକ୍ଷରୁ ଖୋଲାରେ ପରିସ୍ରା କରୁଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରାଯିବା ନେଇ ନିୟମ ଥିଲେ ବି ଏହା କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ୨୦୧୭ରୁ ୩ଟି ବିଭାଗ ଆର୍‌ପିଏଫ, ଷ୍ଟେଶନ ହେଲ୍‌ଥ ଇନସ୍ପେକ୍ଟର ଓ ଟିକେଟ ଚେକିଂକୁ ଦାୟିତ୍ୱ ବଣ୍ଟାଯାଇଛି। ସେହି ବର୍ଷ ଅକ୍ଟୋବରରୁ ଡିସେମ୍ବର ସୁଦ୍ଧା ଆରପିଏଫ ୪୫୯ଟି ମାମଲାରେ ୪୯ ହଜାର ଟଙ୍କା ଜରିମାନା ଆଦାୟ କରିଥିଲା। ୨୦୧୮ରେ ବର୍ଷକ ଭିତରେ ୨,୩୪୭ଟି ମାମଲାରେ ୨,୪୦,୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଳିତ ବର୍ଷ ଜୁଲାଇ ସୁଦ୍ଧା ୪୫୯ ବ୍ୟକ୍ତିଙ୍କଠାରୁ ୪୫,୯୦୦ ଟଙ୍କା ଆଦାୟ କରାଯାଇଛି। ସିଏଚଆଇ(ହେଲ୍ଥ ଇନସ୍ପେକ୍ଟର) ମାତ୍ର ୩ଟି ଜରିମାନାରୁ ୩୦୦ଟଙ୍କା ଆଦାୟ କରିଛନ୍ତି। ଟିକେଟ୍ ଚେକିଂ ବିଭାଗ ପକ୍ଷରୁ ୨୦୧୮-୧୯ରେ ୮୭୪ ଟି ମାମଲାରେ ୮୭,୪୦୦ ଟଙ୍କା ଆଦାୟ କରାଯାଇଛି। ୨୦୧୯-୨୦ରେ ୪୦ ଟି ମାମଲାରେ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଜରିମାନା ଆଦାୟ କରାଯାଉଥିଲେ ବି ଖୋଲାରେ ପରିସ୍ରା କରିବା ଲୋକଙ୍କ ସଂଖ୍ୟା କମୁନାହିଁ। ଷ୍ଟେଶନ ଭିତରେ ପ୍ଲାଟଫର୍ମ ନଂ.୧ରେ ଦୁଇପଟର ଶେଷ ଆଡକୁ ଦୁଇଟି ଦେୟମୁକ୍ତ ଶୌଚାଳୟ ରହିଛି ଓ ପ୍ଲାଟଫର୍ମ ନଂ.୬ରେ ଗୋଟିଏ ଦେୟମୁକ୍ତ ଶୌଚାଳୟ ରହିଛି। ଅନ୍ୟ ଶୌଚାଳୟ ସବୁ ପ୍ରତୀକ୍ଷାଳୟରେ ଅଛି। ଷ୍ଟେଶନ ଭିତରେ ଥିବା ଦେୟମୁକ୍ତ ଶୌଚାଳୟ ସମ୍ପର୍କରେ କୌଣସି ସୂଚନା ବା ଫଳକ ଲଗାଯାଇ ନ ଥିବାରୁ ଲୋକେ ଜାଣିପାରୁନାହାନ୍ତି। ଷ୍ଟେଶନକୁ ଟିକେଟ କରି ଆସିଥିବା ସମସ୍ତ ଯାତ୍ରୀ ପ୍ରତୀକ୍ଷାଳୟରେ ଥିବା ଶୌଚାଳୟକୁ ବ୍ୟବହାର କରିପାରିବେ ବୋଲି ରେଲୱେ ପକ୍ଷରୁ ଜଣାପଡିଛି। କିନ୍ତୁ ଏ ସମ୍ପର୍କରେ ଯାତ୍ରୀମାନେ ଅବଗତ ନାହାନ୍ତି। ଏ ନେଇ ଷ୍ଟେଶନ କର୍ତ୍ତୃପକ୍ଷ କହିଛନ୍ତି, ଯାତ୍ରୀମାନେ ସ୍ୱଚ୍ଛତା ଜ୍ଞାନ ରଖୁ ନ ଥିବାରୁ ପଦାରେ ପରିସ୍ରା କରୁଛନ୍ତି। ଆଗକୁ ସବୁ ପ୍ଲାଟଫର୍ମରେ ଶୌଚାଳୟ ତିଆରି ପାଇଁ ପ୍ରସ୍ତାବ ଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### କମ୍ପାନୀରୁ ଚୋରି ଘଟଣା ଆଉ ୨ କବାଡ଼ିଆ ବ୍ୟବସାୟୀ ଗିରଫ

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

ଖାରବେଳ ନଗର ଥାନା ଅନ୍ତର୍ଗତ ଏକ ଘରୋଇ କମ୍ପାନୀରୁ ଚୋରି ଘଟଣାରେ ସମ୍ପୃକ୍ତ ଆଉ ଦୁଇଜଣଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ତାଙ୍କ ନିକଟରୁ ଚୋରି ଆଲୁମିନୟମ ଲୁହା ସାମଗ୍ରୀ କରିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ଶାନ୍ତିପଲ୍ଲୀ ବସ୍ତି ଅଞ୍ଚଳର ୨କବାଡିଆ ବ୍ୟବସାୟୀ ଶେଖ ମୋତିୱାଲା ଓ ଶେଖ ମଇଦୁଲ। ଉକ୍ତ ଘରୋଇ କମ୍ପାନୀରେ ଶ୍ରମିକ ସୁଶାନ୍ତ ବେହେରା ଓ ସିକ୍ୟୁରିଟି ଗାର୍ଡ ତୁଷାର ରଞ୍ଜନ ଦାସ ଶନିବାର ଆଲୁମିନିୟମ ଓ ଲୁହା ଚ୍ୟାନେଲ ଚୋରି କରୁଥିବାବେଳେ ଧରାପଡ଼ିଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରି ତଥ୍ୟକୁ ଆଧାର କରି ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ଉଭୟ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ■ ବେଆଇନ ଖଣି କାରବାର ମାମଲା

# ଅଭିଯୁକ୍ତ ଦିଲୁ ଯାଜପୁରରୁ ଗିରଫ


ଭୁବନେଶ୍ୱର, ୧୨।୮(ବ୍ୟୁରୋ)



ଖୋର୍ଦ୍ଧାରେ ଗତ କିଛିଦିନ ହେଲା ଏସ୍‌ଟିଏଫ୍ ପକ୍ଷରୁ ଚଢାଉ ଜାରିରହିଥିବାବେଳେ ଜଣକ ପରେ ଜଣେ ଖଣି ମାଫିଆ ଧରାପଡୁଛନ୍ତି। ୧୫ଦିନ ତଳେ ଏସ୍‌ଟିଏଫ୍‌କୁ ଚକ୍‌ମା ଦେଇ ଫେରାର ହୋଇଯାଇଥିବା ବେଆଇନ ଖଣି କାରବାରର ଅନ୍ୟତମ ଅଭିଯୁକ୍ତ ଦିଲୁ ଓରଫ ଦିଲୀପ ଦାଶ (୩୯)ଙ୍କୁ ରବିବାର ଗିରଫ କରାଯାଇଛି। ଦିଲୁଙ୍କ ଘର ଖୋର୍ଦ୍ଧା ଟାଉନ ଥାନା ଅଧୀନ ପାଲହାଟ ଅଞ୍ଚଳରେ ହୋଇଥିବାବେଳେ ସେ ଯାଜପୁର ଜିଲା ମଙ୍ଗଳପୁରକୁ ଚାଲିଯାଇ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ଲୁଚି ରହିଥିଲେ। ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ସୂଚନା ପାଇବା ପରେ ସେଠାକୁ ଯାଇ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ମୁତାବକ, ଦିଲୁ ଖୋର୍ଦ୍ଧାରୁ ଆସି ପ୍ରଥମେ ଭୁବନେଶ୍ୱରର ପଳାଶୁଣୀରେ କିଛିଦିନ ରହିଥିଲେ। ପରେ ଏସ୍‌ଟିଏଫ୍ ନଜରରୁ ବର୍ତ୍ତିବା ପାଇଁ ଯାଜପୁର ଚାଲିଯାଇଥିଲେ। ଏସ୍‌ଟିଏଫ୍ ଅଧିକାରୀମାନେ ତାଙ୍କ ମୋବାଇଲ ଟ୍ରାକ୍ କରୁଥିଲେ। ମୋବାଇଲ ଟ୍ରାକ୍‌ରୁ ସେ ଯାଜପୁର ଜିଲାର ମଙ୍ଗଳପୁର ଅଞ୍ଚଳରେ ଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ଧରିବାକୁ ଏସ୍‌ଟିଏଫ୍ ପକ୍ଷରୁ ଜାଲ ବିଛାଯାଇଥିଲା। ତାଙ୍କ ନାମରେ କେସ୍ ନଂ. ୭/୧୯ ରୁଜୁ ହୋଇଥିବାବେଳେ ବେଆଇନ ଖଣି ଖନନ, ବେଆଇନ ବନ୍ଧୁକ ରଖିବା ଓ ଦାଦାବଟି ପାଇଁ ଧମକଚମକ ଦେବା ଆଦି ଅଭିଯୋଗ ରହିଛି। ତାଙ୍କ ଗ୍ୟାଙ୍ଗ୍‌ରେ ଅନ୍ୟ କେଉଁମାନେ ସଂପୃକ୍ତ ଅଛନ୍ତି ସେନେଇ ଖୋଳତାଡ଼ ପାଇଁ ଏସ୍‌ଟିଏଫ୍ ତାଙ୍କୁ ରିମାଣ୍ଡରେ ଆଣିବ। ଏଥିଲାଗି ଖୁବ୍‌ଶୀଘ୍ର କୋର୍ଟରେ ଆବେଦନ କରାଯିବ ବୋଲି ଏସ୍‌ଟିଏଫ୍ ଅଧିକାରୀ କହିଛନ୍ତି। ପ୍ରଥମେ ଦିଲୁଙ୍କର ଆର୍ଥିକ ସ୍ଥିତି ଭଲ ନ ଥିଲା। ତାଙ୍କୁ ଜଣେ ବ୍ୟକ୍ତି ଖଣିରୁ ପଥର ଚାଲାଣ ତଦାରଖ ଦାୟିତ୍ୱ ଦେଇଥିଲେ। ପରେ ଦିଲୁ ନିଜେ ଏକ ଗ୍ୟାଙ୍ଗ୍ ଗଢି ଖଣିରୁ ପଥର ଖୋଳି ବିକ୍ରି କରୁଥିଲେ। ଏଭଳି ଚୋରା କାରବାର ମାଧ୍ୟମରେ ସେ ରାତାରାତି କୋଟିପତି ବନିଥିଲେ। ଲୋକଙ୍କୁ ସେ ଡରାଇ ଧମକାଇ ରଖିଥିଲେ। ଖଣିରୁ ପଥର ଖନନ କରି ତାହାକୁ ଏକ କ୍ରଶରକୁ ନେଇ ବିକ୍ରି କରୁଥିଲେ। ତଦନ୍ତ ବେଳେ ଏସ୍‌ଟିଏଫ୍ ଏହା ଜାଣିବାକୁ ପାଇଛି ବୋଲି ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପି.ଆର କହିଛନ୍ତି।

# ଗୃହିଣୀଙ୍କ ପାଇଁ...



- ❖ ଆଲମୀରାର ବହିପତ୍ର ଥିବା ଥାକରେ ଚନ୍ଦନ କାଠ ଖଣ୍ଡଟିଏ କିମ୍ବା ଶୁଖିଲା ନିମ୍ବପତ୍ର ରଖିଲେ ଏଥିରେ ପୋକ ଲାଗିବେ ନାହିଁ।
- ❖ ମିରର୍‌କୁ ପରିଷ୍କାର କରିବାକୁ ହେଲେ ଉଷୁମ ପାଣିରେ ଏକ ଚାମଚ ଭିନେଗାର ମିଶାଇ କପଡା ଦ୍ୱାରା ସଫା କରନ୍ତୁ। ପରେ କାଗଜରେ ପୋଛି ଦିଅନ୍ତୁ।
- ❖ ତାମ୍ବାକୁ ପରିଷ୍କାର କରିବାକୁ ହେଲେ ଏକ ଶୁଖିଲା କପଡାରେ କେଚ୍‌ଅପ୍ ଲଗାଇ ରଗଡି ସଫା କରନ୍ତୁ। ପରେ ପାଣିରେ ଧୋଇଦିଅନ୍ତୁ। ଆପଣ ଚାହିଁଲେ କେଚ୍‌ଅପ୍ ବଦଳରେ ଲେମ୍ବୁର ବ୍ୟବହାର କରିପାରିବେ।
- ❖ ଘରର କାଚ ଆଦି ସାମଗ୍ରୀ ସଫା କରିବା ପାଇଁ କାଗଜର ବ୍ୟବହାର କରନ୍ତୁ। ପରେ ଟେଲ୍‌କମ୍ ପାଉଡର ପକାଇ ପୋଛି ଦିଅନ୍ତୁ।
- ❖ ଫର୍ଣ୍ଣିଚରରେ ଥିବା ଦାଗ ଛଡାଇବା ପାଇଁ ପେଟ୍ରୋଲିୟମ୍ ଜେଲି ବ୍ୟବହାର କରନ୍ତୁ। ଦାଗ ହୋଇଥିବା ସ୍ଥାନରେ ପେଟ୍ରୋଲିୟମ୍ ଜେଲି ଲଗାଇ ରାତିସାରା ରଖନ୍ତୁ। ପରଦିନ ସକାଳେ ସ୍ପଞ୍ଜ କିମ୍ବା କପଡା ଦ୍ୱାରା ଏହାକୁ ସଫା କରନ୍ତୁ।
- ❖ କମଳା ଚୋପାକୁ ଖରାରେ ଶୁଖାନ୍ତୁ। ଏହାକୁ ଗୁଣ୍ଡ କରି ଆଲମୀରାର କୋଣମାନଙ୍କରେ ପକାନ୍ତୁ। ଏପରି କଲେ କପଡାରେ ପୋକ ଲାଗିପାରିବେ ନାହିଁ।
- ❖ ରୋଷେଇ ଘରର ସିଙ୍କ୍ ସଫା କରିବା ପାଇଁ ଅଧା କପ୍ ଭିନେଗାରରେ ଏକ ଚାମଚ ଲେମ୍ବୁରସ ଏବଂ ବେକିଂ ସୋଡା ମିଶାଇ ସିଙ୍କ୍ ରେ ପକାନ୍ତୁ। ୧୦- ୧୫ ମିନିଟ୍ ପରେ ବ୍ରସ୍‌ରେ ରଗଡି ଗରମ ପାଣିରେ ସଫା କରନ୍ତୁ।
- ❖ ଘରର ଟାଇଲ୍ ସଫା କରିବା ପାଇଁ ଡିଟରଜେଣ୍ଟ ପାଉଡର ବ୍ୟବହାର କରନ୍ତୁ।
- ❖ ଯଦି କଳା ପିମ୍ପୁଡି ଦାଉରୁ ରକ୍ଷା ପାଇବା ପାଇଁ ଚାହୁଁଛନ୍ତି ତେବେ ଅଟାରେ ଚିନି ଏବଂ ହଳଦୀ ମିଶାଇ ଉକ୍ତ ସ୍ଥାନରେ ଛିଞ୍ଚି ଦିଅନ୍ତୁ।
- ❖ ଆଲୁମିନିୟମ୍ ପାତ୍ରକୁ ସଫା କରିବାକୁ ହେଲେ ଏଥିରେ ପାଣି ଏବଂ ସେଓର ଚୋପା ମିଶାଇ ଫୁଟାନ୍ତୁ। ପରେ ଏହାକୁ ସଫା କରନ୍ତୁ।
- ❖ ରବର ଖେଳଣାକୁ ପରିଷ୍କାର କରିବାକୁ ହେଲେ ପ୍ରଥମେ ବେକିଂ ସୋଡାରେ ଧୋଇ ପରେ ପାଣିରେ ଧୁଅନ୍ତୁ।





# ଭାଇ ସହ ସ୍ମୃତି

**ଭାଇ ଭଉଣୀର ପବିତ୍ର ସମ୍ପର୍କର ନିଦର୍ଶନ ହେଉଛି ରାଖୀ। ରାଖୀ ପୂର୍ଣ୍ଣିମାରେ ଭାଇ ହାତରେ ରାଖୀଟିଏ ବାନ୍ଧି ଏହି ସମ୍ପର୍କକୁ ଆହୁରି ଦୃଢ଼ କରିବା ପାଇଁ ସବୁ ଭଉଣୀ ଚାହାନ୍ତି। ତେବେ କେବଳ ରାଖୀ ବାନ୍ଧିବା ନୁହେଁ ଭାଇଭଉଣୀଙ୍କ ସ୍ନେହ ଭଲପାଇବା ଭିତରେ ଏମିତି କିଛି ଘଟଣା ବି ଥାଏ ଯାହା ସବୁଦିନ ପାଇଁ ସୁନ୍ଦର ସ୍ମୃତି ହୋଇ ରହିଯାଏ....**


ଅନ୍ତରା


ବିମଳା


ଲିପିକା


ଶୁଭ୍ରସୀମା


ରାଜଶ୍ରୀ


ପିଙ୍କି

**କ୍ୟାରିଅରକୁ ବଞ୍ଚାଇ ଦେଲା ଭାଇ : ପିଙ୍କି ପ୍ରିୟଦର୍ଶିନୀ, ଅଭିନେତ୍ରୀ**

ସେଦିନ ଥାଏ ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନ। ଇଂଲିଶ ସବ୍‌ଜେକ୍ଟର ପରୀକ୍ଷା। ନର୍ଭସ ହୋଇ ସ୍କୁଲକୁ ଯାଉଥାଏ। ଗେଟ୍ ପାଖରେ ଆଡ୍‌ମିଟ୍ କାର୍ଡ ଚେକିଂ ଚାଲିଥାଏ। ମୁଁ ଏତେ ନର୍ଭସ ଥିଲି ଯେ, ଆଡ୍‌ମିଟ୍ କାର୍ଡ ଘରେ ଛାଡି ଦେଇ ସ୍କୁଲ ପଳେଇ ଯାଇଥିଲି। ବିନା ଆଡ୍‌ମିଟ୍ କାର୍ଡରେ ପରୀକ୍ଷା ଦେବା ତ ଦୂରର କଥା, ହଲ୍‌ରେ ବି ପଶିହେବ ନାହିଁ। ସାଙ୍ଗେ ସାଙ୍ଗେ ମୋ ଭାଇକୁ କଣ୍ଟାକ୍ଟ କଲି। ପ୍ରଶ୍ନପତ୍ର ଦିଆଯିବା ପୂର୍ବରୁ ସେ ଆଡ୍‌ମିଟ୍ କାର୍ଡ ନେଇ ସ୍କୁଲରେ ପହଞ୍ଚିଗଲା। ଭାଇ ଯଦି ଠିକ୍ ସମୟରେ ସେଦିନ ପହଞ୍ଚି ନ ଥାନ୍ତା ତା' ହେଲେ ମୋ କ୍ୟାରିଅରରେ ନିହାତି ଅସୁବିଧା ହୋଇଥାନ୍ତା। ଖାଲି ପରୀକ୍ଷା ନୁହେଁ ମୋ ସୁଖଦୁଃଖ ସମୟର ସାଥୀ ହେଉଛି ମୋ ଭାଇ। ସେ ମୋ ଠାରୁ ୭ ବର୍ଷ ବଡ଼ କିନ୍ତୁ ଆମେ ଦୁହେଁ ସବୁବେଳେ ସାଙ୍ଗ ପରି ରହୁ। ଆଉ ରାଖୀପୂର୍ଣ୍ଣିମାରେ ସିନା କୋଉ ଭାଇ ଭଉଣୀକୁ ଗିଫ୍ଟ କରେ, କିନ୍ତୁ ମୋ ଭାଇ ମୋ ଠାରୁ ଗିଫ୍ଟ ନ ନେଲେ ମୋ ପାଖରୁ ରାଖୀ ବାନ୍ଧେ ନାହିଁ। ଆଉ ସେଇଟା ହିଁ ମୋ ଖୁସି।

**ଭାଇ ପାଖକୁ ପଠାଇଥିଲି ଡାଳିମ୍ବ କଢ଼ି : ଶୁଭ୍ରସୀମା ନାୟକ, ବିୟୁଟିସିଆନ୍, ଭୁବନେଶ୍ୱର**

ସେତେବେଳେ ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥାଏ। ମୋ ସାନ ଭାଇକୁ ୧ବର୍ଷ। ବାପାଙ୍କ ସହ ଆମେ ୩ ଭଉଣୀ ଭଦ୍ରକ ଟାଉନ୍‌ର ଚରମ୍ପାଠାରେ ରହୁଥାଉ। ମା' ଏବଂ ଭାଇ ଭଦ୍ରକର ବାସୁଦେବପୁର ଗ୍ରାମରେ ରହୁଥିଲେ। ଖରାବେଳେ ମୁଁ ଦୁଷ୍ଟ ହୁଏ ବୋଲି ଖାଇସାରି ଶୋଇବା ପାଇଁ ଖଟରେ ମୋର ଗୋଡ ବନ୍ଧାଯାଏ। ଦିନେ ଭାଇର ଝାଡା ହେଉଥାଏ। ଗାଁରେ ମେଡିକାଲ୍ ଫ୍ୟାସିଲିଟି ସେମିତି ନ ଥାଏ। ମୁଁ ଶୁଣିଥିଲି ଡାଳିମ୍ବ ରସ ପିଇଲେ ପତଳା ଝାଡା ହେବ ନାହିଁ। ଖରାବେଳେ ସମସ୍ତେ ଶୋଇସାରିବା ପରେ ଧୀରେ ଧୀରେ ଗୋଡରେ ବନ୍ଧା ହୋଇଥିବା ଫାଶ ଫିଟାଇ କବାଟ ଖୋଲି ଘର ବାହାରକୁ ଗଲି। ଲୁଚି କରି ପଡିଶା ଘରେ ଜଣଙ୍କ ପାଚେରି ଉପରେ ଚଢି ଡାଳିମ୍ବ କଢି, ଫୁଲ ତୋଳି ପୋଷ୍ଟ ଅଫିସ ଗଲି। ଗୋଟେ ଇନ୍‌ଲାଣ୍ଡ ଲେଟର କିଣି ଏସବୁକୁ ଛୋଟ ଛୋଟ ଖଣ୍ଡ କରି କାଟି ତା' ଭିତରେ ରଖିବା ସହ କେମିତି ଖାଆନ୍ତି ସେଥିରେ ଲେଖି ପୋଷ୍ଟ କଲି। ୨ ଦିନ ପରେ ବୋଉ ପାଖରେ ଚିଠି ପହଞ୍ଚିଲା। ସେପର୍ଯ୍ୟନ୍ତ ଭାଇର ଝାଡା କମି ନ ଥାଏ। ମା' ପୋଷ୍ଟ ମ୍ୟାନ୍‌କୁ ଇନ୍‌ଲାଣ୍ଡ ଲେଟରର ଚାର୍ଜ ପଇସା ଦେଲା। ଲେଟର ଖୋଲି ଡାଳିମ୍ବ କଢି ଓ ମୋ ଲେଖା ଦେଖି ଖୁବ୍ ଖୁସି ହୋଇଯାଇଥିଲା। ସାଙ୍ଗେ ସାଙ୍ଗେ ମୋ ଭାଇକୁ ବାଟି କରି ପିଇବାକୁ ଦେଲା। ତା' ପରଦିନ ମୋ ଭାଇର ଦେହ ପୂରା ଭଲ ହୋଇଗଲା। ଆଜି ପର୍ଯ୍ୟନ୍ତ ମୋ ମା' ଏକଥା କହିବାବେଳେ କାନ୍ଦି ପକାଏ। ସିଏ ତ ମୋର ଛୋଟ ଭାଇ। ପ୍ରତିବର୍ଷ ଟଙ୍କା ନ ନେଲେ ସେ ରାଖୀ ବାନ୍ଧେନା। ଏବେ ବି ଆମେ ବହୁତ କ୍ଲୋଜ୍ ଫ୍ରେଣ୍ଡ।

**ତା'ର ସ୍ନେହ ମୋ ପାଇଁ ଯଥେଷ୍ଟ : ଡ. ଲିପିକା ମହାପାତ୍ର, ଭୁବନେଶ୍ୱର**

ଭାଇର ଇଞ୍ଜିନିୟରିଂ ବେଳେ ମୋର ମେଡିକାଲ୍ ପାଠପଢା ଚାଲିଥାଏ। କଲେଜରେ ସବୁ ଝିଅମାନେ ଅନ୍ୟମାନଙ୍କୁ ରାଖୀ ବାନ୍ଧନ୍ତି। ମୁଁ କିନ୍ତୁ ମୋ ଭାଇ ବ୍ୟତୀତ ଆଉ କାହାରିକୁ ରାଖୀ ବାନ୍ଧେ ନାହିଁ। ମୋର ଗୋଟିଏ ଭାଇ। ସେ ହଷ୍ଟେଲରେ ରହି ପାଠ ପଢୁଥିଲା। ଥରେ ରାକ୍ଷୀପୂର୍ଣ୍ଣିମାରେ ରାଖୀ ବାନ୍ଧିବାକୁ ଖୁସି ମନରେ ତାକୁ ଫୋନ୍ କଲି। ସେ କହିଲା ଜାଣିଛୁ ନାନୀ, ଆଜି ମୋ ହାତରେ ବହୁତ ଝିଅ ରାଖୀ ବାନ୍ଧିଛନ୍ତି। ମୁଁ ରାଗିକି କହିଲି ମୁଁ କିନ୍ତୁ ତୋ ଛଡା ଆଉ କାହାକୁ ରାଖୀ ବାନ୍ଧିନି। ଆଉ ତୁ ଅନ୍ୟ ଝିଅଙ୍କ ଠାରୁ ରାଖୀ ବାନ୍ଧିଲୁ? ସେମାନେ ତ ଏମିତିରେ ମୋ ହାତରେ ବାନ୍ଧିଛନ୍ତି ରାଖୀ। କିନ୍ତୁ ଗାଧୋଇ ସାରିବା ପରେ ମୁଁ ମୋ ହାତରେ ଆଗ ତୋ ରାଖୀ ପିନ୍ଧିବି। ତା' ଠାରୁ ଏତିକି ଶୁଣି ମୁଁ ବହୁତ ଖୁସି ହୋଇଗଲି। ଏବେ ସେ ୟୁଏସ୍‌ଏରେ ସଫ୍ଟୱେର ଇଞ୍ଜିନିୟର। ଏବେ ବି ମୋ ରାଖୀର ଅପେକ୍ଷାରେ ଥାଏ ସେ। ଆଜି ଯାଏ ରାଖୀରେ କେବେ ଗିଫ୍ଟ ନେଇନି ମୁଁ ତା' ଠାରୁ। ତା'ର ନାନୀ ଡାକ, ସ୍ନେହ ଓ ସମ୍ମାନ ମୋ ପାଇଁ ଯଥେଷ୍ଟ।

**ସେଦିନର ଘଟଣା ଲୋମ ଟାଙ୍କୁରି ଉଠେ: ରାଜଶ୍ରୀ ସାମନ୍ତ, ଅଧ୍ୟାପିକା, କେନ୍ଦ୍ରାପଡ଼ା**

କେନ୍ଦ୍ରାପଡ଼ା ଜିଲା ରାଜନଗରରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଚାକିରି କରିବା ଅବସରରେ ମୁଁ ରାଜନଗରରେ ହିଁ ରହେ। ୭/୮ ବର୍ଷ ପୂର୍ବେ ଅଦ୍ଭୁତ ବନ୍ୟା ଆସିଥାଏ। ମୋ ମା' ଏବଂ ସାନଭାଇ ବାରମ୍ବାର ମୋତେ ଫୋନ୍ କରି ବାପଘର କଟକସ୍ଥିତ ନୂଆପଡା ଚାଲିଆସିବାକୁ କହୁଥାନ୍ତି। ମୁଁ ପ୍ରଥମତଃ ସାହସୀ ଏବଂ ଜିଦ୍‌ଖୋର ପ୍ରକୃତିର ହୋଇଥିବାରୁ ରହିଗଲି। ସେମାନେ ରାତିରେ ମିଡିଆରୁ ଜାଣିବାକୁ ପାଇଲେ ଘାଇ ଭାଙ୍ଗିଛି। ରାତି ସାନଭାଇ କଟକରୁ କାର ଚଲାଇ ମୋ ପାଖରେ ପହଞ୍ଚିଲା। ରାତି ୨ଟାରେ ଭାଇ, ମୁଁ ଏବଂ ମୋ ଝିଅ ମିଶି କଟକରେ ପହଞ୍ଚିଲୁ। ସେଦିନର ପରିସ୍ଥିତିକୁ ଭାବି ଦେଲେ ଲୋମ ଟାଙ୍କୁରି ଉଠେ। ବାସ୍ତବରେ ଅତୁଟ ବନ୍ଧନ ଏ ଭାଇ ଭଉଣୀ ସମ୍ପର୍କ।

**ଅଭିମାନ କରିଥିଲା ଭାଇ : ବିମଳା ସିଂହ, ସମ୍ପାଦିକା, 'ଗୋଧୂଳି', ଭୁବନେଶ୍ୱର**

୧୯୯୫ ମସିହାର ଘଟଣା। ମୁଁ ସେତେବେଳେ ଗଞ୍ଜାମ ଜିଲା କୋଦଳାରେ ଥାଏ। ବାପା, ମା, ଭାଇ ଥାଆନ୍ତି ଯାଜପୁର ରୋଡରେ। ବାପା ସେଠି ଡାଏରି ଏକ୍ସଟେନ୍ସନ ଅଫିସର ଥାଆନ୍ତି। ସେଦିନ ଥାଏ ରାଖୀପୂର୍ଣ୍ଣିମା। ରାତି ୩ଟାରୁ ଉଠି ସବୁ କାମ ସାରି ଭୋର ୫ଟାରୁ କୋଦଳାରୁ ବାହାରି ଭୁବନେଶ୍ୱରରେ ପହଞ୍ଚିଲି ସକାଳ ୯.୩୦ମିନିଟ୍‌ରେ। ତା'ପରେ ବସିଲି କେନ୍ଦୁଝର ବସ୍‌ରେ ଭାୟା ଯାଜପୁର ରୋଡ୍। ଘରେ ସମସ୍ତେ ମୋ ବାଟକୁ ଅନାଇ ରହିଥାନ୍ତି। କିନ୍ତୁ ପହଞ୍ଚିବାରେ ବିଳମ୍ବ ହେଉଥାଏ କାରଣ କଟକ ମହାନଦୀ ପୋଲ ଉପରେ ଏକ ଦୁର୍ଘଟଣା ଯୋଗୁ ଗାଡି ଯିବାରେ ବିଳମ୍ବ ଘଟୁଥାଏ। ମୁଁ ଅପରାହ୍ନ ୧ଟାରେ ପହଞ୍ଚିବା କଥା କିନ୍ତୁ ପହଞ୍ଚିଲି ଅପରାହ୍ନ ୪ଟାରେ। ଘରେ କାନ୍ଦବୋବାଳି ପଡିଯାଇଥାଏ। କାରଣ ସେମାନେ ଟିଭିରୁ ଖବର ପାଇଥାନ୍ତି ଉକ୍ତ ରାସ୍ତାରେ ଦୁର୍ଘଟଣା ହୋଇଛି। କିନ୍ତୁ ମୋ ପହଞ୍ଚିବାର ବିଳମ୍ବ ହେବାର କାରଣ ଜାଣି ପାରୁ ନ ଥାନ୍ତି। ସେତେବେଳେ ମୋବାଇଲ୍ ସେବା ବି ନ ଥାଏ। ବିଳମ୍ବରେ ହେଉ ପଛକେ ପହଞ୍ଚିବା ପରେ ମୋତେ ଦେଖି ସମସ୍ତଙ୍କ ମନର ଆଶଙ୍କା ଦୂର ହେଲା ଓ ଭାଇ ବ୍ୟତୀତ ଘରେ ସମସ୍ତେ ଖୁସି ହୋଇଗଲେ। ଡେରିରେ ରାଖୀ ବାନ୍ଧିବାରୁ ଭାଇ ଅଭିମାନ କଲା। ନବମ ଶ୍ରେଣୀରେ ପଢୁଥାଏ ସେ। ତା' ସାଙ୍ଗସାଥୀମାନେ ସକାଳୁ ରାଖୀ ବାନ୍ଧିସାରିଥିଲେ। ଭୋ ଭୋ ହୋଇ କାନ୍ଦିଲି। ମୋ କାନ୍ଦ ଦେଖି ତା'ର ସବୁ ଅଭିମାନ ଦୂରେଇ ଗଲା। ରାଖୀ ପିନ୍ଧିସାରି ମିଠା ଖାଇ ସାଙ୍ଗମାନଙ୍କ ପାଖକୁ ଗଲା ରାଖୀ ଦେଖାଇବା ପାଇଁ। ଆଜି ସେ ଭାଇ ଇହଧାମ ତ୍ୟାଗ କରିଛି ସତ କିନ୍ତୁ ସେଦିନର ସ୍ମୃତି ଆଜି ବି ମୋ ଭିତରେ ବଞ୍ଚିରହିଛି।

**ଭିଡିଓ କଲିଂ କରି ରାଖୀ ବାନ୍ଧିଥିଲି : ଅନ୍ତରା ଚକ୍ରବର୍ତ୍ତୀ, ସଙ୍ଗୀତଜ୍ଞ, କଟକ**

ପ୍ରତିବର୍ଷ ରାଖୀରେ ମୁଁ ଯେମିତି ବି ହେଉ ମୋ ଭାଇ ପାଖରେ ଥାଏ। ହେଲେ ଗତବର୍ଷ ରାଖୀରେ ମୁଁ ବମ୍ବେ ଯାଇଥିଲି। ଆଉ ଭାଇ ଘରେ ଥିଲା। ତାକୁ ସେଦିନ ବହୁତ ମିସ୍ କରୁଥିଲି। ଭିଡିଓ କଲିଂ କରି ଥାଳିରେ ସିନ୍ଦୂର, ଚାଉଳ, ରାଖୀ, ଦୂବ, ଦୀପ ଆଦି ଧରି ଭାଇକୁ ରାଖୀ ପିନ୍ଧାଇଲି। ଆମେ ଦୁଇଜଣ ସେଦିନ ବହୁତ ଇମୋଶନାଲ୍ ହୋଇଗଲୁ। ମୁଁ ବହୁତ କାନ୍ଦିଲି ବି। ଅବଶ୍ୟ ଅନ୍‌ଲାଇନ୍‌ରେ ତା' ପାଇଁ ରାଖୀ ପଠାଇ ଦେଇଥିଲି। ଆଉ ମୋର ଜଣେ ସାଙ୍ଗକୁ କହିଥିଲି ତା' ହାତରେ ରାଖୀ ବାନ୍ଧିବା ପାଇଁ। ହେଲେ ବି ପାଖରେ ରହି ରାଖୀ ବାନ୍ଧିବାର ଅନୁଭୂତିଟା ହିଁ ଅଲଗା। ମୋ ଠାରୁ ସେ ସାନ ହେଲେ ବି ଆମେ ଦୁଇଜଣ ବେଷ୍ଟ ଫ୍ରେଣ୍ଡ।

– ଦେବସ୍ମିତା ମହାନ୍ତି

ଫ୍ୟାଶନ୍

## ରାଖୀରେ ଏଥେନିକ୍ ଲୁକ୍

ଯଦି ରାଖୀରେ ଆପଣ ଲୁକ୍ ବଦଳାଇବାକୁ ଚାହୁଁଛନ୍ତି ତେବେ ଏଥେନିକ୍ ଡ୍ରେସ୍ ସିଲେକ୍ଟ କରିପାରିବେ। ବ୍ରାଇଟ୍ କଲର ହେଉ ଅବା ୱେଡିଂ ଡ୍ରେସ୍ ରାଖୀରେ ଦିଅନ୍ତୁ ନିଜକୁ ଗ୍ଲାମର୍ସ ଲୁକ୍।

– ବ୍ରାଇଟ୍ କଲର ଯେପରିକି ରୟାଲ୍ ବ୍ଲୁ, ଡାର୍କ ମେରୁନ୍, ରେଡ୍, ପ୍ୟାରଟ୍ ଗ୍ରୀନ୍ ଭଳି କଲର ଏହିଦିନେ ଖୁବ୍ ଭଲ ଲାଗେ। ଏହି କଲରର ଶାଢ଼ି, ସୁଟ୍ କିମ୍ବା ଲେହେଙ୍ଗା ଆପଣଙ୍କୁ ବେଶ୍ ମାନିବ।

– ବ୍ଲିଙ୍ଗ୍ କୁର୍ତ୍ତା ଏବଂ ବାନ୍ଧନୀ ଦୁପଟା ସହ ଚୁଡିଦାର ଆପଣଙ୍କୁ ୟୁନିକ୍ ଲୁକ୍ ଦେବ। ଏହା ସହ ଝୁମ୍‌କା ଇୟର ରିଙ୍ଗ୍ ଏବଂ ହାଲ୍‌କା ମେକ୍ ଅପ୍ ଲଗାନ୍ତୁ। ୱେଷ୍ଟର୍ନ ଲୁକ୍ ଚାହୁଁଥିଲେ ବ୍ଲିଙ୍ଗ୍ ଟପ୍ ସହ ଏଥେନିକ୍ ସିଲ୍କ ଶାର୍ଟ ପେୟାର କରି ପିନ୍ଧନ୍ତୁ। ଏଥିରେ ଆପଣ ଦୁପଟା ଅପ୍ସନ୍ ବି ରଖିପାରିବେ।

– ୱେଷ୍ଟର୍ନ ଲୁକ୍ ପାଇଁ ଏଥେନିକ୍ ୱେରରେ ଆପଣ ଇକତ୍‌ର ଲମ୍ବା କୁର୍ତ୍ତି ପିନ୍ଧିପାରିବେ। ଏହା ସହ ବଡ଼ ବଡ଼ ଝୁମ୍‌କା ଏବଂ ରଷ୍ଟିକ୍ ସିଲ୍‌ଭର ନେକ୍‌ପିସ୍ ମାନିବ।

– ୱେଡିଂ ଶାଢ଼ିକୁ ବି ଏହିଦିନ ଆପଣାଇପାରିବେ। ମସଲନ୍ ବ୍ଲାଉଜ୍‌କୁ ଆପଣ କଣ୍ଟ୍ରାଷ୍ଟ କଲରର ପ୍ଲେନ୍ ଜର୍ଜେଟ୍ ବା ସିଫନ୍ ଶାଢ଼ି ସହ ପିନ୍ଧିପାରିବେ। ଏହା ସହ ହେଭି ବ୍ଲାଉଜ୍ ପରଫେକ୍ଟ ବାଲାନ୍ସ ହେବା ପରି ଲାଗିବ।

– ଯଦି ବ୍ଲାଉଜ୍ କୋର୍‌ସେଟ୍ ଅଛି ତେବେ ଏହାକୁ ଜର୍ଜେଟ୍ ବା ସିଫନ୍‌ର ହେଭି ବର୍ଡର ଫାବ୍ରିକ୍ ସହ ପିନ୍ଧିପାରିବେ।



– ଲେହେଙ୍ଗାକୁ ପ୍ଲେନ୍ ଏବଂ ର' ସିଲ୍‌କ ବ୍ଲାଉଜ୍ ବା କୋର୍‌ସେଟ୍ ସହ ପିନ୍ଧିପାରିବେ। ଏହା ସହ ଦୁପଟା କମ୍ ଏମ୍ବ୍ରୋଡୋରିର ହେବା ଆବଶ୍ୟକ। ଗହଣା କମ୍ ପିନ୍ଧନ୍ତୁ ଏବଂ କମ୍ପ୍ଲିଟ୍ ଲୁକ୍ ପାଇଁ କ୍ଲଚ୍ ଆପଣାଇ ପାରିବେ।



ସୌନ୍ଦର୍ଯ୍ୟ

## ତୈଳୀୟ ତ୍ୱଚାର ଯତ୍ନ

**ଋତୁ ବଦଳିବା ମାତ୍ରେ ତା'ର ପ୍ରଭାବ ତ୍ୱଚା ଉପରେ ପଡ଼ିଥାଏ। ବିଶେଷ କରି ବର୍ଷାଦିନେ ତୈଳୀୟ ତ୍ୱଚାରେ ବ୍ରଣ ଏବଂ ଲାଲ୍ ଦାନା ଭଳି ଫଳିଯାଏ। ତେବେ ଏହାର ଉପଚାର ପାଇଁ ଜାଣନ୍ତୁ କିଛି ଟିପ୍ସ...।**

- ❖ତ୍ୱଚାର ଲୋମଛିଦ୍ରକୁ ତୈଳମୁକ୍ତ ରଖନ୍ତୁ। ମୁହଁକୁ ସଫା କରିବା ପାଇଁ ଆଷ୍ଟ୍ରିଜେଣ୍ଟ ଟୋନର ବ୍ୟବହାର କରନ୍ତୁ।
- ❖ତୈଳୀୟ ତ୍ୱଚା ହୋଇଥିଲେ ମେଡିକେଟେଡ୍ ସାବୁନ୍ କିମ୍ବା କ୍ଲିଞ୍ଜରରେ ମୁହଁକୁ ଦିନକୁ ୨ ଥର ଧୁଅନ୍ତୁ। ଗୋଲାପ ମିଶିଥିବା ସ୍କିନ୍ ଟୋନର ବି ଲଗାଇପାରିବେ।
- ❖ମୁହଁରେ ଧଳା ଦାଗ ଥିଲେ ଫେସିଆଲ୍ ସ୍କ୍ରବ୍ ଲଗାନ୍ତୁ। କିନ୍ତୁ ମୁହଁରେ ବ୍ରଣ କିମ୍ବା ଆଲର୍ଜି ହୋଇଥିଲେ ସ୍କ୍ରବ୍‌ର ବ୍ୟବହାର କରନ୍ତୁ ନାହିଁ। ଚାଉଳ ଗୁଣ୍ଡରେ ଗୋଲାପ ଜଳ ମିଶାଇ ପ୍ରତିଦିନ ଅନ୍ତତଃ ଥରେ ଲଗାନ୍ତୁ।
- ❖ଏହିଦିନେ ପାଦର ଉପଯୁକ୍ତ ଯତ୍ନ ନିଅନ୍ତୁ। ଯାହାଦ୍ୱାରା ଫଙ୍ଗାଲ ଇନ୍‌ଫେକ୍ସନ ହୁଏ ନାହିଁ। ପାଦକୁ ଭଲଭାବେ ଧୋଇ ସାରି ପୋଛନ୍ତୁ। ପାଦରେ ପାଉଡର ଲଗାନ୍ତୁ। ସବୁବେଳେ ଓପନ୍ ଫୁଟ୍ ୱେର ପିନ୍ଧନ୍ତୁ।
- ❖ଭଲ କମ୍ପାନୀର ଶାମ୍ପୋ ଏବଂ କଣ୍ଡିଶନର ବ୍ୟବହାର କରନ୍ତୁ । ଯାହାଦ୍ୱାରା କେଶର ନମନୀୟତା ବଜାୟ ରହିଥାଏ।
- ❖ପ୍ରତିଦିନ କେଶରେ ତେଲ ଲଗାଇ ମସାଜ୍ କରନ୍ତୁ। ଏହା କେଶକୁ ମଜଭୁତ ରଖିବ। ଆପଣ ଚାହିଁଲେ ଷ୍ଟିମିଂ ବି କରିପାରିବେ।
- ❖ନଖକୁ ପରିଷ୍କାର ରଖନ୍ତୁ। ଯାହାଦ୍ୱାରା କୌଣସି ଇନ୍‌ଫେକ୍ସନ ରହିବ ନାହିଁ। ସାବଧାନତାର ସହ ପେଡିକିଓର ଓ ମିନିକିଓର କରନ୍ତୁ।

ଖାଦ୍ୟରୁଚି

## ନଡ଼ିଆ ବର୍ଫି

**ଆବଶ୍ୟକ ସାମଗ୍ରୀ:** ନଡିଆ –୨ଟି, ମିଲ୍କମେଡ – ୧ କପ୍, ପେସ୍ତା ବାଦାମ –୧୦ରୁ ୧୨, ଅଳେଇଚ ପାଉଡର – ୪/୫ ସ୍ପୁନ୍, ଘିଅ – ୨–୩ ଚାମଚ

**ପ୍ରସ୍ତୁତି ପ୍ରଣାଳୀ:** ନଡିଆକୁ ଭଲଭାବେ କୋରି ଦିଅନ୍ତୁ। କୋରାଯାଇଥିବା ନଡିଆକୁ ୫ରୁ ୧୦ ସେକେଣ୍ଡ ପର୍ଯ୍ୟନ୍ତ ଗ୍ରାଇଣ୍ଡିଂ କରନ୍ତୁ ଯେପରିକି ଏହା ସମ୍ପୂର୍ଣ୍ଣ ପେଷ୍ଟ ହେବ ନାହିଁ। ଗ୍ୟାସ୍‌ରେ ପ୍ୟାନ୍‌କୁ ଗରମ କରି ୨ ଚାମଚ ଘିଅ ପକାନ୍ତୁ। ଘିଅ ଗରମ ହେଲେ ନଡିଆ ଗୁଣ୍ଡ ପକାଇ ୫ ମିନିଟ୍ ପର୍ଯ୍ୟନ୍ତ ଲଗାତାର ଭାଜନ୍ତୁ। ଏବେ ଏଥିରେ ମିଲ୍କମେଡ୍ ମିଶାଇ ଗୋଳାନ୍ତୁ ଯେପରି ଏହା ତଳେ ଲାଗି ନ ଯିବ। ଏହି ମିଶ୍ରଣ ଭଲଭାବେ ଗାଢ ହେବା ପରେ ଏଥିରେ ଅଳେଇଚ ପାଉଡର ପକାନ୍ତୁ। ଏବେ ଗ୍ୟାସ୍ ବନ୍ଦ କରନ୍ତୁ। ଏକ ଷ୍ଟିଲ ପ୍ଲେଟ୍‌ରେ ଘିଅ ଲଗାଇ ଏହି ମିଶ୍ରଣକୁ କାଢି ଖେଳାଇ ଦିଅନ୍ତୁ। ଏବେ ଏଥିରେ ପିସ୍ତା ଖଣ୍ଡ ଖଣ୍ଡ କରି ପକାନ୍ତୁ ଚାମଚରେ ଭଲଭାବେ ଗୋଳାଇ ତାକୁ ପ୍ଲେଟରେ ସେଟ୍ ହେବାକୁ ଛାଡି ଦିଅନ୍ତୁ। ଏହା କିଛି ସମୟ ପ୍ଲେଟରେ ରହି ଗଲାପରେ ୫–୧୦ ସେକେଣ୍ଡ ପର୍ଯ୍ୟନ୍ତ ପ୍ଲେଟକୁ ହାଲ୍‌କା ଗରମ କରି ଦିଅନ୍ତୁ। ଯାହାଦ୍ୱାରା ବର୍ଫି ସହଜରେ ପ୍ଲେଟ୍‌ରୁ ବାହାରିପାରିବ। ଏବେ ପ୍ରସ୍ତୁତ ହୋଇଗଲା ନଡିଆ ବର୍ଫି। ଏହାକୁ ୭–୮ ଦିନ ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖି ଖାଇପାରିବେ।



## ସଂକ୍ଷେପରେ

### ବ୍ୟାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ
## ଗ୍ରାହକଙ୍କୁ ରେପୋ ରେଟ୍ ହ୍ରାସର ଫାଇଦା ଦିଅ

ନୂଆଦିଲ୍ଲୀ,୧୨-୮: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) କ୍ରମାଗତ ଚତୁର୍ଥ ଥର ରେପୋ ରେଟ୍ ହ୍ରାସ କରିଛନ୍ତି। ଅଥଚ ବ୍ୟାଙ୍କଗୁଡ଼ିକ ଏହାର ସମ୍ପୂର୍ଣ୍ଣ ଫାଇଦା ଗ୍ରାହକଙ୍କୁ ଦେଉନାହାନ୍ତି। ଏହାକୁ ନେଇ କ୍ଷୁବ୍ଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ୟାଙ୍କଗୁଡ଼ିକୁ ରେପୋ ରେଟ୍ ହ୍ରାସର ଫାଇଦା ଗ୍ରାହକଙ୍କୁ ଦେବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ଦୈନିକ ଭିତ୍ତିରେ ବ୍ୟାଙ୍କଗୁଡ଼ିକ ନିଜର ନିଷ୍ପତ୍ତି ନ ନେଲେ ଦେଶର ଅର୍ଥନୀତି ଆଗେଇବ ନାହିଁ। ଗଣମାଧ୍ୟମ ସହ ସାକ୍ଷାତକାର ବେଳେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକୁ ଦୈନିକ ଭିତ୍ତିରେ ସମସ୍ୟାକୁ ବୁଝି ଏହାର ସମାଧାନ କରିବାକୁ ହେବ। ଆର୍ଥିକ ନୀତି ପ୍ରଣୟନ କ୍ଷେତ୍ରରେ ବଜେଟ କାର୍ଯ୍ୟାରମ୍ଭ କରିବା କିମ୍ବା ଶେଷ କରିବାର ମାଧ୍ୟମ ହେବା ଅନୁଚିତ। ଏହାକୁ ବୁଝାଇବାକୁ ଯାଇ ସେ କହିଛନ୍ତି ଯେ, ଦେଶର ଆର୍ଥିକ ପ୍ରଗତିର ମାନେ ହେଉଛି ସମ୍ପତ୍ତି ସୃଷ୍ଟି କରିବାକୁ ବୁଝାଇବ। ଅର୍ଥାତ୍ ଲୋକଙ୍କ ନିକଟରେ ଖର୍ଚ୍ଚ କରିବା ଲାଗି ଅଧିକ ଅର୍ଥ ରହିବା ଆବଶ୍ୟକ।

### ଫେଲ୍ ମାରିଲା ଟ୍ରମ୍ପଙ୍କ ଜିଏସ୍‌ପି ପ୍ରତ୍ୟାହାର ନିଷ୍ପତ୍ତି
## ଆମେରିକାକୁ ଭାରତରୁ ରପ୍ତାନି ବଢ଼ିଛି ୩୨%

ନୂଆଦିଲ୍ଲୀ,୧୨-୮: ଭାରତଠାରୁ ପ୍ରିଫରେନ୍ସିଆଲ ଟାରିଫ୍ ସିଷ୍ଟମ ଜିଏସ୍‌ପି ପ୍ରତ୍ୟାହାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଷ୍ପତ୍ତି ଫେଲ୍ ମାରିଛି। ଜିଏସ୍‌ପି ହଟିବା ପରେ ୩୨ ପ୍ରତିଶତ ଭାରତୀୟ ସାମଗ୍ରୀ ଆମେରିକାକୁ ରପ୍ତାନି ହୋଇଛି। ଭାରତୀୟ ବାଣିଜ୍ୟ ପରିଚାଳନା ପରିଷଦ(ଟିପିସିଆଇ) ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି। ଆମେରିକା ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ଆୟୋଗ(ୟୁଏସ୍‌ଆଇଟିସି)ର ତଥ୍ୟକୁ ଉଦ୍ଧାର କରି ଟିପିସିଆଇ କହିଛନ୍ତି ଯେ, ଗତବର୍ଷ ଜୁନ୍‌ରେ ଆମେରିକାକୁ ୪୯.୫୭ କୋଟି ଡଲାର ଭାରତୀୟ ସାମଗ୍ରୀ ରପ୍ତାନି ହୋଇଥିଲା। ତେବେ ଚଳିତବର୍ଷ ଜୁନ୍‌ରେ ଏହା ୬୫.୭୪ କୋଟି ଡଲାରକୁ ବୃଦ୍ଧି ପାଇଛି। ପ୍ଲାଷ୍ଟିକ ରବର, ଆଲୁମିନିୟମ, ମେଶିନ ଓ ଉପକରଣ, ପରିବହନ ଉପକରଣ,ଚମଡା, ମୋତି ଏବଂ ମୂଲ୍ୟବାନ ପଥର ଆଦି ଆମେରିକାକୁ ରପ୍ତାନି ହୋଇଛି।

## ଏମ୍‌ସିଏଲ୍‌ଆର୍ ହ୍ରାସ କଲା ଆନ୍ଧ୍ର ବ୍ୟାଙ୍କ

ହାଇଦ୍ରାବାଦ, ୧୨-୮: ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ମାର୍ଜିନାଲ କଷ୍ଟ ଫଣ୍ଡସ ବେସ୍‌ଡ ଲେଣ୍ଡିଂ ରେଟ୍ (ଏମ୍‌ସିଏଲ୍‌ଆର୍) ହ୍ରାସ ଘୋଷଣା କରାଯାଇଛି। ଏହା ଓଭରନାଇଟ, ୧ ମାସ, ୩ ମାସ, ୬ ମାସ ଏବଂ ୧ ବର୍ଷ ପାଇଁ ୨୫ ବେସିସ୍ ପଏଣ୍ଟ ହ୍ରାସ ଘଟିବ। ଏହି ସମସ୍ତ ଅବଧି ଲାଗି ଏମ୍‌ସିଏଲ୍‌ଆର୍ ଯଥା- ଓଭର ନାଇଟ ପାଇଁ ୭.୯୫%, ୧ ମାସ ୮.୦୦%, ୩ ମାସ ୮.୨୦%, ୬ ମାସ ୮.୩୫% ଏବଂ ୧ ବର୍ଷ ପାଇଁ ୮.୪୫% ରହିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

> କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ସହଜରେ ଋଣ ଯୋଗାଇ ଦେବା ଲକ୍ଷ୍ୟରେ କନେକ୍ଟ୨ଇଣ୍ଡିଆ ଏକ ନୂଆ ସେବା ଆରମ୍ଭ କରିଛି।
> – ପଓ୍ୱନ ଗୁପ୍ତା, କନେକ୍ଟ୨ଇଣ୍ଡିଆ ପ୍ରତିଷ୍ଠାତା ତଥା ସିଇଓ



> ହୁଇଲ୍ସ ଇଣ୍ଡିଆର ଜୁନ୍ ତ୍ରୈମାସିକ ପ୍ରଦର୍ଶନ ଆଶାନୁରୂପ ରହିଛି। ଗତବର୍ଷ ଏହା ଟ୍ରେନ ଚକ ନିର୍ମାଣ କ୍ଷେତ୍ରରେ ପାଦ ଦେଇ ବେଶ୍ ବିକାଶ କରିପାରିଛି।
> – ଶ୍ରୀବତ୍ସ ରାମ, ହୁଇଲ୍ସ ଇଣ୍ଡିଆ ଏମ୍‌ଡି



### ସେପ୍ଟେମ୍ବର ୫ରୁ ମିଳିବ ଜିଓ ଗିଗାଫାଇବର ସେବା
# ମାଗଣାରେ ମିଳିବ ଏଚ୍‌ଡି ଟିଭି, ସେଟ୍‌ଟପ୍ ବକ୍ସ

ମୁମ୍ବାଇ,୧୨-୮

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଆର୍‌ଆଇଏଲ୍) ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସୋମବାର କମ୍ପାନୀର ୪୨ତମ ବାର୍ଷିକ ସାଧାରଣ ବୈଠକ(ଏଜିଏମ୍)ରେ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓ ଗିଗା ଫାଇବର ଆରମ୍ଭ କରାଯିବା ନେଇ ଘୋଷଣା କରିଛନ୍ତି। ଜିଓ ଶୁଭାରମ୍ଭ ହେବାର ୩ ବର୍ଷ ପୂର୍ତ୍ତି ଅବସରରେ ସେପ୍ଟେମ୍ବର ୫ରୁ ସାରା ଦେଶରେ ଏହି ବ୍ରଡ୍‌ବ୍ୟାଣ୍ଡ ସେବା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

ମୁକେଶ କହିଛନ୍ତି ଯେ, ୩୪ କୋଟି ଗ୍ରାହକ ଏବେ ଜିଓକୁ ଆପଣାଇଛନ୍ତି। ଫଳରେ ଏହି ମୋବାଇଲ ଅପରେଟିଂ କମ୍ପାନୀ ବିଶ୍ୱର ସବୁଠାରୁ ଦ୍ରୁତଗତିରେ ବଢ଼ୁଥିବା ଡିଜିଟାଲ ସର୍ଭିସ କମ୍ପାନୀ ହୋଇଛି। କମ୍ପାନୀ ୬୭,୩୨୦ କୋଟି ଜିଏସ୍‌ଟି ଓ ୧୨,୧୯୧ କୋଟି ଟଙ୍କା ଆୟକର ପ୍ରଦାନ କରି ଦେଶର ସର୍ବବୃହତ୍ ଟିକସଦାତା ହୋଇପାରିଛି। ଜିଓ ଫାଇବର ୱେଲକମ୍ ଅଫର ସହିତ ଲ୍ୟାଣ୍ଡଲାଇନ ଫୋନରୁ ଲାଇଫଟାଇମ ଫ୍ରି ଭଏସ୍ କଲ୍, ୧୦୦ ଏମ୍‌ବିପିଏସ୍ ମିନିମମ୍ ସ୍ପିଡ୍‌ରୁ ୧ ଜିବିପିଏସ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଦିଆଯିବ। ସେହିଭଳି ଏହି ଅଫର୍‌ରେ ଯେଉଁ ଗ୍ରାହକ ଜିଓ ଗିଗାଫାଇବର ଓ ଜିଓ ସେଟ୍ ଟପ୍ ବକ୍ସର ଜିଓ ଫର୍ ଏଭର ପ୍ଲାନ ନେବେ ସେମାନଙ୍କୁ କମ୍ପାନୀ ପକ୍ଷରୁ ୪କେ ଏଚ୍‌ଡି ଏଲ୍‌ଇଡି ଟିଭି ଓ ୪କେ ସେଟ୍ ଟପ୍ ବକ୍ସ ମାଗଣାରେ ପ୍ରଦାନ କରାଯିବ। ତେବେ ପ୍ଲାନ୍ ମୂଲ୍ୟ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଜିଓ ଫାଇବର ପ୍ଲାନ ସମ୍ପର୍କରେ ଉଲ୍ଲେଖ କରି ମୁକେଶ କହିଛନ୍ତି ଯେ, ଏହା ଗ୍ଲୋବାଲ ରେଟ୍ ମୁକାବିଲାରେ ୧୦ ଗୁଣା ଶସ୍ତା ହେବ। ଜିଓ ଫାଇବର ସିମ୍ପଲ ଟାରିଫ ପ୍ଲାନ ୭୦୦ ଟଙ୍କାରୁ ୧୦ ହଜାର ଟଙ୍କା ପ୍ରତି ମାସରେ ଉପଲବ୍ଧ ହେବ। ସେ କହିଛନ୍ତି ଯେ, ଗ୍ରାହକଙ୍କୁ କେବଳ ଗୋଟିଏ ସେବା ଭଏସ୍ କଲ୍ ଅଥବା ବ୍ରଡ୍‌ବ୍ୟାଣ୍ଡ ପାଇଁ ଅର୍ଥ ଦେବାକୁ ହେବ। ଇଣ୍ଟରନ୍ୟାଶନାଲ କଲ୍ ଲାଗି ସବୁଠାରୁ କମ୍ ଫିକ୍ସଡ ଲାଇନ ରେଟ୍ ପ୍ରଦାନ କରାଯିବ। ଏହାର ଦର ବର୍ତ୍ତମାନ ଉପଲବ୍ଧ ରେଟ୍ ଠାରୁ ୧୦ ଗୁଣା ଶସ୍ତା ହେବ। ଆମେରିକା ଓ କାନାଡାକୁ ଇଣ୍ଟରନ୍ୟାଶନାଲ କଲ୍ ଲାଗି ୫୦୦ ଟଙ୍କା ପ୍ରତି ମାସରେ ଆଦାୟ କରାଯିବ। ଫଳରେ ଜଣେ ଗ୍ରାହକ ମାତ୍ର ୫୦୦ ଟଙ୍କାରେ ଆମେରିକା, କାନାଡାକୁ ଅନ୍‌ଲିମିଟେଡ କଲ୍ କରିପାରିବେ। ଜିଓ ଫାଇବରର ବାର୍ଷିକ ପ୍ୟାକ୍ ନେଲେ ଏଚ୍‌ଡି ଟିଭି ସବ୍‌କ୍ରିପ୍‌ଶନ ମିଳିବ।




### ଘରେ ବସି ଦେଖିହେବ ପ୍ରଥମ ଦିନ ସିନେମା

ମୁକେଶ କହିଛନ୍ତି ଯେ, ୨୦୨୦ ମଧ୍ୟଭାଗରୁ ଜିଓ ଗିଗାଫାଇବରର ପ୍ରିମିୟମ ଗ୍ରାହକଙ୍କ ଲାଗି ବିଶେଷ ସୁବିଧା ପ୍ରଦାନ କରାଯିବ। ଜିଓ ଫାଇବର ଗ୍ରାହକ ସିନେମା ହଲ୍‌ରେ ରିଲିଜ ହେଉଥିବା ସିନେମାକୁ ଅର୍ଥାତ୍ ଫାର୍ଷ୍ଟ ଡେ, ଫାର୍ଷ୍ଟ ଶୋ ଅଧୀନରେ ନୂଆ ସିନେମା ଦେଖିବାର ସୁଯୋଗ ପାଇବେ। ଜିଓ ଗିଗାଫାଇବର ପାଇଁ ଅଦ୍ୟାବଧି ୫ କୋଟିରୁ ଅଧିକ ରେଜିଷ୍ଟ୍ରେଶନ ହୋଇସାରିଛି। ଡିଜିଟାଲ ଇନ୍‌ଫ୍ରାରେ ୩.୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ରହିଛି। ଅଦ୍ୟାବଧି ୧୬ଶହ ସହରର ୧୫ଲକ୍ଷ ଘରେ ଏହା ପହଞ୍ଚିସାରିଛି। ବର୍ଷକ ଭିତରେ ଜିଓ ଗିଗାଫାଇବର ସାରା ଦେଶରେ ପହଞ୍ଚିବ ବୋଲି ମୁକେଶ କହିଛନ୍ତି।

## ଜିଓ ସହ ହାତ ମିଳାଇଲା ମାଇକ୍ରୋସଫ୍ଟ

ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ ସହ ମାଇକ୍ରୋସଫ୍ଟ ହାତ ମିଳାଇଛି। ଏଥିଯୋଗୁ ଦେଶକୁ ଡିଜିଟାଲ ଟ୍ରାନ୍ସଫର୍ମେଶନ ଆଡକୁ ନେଇଯିବା ଦ୍ରୁତ ହେବ। ଆର୍‌ଆଇଏଲ୍‌ର ଏଜିଏମ୍‌ରେ ମୁକେଶ କହିଛନ୍ତି ଯେ, ମାଇକ୍ରୋସଫ୍ଟ ସହିତ ପାର୍ଟନରଶିପ୍ କରି ଜିଓ ଷ୍ଟାର୍ଟଅପ୍ କମ୍ପାନୀଙ୍କୁ ମାଗଣାରେ କନେକ୍ଟିଭିଟି ଏବଂ କ୍ଲାଉଡ୍ ଇନ୍‌ଫ୍ରା ସର୍ଭିସ ଯୋଗାଇ ଦେବ। ଏହି ପାର୍ଟନରଶିପ୍ ପରେ ମାଇକ୍ରୋସଫ୍ଟ ନିଜର କ୍ଲାଉଡ୍ ସର୍ଭିସ ଆଜ୍ୟୁର୍‌କୁ ଜିଓ ନେଟ୍‌ୱର୍କରେ ସାମିଲ କରିବ। ଷ୍ଟାର୍ଟଅପ୍ ଲାଗି ସ୍ପେଶାଲ କନେକ୍ଟିଭିଟି ସେବା ୨୦୨୧ ଜାନୁୟାରୀ ପହିଲାରୁ ଆରମ୍ଭ କରାଯିବ। ଏହି ଅବସରରେ ବୈଠକରେ ଉପସ୍ଥିତ ସତ୍ୟ ନାଡେଲା କହିଛନ୍ତି ଯେ, ଉଭୟ କମ୍ପାନୀ ମିଳିମିଶି ସମନ୍ୱିତ ପ୍ରଯୁକ୍ତି ସମାଧାନ ଆଣିବାକୁ ଯାଉଛନ୍ତି। ଏହି ସେବା ପାଇବା ପାଇଁ ଷ୍ଟାର୍ଟଅପ୍‌ଗୁଡ଼ିକ ନିଜକୁ ଜିଓ ପୋର୍ଟାଲରେ ରେଜିଷ୍ଟ୍ରିଭୁକ୍ତ କରିବାକୁ ହେବ।




## ରିଲାଏନ୍ସ ପେଟ୍ରୋ ରିଟେଲରେ ନିବେଶ କରିବ ବିପି

ବ୍ରିଟେନର ମଲ୍ଟିନ୍ୟାଶନାଲ ତୈଳ ଓ ବାଷ୍ପ କମ୍ପାନୀ ବିପି ରିଲାଏନ୍ସର ପେଟ୍ରୋ ରିଟେଲ୍ ନେଟ୍‌ୱର୍କର ୪୯ ପ୍ରତିଶତ ଅଂଶଧନ କିଣିବ। ଏଥିଲାଗି ବିପି ୭ ହଜାର କୋଟି ଟଙ୍କା ଦେବ। ଆର୍‌ଆଇଏଲ୍‌ର ବାର୍ଷିକ ବୈଠକରେ ମୁକେଶ ଏହା ଘୋଷଣା କରିଛନ୍ତି। ଦେଶରେ ନୂଆ ପେଟ୍ରୋଲ ପମ୍ପ ଖୋଲିବା ଏବଂ ବିମାନ ଇନ୍ଧନର ଖୁଚୁରା ବିକ୍ରି କରିବା ଲାଗି ଦୁଇ କମ୍ପାନୀ ଏକାଠି ହେବେ ବୋଲି ଗତ ସପ୍ତାହରେ ଘୋଷଣା କରିଥିଲେ। ବର୍ତ୍ତମାନ ସାରା ଦେଶରେ ରିଲାଏନ୍ସର ୧୪୦୦ ପେଟ୍ରୋଲ ଓ ୩୧ ବିମାନ ଇନ୍ଧନ ପମ୍ପ ରହିଛି। ଏହାକୁ ବିପି ସହ ତିଆରି ହେବାକୁ ଥିବା ଯୁଗ୍ମ କମ୍ପାନୀକୁ ସ୍ଥାନାନ୍ତରିତ ହେବ। ଏହି ଯୁଗ୍ମ କମ୍ପାନୀରେ ବିପିର ୪୯ ପ୍ରତିଶତ ଅଂଶଧନ ରହିବ। ଅବଶିଷ୍ଟ ୫୧ ପ୍ରତିଶତ ରିଲାଏନ୍ସ ନିଜ ହାତରେ ରଖିବ। ଆସନ୍ତା ୫ ବର୍ଷରେ ଦେଶରେ ୫୫୦୦ ପେଟ୍ରୋଲ ପମ୍ପ ଖୋଲିବା ରିଲାଏନ୍ସର ଲକ୍ଷ୍ୟ ରହିଛି।




### ଜୁନ୍ ତ୍ରୈମାସରେ ୧୦,୧୦୪ କୋଟି ଲାଭ

ଜୁନ୍ ୩୦ରେ ଶେଷ ହୋଇଥିବା ତ୍ରୈମାସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର କନ୍‌ସୋଲିଡେଟେଡ ନେଟ୍ ପ୍ରଫିଟ୍ ୬.୮୨ ପ୍ରତିଶତ ବଢ଼ି ୧୦,୧୦୪ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ରାଜସ୍ୱ ୨୧.୨୫% ବୃଦ୍ଧି ପାଇ ୧.୬୧ ଲକ୍ଷ କୋଟି ଟଙ୍କା ହୋଇଛି।

### ଜିଓର ଲାଭ ୮୯୧ କୋଟି

ରିଲାଏନ୍ସ ଜିଓର ଆର୍ଥିକ ବର୍ଷ ୨୦୨୦ର ପ୍ରଥମ ତ୍ରୈମାସରେ ପ୍ରଦର୍ଶନରେ ଉନ୍ନତି ହୋଇଛି। ଏହି ଅବଧିରେ କମ୍ପାନୀର ଲାଭ ବାର୍ଷିକ ଆଧାରରେ ୪୬ ପ୍ରତିଶତ ବୃଦ୍ଧି ପାଇ ୮୯୧ କୋଟି ଟଙ୍କା ହୋଇଛି। ବର୍ଷକ ପୂର୍ବେ ସମାନ ଅବଧିରେ ଜିଓର ଲାଭ ୬୧୨ କୋଟି ଟଙ୍କା ଥିଲା।

### ରିଟେଲ ମାର୍କେଟର କାୟାକଳ୍ପ ବଦଳାଇବ ନ୍ୟୁ କମର୍ସ ଇନିସିଏଟିଭ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଏଜିଏମ୍ ବୈଠକରେ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ରିଟେଲ କ୍ଷେତ୍ରରେ ଏକ ବଡ଼ ଧରଣର ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ରିଟେଲ କ୍ଷେତ୍ରରେ 'ନ୍ୟୁ କମର୍ସ ଇନିସିଏଟିଭ' ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି। ଏହା ମାଧ୍ୟମରେ ଅସଂଗଠିତ ରିଟେଲ ମାର୍କେଟକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦିଆଯିବ। ଦେଶର ୯୦ ପ୍ରତିଶତ ରିଟେଲ ଅସଂଗଠିତ କ୍ଷେତ୍ରରେ ରହିଛି। ନ୍ୟୁ କମର୍ସ ଏଭଳି ଏକ ପ୍ଲାଟଫର୍ମ ହେବ, ଯାହା ଦ୍ୱାରା ସମସ୍ତ କିରାନା ଦୋକାନକୁ ସହଭାଗୀ କରାଯିବ। ସେ କହିଛନ୍ତି ଯେ, ୩ କୋଟି ବ୍ୟବସାୟୀ ଓ କିରାନା ଦୋକାନ ଭାରତୀୟ କାରବାର ଇକୋସିଷ୍ଟମର ମେରୁଦଣ୍ଡ ହୋଇଛି। ଏଥିରେ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ରୂପରେ ୨୦ କୋଟିରୁ ଅଧିକ ବ୍ୟକ୍ତିଙ୍କୁ ଜୀବିକା ମିଳୁଛି। ରିଲାଏନ୍ସର ନୂଆ ରିଟେଲ ପ୍ଲାନ୍ ଦେଶର ହାଇସ୍ପିଡ୍ ଡିଜିଟାଲ ପ୍ଲାଟଫର୍ମକୁ କିରାନା ଦୋକାନ ସହ ଯୋଡ଼ିବ। ଏହା ମାଧ୍ୟମରେ ଗ୍ରାହକ ନିଜର ଅର୍ଡର ଦେଇପାରିବେ। ରିଲାଏନ୍ସ ରିଟେଲ କ୍ଷୁଦ୍ର ଦୋକାନୀଙ୍କୁ ଟେକ୍ନୋଲୋଜି ଓ ଭିତ୍ତିଭୂମି ଯୋଗାଇବ। ଏହାଦ୍ୱାରା ସେମାନେ ବଡ଼ ବ୍ୟବସାୟୀଙ୍କ ଭଳି ଶକ୍ତିଶାଳୀ ହୋଇପାରିବେ।

## ରିଲାଏନ୍ସର ୨୦% ଅଂଶଧନ କିଣିବ ଆରାମ୍‌କୋ

ସାଉଦି ଆରବର ସର୍ବବୃହତ୍ ତୈଳ କମ୍ପାନୀ ସାଉଦି ଆରାମ୍‌କୋ ରିଲାଏନ୍ସର ଅଏଲ ଟୁ କେମିକାଲ ବ୍ୟବସାୟରେ ୨୦ ପ୍ରତିଶତ ଅଂଶଧନ କିଣିବ। ଏଥିଲାଗି ସାଉଦି କମ୍ପାନୀ ୭୫୦୦ କୋଟି ଡଲାର(୫,୩୨,୪୬୬ କୋଟି ଟଙ୍କା) ନିବେଶ କରିବ। ମୁକେଶ ଅମ୍ବାନୀ କହିଛନ୍ତି ଯେ, ଏହି ଡିଲ୍ ରିଲାଏନ୍ସ ସମେତ ଦେଶର ସବୁଠାରୁ ବୃହତ୍ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ହେବ। ଫଳରେ ରିଲାଏନ୍ସର ଜାମନଗର ରିଫାଇନେରିକୁ ଆରାମ୍‌କୋ ଦୈନିକ ୫ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ ଯୋଗାଇବ। ସୂଚନାଥାଉ କି, ମହାରାଷ୍ଟ୍ରରେ ପ୍ରତିଷ୍ଠା ହେବାକୁ ଯାଉଥିବା ୬୦ ବିଲିୟନ ଡଲାର ମେଗା ରିଫାଇନେରି ପ୍ରତିଷ୍ଠା ପାଇଁ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ସହ ସାଉଦି ଆରାମକୋ ଚୁକ୍ତି କରିଛି। ଏଥିରେ ୟୁଏଇର ଆବୁଧାବୀ ନ୍ୟାଶନାଲ ଅଏଲ୍ କୋ(ଆଡନକ୍) ଆରାମ୍‌କୋ ସହ ମିଶି ୫୦ ପ୍ରତିଶତ ଅଂଶଧନ କିଣିବେ।

# ବଜାଜ ଆଣିଲା ନୂଆ ପ୍ଲାଟିନା, ସିଟି ୧୧୦

ଭୁବନେଶ୍ୱର,୧୨-୮(ବ୍ୟୁରୋ)

ବଜାଜ ଅଟୋ ପକ୍ଷରୁ ନୂଆ ପ୍ଲାଟିନା ୧୧୦ ଏଚ୍ ଗିୟର ଏବଂ ସିଟି ୧୧୦ ମଡେଲ ବଜାରକୁ ଆସିଛି। ଏହି ମଡେଲଗୁଡିକୁ ସ୍ଥାନୀୟ ନୟାପଲ୍ଲୀସ୍ଥିତ ଭାରତ ବଜାଜ ଶୋ'ରୁମ୍‌ରେ ଉନ୍ମୋଚନ କରାଯାଇଛି। ମଡେଲଗୁଡ଼ିକୁ ବଜାଜ ଅଟୋ ପକ୍ଷରୁ ଆଞ୍ଚଳିକ ପ୍ରବନ୍ଧକ ସଦାନନ୍ଦ ସ୍ୱାମୀ, ଭାରତ ବଜାଜ ଶୋ'ରୁମ ଏମ୍‌ଡି ସୁଶାନ୍ତ ମହାରଣା, ଜେନେରାଲ ମ୍ୟାନେଜର ସୋମନାଥ ଦାସ, ଏଲ୍‌ଆଣ୍ଡ ଟି ଫାଇନାନ୍ସର ବରିଷ୍ଠ ଅଧିକାରୀ ଶିବଦତ୍ତ ମହାପାତ୍ର ବଜାର ପ୍ରବେଶ କରାଇଥିଲେ। ନୂଆ ପ୍ଲାଟିନାରେ ସ୍ୱତନ୍ତ୍ର ଏଚ୍‌ଗିୟର ରହିଛି। ଏହା ହାଇୱେ ରାଇଡିଂକୁ ଆହୁରି ରୋମାଞ୍ଚ କରିପାରିବ। ସେହିଭଳି ଏଥିରେ ଡିଜିଟାଲ କନ୍‌ସୋଲ, ଗିୟରସିଫ୍ଟ ଗାଇଡ୍, କମ୍ଫରଟେକ୍ ଟେକ୍ନୋଲୋଜି, ଆଣ୍ଟିସ୍କିଡ ବ୍ରେକିଂ ସିଷ୍ଟମ, ଷ୍ଟର୍ଡି ଫ୍ରେମ୍, ଟ୍ୟୁବ୍‌ଲେସ ଟାୟାର, ୩ଡି ଲୋଗୋ, ନୂଆ ଡେକାଲ୍ସ, ପ୍ରିମିୟମ କ୍ୱିଲ୍ଟ ପ୍ୟାଟର୍ନ ଭଳି ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ମଡେଲଟିର ବଜାର ଦର ୫୬,୪୪୩ ଟଙ୍କା (ଡ୍ରମ ଭାରିଆଣ୍ଟ) ୫୫,୩୭୩ ଟଙ୍କା ଡିସ୍କ ଭାରିଆଣ୍ଟ ରହିଛି। ସେହିଭଳି ନୂଆ ସିଟିରେ ଗ୍ରାହକମାନେ ଉନ୍ନତ ଗ୍ରାଉଣ୍ଡ କ୍ଲିଅରାନ୍ସ, ଶକ୍ତିଶାଳୀ କ୍ରାଶଗାର୍ଡ, ଉନ୍ନତ ମାଇଲେଜ ପାଇପାରିବେ। ଏହାର ବଜାର ଦର ୪୫,୫୦୪ ଟଙ୍କା ରହିଛି।





**ଗ୍ରାହକଙ୍କ ଚାହିଦାକୁ ଅଟୋ କମ୍ପାନୀଗୁଡ଼ିକ ସର୍ବଦା ଧ୍ୟାନରେ ରଖିଥାନ୍ତି। ବିଭିନ୍ନ କମ୍ପାନୀ ଏଥି ଲାଗି ବିଭିନ୍ନ ଯୋଜନା ସହ କାମ କରୁଛନ୍ତି। ଗ୍ରାହକଙ୍କ ନିକଟରେ ଅତି ଲୋକପ୍ରିୟ ବ୍ରାଣ୍ଡ ଭାବେ ଫୋର୍ଡର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଘରୋଇ ଅଟୋଶିଳ୍ପ ବର୍ତ୍ତମାନ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ କମ୍ପାନୀର ସ୍ଥିତି ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଏହାର ସେଲ୍‌ସ ବିଭାଗ ଉପସଭାପତି ଏସ୍. ଲକ୍ଷ୍ମୀ ରାମ କୁମାର ଧରିତ୍ରୀକୁ ଦେଇଥିବା ସହ ସାକ୍ଷାତକାର...**

# 'ଅଟୋ ଶିଳ୍ପରେ ଶୀଘ୍ର ଉନ୍ନତି ଆସିବ'

**ମାନ୍ଦାବସ୍ଥା ପ୍ରଭାବରେ ସାରା ଦେଶର ଅଟୋ ଶିଳ୍ପ ପ୍ରଭାବିତ। ଏଭଳି ସ୍ଥିତି ନେଇ କଣ ମତ ରଖିବେ?**

ନିଶ୍ଚିତ। ମାନ୍ଦାବସ୍ଥା ଅଟୋ ଉଦ୍ୟୋଗକୁ ବର୍ତ୍ତମାନ ପ୍ରଭାବିତ କରିଛି। ପ୍ରତି ଶିଳ୍ପରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥିତି ଦେଇ ଗତି କରିବାକୁ ହୁଏ। ଏହାକୁ ସାମ୍ନା କରିବାକୁ ହେବ। ଭାରତ ବଜାରର ମୌଳିକ ଢାଞ୍ଚା ବହୁତ ଶକ୍ତିଶାଳୀ। ବଜାର ଉପରେ ଆମର ଭରଷା ଦୃଢ଼ ରହିଛି। ବର୍ତ୍ତମାନର ମାନ୍ଦାବସ୍ଥା କ୍ଷଣସ୍ଥାୟୀ। ଚାହିଦା ଶୀଘ୍ର ବଢ଼ିବ। ଶିଳ୍ପରେ ଶୀଘ୍ର ଉନ୍ନତି ଆସିବ ବୋଲି ଆଶାବାଦୀ।

**ଘରୋଇ ବଜାରକୁ ନେଇ ଫୋର୍ଡର ଯୋଜନା ସମ୍ପର୍କରେ କିଛି କହିବେ?**

ଭାରତ ବଜାର ଫୋର୍ଡ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଏଠାରେ କମ୍ପାନୀ ବୃହତ୍ ପରିମାଣର ନିବେଶ କରିଛି। ଚେନ୍ନାଇ ଏବଂ ସାନନ୍ଦଠାରେ ୨ ପ୍ଲାଣ୍ଟରୁ ବର୍ତ୍ତମାନ ଯାନ ଉତ୍ପାଦନ ହେଉଥିବା ବେଳେ ଘରୋଇ ବଜାର ସମେତ ୬୫ରୁ ଅଧିକ ଦେଶକୁ ରପ୍ତାନି କରୁଛୁ। ସାରା ଦେଶରେ ୨୯୨ ସହରରେ ୫୪୧ ଟଚ୍ ପଏଣ୍ଟ, ୧୭୪ ଡିଲର ପ୍ରିନ୍ସପାଲ ଏବଂ ୩୬୭ ଶୋ'ରୁମ ଦ୍ୱାରା ପ୍ରଡକ୍ଟ ଏବଂ ସେବା ଯୋଗାଇ ଦେଉଛୁ।

**ଓଡ଼ିଶା ବଜାରକୁ କିଭଳି ଦେଖୁଛନ୍ତି। ଏଠାରେ କିଛି ନୂଆ ସମ୍ପ୍ରସାରଣ ଯୋଜନା ରଖିଛନ୍ତି କି?**

ଓଡ଼ିଶା ଆମ ପାଇଁ ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ବଜାର ରହି ଆସିଛି। ବର୍ତ୍ତମାନ ଏଠାରେ ସହରଗୁଡିକର କଳେବର ବଢ଼ି ଚାଲିଛି। ଲୋକଙ୍କର ମୋବିଲିଟି ଚାହିଦା ମଧ୍ୟ ବଦଳିଛି। ନୂଆ ନୂଆ ଶୋ'ରୁମ୍‌ର ଆବଶ୍ୟକତା ଉପଲବ୍ଧି କରି ଆଗକୁ ବଢ଼ୁଛୁ। ସମ୍ପ୍ରସାରଣ ଦିଗରେ ଯଥା ସମ୍ଭବ ପଦକ୍ଷେପ ନିଆଯାଉଛି। ଓଡ଼ିଶାରେ ମୋଟ ୭ ଆଉଟଲେଟ୍ ରହିଛି। ଏଗୁଡିକ ମଧ୍ୟରେ ରାଉରକେଲା, ବାଲେଶ୍ୱର, କଟକ, ଭୁବନେଶ୍ୱର, ବଲାଙ୍ଗୀର ଏବଂ ଅନୁଗୋଳ ଭଳି ସ୍ଥାନ ସାମିଲ ରହିଛି।

**ପରିବର୍ତ୍ତିତ ବଜାର ସ୍ଥିତିକୁ ନେଇ କମ୍ପାନୀ ନିଜକୁ କିଭଳି ପ୍ରସ୍ତୁତ କରୁଛି?**

- ପରିବର୍ତ୍ତିତ ସ୍ଥିତିରେ ସବୁବେଳେ ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖୁଛୁ। ୟୁଟିଲିଟି ଭେଇକିଲ ବିକ୍ରି ବଢ଼ିବାର ଅନେକ ସମ୍ଭାବନା ରହିଛି। ଭାରତୀୟ ଗ୍ରାହକଙ୍କ ଧ୍ୟାନରେ ରଖି ପ୍ରଡକ୍ଟ ଡିଜାଇନ ହେଉଛି। ସର୍ବୋତ୍ତମ ପ୍ରଡକ୍ଟ ପ୍ରଦାନ ଦିଗରେ ଉଦ୍ୟମ ଜାରି ରଖିଛୁ। ଅନ୍ୟ କମ୍ପାନୀ ତୁଳନାରେ ଆମର ଏଣ୍ଟ୍ରିଲେଭଲ ଭାରିଆଣ୍ଟଗୁଡିକରେ ଏବିଏସ୍, ଏବିଡି, ଏୟାରବ୍ୟାଗ ଭଳି ଅତ୍ୟାଧୁନିକ ଫିଚର ପ୍ରଦାନ କରୁଛୁ। ନୂଆ ଟେକ୍ନୋଲୋଜିକୁ ଅଗ୍ରାଧିକାର ଦିଆଯାଉଛି। ଏହାବାଦ ପାୱାର ଏବଂ ମାଇଲେଜର ମିଶ୍ରଣକୁ ଫୋର୍ଡ ପ୍ରାଥମିକତା ଦେଉଛି। ନଏଜ କ୍ୟାନ୍‌ସଲେଶନ, ଇଣ୍ଡଷ୍ଟ୍ରି ଫାଷ୍ଟ ଫିଚରକୁ ମଧ୍ୟ ସାମିଲ କରାଯାଇଛି। ଏଣ୍ଟ୍ରିଲେଭଲ ଫିଗୋ, କମ୍ପାକ୍ଟ ୟୁଟିଲିଟି ଯାନ ଫ୍ରିଷ୍ଟାଇଲ, କମ୍ପାକ୍ଟ ସେଡାନ ଆସ୍ପାୟାର, ଏଣ୍ଡେଭର ଏବଂ ମଷ୍ଟାଙ୍ଗ ଭଳି ପ୍ରିମିୟମ କାର ସହ ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ରେଞ୍ଜରେ ପ୍ରଡକ୍ଟ ପ୍ରଦାନ କରୁଛୁ। ଆମେ ଶୀଘ୍ର ଆମର ସବୁ କାରକୁ ବିଏସ୍-ଷ୍ଟେଜ ୬ ମାନକ ଇଞ୍ଜିନ ସହ ଆଣିବା ନେଇ ପ୍ରସ୍ତୁତ ରହିଛୁ।

**ମହିନ୍ଦ୍ରା ସହ ଫୋର୍ଡ ସହଭାଗିତା ସମ୍ପର୍କରେ କଣ କହିବେ?**

ମହିନ୍ଦ୍ରା ସହ ମିଳିତ ହୋଇ ଆଗାମୀ ଦିନରେ ସି-ଏସ୍‌ୟୁଭି ଆଣିବୁ। ଏହା ମଧ୍ୟମ ବର୍ଗରେ ଆସିବ। ଏହାବାଦ ମିଳିତ ହୋଇ ଇ-ଯାନ, କମ୍ପାକ୍ଟ କାର୍, ପାୱାରଟ୍ରେନ, କନେକ୍ଟେଡ କାର୍ ଆଣିବା ଦିଗରେ ଯୋଜନା ରହିଛି। ଇ-ଯାନ କ୍ଷେତ୍ରରେ ସମ୍ଭାବନା ଥିବାରୁ ଆଗକୁ ଏ କ୍ଷେତ୍ରରେ କାମ କରିବା ଯୋଜନା ରହିଛି।

## ତୃପ୍ତି ସେଲ୍‌ସ ଆଣ୍ଡ ସର୍ଭିସ ସୁବିଧାର ଶୁଭାରମ୍ଭ

ଭୁବନେଶ୍ୱର, ୧୨-୮ (ବ୍ୟୁରୋ): ଫୋର୍ଡ ଇଣ୍ଡିଆ ପକ୍ଷରୁ ସ୍ଥାନୀୟ ପାତ୍ରପଡାଠାରେ ତୃପ୍ତି ଫୋର୍ଡ ସେଲ୍‌ସ ସର୍ଭିସ ସୁବିଧାର ଶୁଭାରମ୍ଭ କରାଯାଇଛି। ନୂଆ ଫାସିଲିଟିକୁ କମ୍ପାନୀର ସେଲ୍‌ସ ବିଭାଗ ଉପସଭାପତି ଏସ୍. ଲକ୍ଷ୍ମୀ ରାମ କୁମାର, ଶୋ'ରୁମ ଏମ୍‌ଡି ବଦ୍ରିନାରାୟଣ ସାମନ୍ତରାୟ, ନିର୍ଦ୍ଦେଶକ ରୁଦ୍ରନାରାୟଣ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏଠାରେ ଗ୍ରାହକମାନେ ସେଲ୍‌ସ ସର୍ଭିସ ଏବଂ ସ୍ପେୟାର ସୁବିଧା ଲାଭ କରିପାରିବେ।





“ ୟୁଏସ ଓପନ୍ ପାଇଁ ନିଜକୁ ଫିଟ୍ ରଖିବା ଉଦ୍ଦେଶ୍ୟରେ ମୁଁ ସିନ୍‌ସିନାଟି ମାଷ୍ଟର୍ସ ଟୁର୍ନାମେଣ୍ଟରୁ ଓହରିଯାଉଛି ।

–ରାଫାଲ ନାଡାଲ, ସ୍ପାନିଶ ଟେନିସ୍ ଷ୍ଟାର

“ ଆମକୁ ମ୍ୟାଚ ଜିତିବାକୁ ହେଲେ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନମାନଙ୍କୁ ଲଢୁଆ ପ୍ରଦର୍ଶନ କରିବାକୁ ପଡ଼ିବ ।

–ଫ୍ଲଏଡ୍ ରିଫର, ୱେଷ୍ଟଇଣ୍ଡିଜ କ୍ରିକେଟ କୋଚ୍



## ସଂକ୍ଷେପରେ

### ଐଶ୍ୱର୍ଯ୍ୟା ଜିତିଲେ ଏଫ୍‌ଆଇଏମ୍ ବିଶ୍ୱକପ୍

**ଭାର୍ପାଲୋଟା (ହଙ୍ଗେରୀ), ୧୨।୮ (ପି.ଟି.):** ଐଶ୍ୱର୍ଯ୍ୟା ପିସା ପ୍ରଥମ ଭାରତୀୟ ମହିଳା ଭାବେ ମୋଟର ସ୍ପୋର୍ଟ୍ସରେ ଏକ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଏଠାରେ ଅନୁଷ୍ଠିତ ଏଫ୍‌ଆଇଏମ୍ ୱାର୍ଲ୍ଡ କପ୍ ମହିଳା କାଟେଗୋରିରେ ସେ ଚାମ୍ପିୟନ ହୋଇଛନ୍ତି। ବେଙ୍ଗାଲୁରୁର ଏହି ୨୪ ବର୍ଷୀୟା ରାଇଡର ରବିବାର ଏଫ୍‌ଆଇଏମ୍ ଜୁନିୟର କାଟେଗୋରିରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଐଶ୍ୱର୍ଯ୍ୟା ଦୁବାଇରେ ଅନୁଷ୍ଠିତ ଚାମ୍ପିୟନଶିପ୍‌ର ପ୍ରଥମ ରାଉଣ୍ଡ ଜିତିଥିଲେ। ସେ ପରେ ପର୍ତ୍ତୁଗାଲ, ସ୍ପେନ୍ ଓ ହଙ୍ଗେରୀରେ ଯଥାକ୍ରମେ ଅନୁଷ୍ଠିତ ପରବର୍ତ୍ତୀ ରେସ୍ ଗୁଡ଼ିକରେ ୩ୟ, ୫ମ ଓ ୪ର୍ଥ ହୋଇଥିଲେ। ମହିଳା ବିଭାଗରେ ଫାଇନାଲ ଓଭରାଲ ଷ୍ଟାଣ୍ଡିଂରେ ସେ ପର୍ତ୍ତୁଗାଲର ରିଟା ଭିଏରାଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଜୁନିୟର କାଟେଗୋରିରେ ସେ ବିଜେତା ଚିଲିର ଟୋମାସ ଡି' ଗାଭାର୍ଡୋ (୬୦ପଏଣ୍ଟ)ଙ୍କ ପଛକୁ ୪୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

### ୱାରିୟର୍ସ-ଟାଇଟାନ୍ସ ମ୍ୟାଚ ଡ୍ର, ଯୋଦ୍ଧା ବିଜୟୀ

**ଅହମ୍ମଦାବାଦ, ୧୨।୮ (ପି.ଟି.):** ପ୍ରୋ-କବାଡ଼ି ଲିଗ୍‌ରେ ସୋମବାର ବେଙ୍ଗଲ ୱାରିୟର୍ସ ଓ ତେଲୁଗୁ ଟାଇଟାନ୍ସ ମ୍ୟାଚ ୨୯-୨୯ ପଏଣ୍ଟରେ ଡ୍ର ରହିଛି। ଉଭୟ ଦଳ ମଧ୍ୟରେ ଏହା ୫ମ ଡ୍ର। ଲିଗ୍ ଇତିହାସରେ ଏହା ରେକର୍ଡ ମଧ୍ୟ। ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୟୁପି ଯୋଦ୍ଧା ୩୫-୩୩ ପଏଣ୍ଟରେ ବେଙ୍ଗାଲୁରୁ ବୁଲ୍ସକୁ ହରାଇଛି। ଏହି ମ୍ୟାଚ ପରେ ପଏଣ୍ଟ ଟେବୁଲରେ ଦବଙ୍ଗ ଦିଲ୍ଲୀ ୨୬ ପଏଣ୍ଟ ସହ ଶୀର୍ଷରେ ଅପରିବର୍ତ୍ତିତ ରହିଛି। ବେଙ୍ଗାଲୁରୁ ବୁଲ୍ସ ୨୨, ବେଙ୍ଗଲ ୱାରିୟର୍ସ, ଜୟପୁର ପିଙ୍କ୍ ପାନ୍ଥର୍ସ, ତାମିଲ ଥଲାଇଭାସ ୨୦ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୪ ସ୍ଥାନରେ ରହିଛନ୍ତି। ଗୁଜରାଟ ଫର୍ଚ୍ଚୁନଜିଆଣ୍ଟ୍ସ, ୟୁ ମୁମ୍ବା(୧୮ ପଏଣ୍ଟ ଲେଖାଏ), ପାଟ୍‌ନା ପାଇରେଟ୍ସ, ହରିୟାଣା ଷ୍ଟିଲର୍ସ, ୟୁପି ଯୋଦ୍ଧା(୧୬ ପଏଣ୍ଟ ଲେଖାଏ), ତେଲୁଗୁ ଟାଇଟାନ୍ସ(୧୩) ଓ ପୁନେରି ପଲଟନ(୧୧) ପଛକୁ ପଛ ରହିଛନ୍ତି।

### ଗୁରୁକୁଳ ଜୁନିୟର ଟେନିସ ୧୫ରୁ

**ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି):** ଗୁରୁକୁଳ ଟେନିସ ଏକାଡେମୀ ଆନୁକୂଲ୍ୟରେ ଜୁନିୟର ଟେନିସ ପ୍ରତିଯୋଗିତା ଚଳିତମାସ ୧୫ରୁ ଆରମ୍ଭ ହେବ। ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ଏହା ୧୮ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତା ୫ଟି ବିଭାଗରେ ଅନୁଷ୍ଠିତ ହେବ। ତାହା ହେଲା ୧୨ ବର୍ଷରୁ କମ୍ ବାଳକ, ୧୪ ବର୍ଷରୁ କମ୍ ବାଳକ, ୧୬ ବର୍ଷରୁ କମ୍ ବାଳକ, ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଓ ୧୬ ବର୍ଷରୁ କମ୍ ବାଳକ ଡବଲ୍ସ। ଭାଗ ନେବାକୁ ଆଗ୍ରହୀ ପ୍ରତିଯୋଗୀମାନେ ଟୁର୍ନାମେଣ୍ଟ ଡାଇରେକ୍ଟର ସନ୍ତୋଷ କୁମାର ମଲିକଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱରେ ଓସିଏ

**କଟକ ଅଫିସ, ୧୨।୮**




- ଦିନକ ପରେ ଲାଗୁହେବ ନିର୍ବାଚନ ବିଧି
- ମିଳୁନାହାନ୍ତି ନିର୍ବାଚନ ଅଧିକାରୀ
- ବିହାରରୁ ଆଶା କ୍ଷୀଣ

ଦ୍ୱନ୍ଦ୍ୱ ଭିତରେ ରହିଛି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର କର୍ମକର୍ତ୍ତା ନିର୍ବାଚନ। ଓସିଏ ପକ୍ଷରୁ ଘୋଷଣା ହେଉଛି ଯେ, ନିର୍ବାଚନ ଅଧିକାରୀ ନିଯୁକ୍ତ କରି ନିର୍ବାଚନ ପ୍ରକ୍ରିୟାକୁ ଓହ୍ଲାଇବା ପାଇଁ ସଂଘ ପ୍ରସ୍ତୁତ। ହେଲେ ନିର୍ବାଚନ ଅଧିକାରୀ ନିଯୁକ୍ତ କରିବାରେ ରାଜ୍ୟ ପକ୍ଷରୁ କୌଣସି ସହାୟତା ମିଳିଲା ନାହିଁ। ଯାହା ଫଳରେ ଏବେ ଅନ୍ୟ ରାଜ୍ୟ ଉପରେ ଭରସା କରାଯାଇଛି। ମିଳିଥିବା ଖବର ମୁତାବକ ବିହାର, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ରାଜ୍ୟ ସରକାରଙ୍କ ସହ ଓସିଏ ପକ୍ଷରୁ ଯୋଗାଯୋଗ କରାଯାଇ ନିର୍ବାଚନ ଅଧିକାରୀ ପାଇଁ ନିବେଦନ କରାଯାଇଥିଲା। ବିହାରର ପୂର୍ବତନ ନିର୍ବାଚନ କମିଶନର ନିର୍ବାଚନ ଅଧିକାରୀ ଭାବେ ଓସିଏରେ ନିଯୁକ୍ତ ହେବେ ବୋଲି ମଧ୍ୟ ଆଶା ଦୃଢ଼ୀଭୂତ ହୋଇଥିଲା। ହେଲେ ଏବେ ଏହି ଆଶା ମଉଳି ଗଲାଣି। ବିହାରର ଜଣେ ନିର୍ବାଚନ ଅଧିକାରୀ ବ୍ୟକ୍ତିଗତ କାରଣ ଦର୍ଶାଇ ଓଡ଼ିଶା ଆସିବେ ନାହିଁ ବୋଲି ଜଣାଇଛନ୍ତି। ଏହି ରାଜ୍ୟର ଅନ୍ୟଜଣେ ନିର୍ବାଚନ ଅଧିକାରୀ ଏଯାଏ ଉତ୍ତର ରଖିନାହାନ୍ତି। ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ପକ୍ଷରୁ ମଧ୍ୟ ସ୍ପଷ୍ଟ ଉତ୍ତର ମିଳିନାହିଁ। କମିଟି ଅଫ ଆଡମିନିଷ୍ଟ୍ରେଟର(ସିଓଏ) ପକ୍ଷରୁ ହୋଇଥିବା ପୂର୍ବ ଘୋଷଣା ଅନୁଯାୟୀ ଅଗଷ୍ଟ ୧୪ରୁ ନିର୍ବାଚନ ବିଧି ଓ ଭୋଟର ତାଲିକା ପ୍ରଚଳନ ଲାଗୁ ହେବ। ଏହି ତାରିଖକୁ ଆଉ ଗୋଟିଏ ଦିନ ବାକି ଥିବା ବେଳେ ଓସିଏ ଏପରି ଦ୍ୱନ୍ଦ୍ୱ ଭିତରେ ଝୁଲି ରହିବା ଆଗାମୀ ନିର୍ବାଚନକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

ଦେଶର ବିଭିନ୍ନ କ୍ରିକେଟ ସଂଘର ନିର୍ବାଚନ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦିନକୁ ଦିନ ତତ୍ପରତା ପ୍ରକାଶ କରୁଛି। ୩୭ଟି ସଂଘ ଭିତରୁ ଏବେ ସୁଦ୍ଧା ୨୬ଟି କ୍ରିକେଟ ସଂଘ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରିବା ସହିତ ନିର୍ବାଚନ ଅଧିକାରୀ ନିଯୁକ୍ତ କରି ସାରିଲେଣି। ଏହି ସଂଖ୍ୟା ୩୦ରେ ପହଞ୍ଚିଲେ ନିର୍ବାଚନ ହେବ ବୋଲି ସିଓଏ ଅଧ୍ୟକ୍ଷ ବିନୋଦ ରାୟ ଘୋଷଣା କରିଛନ୍ତି। ପ୍ରଥମେ ଯେଉଁ ସଂଘଗୁଡ଼ିକୁ ନେଇ ନିର୍ବାଚନ ହେବ ସେହି ସଂଘର ପ୍ରତିନିଧି ବୋର୍ଡ ନିର୍ବାଚନରେ ଭାଗ ନେଇ ପାରିବ। ଏହାଛଡ଼ା ବିଭିନ୍ନ ଗ୍ରାଣ୍ଟ ମଧ୍ୟ ପାଇବାକୁ ପ୍ରଥମ ହକଦାର ହେବ। ହେଲେ ଓସିଏ ନିର୍ବାଚନକୁ ଓହ୍ଲାଇବାକୁ ବହୁ ଦୂରରେ ଥିବା ଭଳି ଦୃଶ୍ୟମାନ ହେଉଛି। ଏଯାଏ ନିର୍ବାଚନ ଅଧିକାରୀ ମିଳି ନ ଥିବା ବେଳେ କେବେ ଏହି ପ୍ରକ୍ରିୟା ପରବର୍ତ୍ତୀ ପର୍ଯ୍ୟାୟ ଛୁଇଁବ ତାହାର ହିସାବ ମଧ୍ୟ ଓସିଏର କୌଣସି ଅଧିକାରୀମାନଙ୍କ ପାଖରେ ନାହିଁ। ଗତ ଜୁଲାଇ ୧ ତାରିଖ ନିର୍ବାଚନ ଅଧିକାରୀ ନିଯୁକ୍ତ କରିବାର ଅନ୍ତିମ ତାରିଖ ଧାର୍ଯ୍ୟ ହୋଇଥିଲା। ରାଜ୍ୟର ଯୁଗ୍ମ କିମ୍ବା ସହକାରୀ ନିର୍ବାଚନ ଅଧିକାରୀ କ୍ରିକେଟ ସଂଘ ଗୁଡ଼ିକର ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇ ପାରିବେ ନାହିଁ। ଭାରତର ପୂର୍ବତନ ନିର୍ବାଚନ କମିଶନର କିମ୍ବା ରାଜ୍ୟର ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏହି ଦାୟିତ୍ୱ ଗ୍ରହଣ କରିବାକୁ ଯୋଗ୍ୟ ବୋଲି ସିଓଏ ଘୋଷଣା କରିଥିଲା। ଏହି ତାରିଖକୁ ପ୍ରାୟ ଦେଢ଼ ମାସ ଅତିକ୍ରମ କରି ସାରିଲାଣି। ଇତି ମଧ୍ୟରେ ରାଜ୍ୟ ସଂଘ ଗୁଡ଼ିକର ଅସହାୟତା ନଜରରେ ରଖି ନିର୍ବାଚନ ଅଧିକାରୀ ନିଯୁକ୍ତ ନେଇ ନିର୍ଦ୍ଧାରିତ ତାରିଖକୁ ଜୁଲାଇ ୨୫ ତାରିଖ ପର୍ଯ୍ୟନ୍ତ ସିଓଏ ଘୁଞ୍ଚାଇ ଦେଇଥିଲା। ହେଲେ ଅନ୍ୟ ରାଜ୍ୟ ଗୁଡ଼ିକ ନିର୍ବାଚନ ଅଧିକାରୀ ନିଯୁକ୍ତ କରିବାରେ ସଫଳ ହେଉଥିବା ବେଳେ ଓଡ଼ିଶା ଏଥିରେ କାହିଁକି ପଛୁଆ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିସିସିଆଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଓସିଏ ନିର୍ବାଚନ ଅଧିକାରୀ ଖୋଜୁଛି ବୋଲି ଘୋଷଣା କରିଥିଲା। ସେପ୍ଟେମ୍ବର ୧୪ ସୁଦ୍ଧା ରାଜ୍ୟ ଆସୋସିଏଶନ ଗୁଡ଼ିକର ନିର୍ବାଚନ ହେବ ବୋଲି ସିଓଏ ସ୍ଥିର କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ବାଚନ କରିବାରେ ଓସିଏ ଫେଲ ମାରିଲେ ଏବେ ଲାଗି ରହିଥିବା ବିଭିନ୍ନ ସଙ୍କଟ ବଡ଼ରୂପରେ ଛିଡ଼ା ହେବ ବୋଲି ରାଜ୍ୟର ଜଣେ ପୂର୍ବତନ କ୍ରୀଡ଼ା ସଙ୍ଗଠକ ମତ ଦେଇଛନ୍ତି।



“ ସମସ୍ତ ଚେଷ୍ଟା କରାଯାଉଛି। ରାଜ୍ୟ କ୍ରିକେଟର ବିକାଶ ପାଇଁ ଆମେ ମଧ୍ୟ ଚିନ୍ତିତ। ସଂଘ କିପରି ସୁଧୁରିବ, ଭଲ ଅବସ୍ଥାକୁ ଫେରିବ ସେ ନେଇ ସବୁବେଳେ ପ୍ରଚେଷ୍ଟା ଚାଲିଛି। ନିର୍ବାଚନ ଅଧିକାରୀ ନିଯୁକ୍ତ କରିବା ନେଇ ଓଡ଼ିଶାରୁ ନିରାଶ ହେବା ପରେ ଅନ୍ୟ ରାଜ୍ୟ ସହ ଆଲୋଚନା କଲୁ । ଏବେ ସେମାନଙ୍କ ହାତରେ ସବୁ କିଛି । ନିର୍ବାଚନ କରିବା ନେଇ ଆମେ କ'ଣ କ'ଣ ପଦକ୍ଷେପ ନେଉଛୁ ସେ ସବୁର ଟିକିନିକି ହିସାବ ସିଓଏକୁ ମେଲ୍ ଯୋଗେ ପଠାଯାଉଛି। ଖୁବଶୀଘ୍ର ନିର୍ବାଚନ ଅଧିକାରୀ ନିଯୁକ୍ତ ହେବେ ବୋଲି ଆମର ଆଶା''।

*– ଧୀରେନ ପଲାଇ, ଅଧ୍ୟକ୍ଷ, ଓସିଏ କାର୍ଯ୍ୟକାରୀ କମିଟି*

# ବିସିସିଆଇ ନିର୍ବାଚନ, ନାଡା ପ୍ରସଙ୍ଗ ଆଲୋଚନା ହେବ

**ମୁମ୍ବାଇ, ୧୨।୮ (ପି.ଟି.)**

**ପ୍ରଶାସକ କମିଟି ବୈଠକ**

ମଙ୍ଗଳବାର ଏଠାରେ ପ୍ରଶାସକ କମିଟି (ସିଓଏ)ର ଏକ ବୈଠକ ବସିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ପରିସରଭୁକ୍ତ ହେବା ଏବଂ ଏହାର ନିର୍ବାଚନ ପ୍ରସଙ୍ଗ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ରହିବ। ନୂଆଦିଲ୍ଲୀରେ ସିଇଓ ରାହୁଲ ଜୋହରିଙ୍କର କ୍ରୀଡ଼ା ମନ୍ତ୍ରଣାଳୟ ଉଚ୍ଚ ପଦାଧିକାରୀଙ୍କ ସହିତ ଏକ ସାକ୍ଷାତ୍କାର ପରେ ବିସିସିଆଇ ଶେଷରେ ନାଡା ପରିସରଭୁକ୍ତ ହେବାଲାଗି ରାଜି ହୋଇଛି। ପ୍ରଶାସକ କମିଟିରେ ଏହାର ଚେୟାରମ୍ୟାନ ବିନୋଦ ରାୟଙ୍କ ବ୍ୟତୀତ ଅନ୍ୟ ଦୁଇଜଣ ଡାଏନା ଇଡୁଲ୍‌ଜୀ ଏବଂ ଲ୍ୟୁଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ରବି ଥୋଗ୍‌ଡେ ସଦସ୍ୟ ରହିଛନ୍ତି। ସେମାନେ ଅକ୍ଟୋବର ୨୨ରେ ହେବାକୁଥିବା ବିସିସିଆଇ ନିର୍ବାଚନ ଏବଂ ଏହା ପୂର୍ବରୁ ହେବାକୁଥିବା ରାଜ୍ୟ କ୍ରିକେଟ ଆସୋସିଏଶନଗୁଡ଼ିକର ନିର୍ବାଚନ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ନେଇ ସେମାନେ ଆଲୋଚନା କରିବେ। କେତୋଟି ରାଜ୍ୟ ଆସୋସିଏଶନ ଲୋଧା ସଂସ୍କାର ଅନୁସାରେ କାର୍ଯ୍ୟକରୁଛନ୍ତି ଏବଂ ଆଉ କେତେକ ଏହାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ପଛୁଆ ରହିଛନ୍ତି, ତାହାର ସମୀକ୍ଷା କରିବେ। ରାଜ୍ୟ ଅସୋସିଏଶନଗୁଡ଼ିକୁ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ନିର୍ବାଚନ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିବ। ଜାତୀୟ ଦଳର ମୁଖ୍ୟ କୋଚ୍ ବାଛିବା ଲାଗି ପୂର୍ବତନ ଅଧିନାୟକ କପିଳ ଦେବଙ୍କ ଅଧ୍ୟକ୍ଷତାରେ ଏକ କ୍ରିକେଟ ଉପଦେଷ୍ଟା କମିଟି ଗଠନ କରାଯାଇଛି। ପଦବୀ ପାଇଁ ବହୁ ପ୍ରାର୍ଥୀ ଆବେଦନ କରିଛନ୍ତି। ତାଲିକାକୁ ସଂକ୍ଷିପ୍ତ କରାଯିବା ସମ୍ପର୍କରେ ମଧ୍ୟ ସେମାନେ ଅଲୋଚନା କରିବେ। ସାକ୍ଷାତ୍କାର ଅଗଷ୍ଟ ୧୬ରେ ହେବ। ମୁଖ୍ୟକୋଚ୍ ପାଇଁ ଆବେଦନକାରୀଙ୍କ ମଧ୍ୟରେ ରହିଛନ୍ତି ବର୍ତ୍ତମାନ ଏହି ପଦବୀରେ ଥିବା ରବି ଶାସ୍ତ୍ରୀ, ପୂର୍ବତନ ଭାରତ ଖେଳାଳି ଲାଲ୍‌ଚାନ୍ଦ ରାଜପୁତ ଏବଂ ରବିନ୍‌ସିଂ ଏବଂ ନ୍ୟୁଜିଲାଣ୍ଡର ପୂର୍ବତନ କୋଚ୍ ମାଇକ୍ ହେସନ।

# ଭାଜପାରେ ରେସଲର୍ ବବିତା

**ନୂଆଦିଲ୍ଲୀ, ୧୨।୮:** ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକଧାରୀ ରେସଲର୍ ବବିତା ଫୋଗଟ ଓ ତାଙ୍କ ବାପା ତଥା କୋଚ୍ ମହାବୀର ଫୋଗଟ ସୋମବାର ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗ ଦେଇଛନ୍ତି। ପୂର୍ବରୁ ଜନନାୟକ ଜନତା ପାର୍ଟି (ଜେଜେପି) ସ୍ପୋର୍ଟ୍ସ ସେଲ୍‌ର ମୁଖ୍ୟ ଥିଲେ ମହାବୀର। ହରିୟାଣା ବିଧାନ ସଭା ନିର୍ବାଚନର ଦୁଇ ମାସ ପୂର୍ବରୁ ମହାବୀର ଏହି ନିଷ୍ପତ୍ତି ନେଇଛନ୍ତି। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ୨୦୧୮ ଗୋଲ୍ଡକୋଷ୍ଟ ଇଭେଣ୍ଟରେ ରୌପ୍ୟ ପଦକ ହାତେଇଥିଲେ। ଏହା ବାଦ୍ ସମ୍ବିଧାନରୁ ୩୭୦ ଓ ୩୫ ଏ' ଧାରା ଉଚ୍ଛେଦ ଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତିରେ ଅନୁପ୍ରାଣିତ ହୋଇଥିବା ମହାବୀର କହିଛନ୍ତି। ଉଲ୍ଲେଖଥାଉ କି, ଗତ ସୋମବାର ୩୭୦ ଧାରା ଉଚ୍ଛେଦ ନିଷ୍ପତ୍ତିକୁ ବବିତା ପ୍ରଶଂସା କରିଥିଲେ। ଏହି ଦିନ ସର୍ବଦା ମନେରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସଲାମ। ଏହାପରେ ଭାରତ ସହ ପାକିସ୍ତାନ ସମସ୍ତ ପ୍ରକାର ଯୋଗାଯୋଗ ବାତିଲ କରିବା ଘଟଣା ଉପରେ ମଧ୍ୟ ସେ କମେଣ୍ଟ କରିଥିଲେ।



ଟ୍ରଫି ସହ ଉଭୟ ଖୋର୍ଦ୍ଧା ଓ ପାନପୋଷ କ୍ରୀଡ଼ା ଛାତ୍ରାବାସର ଖେଳାଳିମାନେ।

### ରାଜ୍ୟ ସିନିୟର ମହିଳା ହକି ଚାମ୍ପିୟନଶିପ ଉଦ୍‌ଯାପିତ

# ଖୋର୍ଦ୍ଧା-ପାନପୋଷ ଯୁଗ୍ମ ଚାମ୍ପିୟନ


**ରାଉରକେଲା ଅଫିସ, ୧୨।୮:** ରାଉରକେଲା ପାନପୋଷ କ୍ରୀଡ଼ା ଛାତ୍ରାବାସ ଷ୍ଟାଡିୟମରେ ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ସିନିୟର ମହିଳା ହକି ଚାମ୍ପିୟନଶିପ ସୋମବାର ଉଦ୍‌ଯାପିତ ହୋଇଛି। ପୂର୍ବାହ୍ନରେ ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ ଓଡ଼ିଶା ପୋଲିସ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌କୁ ପାନପୋଷ କ୍ରୀଡ଼ା ଛାତ୍ରାବାସ ୭–୧ ଗୋଲରେ ଜିତିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖୋର୍ଦ୍ଧା ଓ ସୁନ୍ଦରଗଡ଼ ମଧ୍ୟରେ ଖେଳାଯାଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଶେଷରେ ପେନାଲଟି ଶୁଟ୍‌ଆଉଟରେ ୩–୧ ଗୋଲରେ ବିଜୟୀ ହୋଇ ଖୋର୍ଦ୍ଧା ଫାଇନାଲକୁ ଉନ୍ନୀତ ହୋଇଥିଲା। ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ ଖୋର୍ଦ୍ଧା ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ତେବେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଯୋଗୁ ଖେଳ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ନିୟମାନୁଯାୟୀ ଉଭୟ ଦଳକୁ ଯୁଗ୍ମ ଚାମ୍ପିୟନ ଘୋଷଣା କରାଯାଇଥିଲା। ଅନ୍ତର୍ଜାତୀୟ ହକି ଅମ୍ପାୟର ବିଶ୍ୱରଞ୍ଜନ ଷଡ଼ଙ୍ଗୀ ଓ ନିଶାନଜ୍ୟୋତି ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। କ୍ରୀଡ଼ା ଛାତ୍ରାବାସର ବରିଷ୍ଠ କୋଚ୍ ଅମୂଲ୍ୟ ନନ୍ଦ ବିହାରୀ, କୋଚ୍ ଅମୂଲ୍ୟ ବେହେରା, କୋଚ୍ ପିଟର ସୋରେନ, ଏଫ୍. ଏକ୍କା, କେଶବ ସ୍ୱାଇଁ ଓ ରାଜନ ଏକ୍କା ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ଅର୍ଜୁନ ପୁରସ୍କାର ବିଜେତା ବଡି ବିଲ୍ଡର ସୁନୀଲ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ, ସୁନ୍ଦରଗଡ଼ ଜିଲା ହକି ସଂଘ ସଭାପତି ଭିକ୍ଟର କୁଜୁର, ସମ୍ପାଦକ ସିଲଭିଷ୍ଟର ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟରେ ନୂଆ ସ୍ମାର୍ଟ ବଲ୍

**ୱେଲିଂଟନ, ୧୨।୮**

ଆଧୁନିକ କ୍ରିକେଟ୍‌ରେ ଟେକ୍ନୋଲୋଜି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିସାରିଛି। ଏବେ କ୍ରିକେଟ୍ ଖେଳରେ ଆଉ ଏକ ନୂଆ ଟେକ୍ନୋଲୋଜିର ପ୍ରୟୋଗ ଦେଖିବାକୁ ମିଳିବ। ଏଥର ବଲ୍ ଉପରେ ଏହାର ପ୍ରୟୋଗ କରାଯିବାକୁ ଯାଉଛି। ଆଗାମୀ ଦିନରେ ବଲ୍‌ରେ ମାଇକ୍ରୋଚିପ୍ ବ୍ୟବହାର କରିବାକୁ ଯୋଜନା ଚାଲିଛି, ଯାହାକୁ 'ସ୍ମାର୍ଟ ବଲ୍'ର ଆଖ୍ୟା ଦିଆଯାଇଛି। ଅଷ୍ଟ୍ରେଲିଆରେ ଚଳିତ ସମରରେ ଖେଳାଯିବାକୁ ଥିବା ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ଏହି ବଲ୍‌ର ବ୍ୟବହାର ହେବାର ମଧ୍ୟ ସମ୍ଭାବନା ରହିଛି ବୋଲି ଖବର ପ୍ରକାଶ ପାଇଛି। ନ୍ୟୁଜିଲାଣ୍ଡର ଏକ ଗଣମାଧ୍ୟମର ଖବର ମୁତାବକ ଅଷ୍ଟ୍ରେଲୀୟ ବଲ୍ ପ୍ରସ୍ତୁତକାରୀ କମ୍ପାନୀ 'କୋକାବୁରା' ଟେଷ୍ଟ କ୍ରିକେଟ୍‌ରେ ମଧ୍ୟ ଏହି ବଲ୍ ବ୍ୟବହାର କରିବାକୁ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି। ଏହି ବଲ୍‌ର ପରୀକ୍ଷଣ ଏବେ ଅନ୍ତିମ ଚରଣରେ ରହିଛି।

ସ୍ମାର୍ଟ ବଲ୍‌ରେ ଗତିର ତୀବ୍ରତା ମାପିବାର କ୍ଷମତା ରହିଛି। ଉଦାହରଣ ସ୍ୱରୂପ ବୋଲରର ହାତରୁ ବଲ୍ ରିଲିଜ ହେଲାପରେ ବଲ୍‌ର ତୀବ୍ରତା କେତେ ରହିଛି ଏବଂ ବାଉନ୍ସ ପୂର୍ବରୁ ଓ ବାଉନ୍ସ ପରେ ଏହା ମଧ୍ୟ ଜଣାପଡ଼ିବ। ନର୍ମାଲ ର୍‌ୟାଡର୍‌ଠାରୁ ଏହି ସ୍ମାର୍ଟ ବଲ୍‌ର ଗତି ଆକଳନ ଆହୁରି ସଠିକ୍ ରହିବ। ସ୍ପିନରଙ୍କ କ୍ଷେତ୍ରରେ ଏହା ମଧ୍ୟ ସମାନ କାମ କରିବ। ଏହି ସ୍ମାର୍ଟ ବଲ୍ ଅମ୍ପାୟରଙ୍କ ସମେତ ଡିସିସନ ରିଭ୍ୟୁ ସିଷ୍ଟମ (ଡିଆର୍‌ଏସ୍) ନିଷ୍ପତ୍ତି ଗ୍ରହଣ କରିବାରେ ମଧ୍ୟ ସହାୟତା କରିବ। ବ୍ୟାଟ୍ ସହ ବଲ୍‌ର ସଂଯୋଗ ହୋଇଛି କି ନାହିଁ ଏବଂ କ୍ଲୋଜ କ୍ୟାଚ୍‌ବେଳେ ବଲ୍ ଭୂମିରେ ବାଜିଚି କି ନାହିଁ ତାହା ମଧ୍ୟ ସ୍ପଷ୍ଟ ଭାବେ ଜଣାପଡ଼ିବ।




# ସାନି ସୁରକ୍ଷା ଯାଞ୍ଚ କରାଯାଉ: ଏଆଇଟିଏ

**ଡେଭିସ୍ କପ୍**

**ନୂଆଦିଲ୍ଲୀ, ୧୨।୮ (ପି.ଟି.):** ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ମୁକାବିଲା ପାଇଁ ଏକ ନିରପେକ୍ଷ ଭେନ୍ୟୁ ଦାବି କରିବା ପରିବର୍ତ୍ତେ ଇସ୍‌ଲାମାବାଦ୍‌ରେ ସାନି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ଲାଗି ସର୍ବଭାରତୀୟ ଟେବୁଲ ଟେନିସ ଆସୋସିଏଶନ (ଏଆଇଟିଏ) ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍)କୁ ଅନୁରୋଧ କରିଛି। ସେପ୍ଟେମ୍ବର ୧୪ ଓ ୧୫ ତାରିଖରେ ଇସ୍‌ଲାମାବାଦ୍‌ରେ ଏସିଆ ଓସେନିଆ ଜୋନ୍ ଗ୍ରୁପ୍–୧ ଡେଭିସ୍ କପ୍ ମ୍ୟାଚ ଆୟୋଜନ କାର୍ଯ୍ୟକ୍ରମ ରହିଛି। ମାତ୍ର ସମ୍ବିଧାନରୁ ୩୭୦ ଧାରା ଉଚ୍ଛେଦକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ଉତ୍ତେଜନା ଯୋଗୁ ଏହି ମ୍ୟାଚ ଖେଳାଯିବା ନେଇ ଏବେ ଅନିଶ୍ଚିତତା ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଏଆଇଟିଏ ସମ୍ପାଦକ ହିରଣମୟ ଚାଟାର୍ଜୀ ଆଇଟିଏଫ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜଷ୍ଟିନ ଆଲବର୍ଟଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ମ୍ୟାଚ ପାଇଁ ଏକ ନିରପେକ୍ଷ ଭେନ୍ୟୁର ବ୍ୟବସ୍ଥା କରିବା ଲାଗି ଆଇଟିଏଫ୍ ଅନୁରୋଧ କରିବା ଲାଗି ଏଆଇଟିଏ ପୂର୍ବରୁ ସ୍ଥିର କରିଥିଲା। ମାତ୍ର ଦୁଇ ପଡୋଶୀ ଦେଶ ମଧ୍ୟରେ ବର୍ତ୍ତମାନର ସମ୍ପର୍କକୁ ନେଇ ଇସ୍‌ଲାମାବାଦରେ ଆଉ ଥରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ଲାଗି ଅନୁରୋଧ କରିଛି। ଆଇଟିଏଫ୍‌ଠାରୁ ଫାଇନାଲ ସାର୍ଟିଫିକେଟ ମିଳିବା ପରେ ଆମେ ପାକିସ୍ତାନ ଗସ୍ତ ଲାଗି ଭିଜା ପାଇଁ ଆବେଦନ ସହ ଅନ୍ୟାନ୍ୟ ଆବଶ୍ୟକୀୟ ପ୍ରସ୍ତୁତି କରିବୁ। ଆଇଟିଏଫ୍‌ର ନିଷ୍ପତ୍ତିକୁ ଆମେ ସମ୍ମାନ ଦେବୁ ବୋଲି ଚାଟାର୍ଜୀ ଚିଠିରେ ଉଲ୍ଲେଖ କରିଛନ୍ତି। ଡେଭିସ୍ କପ୍ ଏକ ଦ୍ୱିପାକ୍ଷିକ କ୍ରୀଡ଼ା ଇଭେଣ୍ଟ ନୁହେଁ। ଆଇଟିଏଫ୍ ଏହାର ଆୟୋଜକ। ତେଣୁ ସରକାରଙ୍କର ଏହି ବିଷୟରେ କିଛି କହିବାର ନାହିଁ ବୋଲି କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ସ୍ପଷ୍ଟ କରିବାର ଦିନକ ପରେ ଏଆଇଟିଏ ପକ୍ଷରୁ ଏହି ଚିଠି ଲେଖାଯାଇଛି।

# ଭାରତୀୟ ମହିଳା ଫୁଟ୍‌ବଲ ଦଳକୁ ସ୍ୱତନ୍ତ୍ର ଟ୍ରଫି

**ନୂଆଦିଲ୍ଲୀ, ୧୨।୮ (ପି.ଟି.):** ସ୍ପେନର ଭାଲେନସିଆଠାରେ ଶେଷ ହୋଇଥିବା କୋଟିଫ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ (୨୦ ବର୍ଷରୁ କମ୍)ରେ ଭାରତୀୟ ମହିଳା ଦଳକୁ ସ୍ୱତନ୍ତ୍ର ଟ୍ରଫି ମିଳିଛି। ତୃତୀୟ ସ୍ଥାନ ହାସଲ କରିଥିବା ଭାରତୀୟ ଦଳକୁ ଟୁର୍ନାମେଣ୍ଟର ସଭାପତି ଏହି ଟ୍ରଫି ପ୍ରଦାନ କରିଥିଲେ। କୋଟିଫ୍ କପ୍‌ରେ ଭାରତ ୪ଟି ମ୍ୟାଚ୍ ଖେଳିଥିବାବେଳେ ସେଥିରୁ ୨ଟି ଲେଖାଏ ବିଜୟ ଓ ପରାଜୟ ଲାଭ କରିଥିଲା। ଭାରତୀୟ ମହିଳା ଦଳ ପ୍ରଥମ ମ୍ୟାଚ୍‌ରେ ମାଉରିଟାନିଆକୁ ୩–୧ ଗୋଲରେ ଏବଂ ୨ୟ ମ୍ୟାଚ୍‌ରେ ବଲ୍‌ଭିଆକୁ ୭–୦ ଗୋଲରେ ଏକପାଖିଆ ଭାବେ ପରାସ୍ତ କରିଥିଲା। କିନ୍ତୁ ଏହାପରେ ଭିଲାରିଅଲ ଏବଂ ଆୟୋଜକ ସ୍ପେନ ୧୯ ବର୍ଷରୁ କମ୍ ଦଳଠାରୁ ୦–୨ ଗୋଲରେ ମ୍ୟାଚ୍ ହାରିଯାଇ ୩ୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଟୁର୍ନାମେଣ୍ଟରେ ଭାରତର ଏହା ଶ୍ରେଷ୍ଠ ଫିନିଶ୍ ରହିଥିଲା। ଏଥିସହ ଭାରତୀୟ ମହିଳା ଦଳ ମଧ୍ୟ 'ଫେୟାର୍ ପ୍ଲେ ଆୱାର୍ଡ' ଜିତିଥିଲା।

# ଭଲିବଲ ପ୍ରିମିୟର ଲିଗ୍ ଉଦ୍‌ଯାପିତ



ଚାମ୍ପିୟନ ଏଭରଗ୍ରୀନ୍ ଇଗଲ ଦଳ ପୁରସ୍କାର ସହ।

**ଫୁଲନଖରା, ୧୨।୮ (ଡି.ଏନ.ଏ.)**

ସ୍ଥାନୀୟ ଓମ୍‌ଫେଡ କଲୋନୀରେ ଭଲିବଲ ପ୍ରିମିୟର ଲିଗ୍ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଏଭରଗ୍ରୀନ ଇଗଲ ଏବଂ ଫାୟାର ଫାଇଟର୍ସ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଭରଗ୍ରୀନ ୨୫–୨୨ରେ ଫାଇଟର୍ସକୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ସାମାଜିକ କର୍ମୀ ମୁକ୍ତିକାନ୍ତ ମହାପାତ୍ର ମୁଖ୍ୟ ଅତିଥି, ସତ୍ୟେନ୍ଦ୍ର ଦାଶ, ସୁଦର୍ଶନ ତ୍ରିପାଠୀ, ପ୍ରଦୀପ୍ତ କର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ସିଲ୍‌ଡ ସହ ୫,୦୦୦ ଓ ରନର୍ସଅପ୍ ଦଳକୁ କପ୍ ସହ ୩,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରତାପ କର, ସୁଶାନ୍ତ ଦାଶ ଖେଳ ପରିଚାଳନା କରିଥିଲେ। ନୀଳମଣି ରଣା, ସବୁନ ରାଉତ, ସ୍ୱାଗତ ସୌରଭ ସାସମଲ ପ୍ରମୁଖ ସହଯୋଗ କରିଥିଲେ।

“ ଶ୍ରେୟାସ ଆୟାର ୪ ନମ୍ବର ସ୍ଥାନ ପାଇଁ ଫିଟ୍ । ତେଣୁ ତାଙ୍କୁ ନିୟମିତ ମିଡଲ ଅର୍ଡରରେ ଖେଳାଯିବା ଉଚିତ ।
–ସୁନୀଲ ଗାଭାସ୍କର, ଭାରତୀୟ କ୍ରିକେଟ କିମ୍ବଦନ୍ତୀ



“ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ଉଇକେଟ ଅପେକ୍ଷା ଡଟ୍ ବଲ୍‌କୁ ଗୁରୁତ୍ୱ ଦେଇଥିଲି ।
–ଭୁବନେଶ୍ୱର କୁମାର, ଭାରତୀୟ ପେସ୍ ବୋଲର



## ସଂକ୍ଷେପରେ

### ସର୍ତ୍ତ ସହ ସାଲିସ କରିବାକୁ ରାଜି ନୁହନ୍ତି ହରେନ୍ଦ୍ର

**ନୂଆଦିଲ୍ଲୀ,୧୨।୮(ପିଟି):** ହରେନ୍ଦ୍ର ସିଂ ଏବେ ମଧ ଭାରତୀୟ ଜୁନିୟର ଦଳର କୋଚ୍ ପଦ ଲାଗି ଇଚ୍ଛୁକ ଅଛନ୍ତି। କିନ୍ତୁ ନିଜ ଆଡୁ ରଖିଥିବା ସର୍ତ୍ତ ସହ କୌଣସି ସାଲିସ କରିବାକୁ ସେ ପ୍ରସ୍ତୁତ ନୁହନ୍ତି। ୨୦୧୬ ଜୁନିୟର ବିଶ୍ୱକପ୍ ଚାମ୍ପିୟନ ଦଳର କୋଚ ଏହି ପଦ ଲାଗି ଆବେଦନ କରିଛନ୍ତି। ହେଲେ ବିଦେଶୀ କୋଚ୍‌ଙ୍କ ଭଳି ସୁବିଧା ଓ ଦରମା ପ୍ରଦାନ କରାଯିବା ନେଇ ସର୍ତ୍ତ ରଖିଛନ୍ତି। ଦୀର୍ଘଦିନ ତଳେ ମୁଁ ପଦ ଲାଗି ଆବେଦନ କରିଥିଲି। ମୁଁ ଏବେ ମଧ ଫ୍ରି ଅଛି। କିନ୍ତୁ ମୁଁ ଯେଉଁ ସର୍ତ୍ତ ରଖିଛି, ସେଥିରେ କୌଣସି ପରିବର୍ତ୍ତନ ହେବ ନାହିଁ। ଆମେ କାହିଁକି ବିଦେଶୀ କୋଚ୍‌ଙ୍କ ଭଳି ଦରମା ପାଇବୁ ନାହିଁ ବୋଲି ହରେନ୍ଦ୍ର କହିଛନ୍ତି। ଜୁନିୟର ଦଳର ସଫଳତା ପରେ ସିନିୟର ଦଳର ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ହେଲେ ଗତବର୍ଷ ବିଶ୍ୱକପ୍‌ରେ ଭାରତୀୟ ଦଳର ବିଫଳତା ପରେ ହରେନ୍ଦ୍ରଙ୍କୁ ପଦତ୍ୟାଗ କରିବାକୁ ପଡ଼ିଥିଲା। ଏହାପରେ ହକି ଇଣ୍ଡିଆ (ଏଚ୍‌ଆଇ) ତାଙ୍କୁ ୨୦୨୧ ଜୁନିୟର ବିଶ୍ୱକପ୍ ପର୍ଯ୍ୟନ୍ତ ପୁଣି ଜୁନିୟର ଦଳର କୋଚ୍ ପଦ ଦେବା ଲାଗି ପ୍ରସ୍ତାବ ଦିଆଯାଇଥିଲା।

### ଇଦ୍‌କୁ ନେଇ କ୍ରୀଡ଼ାବିତ୍‌ଙ୍କ ଶୁଭେଚ୍ଛା

**ନୂଆଦିଲ୍ଲୀ,୧୨।୮:** ପୂରା ଦେଶରେ ସୋମବାର ପବିତ୍ର ଇଦ୍-ଉଜ୍-ଜୁହା ପାଳନ କରାଯାଇଛି। ଏହି ଅବସରରେ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କଠାରୁ ଆରମ୍ଭ କରି କ୍ରିକେଟରୁ ରାଜନେତା ପାଲଟିଥିବା ଗୌତମ ଗମ୍ଭୀର, ଟେନିସ ତାରକା ସାନିଆ ମିର୍ଜା ପର୍ଯ୍ୟନ୍ତ କ୍ରୀଡ଼ା ଜଗତ ଶୁଭକାମନା ଜଣାଇଛି। ଟୁଇଟର ଜରିଆରେ ମାଷ୍ଟର ବ୍ଲାଷ୍ଟର ଲେଖିଛନ୍ତି, ଇଦ ଉଜ୍ ଜୁହା ଅବସରରେ ସଭିଙ୍କୁ ଶୁଭକାମନା। ଭଗବାନ ସଭିଙ୍କ ମଙ୍ଗଳ କରନ୍ତୁ। ସେହିଭଳି ଭାଜପା ଏମ୍‌ପି ଗମ୍ଭୀର ଲେଖିଛନ୍ତି, ଇଦ୍ ଉଜ୍ ଜୁହା ଅବସରରେ ସଭିଙ୍କ ସହ ମୋର ଶୁଭକାମନା ରହିଛି। ଏହା ସଭିଙ୍କ ପାଇଁ ଖୁସି, ଭଲପାଇବା ଓ ସଫଳତା ଆଣୁ। ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଶୁଭକାମନା ଜଣାଇବା ସହ ପୂର୍ବତନ କ୍ରିକେଟର ଭ୍ରାତା ୟୁସୁଫ ଓ ଇର୍ଫାନ ପଠାନଙ୍କ ଏକ ଫଟୋ ଶେୟାର କରିଛନ୍ତି।

# ସଚିନଙ୍କ ରେକର୍ଡ ଭାଙ୍ଗିଲେ କୋହଲି

**ପୋର୍ଟ-ଅଫ୍-ସ୍ପେନ,୧୨।୮**

ପୋର୍ଟ ଅଫ୍ ସ୍ପେନରେ ରବିବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଡକୱର୍ଥ ଲିଓ୍ୱିସ ନିୟମରେ ୫୯ ରନରେ ବିଜୟ ହାସଲ କରିଛି। ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲିଙ୍କ ଶତକ(୧୨୫ ବଲ, ୧୨୦ ରନ୍) ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କୋହଲିଙ୍କର ଏହାଥିଲା ୱେଷ୍ଟଇଣ୍ଡିଜ ବିପକ୍ଷରେ ୮ମ ଏବଂ କ୍ୟାରିୟରର ୪୨ତମ ଦିନିକିଆ ଶତକ। ଏଠାରେ ଶତକ ହାସଲ ପରେ ସେ ସଚିନ ତେନ୍ଦୁଲକରଙ୍କ ନାମରେ ଥିବା ବିଶ୍ୱରେକର୍ଡକୁ ଅତିକ୍ରମ କରିଛନ୍ତି। ବିଶ୍ୱର ପ୍ରଥମ ଖେଳାଳି ଭାବେ କୋହଲି ତିନୋଟି ଭିନ୍ନ ଭିନ୍ନ ଦେଶ ବିପକ୍ଷରେ ୮ କିମ୍ବା ତଦୂର୍ଦ୍ଧ୍ୱ ଶତକ ହାସଲ କରିଛନ୍ତି। ପୂର୍ବରୁ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ବିପକ୍ଷରେ ୮ଟି ଲେଖାଏ ଶତକ ହାସଲ କରିଥିବା କୋହଲି ଏବେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏହି ସଫଳତାକୁ ଦୋହରାଇଛନ୍ତି। ଏହି ରେକର୍ଡ ପୂର୍ବରୁ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ନାମରେ ଥିଲା। ସେ ଅଷ୍ଟ୍ରେଲିଆ ବିପକ୍ଷରେ ୯ଟି ଏବଂ ଶ୍ରୀଲଙ୍କା ବିପକ୍ଷରେ ୮ଟି ଶତକ ଅର୍ଜନ କରି ରେକର୍ଡର ଅଧିକାରୀ ଥିଲେ।

### ଆଉ ଏକ ରେକର୍ଡର ସମକକ୍ଷ

କେବଳ ସେତିକି ନୁହେଁ କୋହଲି ୨ଟି ଦେଶ ବିପକ୍ଷରେ ୨୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରି ସଚିନଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ପୂର୍ବରୁ ଶ୍ରୀଲଙ୍କା ବିପକ୍ଷରେ ୨୦୦୦ରୁ ଅଧିକ ରନ ସଂଗ୍ରହ କରି ସାରିଥିବା ବିରାଟ ଏବେ ୱେଷ୍ଟଇଣ୍ଡିଜ ବିପକ୍ଷରେ ମଧ ତାହା କରିଛନ୍ତି। ଅନ୍ୟ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ମଧରେ ଶ୍ରୀଲଙ୍କା ବିପକ୍ଷରେ ମହେନ୍ଦ୍ର ସିଂ ଧୋନୀ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ରୋହିତ ଶର୍ମା ୨୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି।



ଉଇକେଟ ହାସଲ ପରେ ଭୁବନେଶ୍ୱର କୁମାରଙ୍କୁ ବଧେଇ ଜଣାଉଛନ୍ତି ବିରାଟ କୋହଲି।

ଜଣେ ଅଧିନାୟକ ଭାବେ ୱେଷ୍ଟଇଣ୍ଡିଜ ମାଟିରେ ସର୍ବାଧିକ ରନ(୧୨୦) ସ୍କୋର କରିବା ରେକର୍ଡ ମଧ କୋହଲିଙ୍କ ନାମରେ ହୋଇ ଯାଇଛି। ପୂର୍ବରୁ ୨୦୦୩ରେ ବ୍ରିଜଟାଉନଠାରେ ଶ୍ରୀଲଙ୍କା ବିପକ୍ଷରେ ବ୍ରାଏନ ଲାରା ୧୧୬ ରନ ସ୍କୋର କରି ରେକର୍ଡର ଅଧିକାରୀ ଥିଲେ।

### ଗାଙ୍ଗୁଲିଙ୍କୁ ଟପିଲେ

ନିଜ ଶତକୀୟ ଇନିଂସ ଅବସରରେ ଭାରତର ସର୍ବାଧିକ ରନ ସ୍କୋରର ତାଲିକାରେ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ପଛରେ ପକାଇଛନ୍ତି କୋହଲି। ଏକଦିବସୀୟ କ୍ରିକେଟରେ ଗାଙ୍ଗୁଲି ୩୧୧ଟି ମ୍ୟାଚରେ ୧୧,୩୬୩ ରନ ସ୍କୋର କରିଛନ୍ତି। ଏଠାରେ ୨୩୮ତମ ମ୍ୟାଚ ଖେଳିଥିବା କୋହଲି ୩୨ତମ ଓଭରରେ ଜାସନ ହୋଲ୍ଡରଙ୍କ ବଲ୍‌କୁ ଏକ ଚୌକା ମାରି ତାଙ୍କୁ ଅତିକ୍ରମ କରିଛନ୍ତି। ମ୍ୟାଚ ପରେ କୋହଲିଙ୍କ ରନ ସଂଖ୍ୟା ୧୧,୪୦୬ରେ ପହଞ୍ଚିଥିଲା। ଏହି ତାଲିକାରେ କେବଳ ସଚିନ ତେନ୍ଦୁଲକର ୧୮,୪୨୬ ରନ କରି ଶୀର୍ଷରେ ରହିଛନ୍ତି। ଦିନିକିଆରେ ସଚିନ ୪୯ ଶତକ କରିଥିବାବେଳେ କୋହଲି(୪୨) ତାଙ୍କଠାରୁ ୭ ଶତକ ପଛରେ ଅଛନ୍ତି। ଓଭରଅଲ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ ସଂଗ୍ରହକାରୀ ତାଲିକାରେ କୋହଲି ୮ମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ନିଜ ଇନିଂସ ଆରମ୍ଭରେ କୋହଲି ୱେଷ୍ଟଇଣ୍ଡିଜ ବିପକ୍ଷରେ ସର୍ବାଧିକ ରନ ସଂଗ୍ରହକାରୀ ଭାବରେ ପାକିସ୍ତାନର ଜାଭେଦ ମିଆଁଦାଦଙ୍କ ୨୬ ବର୍ଷର ରେକର୍ଡ ଭାଙ୍ଗିଥିଲେ।

## ବିଜୟ ସହ ଭାରତ ସିରିଜ ଅଗ୍ରଣୀ

**ପୋର୍ଟ-ଅଫ୍-ସ୍ପେନ,୧୨।୮:** କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୫୯ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଅଧିନାୟକ ବିରାଟ କୋହଲିଙ୍କ ଶତକ ପରେ ଭୁବନେଶ୍ୱର କୁମାରଙ୍କ ଆକର୍ଷଣୀୟ ବୋଲିଂ ଯୋଗୁ ଭାରତ ଏହି ସଫଳତା ପାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୨୭୯ ରନ କରିଥିଲା। ୨୮୦ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୧୨.୫ ଓଭରରେ ୨ ଉଇକେଟ ହରାଇ ୫୫ ରନ କରିଥିବାବେଳେ ବର୍ଷା ଯୋଗୁ ଦୀର୍ଘ ସମୟ ଖେଳ ବାଧାପ୍ରାପ୍ତ ହୋଇଥିଲା। ବର୍ଷା ଛାଡ଼ିବାପରେ ଡକୱର୍ଥ ଲୁଇସ ନିୟମ ଅନୁସାରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୪୬ ଓଭରରେ ୨୭୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଘରୋଇ ଦଳ ୪୨ ଓଭରରେ ୨୧୦ ରନ କରି ଅଲଆଉଟ ହୋଇ ଯାଇଥିଲା।

ୱେଷ୍ଟଇଣ୍ଡିଜ ପକ୍ଷରୁ ଇଭିନ ଲିଓ୍ୱିସ ସର୍ବାଧିକ ୬୫(୮୦ ବଲ, ୮ ଚୌକା, ୧ ଛକା) ଓ ନିକୋଲାସ ପୁରନ ୪୨(୫୨ ବଲ, ୪ ଚୌକା, ୧ ଛକା) ରନ କରିଥିବାବେଳେ ଅନ୍ୟ ସମସ୍ତ ବ୍ୟାଟ୍ସମ୍ୟାନ ଫେଲ୍ ମାରିଥିଲେ। କ୍ୟାରିୟରର ଅନ୍ତିମ ଅନ୍ତର୍ଜାତୀୟ ସିରିଜ ଖେଳୁଥିବା କ୍ରିସ୍ ଗେଲ ୧୧ , ଶାଇ ହୋପ ୫, ଶିମରନ ହେଟମେର ୧୮, ରଷ୍ଟନ ଚେଜ ୧୮, ଶେଲ୍ଡନ କୋଟ୍ରେଲ ୧୭ ରନ କରିବାକୁ ସକ୍ଷମ ହୋଇଥିବାବେଳେ ଅଧିନାୟକ ଜାସନ ହୋଲ୍ଡର ୧୩ ରନରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଭୁବନେଶ୍ୱର କୁମାର ଚମତ୍କାର ବୋଲିଂ କରି ନିଜ ୮ ଓଭର ସ୍ପେଲରେ ୩୧ ରନ ଦେଇ ୪ଟି ଉଇକେଟ ନେଇଥିଲେ। ମହମ୍ମଦ ସାମି ଓ କୁଲଦୀପ ଯାଦବ ୨ଟି ଲେଖାଏ ଏବଂ ଖଲିଲ ଅହମ୍ମଦ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ପୂର୍ବରୁ ଅଧିନାୟକ ବିରାଟ ୧୨୫ ବଲ୍‌ରୁ ୧୨୦(୧୪ ଚୌକା, ୧ ଛକା) ଓ ଶ୍ରେୟାସ ଆୟାର ୭୧(୬୮ ବଲ, ୫ ଚୌକା, ୧ ଛକା) ରନ କରି ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଏହି ବିଜୟ ସହ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଅଗ୍ରଣୀଲାଭ କରିଛି। ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ଧୋଇ ହୋଇଯାଇଥିବାବେଳେ ଅନ୍ତିମ ମ୍ୟାଚ୍ ବୁଧବାର ସମାନ ଭେନ୍ୟୁରେ ଖେଳାଯିବ। ଦିନିକିଆ କ୍ୟାରିୟରର ୪୨ତମ ଶତକ ହାସଲ କରିଥିବା କୋହଲିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

### ସଂକ୍ଷିପ୍ତ ସ୍କୋର

ଭାରତ ୫୦ ଓଭରରେ ୨୭୯/୭(କୋହଲି-୧୨୦, ଆୟାର-୭୧, ବ୍ରାଥୱେଟ-୩/୫୩, କୋଟ୍ରେଲ-୧/୪୯, ହୋଲ୍ଡର-୧/୫୩, ଚେଜ୍-୧/୩୭)। ବର୍ଷା ଯୋଗୁ ଡକୱର୍ଥ ଲିଓ୍ୱିସ ନିୟମରେ ୪୬ ଓଭରରେ ୨୭୦ ରନର ଟାର୍ଗେଟ। ୱେଷ୍ଟଇଣ୍ଡିଜ ୪୨ ଓଭରରେ ୨୧୦/ଅଲଆଉଟ(ଲିଓ୍ୱିସ-୬୫, ପୁରନ-୪୨, ଭୁବନେଶ୍ୱର-୪/୩୧, ସାମି-୨/୩୯, କୁଲଦୀପ-୨/୫୯, ଖଲିଲ-୧/୩୨, ଜାଡେଜା-୧/୧୫)।



# ନାଡାଲଙ୍କୁ ୩୫ତମ ମାଷ୍ଟର୍ସ ଟାଇଟଲ

**ମଣ୍ଟ୍ରିଲ, ୧୨।୮ (ଏଏଫ୍‌ପି):** ସ୍ପାନିଶ ଟେନିସ ତାରକା ରାଫାଲ ନାଡାଲ ଏଠାରେ ଅନୁଷ୍ଠିତ ରୋଜର୍ସ କପ୍ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି। ୧୮ଥର ଗ୍ରାଣ୍ଡସ୍ଲାମ ବିଜେତା ନାଡାଲ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ରୁଷିଆର ଡାନିଲ ମେଡଭେଡେଭଙ୍କୁ ୬-୩, ୬-୦ ସିଧାସଳଖ ସେଟ୍‌ରେ ପରାସ୍ତ କରିବା ସହ ଏହି ସମ୍ମାନଜନକ ଟାଇଟଲ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଏଥିସହ ସେ କ୍ୟାରିୟରର ୫ମଥର ଲାଗି ମଣ୍ଟ୍ରିଲରେ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ୩୩ ବର୍ଷୀୟ ନାଡାଲଙ୍କ କ୍ୟାରିୟରର ଏହା ୩୫ତମ ମାଷ୍ଟର୍ସ-୧୦୦୦ ଟାଇଟଲ୍ ଥିଲା। ମାଷ୍ଟର୍ସ-୧୦୦୦ ଟାଇଟଲ୍ ଜିତିବାରେ ସେ ସର୍ବିୟାର ନୋଭାକ ଜୋକୋଭିଚ୍ (୩୩ଥର)ଙ୍କଠାରୁ ତାଲିକାର ଉପରେ ରହିଛନ୍ତି। କ୍ଲେ କୋର୍ଟର ରାଜା ଭାବେ ପରିଚିତ ଲାଭ କରିଥିବା ନାଡାଲ ପ୍ରଥମଥର ଲାଗି ହାର୍ଡ କୋର୍ଟରେ ଟାଇଟଲ୍ ବଜାୟ ରଖିଛନ୍ତି। ଫାଇନାଲରେ ହାରିଯାଇଥିଲେ ମଧ ମେଡ୍‌ଭେଡେଭ ଫାଇନାଲ ପଥରେ ଦୁଇଜଣ ଟପ୍-୧୦ ଖେଳାଳିଙ୍କୁ ହରାଇ ଦେଇଥିଲେ।

ରୋଜର୍ସ କପ୍

# ସଂକ୍ଷିପ୍ତ ତାଲିକାରେ ରବି ଶାସ୍ତ୍ରୀ

**ନୂଆଦିଲ୍ଲୀ, ୧୨।୮ (ପି.ଟି.):** ହାଇପ୍ରୋଫାଇଲ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ପଦବୀ ପାଇଁ ପ୍ରାର୍ଥୀ ତାଲିକାକୁ ସୋମବାର ସଂକ୍ଷିପ୍ତ କରାଯାଇଛି। ଏଥିରେ ବର୍ତ୍ତମାନ ୬ଜଣ ସ୍ଥାନ ପାଇଛନ୍ତି। ତନ୍ମଧ୍ୟରେ ବର୍ତ୍ତମାନର କୋଚ୍ ରବି ଶାସ୍ତ୍ରୀ ଅଛନ୍ତି। ଅନ୍ୟମାନେ ହେଲେ ପୂର୍ବତନ ନ୍ୟୁଜିଲାଣ୍ଡ କୋଚ୍ ମାଇକ୍ ହେସନ, ପୂର୍ବତନ ଅଷ୍ଟ୍ରେଲିଆ ଅଲରାଉଣ୍ଡର ତଥା ଶ୍ରୀଲଙ୍କା କୋଚ୍ ଟମ୍ ମୁଡି, ପୂର୍ବତନ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ତଥା ଆଫଗାନିସ୍ତାନ କୋଚ୍ ଫିଲ୍ ସିମନ୍ସ, ପୂର୍ବତନ ଟିମ୍ ଇଣ୍ଡିଆ ମ୍ୟାନେଜର ଲାଲଚାନ୍ଦ ରାଜପୁତ, ଭାରତର ପୂର୍ବତନ ଫିଲ୍ଡିଂ କୋଚ୍ ରବିନ ସିଂ। ସେମାନେ ନିଜର ଦକ୍ଷତା ସମ୍ପର୍କରେ କିମ୍ବଦନ୍ତୀ କପିଳ ଦେବଙ୍କ ଅଧକ୍ଷତାରେ ନବ ଗଠିତ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ନିକଟରେ ସେମାନଙ୍କର ଉପସ୍ଥାପନା କରିବେ। ସିଏସି କୋଚ୍ ନିଯୁକ୍ତି ସମ୍ପର୍କରେ ଚଳିତ ସପ୍ତାହ ଶେଷ କିମ୍ବା ଆସନ୍ତା ସପ୍ତାହ ପ୍ରାରମ୍ଭରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ସିଏସିର ଅନ୍ୟ ଦୁଇ ଜଣ ସଦସ୍ୟ ହେଲେ ଅଂଶୁମାନ ଗାଏକ୍ୱାଡ ଏବଂ ପୂର୍ବତନ ମହିଳା ଟିମ୍ ଅଧିନାୟିକା ଶାନ୍ତା ରଙ୍ଗାସ୍ୱମୀ। ସୂଚନାଯୋଗ୍ୟ, ଗତ ଆଇସିସି ବିଶ୍ୱକପ୍‌ରେ ଭାରତୀୟ ଦଳର ସେମିଫାଇନାଲରୁ ବିଦାୟ ନେଇଥିବାରୁ ସମାଲୋଚନା ସତ୍ତ୍ୱେ ଶାସ୍ତ୍ରୀଙ୍କ ସପକ୍ଷରେ ମତ ଦେଇଛନ୍ତି ଭାରତୀୟ ଅଧିନାୟକ ବିରାଟ କୋହଲି।



# କାନାଡିଆନ ଭାବେ ଆଣ୍ଡ୍ରେସ୍କୁଙ୍କ କୃତିତ୍ୱ

ରୋଜର୍ସ କପ୍ ମହିଳା ସିଙ୍ଗଲ୍ସ ଫାଇନାଲ ଅଧାରୁ ସେରେନା ୱିଲିୟମ୍ସ ଓହରିଯିବା ଫଳରେ ପ୍ରତିପକ୍ଷ ବିୟଙ୍କ ଆଣ୍ଡ୍ରେସ୍କୁଙ୍କୁ ବିଜୟିନୀ ଘୋଷିତ କରାଯାଇଥିଲା। ଆଘାତଜନିତ କାରଣ ଲାଗି ସେରେନା ଓହରିଯିବା ବେଳକୁ ଆଣ୍ଡ୍ରେସ୍କୁ ଅବଶ୍ୟ ପ୍ରଥମ ସେଟ୍‌ରେ ୩-୧ରେ ଅଗ୍ରଣୀ ରହିଥିଲେ। ଟ୍ରଫି ଜିତିବା ସହ ଆଣ୍ଡ୍ରେସ୍କୁ ପ୍ରଥମ କାନାଡିଆନ ମହିଳା ଖେଳାଳି ଭାବେ ରୋଜର୍ସ କପ୍‌ରେ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୧୯୬୯ରୁ ରୋଜର୍ସ କପ୍ ଆରମ୍ଭ ହୋଇଥିବାବେଳେ କୌଣସି କାନାଡା ଖେଳାଳି ମହିଳା ସିଙ୍ଗଲ୍ସ ଟ୍ରଫି ଜିତିପାରି ନ ଥିଲେ। ୧୯ ବର୍ଷୀୟା ଆଣ୍ଡ୍ରେସ୍କୁ ଏଥିପୂର୍ବରୁ ଚଳିତ ବର୍ଷ ଇଣ୍ଡିଆନ୍ ୱେଲ୍ସ ଟ୍ରଫି ହାସଲ କରିଥିଲେ। ଏହା ତାଙ୍କର ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ୍ ରହିଥିଲା।



ରୋଜର୍ସ କପ୍ ଟ୍ରଫି ସହ ବିୟଙ୍କ ଆଣ୍ଡ୍ରେସ୍କୁ



### ସେରେନା କାନ୍ଦିଲେ

ରୋଜର୍ସ କପ୍ ମହିଳା ସିଙ୍ଗଲ୍ସ ଫାଇନାଲରେ ଷ୍ଟାର୍ ଆମେରିକା ଟେନିସ ଖେଳାଳି ସେରେନା ୱିଲିୟମ୍ସ ଆଘାତଜନିତ କାରଣ ଲାଗି ମ୍ୟାଚ୍ ଅଧାରୁ ଓହରି ଯାଇଛନ୍ତି। ୨୩ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନା ଫାଇନାଲରେ ଘରୋଇ ପ୍ରତିଯୋଗୀ ବିୟଙ୍କ ଆଣ୍ଡ୍ରେସ୍କୁଙ୍କୁ ଭେଟିଥିଲେ। ମ୍ୟାଚ୍‌ର ପ୍ରଥମ ସେଟ୍‌ରେ ୩୭ ବର୍ଷୀୟା ସେରେନା ୧-୩ରେ ପଛରେ ରହିଥିବାବେଳେ ପିଠିଜନିତ ଯନ୍ତ୍ରଣା ଲାଗି ଓହରି ଯାଇଥିଲେ। ଫଳରେ ଆଣ୍ଡ୍ରେସ୍କୁଙ୍କୁ ବିଜୟିନୀ ଘୋଷିତ କରାଯାଇଥିଲା। ଟ୍ରଫି ଦାବିଦାର ସେରେନା ମ୍ୟାଚ୍ ଅଧାରୁ ଓହରିଯିବା ପରେ କୋର୍ଟ ସାଇଡ୍‌ରେ ବସି ବହୁ ସମୟ ଧରି କାନ୍ଦୁଥିବାର ଦେଖିବାକୁ ମିଳିଥିଲା। ଆଣ୍ଡ୍ରେସ୍କୁ ମଧ ସେରେନାଙ୍କ ପାଖକୁ ଯାଇ ତାଙ୍କୁ ବୁଝାଇଥିଲେ। ‘ମୁଁ ଦୁଃଖିତ ଯେ ଆଜି କିଛି କରିପାରିଲି ନାହିଁ’ ବୋଲି ସେରେନା କୋହଭରା କଣ୍ଠରେ କହିଛନ୍ତି।


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନଟବର ମହାନ୍ତି**
ଆବିର୍ଭାବ: ୧୪।୦୨।୧୯୧୨
ତିରୋଧାନ: ୨୪।୦୮।୧୯୯୯
ଆପଣଙ୍କର ଆଦର୍ଶ, ଶ୍ରଦ୍ଧା, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପରିବାରବର୍ଗ, ବନ୍ଧୁପରିଜନ ଓ ଛାତ୍ରଛାତ୍ରୀବୃନ୍ଦ
ଧ-୧୩୮୮

**ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଡାକ୍ତର ବିଭୂତି ଭୂଷଣ ସାହୁ**
ଗାନ୍ଧିନଗର ପ୍ରଥମ ଲେନ୍, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ୧୮।୦୪।୧୯୫୨
ତିରୋଧାନ: ୦୨।୦୮।୨୦୧୯
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ**
ପୁଅ- କୃଷ୍ଣଚନ୍ଦ୍ର, କୀର୍ତ୍ତିଚନ୍ଦ୍ର, ବୋହୂ- ନର୍ମତା, ନିଶା, ନାତୁଣୀ- ବୈଷ୍ଣବୀ, ବୈଭବୀ, ନିଶିକା ଓ ପରିବାରବର୍ଗ
ଧ-୬୬୬୧୩

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ମନୋରଞ୍ଜନ ସାହୁ**
ଜି.ଏଲ୍- ୧୦୮, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୨।୧୧।୧୯୬୮
ତିରୋଧାନ: ୦୩।୦୮।୨୦୧୯
“ଜାତସ୍ୟ ହି ଧ୍ରୁବୋମୃତ୍ୟୁ ଧ୍ରୁବଂ ଜନ୍ମ ମୃତସ୍ୟ ଚ, ତସ୍ମାଦ ପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁ ମହସି”
ମହାପ୍ରଭୁ ଶ୍ରୀ ଜଗନ୍ନାଥ ତୁମର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
**ଶୋକସନ୍ତପ୍ତ:**
ପରିବାର ଓ ବନ୍ଧୁବର୍ଗ ।
ଧ-୧୩୮୭

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୩/୨୦୧୯ Bhubaneswar, Tuesday, August 13/2019


**ରାଜଧାନୀରେ ସିରିଜ୍ ଲୁଟ୍ ମାମଲା**

# ଦଶମ ଅଭିଯୁକ୍ତ ଚକରା ଗିରଫ

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ହୋଇଥିବା ସିରିଜ୍ ଲୁଟ୍‌ରେ ୧୧ଜଣିଆ ରବି ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ଜାଣିବା ପରଠାରୁ କମିଶନରେଟ ପୋଲିସ ଏନ୍‌କାଉଣ୍ଟରକୁ ଆପଣାଇଥିଲା। ମାଷ୍ଟରମାଇଣ୍ଡ ରବିରାଓଙ୍କ ସମେତ ୫ ସଦସ୍ୟଙ୍କୁ ପୋଲିସ ଏନ୍‌କାଉଣ୍ଟର କରି ଧରିଥିଲା। ଏହାପରେ ପୋଲିସ ଆଉ ୪ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟତମ ଅଭିଯୁକ୍ତ ଚକରା ଓରଫ ଚକ୍ରଧର ବାରିକ(୨୬) ଫେରାର ଥିଲା। ଶେଷରେ ଖଣ୍ଡଗିରି ପୋଲିସ ତାଙ୍କୁ ସୋମବାର ଗିରଫ କରିଛି। କେସ୍ ନଂ.୩୧୭/୧୯ରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚକରା ନାମରେ କମିଶନରେଟ ପୋଲିସର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ସେ ଚୋରା ବନ୍ଧୁକ ରଖୁଥିଲେ ମଧ୍ୟ ଏନ୍‌କାଉଣ୍ଟର ଭୟରେ ସେଗୁଡିକୁ କୌଣସି ଏକ ଅଜ୍ଞାତ ସ୍ଥାନରେ ଲୁଚାଇ ଦେଇଥିବା ପୋଲିସ ଅନୁମାନ କରୁଛି। ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଜଣାପଡିଛି।






# ଟ୍ରାଫିକ ଏସିପି ପଦରୁ ହଟିଲେ ଅନୁପ

- ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ ଏସିପି ହେଲେ
- ପୁରୁଣା ପଦବୀରେ ରହିଗଲେ ସୁରେନ୍ଦ୍ର

ଭୁବନେଶ୍ୱର,୧୨।୮(ବ୍ୟୁରୋ)

କମିଶନରେଟ ପୋଲିସରେ ଅଦଳବଦଳ ପ୍ରକ୍ରିୟା ସରୁନି। ବାରମ୍ବାର ବଦଳି, ପୁଣି ପୁରୁଣା ପଦବୀରେ ଅବସ୍ଥାପିତ କରାଯିବାକୁ ନେଇ ବିଭାଗରେ ଅସନ୍ତୋଷ ଆରମ୍ଭ ହେବାପରେ ଶେଷରେ ଅନୁପ କୁମାର କାନୁନ୍‌ଗୋଙ୍କୁ ଭୁବନେଶ୍ୱର ଟ୍ରାଫିକ୍ ଏସିପି ପଦରୁ ହଟାଇ ଦିଆଯାଇଛି। ତାଙ୍କୁ ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ ଏସିପିଭାବେ ବଦଳି କରାଯାଇଛି। ଏନେଇ ସୋମବାର କମିଶନରେଟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସାଧାରଣ ନିର୍ବାଚନ ପୂର୍ବରୁ ନିୟମ ଅନୁଯାୟୀ ରାଜଧାନୀରେ ଦୀର୍ଘଦିନ ହେବ ରହିଥିବା ପୋଲିସ ଅଫିସରଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ସେତେବେଳେ ଭୁବନେଶ୍ୱର ଟ୍ରାଫିକ ଏସିପି ଥିବା ଅନୁପ କାନୁନ୍‌ଗୋ ଓ ଇନ୍ସପେକ୍ଟର ସୁରେନ୍ଦ୍ର କୁମାର ବଳଙ୍କୁ କଟକକୁ ବଦଳି କରାଯାଇଥିଲା। ହେଲେ ନିର୍ବାଚନ ପରେ ପୁଣି ସେମାନଙ୍କୁ ଭୁବନେଶ୍ୱର ଫେରାଇ ଅଣାଯିବ ବୋଲି ଚର୍ଚ୍ଚା ହୋଇଥିଲା। ଏ ସଂକ୍ରାନ୍ତରେ ଧରିତ୍ରୀରେ ଏକାଧିକ ଥର ଖବର ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଏହା ସତ ପ୍ରମାଣିତ ହୋଇଥିଲା। ନିର୍ବାଚନ ସରିବାର ୩ମାସ ପରେ ପୁଣି ଏହି ଦୁଇ ଅଫିସରଙ୍କୁ କଟକରୁ ଭୁବନେଶ୍ୱର ଅଫିସକୁ ବଦଳି କରି ଅଣାଯାଇଥିଲା। ପ୍ରଥମେ ଅନୁପଙ୍କୁ କମିଶନରେଟ ମୁଖ୍ୟାଳୟରେ ଅବସ୍ଥାପିତ କରାଯାଇଥିଲା। ଗତ ୭ ତାରିଖରେ ତାଙ୍କୁ ଭୁବନେଶ୍ୱର ଟାଫିକ ଏସିପି ଓ ସୁରେନ୍ଦ୍ରଙ୍କୁ ଇନ୍ସପେକ୍ଟର ଭାବେ ବଦଳି କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସବୁଠୁ ବିଡମ୍ବନାର କଥା ଏହି ଦୁଇ ପୋଲିସ ଅଫିସର ପୂର୍ବରୁ ଯେଉଁ ପଦବୀରେ ଥିଲେ ପୁଣି ସେହି ପଦବୀରେ ଅବସ୍ଥାପିତ କରାଯାଇଥିଲା। ଏପଟେ ଟ୍ରାଫିକ ଏସିପି ଥିବା କେ.କେ. ପାଣିଗ୍ରାହୀଙ୍କୁ ସିପି ମୁଖ୍ୟାଳୟକୁ ବଦଳି କରାଯିବାକୁ ନେଇ ପୋଲିସ ଅଫିସରଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ କମିଶନରେଟ ପୋଲିସ ପକ୍ଷରୁ ଅନୁପଙ୍କୁ ଟ୍ରାଫିକ ଏସିପିଭାବେ ହୋଇଥିବା ବଦଳିକୁ ବାତିଲ କରିଦିଆଯାଇଛି। ହେଲେ ଟ୍ରାଫିକ୍ ଇନ୍ସପେକ୍ଟର ସୁରେନ୍ଦ୍ରଙ୍କୁ ପୁଣି ପୁରୁଣା ପଦବୀରେ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷରେ ଅନ୍ୟତ୍ର ବଦଳି ହୋଇଥିବା କେତେଜଣ ଅଫିସର ରାଜଧାନୀକୁ ଆସି ପୁରୁଣା ଚୌକିକୁ ଦଖଲ ପାଇଁ ନେତା, ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀଙ୍କ ନିକଟରେ ଲବି କରୁଥିବା ଜଣାପଡିଛି।

ଗୋଟିଏ ଜିଲାରେ ୩ବର୍ଷରୁ ଊର୍ଦ୍ଧ୍ୱ ରହିବାର ନିୟମ ନାହିଁ। ନିର୍ବାଚନ ପୂର୍ବରୁ ରାଜଧାନୀରୁ ଯାଇଥିବା ପୋଲିସ ଅଧିକାରୀଙ୍କ ମଧ୍ୟରୁ ଅନେକଙ୍କ ପରିବାର ଏବେବି ଭୁବନେଶ୍ୱରରେ ସରକାରୀ କ୍ୱାର୍ଟର୍ସରେ ରହୁଛନ୍ତି। ସେମାନଙ୍କୁ କ୍ୱାର୍ଟର୍ସ ଛାଡିବାକୁ ନୋଟିସ ହୋଇଥିଲେ ମଧ୍ୟ ଛାଡୁନାହାନ୍ତି। ସେମାନେ ଭୁବନେଶ୍ୱରକୁ ପୁଣି ଆସିବା ପାଇଁ ଚେଷ୍ଟା ଚଳାଇଛନ୍ତି। ରାଜଧାନୀକୁ ଆସିବା ତାଲିକାରେ ଅନେକ ଏସିପି ଓ ଇନ୍ସପେକ୍ଟର ରହିଛି। ଏପରିକି ଆଉ ମାସକ ପରେ ପୋଲିସ ବିଭାଗରେ ଏକ ବଡ଼ ଧରଣର ଅଦଳବଦଳ ହେବ। ଏହାକୁ ସେମାନେ ବଡ଼ ସୁଯୋଗ ବୋଲି ଭାବୁଛନ୍ତି।

**ନାବାଳିକାଙ୍କୁ ବଳାତ୍କାର ସହ ଅଶ୍ଳୀଳ ଫଟୋ ଭାଇରାଲ ମାମଲା**

# ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଟେକିନେଇ ଜଙ୍ଗଲରେ ବଳାତ୍କାର କରାଯିବା ସହ ନଗ୍ନ ଫଟୋକୁ ଭାଇରାଲ କରାଯାଇଥିଲା। ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣାକୁ ଏନ୍‌ଏଚ୍‌ଆର୍‌ସି କାର୍ଯ୍ୟାଳୟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ହିମାଂଶୁ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ଏହି ମାମଲାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମୟୂରଭଞ୍ଜ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ୪ ସପ୍ତାହ ମଧ୍ୟରେ ପୀଡିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧୫ରେ ନାବାଳିକା ଜଣକ ଏକୁଟିଆ କଲେଜରୁ ଘରକୁ ଫେରୁଥିଲେ। ବାଟରେ ଜଙ୍ଗଲ ରାସ୍ତାଦେଇ ଆସୁଥିବାବେଳେ ଜଣେ ଯୁବକ ତାଙ୍କୁ ଜବରଦସ୍ତ ଟେକିନେଇ ଜଙ୍ଗଲ ଭିତରେ ବଳାତ୍କାର କରିଥିଲେ। ଏଥିସହିତ ଏହି ସମୟର ଫଟୋକୁ ମଧ୍ୟ ମୋବାଇଲ୍ ଫୋନ୍‌ରେ ଉଠାଇଥିଲେ। କାହା ଆଗରେ କହିଲେ ଉକ୍ତ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଅଭିଯୁକ୍ତ ଜଣକ ଧମକ ଦେଇଥିଲେ। ଭୟରେ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇ ନ ଥିଲେ। ଗତ ସୋମବାର ଉକ୍ତ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ନାବାଳିକା ଥାନାର ଦ୍ୱାରସ୍ତ ହୋଇଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବାରୁ ସେ ଅଭିଯୋଗ ଥାନାରୁ ଉଠାଇନେବାକୁ ଧମକ ଦେଉଛନ୍ତି। ନଚେତ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାକୁ କହୁଥିବା ନାବାଳିକା ଜଣକ ପୋଲିସକୁ ଜଣାଇଛନ୍ତି।

**କୃଷ୍ଣପ୍ରସାଦ ଉପକୂଳରେ ବିଶାଳ ପଣ୍ୟବାହୀ ଜାହାଜ**

# ଅସହାୟ ଅବସ୍ଥାରେ ଜାହାଜ କର୍ମଚାରୀ

ବ୍ରହ୍ମଗିରି, ୧୨।୮(ଡି.ଏନ୍.ଏ.)

**ମାନବିକତା ଦେଖାଉଛନ୍ତି ଖିରିସାହି ଗ୍ରାମବାସୀ**





ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଙ୍ଗୋପସାଗର ଉପକୂଳରେ ଲଗିଛି ଏକ ବିଶାଳ ପଣ୍ୟବାହୀ ଜାହାଜ। ଏଥିରେ କର୍ମଚାରୀଙ୍କ ପାଖରେ ଏପର୍ଯ୍ୟନ୍ତ କୌଣସି ସହଯୋଗ ପହଞ୍ଚି ନାହିଁ। ଏହି ସମୟରେ ମାନବିକତା ଦେଖାଇଛନ୍ତି ସ୍ଥାନୀୟ ଖିରିସାହି ଗ୍ରାମବାସୀ। ସମୁଦ୍ର କୂଳରେ ପଡିଥିବା ଏହି ବିଦେଶୀ ନାଗରିକଙ୍କୁ ନିଜ ହେପାଜତରେ ରଖିବା ସହ ସେମାନଙ୍କୁ ପ୍ରତିଦିନ ପାଳିକରି ଖାଦ୍ୟ ଯୋଗାଉଛନ୍ତି।

ଗତ ଗୁରୁବାରଠାରୁ ଏକ ପଣ୍ୟବାହୀ ବିଶାଳ ଜାହାଜ ବାଂଲାଦେଶରୁ ଭାଇଜାଗ୍ ଯାଉଥିବା ସମୟରେ ସମୁଦ୍ର ମଝିରେ ଯାନ୍ତ୍ରିକ ତ୍ରୁଟି ଯୋଗୁ କୃଷ୍ଣପ୍ରସାଦ ବ୍ଲକର ରାଜହଂସ ନିକଟରେ ଲାଗିଥିଲା। ସେବେଠୁ ଏହି ଜାହାଜଟି ଏହି ସ୍ଥାନରେ ରହିଛି। ଜାହାଜରେ ଦୁଇଜଣ ନାବିକଙ୍କ ସମେତ ୧୧ ଜଣ କର୍ମଚାରୀ ରହିଥିବା ସମୟରେ ଏମାନଙ୍କ ମଧ୍ୟରୁ ଜଣେ ଭାରତୀୟ, ଅନ୍ୟ କର୍ମଚାରୀମାନେ ବାହାର ଦେଶର ବୋଲି ଜଣାପଡିଛି। ଏହି ଘଟଣା ପ୍ରଚାରିତ ହେବାପରେ କୋଷ୍ଟ ଗାର୍ଡ ଓ କୃଷ୍ଣପ୍ରସାଦ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ପରିଚୟ ଯାଞ୍ଚ କରିଥିଲା। ଜାହାଜଟି ସେଠାରୁ ଉଦ୍ଧାର ହୋଇ ଯିବାକୁ ୧୫ ଦିନ ଲାଗିବ ବୋଲି ଜଣାପଡିଛି। ଜାହାଜରେ ଥିବା ଏହି କର୍ମଚାରୀମାନେ କୁଡିଆ କରି କୂଳରେ ପଡି ରହିଛନ୍ତି। ବର୍ତ୍ତମାନ ଲଘୁଚାପ କାରଣରୁ ସମୁଦ୍ର ଅଶାନ୍ତ ରହିଛି। ପାଣିପାଗ ବିଭାଗ ତରଫରୁ ସମୁଦ୍ରକୁ ଯିବାପାଇଁ ସମସ୍ତଙ୍କୁ ବାରଣ କରାଯାଇଛି। ଜାହାଜର କର୍ମଚାରୀମାନେ ସମୁଦ୍ର କୂଳରେ ଜାହାଜଟିକୁ ଜଗି ରହିଛନ୍ତି। ଗ୍ରାମ କୋଠରୁ ପାଳିକରି ୧୦ ଜଣ ଲେଖାଏଁ ଲୋକ ଯାଇ ଉକ୍ତ ଜାହାଜଟିକୁ ସୁରକ୍ଷା ଦେଉଛନ୍ତି। ସାମୁଦ୍ରିକ ଢେଉ ଯୋଗୁ ଜାହାଜଟି ଧୀରେ ଧୀରେ ବାଲିରେ ପୋତିହୋଇ ଯାଉଛି। ପାରାଦୀପ ବନ୍ଦରରୁ କ୍ରେନ ସାହାଯ୍ୟରେ ଜାହାଜଟିକୁ ସମୁଦ୍ରକୁ ନେବାପାଇଁ ଯୋଜନା କରାଯାଉଥିବା ଜଣାପଡ଼ିଛି।





For Franchisee enquiries, please contact Soumyadeep Roy, Mob: 7077721612 • For Trade enquiries, Call +91 70777 21602 • For Clean Home products trade enquiries, Call +91 90739 09475

Prestige Xclusive

BHUBANESWAR: • Rabi Takies Chhak; opp. Kedar Gouri Resort; Mob: 7750925223. • Bapujinagar; 105,Post office lane; Landline : 0674 -2597141 Mob : 9937138998 • 237, Bapujinagar; Pani Tanki Lane,Ph: 0674 2597685 / 9777744071; • 10, Janpath, Satyangar, Ph: 0674 2573408, 8280056821 Shop No FG 3, I.D. Market, Near Reliance Fresh, IRC Village Mob: 9861404879; • RAGHUNATHPUR: Manson Green, Raghunathpur, Nandankanan Road, Bhuvneswar - 754005, ph-7205876694 CUTTACK: • Dolmundai Hotel Akbari complex, Dolomundai, Haripur Road, Ph: 0671 2411580; Mob: 9658725456, • Baxi Bazar, Manisahoo Chhak, Mob: 6371736954 • CDA: Plot No.CM/3 (In front of Police Station ), Markat Nagar, Sector - 7, Ph: 0671-2504833, Mob: 8280079702; PURI: Sarvodaya Nagar Road, Beside Suruchi Mandap, Ph-7978547991 SAMBALPUR • Golbazaar: near Durga Temple Mob: 9338194750, • Budharaza: opposite to budharaza high school, Mob:8908974370/7008477688 • KENDRAPARA: Kakat Chhak, Ph: 06727 221241; Mob: 9040562233; JAGATSINGHAPUR: C/o: Orchid mart – central market, 06724221090/06724221080 DHENKANAL: Room No 14; I.G.Super Market, near SBI ATM; Mob: 9337477279 / 9348178750; BERHAMPUR One Way Traffic Road; Near Reliance Digital; Mob: 6370530195 / 7853802278 / 06802222145; BOLANGIR A.B.S.S. Road, Near Samaleswari Temple, Ph: 06652 232419; Mob : 9437331171, 9437241863; Rayagada: Near Old Station, Ph-8249517365; JEYPORE: Beside Usha Stores, Main Road, Ph: 06854 231221, Mob: 7008402905 SEMILIGUDA: College Chhak, O.C.C Nagar,Main Road, Mob: 8328800974.SUNDERGARH Shop No 8; Nehru Market Complex; Private Bus Stand, Sundergarh, Mob: 9438076828 BARGARH: New patra needs – Infront of Gopal Goshala, NH-6, Main Road, PH-9937171761 / 9556446300, 06646230124, Rourkella : Main Road, Daily Market, Udit Nagar, Mob: 9777457774

AUTHORISED DISTRIBUTORS:- BHUBANESWAR- Manorama Trading Co.,Ph No.9437279239; JATINI- Kanha Agencies, Ph. No.9437090516; CUTTACK- Mahavir Enterprise, Chauliganga, Ph. No.9937092599; TALCHER- Sidharth Enterprises, Hatatota, Ph. No.9437003384; ROURKELA- Shah Distributor, Ph-0661-2506904, 9438712456; SAMBALPUR- Gayatri Traders, Ph-9937074072,9437925273 BALASORE- Satyabhama Sales, Ph. No.7008096876); BHADRAK- Akhandalamani Enterprise, Ph No.9437436221,9437960230 MAYURBHANJ- Cooling Point Ph No.9437161333 GANJAM & PHULBANI – Sri Sitaram Enterprises, Ph. No.9437216521; BALANGIR & KALAHANDI- Ably Info Solutions Ph No. 9437025475. AUTHORISED DEALERS :- BHUBANESWAR:- Royal Care, Ph 9937057177. Spectra Vision, Ph.-9937722277. Kitchen King, Ph 9938475829. SB Enterprises, Ph 9861155551; Shree Balaji Distributors, Ph 7008715226; Sai Associates-7381065641.Pratap Sweing Machine-7328094607; Galaxy Enterprises, Ph.9937133040. Utkal Sales, Ph9853150619. CUTTACK:- Janata General Store ,Ph-2419948, Arbind Plastic, Ph 8763923528. Patra Electronics, Ph. 2631222., ANGUL: Saralia Trading Co. Ph-9439471222, TALCHER- Beauty Palace-9437118065, PARADEEP:- Krishna Enterprise, Ph. 9937451474. KENDRAPARA :- Purnamasi Electrical ,Ph. 9937070448. ROURKELA:- Prestige, Ph-2642265. City Super Bazar ,Ph-9437047413. Khemka General Store, Ph-2502396. Suruchi Bazar, Ph-9861117222. Pawan Store, Ph-9861040291. Garg Enterprises, Ph 9437046546. RAJGANGPUR- Pradeep Store, Ph-9437244015. Kitchen Plaza, Ph. 9937109583. SUNDARGARH- Laxmi Steel, Ph-9776164771. KANTABANJI:-Ganapati Electricals,Ph.9938669100. CHOWDWAR: PREMIUM:-9861101122: RAHAMA- MAA PADMABATI ENTERPRISE:- 9861202577. RANPUR- Megha enterprises-9938177457, BHUBANESWAR- REETA, Ph: 0674-2597111, UTKAL LIGHT HOUSE, Ph: 9937019272, CUTTACK – UNION SALES EMPORIUM, Ph:2307878. Authorised Service Centre: Cuttack: TTK Prestige Ltd (RSC) Plot No 864/2677. Near Pala Mandap, Near By Shibani Glass House Ph 0671-2367499; Bhubaneswar- Ph -9776322880. Rourkela- Ph. 9853522686. Berhampur - Ph. 0680-2228066. Sambalpur- Ph. 8895149244; Bolangir- Ph 06652-234443. Angul- Ph. 9437903195. Balasore: Ph. 9937393936, Jeypore: Ph. 9438445339, 06854-232339; Jajpur Road: Ph 9658464643; RAHAMA: Ph -9437483032: KEONJHAR: 7008589306: BARGARH: 9438015648: BHAWANIPATNA:- 8328805215



35

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଶ୍ରୀରଘୁନାଥ ଜୀଉଙ୍କ ପୀଠରେ ଝୁଲଣଯାତ୍ରା



**ତିଗିରିଆ,୧୨।୮(ଡି.ଏନ.ଏ.):** ତିଗିରିଆ ବ୍ଲକ ଅଧୀନ ଗଦାଧରପୁର ଗ୍ରାମର ଶ୍ରୀରଘୁନାଥଜୀଉଙ୍କ ପୀଠରେ ରବିବାରଠାରୁ ଝୁଲଣଯାତ୍ରା ଆରମ୍ଭ ହୋଇଛି। ଏହା ୫ଦିନ ଧରି ଅନୁଷ୍ଠିତ ହେବ। ପ୍ରତ୍ୟେହ ସନ୍ଧ୍ୟା ଆଳତୀ ପରେ ଶ୍ରୀରଘୁନାଥଜୀଉଙ୍କ ଚଳନ୍ତି ବିଜେ ପ୍ରତିମାଙ୍କ ସହିତ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ବିଭିନ୍ନ ପୁଷ୍ପରେ ସୁସଜ୍ଜିତ ଝୁଲଣ କୁଞ୍ଜରେ ଅବସ୍ଥାନ କରୁଛନ୍ତି। ଏହିଅବସରରେ ପୀଠରେ ଗ୍ରାମରେ ଥିବା ନଦୀୟା ଓ ସଙ୍କୀର୍ତ୍ତନ ଗୋଷ୍ଠୀଙ୍କ ଦ୍ୱାରା ନାମ କୀର୍ତ୍ତନ ଓ ଭଜନ ପରିବେଷଣ କରାଯାଉଛି। ଶ୍ରୀଜୀଉଙ୍କ ଏହି ସ୍ୱତନ୍ତ୍ର ଉତ୍ସବରେ ସନ୍ଧ୍ୟାରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ଝୁଲଣ କୁଞ୍ଜରେ ଠାକୁରଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରୁଛନ୍ତି। ପୀଠର ମୁଖ୍ୟ ସେବାୟତ ପ୍ରଫୁଲ୍ଲ ମହାପାତ୍ରଙ୍କ ସହିତ ଆଚାର୍ଯ୍ୟ ସନ୍ତୋଷ କୁମାର ଶତପଥୀ ଠାକୁରଙ୍କ ସେବାନୀତି ସଞ୍ଚାଳନ କରୁଛନ୍ତି।


### ମାଗଣା ସ୍ୱାସ୍ଥ୍ୟ ଶିବିର

**ବାଙ୍କୀ,୧୨।୮(ବି.ପ୍ର.):** ବାଙ୍କୀ-ଡମପଡା ବ୍ଲକ ଅଧୀନ ଶିମିଳିପୁର ପଞ୍ଚାୟତ ଶୁଖୁଆଖଳା ଗ୍ରାମରେ ସୋମବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଜନକଲ୍ୟାଣ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆୟୋଜିତ ଶିବିରରେ ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ପ୍ରଦାନ କରାଯାଇଥିଲା। ପରେ ଗ୍ରାମବାସୀଙ୍କୁ ସଂଘ ପକ୍ଷରୁ ସଚେତନ କରାଯାଇଥିଲା। ନୃସିଂହ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ସଞ୍ଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ଡା. ଜଗଦୀଶ ପଣ୍ଡା, ପଦ୍ମଲୋଚନ ପଣ୍ଡା, କୈଳାସ ଚନ୍ଦ୍ର ରଥ, ଡା. ଧନେଶ୍ୱର ସାହୁ, ଡା. ଶରତଚନ୍ଦ୍ର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବବ ଯୋଗଦେଇ ଜନସାଧାରଣଙ୍କୁ ଜନଜାଗରଣ ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ପାଦକ ବିପିନୀ ବିହାରୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ଉପଦେଷ୍ଟା ସରୋଜ ସାହୁ ଧନ୍ୟବାଦ ଦେଇଥିଲେ। ସଦସ୍ୟ ଗୁଣନିଧି ମହାନ୍ତି, ପହଲ୍ଲାଦ ପୃଷ୍ଟି, ବାଇଧର ଦେହୁରୀ, ରଘୁନାଥ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଗେଙ୍ଗୁଟିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବିଶ୍ୱ ହସ୍ତୀ ଦିବସ ପାଳିତ

**ବାଙ୍କୀ,୧୨।୮(ସ୍ୱ.ପ୍ର.):** ବିଶ୍ୱହସ୍ତୀ ଦିବସ ବାଙ୍କୀ ଡମପଡ଼ା ବ୍ଲକ ଅଧୀନ ଗୟଳବାଙ୍କ, କଇଁମୁଣ୍ଡି ଓ ଚକୁଳିଶ୍ୱରଠାରେ ପୃଥକ୍ ଭାବେ ସାମାଜିକ କର୍ମୀ ଗୌତମ ମିଶ୍ରଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମିଶ୍ର ଜନସାଧାରଣଙ୍କୁ ହାତୀ ସୁରକ୍ଷା, ଜଙ୍ଗଲ ସୃଷ୍ଟି ବିଷୟରେ ବୁଝାଇଥିଲେ। ଲୋଚନ ବେହେରା, ସୀମାନ୍ତ ପ୍ରଧାନ, ଭାଗୀରଥି ପୃଷ୍ଟି, ଗୋବର୍ଦ୍ଧନ ଧଳ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ବର୍ଷାରେ ଡ୍ରେନ୍, ରାସ୍ତା ଏକାକାର





" ବର୍ଷା ପୂର୍ବରୁ ସିଏମ୍‌ସି ପକ୍ଷରୁ ଡ୍ରେନ୍ ସଫା କରାଯିବାର ଥିଲା। କିନ୍ତୁ ସିଏମ୍‌ସି ଦାୟିତ୍ୱରେ ଅବହେଳା କରିବାରୁ ତା'ର ପରିଣାମ ସ୍ୱରୂପ ଅଞ୍ଚଳବାସୀ ଜଳବନ୍ଦୀରେ ରହୁଛନ୍ତି। ବର୍ଷା ହେଲେ ଜଳ ନିଷ୍କାସନ କଥା ମନେପଡୁଛି। କେତୋଟି ପମ୍ପସେଟ୍ ଲଗାଇ ଜଳ ନିଷ୍କାସନ କରିଦେଲେ ଦାୟିତ୍ୱ ସରିଗଲା ବୋଲି ଅଧିକାରୀମାନେ ଭାବୁଛନ୍ତି। ଡ୍ରେନ ସଫା କରାଯାଉଛି। ମାତ୍ର ସେଥିରୁ ବାହାରୁଥିବା ଆବର୍ଜନାକୁ ଅନ୍ୟତ୍ର ନ ନିଆଯାଇ ଡ୍ରେନ୍ ପାର୍ଶ୍ୱରେ ଗଦା କରାଯାଉଛି। ଫଳରେ ବର୍ଷା ହେଲେ ଏହା ଧୋଇଯାଇ ପୁଣିଥରେ ଡ୍ରେନ୍ ମଧରେ ପଶି ଜଳ ନିଷ୍କାସନରେ ବାଧକ ସୃଷ୍ଟି କରୁଛି।

- ଦିଲୀପ ଶର୍ମା, ବାଖରାବାଦ, କଟକ



" ଛୁଟି ଥିଲେ ମଧ କର୍ମଚାରୀମାନେ ଆସି ନିଜ କାର୍ଯ୍ୟ କରିଛନ୍ତି। ଅଳ୍ପ ସମୟ ମଧରେ ଅଧିକ ବର୍ଷା ହୋଇଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା। ବହୁ ଜାଗାରେ ପମ୍ପସେଟ୍ ମାଧମରେ ପାଣି ନିଷ୍କାସନ କରାଯାଉଛି। ଯେଉଁ ସ୍ଥାନରେ ପାଣି ଜମି ରହିଥିବା ଖବର ଆସୁଛି ସେଠାରେ ସିଏମ୍‌ସି ଅଧିକାରୀମାନେ ପହଞ୍ଚି ପାଣି ନିଷ୍କାସନ କରୁଛନ୍ତି।

- ଅନନ୍ୟା ଦାସ, ସିଏମ୍‌ସି କମିଶନର

**କଟକ ଅଫିସ, ୧୨।୮**

ଲଘୁଚାପ ଜନିତ ଲଗାଣ ବର୍ଷାଯୋଗୁ ସୋମବାର କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳ ସମେତ ସହରର ବିଭିନ୍ନ ସ୍ଥାନରେ ପାଣି ଜମି ରହିଛି। ବିଶେଷକରି ସିଏମ୍‌ସି କାର୍ଯ୍ୟାଳୟକୁ ଯିବା ବାଟରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ସେହିପରି ସହରର ପୁରୀଘାଟ ରୋଡ୍, ମଠସାହି, ଛତ୍ରବଜାର, ମଙ୍ଗଳାବାଗ, ରାଉସାପାଟଣା, କାଠଗଡା ସାହି, ଉପର ତେଲେଙ୍ଗା ବଜାର, ବକ୍ସିବଜାରି ରୋଡ୍ ସମେତ ବିଭିନ୍ନ ୱାର୍ଡରେ ଆଣ୍ଠୁଏ ଉଚ୍ଚର ପାଣି ଲହଡ଼ି ମାରୁଥିବା ଦେଖିବାକୁ ମିଳିଥିଲା। ଏପରି କି ୱାର୍ଡରେ ଥିବା ସମସ୍ତ ଡ୍ରେନର ପାଣି ରାସ୍ତାରେ ଭାସୁଥିଲା ଯାହାକି ରାସ୍ତା ଓ ଡ୍ରେନ୍ ଏକାକାର ହୋଇପଡିଥିଲା। କେତେକ ସ୍ଥାନରେ ପାଣିର ମାତ୍ରା ଏତେ ଅଧିକ ଥିଲା ଯେ ଲୋକେ ସେହି ରାସ୍ତାରେ ଯାତାୟତ କରିପାରି ନ ଥିଲେ। ମଙ୍ଗଳାବାଗ ଅଞ୍ଚଳରେ ପାଣି ମଝିରେ କାର କିଛି ସମୟ ପାଇଁ ଅଟକି ଯାଇଥିଲା। ବର୍ଷା ଯୋଗୁ ଘରେ ପାଣି ପଶିଥିବା ସହରବାସୀ କହିଛନ୍ତି। ଅନ୍ୟପକ୍ଷରେ ପ୍ରତି ୱାର୍ଡରେ ଜାଇକା କାମ ଚାଲିଥିବାରୁ ରାସ୍ତାକୁ ଖୋଳି ଦିଆଯାଇଛି। ଫଳରେ ବଡ଼ ବଡ଼ ଖାଲରେ ବର୍ଷାପାଣି ଜମି ରହିଛି। ଲୋକମାନେ ଖାଲ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଜଳ ନିଷ୍କାସନ ପାଇଁ ସିଏମ୍‌ସି ପକ୍ଷରୁ ପମ୍ପସେଟ୍ ବ୍ୟବସ୍ଥା ହୋଇଛି। ହେଲେ କିଛି ସ୍ଥାନରେ ପମ୍ପସେଟ୍ ଚାଲୁ ହୋଇ ନ ଥିବା ଅଭିଯୋଗ ହୋଇଛି। ବର୍ଷା କମିଥିଲେ ମଧ ଡ୍ରେନ୍‌ରେ ଜଳ ନିଷ୍କାସନ ଠିକ୍‌ଭାବେ ନ ହୋଇପାରିବାରୁ ରାସ୍ତାରେ ପାଣି ଜମି ରହିଥିଲା। ସୋମବାର ଇଦ୍-ଉଲ୍-ଜୁହା ଥିବାରୁ ଅଫିସ ଛୁଟି ରହିଥିଲା। ବର୍ଷାପାଣିରେ ସହର ବୁଡ଼ି ରହିଥିଲେ ମଧ ସିଏମ୍‌ସି ଅଧିକାରୀଙ୍କ ଦେଖା ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି।



ବାଙ୍କୀ କଚେରି ପଡ଼ିଆରେ ଅଭ୍ୟାସ ପରେଡ କରାଯାଉଛି।

## ବାଙ୍କୀ କଚେରି ପଡ଼ିଆରେ ଛାତ୍ରୀଛାତ୍ରଙ୍କ ଅଭ୍ୟାସ ପରେଡ୍

**ବାଙ୍କୀ,୧୨।୮(ସ୍ୱ.ପ୍ର.)**

ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସୋମବାର ବାଙ୍କୀ କଚେରି ପଡିଆରେ ଛାତ୍ରୀଛାତ୍ରଙ୍କ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହୋଇଛି। ବିକେ ବିଦ୍ୟାପୀଠ ପ୍ରଧାନଶିକ୍ଷକ ତଥା ସମରଶିକ୍ଷାର୍ଥୀ ବାହିନୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଛାତ୍ରୀଛାତ୍ରଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ପରେଡକୁ ବାଙ୍କୀ କଲେଜ ମିହଳା ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ସନ୍ଧ୍ୟାରାଣୀ ମହାନ୍ତି ପରିଚାଳନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାରଦା ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବିକେ ବିଦ୍ୟାପୀଠରେ ବାୟୁସେନା ଶିକ୍ଷକ କାହ୍ନୁଚରଣ ସାହୁ, ଚର୍ଚ୍ଚିକା ସରକାରୀ ବାଳିକା ହାଇସ୍କୁଲର ଏନ୍‌ସିସି ଅଧିକାରୀ ଜୟନ୍ତୀ ଗୋଚ୍ଛି, ବାଙ୍କୀ କଲେଜର ରୋଭର୍ସ ଏବଂ ରେଞ୍ଜରର ଅଧିକାରୀ ଭୂପତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେଡ୍‌ରେ ବାଙ୍କୀ କଲେଜର ବାଳିକା, ବାଳକ ଏନସିସି ଓ ରୋଭର୍ସ ରେଞ୍ଜରର୍ସ ଛତ୍ରୀଛାତ୍ର, ବିକେ ବିଦ୍ୟାପୀଠର ଏନସିସି ଓ ବାୟୁସେନା ଛାତ୍ର, ସରକାରୀ ବାଳିକା ହାଇସ୍କୁଲର ଏନସିସି ଓ ସ୍କାଉଟ୍ ଗାଇଡ୍ ଛାତ୍ରୀ, ସରସ୍ୱତୀ ଶିଶୁମନ୍ଦିର ଛତ୍ରୀଛାତ୍ର ଓ ଆମ୍ବେଦ୍‌କର ଛାତ୍ରାବାସାର ଛାତ୍ରମାନେ ଯୋଗଦାନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ କାଳିଚରଣ ତ୍ରିପାଠୀ, ସୁଦର୍ଶନ ବେହେରା ଓ ଦୁର୍ଯ୍ୟୋଧନ ପରିଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ପରେଡ୍ ଦୁଇଦିନ ଧରି ଚାଲିବ।

■ ଆଠଗଡ଼ ବନଖଣ୍ଡରେ ବିଶ୍ୱ ହସ୍ତୀ ଦିବସ

# ପରିବେଶ ସୁରକ୍ଷା ପାଇଁ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଆବଶ୍ୟକ

**ଆଠଗଡ଼,୧୨।୮(ସ୍ୱ.ପ୍ର.)**

ଆଠଗଡ଼ ବନଖଣ୍ଡ ବୈଠକ ଗୃହରେ ସୋମବାର ବିଶ୍ୱହସ୍ତୀ ଦିବସ ପାଳିତ ହୋଇଯାଇଛି। ସହକାରୀ ବନଖଣ୍ଡ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଏକାନ୍ତ ଆବଶ୍ୟକ ବୋଲି ମତ ରଖିଥିଲେ। ହାତୀଙ୍କ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଆଠଗଡ଼ ବନଖଣ୍ଡରେ ବହୁ ହାତୀ ବିଚରଣ କରିବା ସହ ସ୍ଥାୟୀ ଭାବେ ରହିଗଲେଣି। ନରସିଂହପୁର, ବଡ଼ମ୍ବା ବନାଞ୍ଚଳ ଅପେକ୍ଷା ଆଠଗଡ଼ ଓ ଖୁଣ୍ଟୁଣୀ ବନାଞ୍ଚଳରେ ବହୁସଂଖ୍ୟକ ହାତୀ ବିଚରଣ କରୁଛନ୍ତି। ହାତୀଙ୍କୁ ସୁରକ୍ଷା ଦେବାକୁ ହେଲେ ସେମାନଙ୍କୁ ଜନସାଧାରଣ ଓ ବନବିଭାଗ କର୍ମଚାରୀ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଜରୁରୀ। ଦିନକୁ ଦିନ ଜଙ୍ଗଲ ଅବକ୍ଷୟ ଓ ଜନସଂଖ୍ୟା ବୃଦ୍ଧି ହେତୁ ହାତୀପଲ ଏବେ ଗ୍ରାମାଭିମୁଖୀ ହେଉଛନ୍ତି। ହାତୀଙ୍କ ଗତିବିଧି ଲକ୍ଷ୍ୟ ତଥା ସେମାନଙ୍କୁ ଘଉଡାଇବା ପାଇଁ ଅଳ୍ପ ସଂଖ୍ୟକ କର୍ମଚାରୀ ମୁତୟନ ହୋଇଛନ୍ତି। ତେଣୁ କର୍ମଚାରୀଙ୍କୁ ଗ୍ରାମବାସୀ ସାହାଯ୍ୟ କଲେ ହାତୀଙ୍କ ସୁରକ୍ଷା ହୋଇପାରିବ। ଅନ୍ୟମାନଙ୍କ ମଧରେ ନରସିଂହପୁର ବନାଞ୍ଚଳ ଅଧିକାରୀ ଅଭିରାମ ଜେନା, ବିଭୂରଞ୍ଜନ ରାୟ, ବଡ଼ମ୍ବା ବନାଞ୍ଚଳ ଅଧିକାରୀ ଗୋବିନ୍ଦଚନ୍ଦ୍ର ରଥ, ଆଠଗଡ଼ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ମାଗୁଣି ବେହେରା, ତିଗିରିଆ ବନପାଳ ସୁଚରିତା ସାମନ୍ତରାୟ, ଭୁବନେଶ୍ୱର ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟ ସଞ୍ଜୀବ କୁମାର ଦାସ ଓ ବିଭିନ୍ନ ଗ୍ରାମ୍ୟ ବନସୁରକ୍ଷା ସମିତି ସଭ୍ୟମାନେ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ମତ ରଖିଥିଲେ।




ବିଶ୍ୱ ହସ୍ତୀ ଦିବସ ବୈଠକରେ ଯୋଗଦେଇଥିବା ବନଖଣ୍ଡ ଅଧିକାରୀ, ବନ କର୍ମଚାରୀ ଓ ଅନ୍ୟମାନେ।

## ସଙ୍କୁଳସ୍ତରୀୟ ଶିକ୍ଷା ପରିଷଦ ବୈଠକ

**ବାଙ୍କୀ,୧୨।୮(ବି.ପ୍ର.)**

ବାଙ୍କୀ ଶିକ୍ଷା ଜିଲା ଅଧିକାରୀ କାର୍ଯ୍ୟାଳୟ ଅଧୀନ କିଆପଲ୍ଲା-ବ୍ରହ୍ମପୁରା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବାଙ୍କୀ ସଙ୍କୁଳର ସଙ୍କୁଳସ୍ତରୀୟ ଶିକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ସଙ୍କୁଳ ଅନ୍ତର୍ଗତ ବାଙ୍କୀ ସରସ୍ୱତୀ ଶିଶୁ ମନ୍ଦିର, ତୁଳସୀପୁର, ବ୍ରହ୍ମପୁରା, ପଥୁରୀପଡା ଓ ନିତ୍ରିପୁର ଶିଶୁ ମନ୍ଦିରର ବିଷୟଗତ ଆଚାର୍ଯ୍ୟାଆଚାର୍ଯ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାହିତ୍ୟ, ଗଣିତ, ଇଂଲିଶ, ବିଜ୍ଞାନ, ସାମାଜିକ, ଇତିହାସ, ଭୂଗୋଳ ପରି ୭ଟି ବିଷୟର ସଙ୍କୁଳ ବିଷୟ ପ୍ରମୁଖ ଦୀପକ ପ୍ରଧାନ, ଭିକାରି ଚରଣ ମିଶ୍ର, କିଶୋର ରଣା, ତପସ୍ୱିନୀ ବେଉରା, ରାଜେଶ ମନ୍ତ୍ରୀ ଯୋଗଦେଇ ଆଦର୍ଶ ପାଠ୍ୟ ଯୋଜନା ଆଧାରରେ ଆଦର୍ଶ ଶିକ୍ଷାଦାନ କାଳାଂଶ ନେଇଥିଲେ। ଶ୍ରେଣୀ ଶିକ୍ଷାଦାନ ସମୟରେ ଉପୁଜୁଥିବା ସମସ୍ୟା, ବିଷୟଗତ କାଠିନ୍ୟ, ତ୍ରୁଟି, ମତାମତ ଆଦି ସଂଗ୍ରହ କରାଯାଇ ଆଦର୍ଶ ପାଠ୍ୟ ଯୋଜନା ଚୟନ କରାଯାଇଥିଲା। ବୈଠକକୁ ବିଦ୍ୟାଳୟର ପୂର୍ବତନ ସଭାପତି ସୁଦର୍ଶନ ଦାସ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ଶିକ୍ଷା ବିକାଶ ସମିତି ବିଭାଗ ନିରୀକ୍ଷକ ପ୍ରଶାନ୍ତ ପ୍ରଧାନ, ଖୋର୍ଦ୍ଧା ବିଭାଗ ପ୍ରମୁଖ କୁଳମଣି ମିଶ୍ର ଉପସ୍ଥିତ ରହି ମାର୍ଗ ଦର୍ଶନ କରିଥିଲେ। ବାଙ୍କୀ ସଙ୍କୁଳ ସଂଯୋଜକ ନରେଶ ମନ୍ତ୍ରୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶେଷରେ ବ୍ରହ୍ମପୁରା ଶିଶୁ ମନ୍ଦିର ପ୍ରଧାନଆଚାର୍ଯ୍ୟା ତୃପ୍ତିମୟୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଧବଳେଶ୍ୱରଙ୍କୁ ଜଳଲାଗି କଲେ ୩୦ ହଜାର କାଉଡ଼ିଆ

**ଖୁଣ୍ଟୁଣୀ,୧୨।୮(ଡି.ଏନ୍.ଏ.)**

ଶ୍ରାବଣ ମାସର ଶେଷ ସୋମବାରରେ ଆଠଗଡର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ୩୦ ହଜାରରୁ ଉର୍ଦ୍ଧ୍ୱ କାଉଡିଆ ଧବଳେଶ୍ୱରଙ୍କୁ ଜଳଲାଗି କରିଥିବା ଆଠଗଡ ଦେବୋତ୍ତର ବିଭାଗ ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ଗୁରୁଡିଝାଟିଆ ଥାନାଧିକାରୀ ବିଜୟ କୁମାର ବିସି, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲଙ୍କ ନେତୃତ୍ୱରେ ଭକ୍ତମାନେ ବ୍ୟାରିକେଡ ମଧରେ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ରବିବାର ରାତିରୁ ଆସିଷ୍ଟାଣ୍ଟ କଲେକ୍ଟର ଶିବାଶିଷ ପରିଡା, ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓ ପୀଠରେ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପରାମର୍ଶ ଦେଇଥିବାବେଳେ ସୋମବାର ସକାଳୁ ଉପଜିଲାପାଳ ଅମିୟ କୁମାର ସାହୁ ଉପସ୍ଥିତ ରହି ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଥିଲେ।

## ୫ ନାବାଳକ ଉଦ୍ଧାର

**ନିଶ୍ଚିନ୍ତକୋଇଲି,୧୨।୮(ଡି.ଏନ.ଏ.):** ଅପରେଶନ ପରୀ-୩ ମାଧମରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ ନାବାଳକଙ୍କୁ ଉଦ୍ଧାର କରିଛି। ପରେ ସେମାନଙ୍କୁ କଟକ ବସୁନ୍ଧରାକୁ ପଠାଇ ଦିଆଯାଇଛି। ଆଇଆଇସି ହିମାଂଶୁ ପରିଡ଼ା ତାଙ୍କ ଟିମ୍ ସହ ନିଶ୍ଚିନ୍ତକୋଇଲି ବଜାରରେ ଥିବା ବାର୍, ହୋଟେଲ, ପାନଦୋକାନ ଓ ବାହାବଳପୁରଠାରେ ଥିବା ଏକ ବାଇକ ସର୍ଭିସ୍ ସେଣ୍ଟରରେ ଚଢ଼ାଉ ଉକ୍ତ ନାବାଳକମାନଙ୍କୁ ଉଦ୍ଧାର କରିଥିଲେ।

## ଗୋରଖନାଥ ପୀଠରେ ୨୦ହଜାର କାଉଡ଼ିଆ

**ରଘୁନାଥପୁର,୧୨।୮(ଡି.ଏନ୍.ଏ.)**

ଶ୍ରାବଣ ମାସର ଶେଷ ସୋମବାରରେ ରଘୁନାଥପୁର ବ୍ଲକ କେରାକେରାସ୍ଥିତ ପ୍ରଭୁ ଗୋରଖନାଥଙ୍କୁ ୨୦ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଥିବା ଟ୍ରଷ୍ଟ ବୋର୍ଡ ସଭ୍ୟ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି କହିଛନ୍ତି। ରବିବାର ରାତି ପ୍ରାୟ ୩ଟା ରୁ ଠାକୁରଙ୍କ ପୂଜାନୀତି ଆରମ୍ଭ ହେବା ପରେ କାଉଡିଆମାନେ ଜଳଲାଗି କରିଥିଲେ। ସୋମବାର ପ୍ରାୟ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜଳଲାଗି କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ତିର୍ତ୍ତୋଲ ଆଇଆଇସି ପି.କେ. ମିଶ୍ରଙ୍କ ତତ୍ତ୍ୱାବଧାନରେ ସଶସ୍ତ୍ର ପୋଲିସ ମୁତୟନ କରାଯାଇଥିଲା। ସତ୍ୟସାଇ ସେବା ସଙ୍ଗଠନର ସଭାପତି ବିପିନ ବିହାରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜଗତ୍‌ସିଂହପୁର ଓ ରଘୁନାଥପୁର ସଭ୍ୟମାନେ ସେବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। କାଉଡିଆଙ୍କ ଆଗମନକୁ ଦୃଷ୍ଟିରେ ରଖି ଟ୍ରଷ୍ଟ ବୋର୍ଡ ପକ୍ଷରୁ ଫାଷ୍ଟେଡ, ସ୍ୱଚ୍ଛ ପାନୀୟ ଜଳ, ଉଜ୍ଜ୍ୱଳ ଆଲୋକ ଓ ପାଣି ଭାର ରଖିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଅନ୍ୟପକ୍ଷରେ ପୀଠ ବାହାରେ ୨୦ରୁ ଉର୍ଦ୍ଧ୍ୱ ଦୋକାନରେ ଶୁଖିଲା ଭୋଗ ବିକ୍ରି ହେଉଥିବାରୁ ପୀଠ ମଧରେ ନିଲାମ ଧରିଥିବା ଦୋକାନୀଙ୍କ ବ୍ୟାପକ କ୍ଷତି ହୋଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ପ୍ରଥମ ଥର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଅଗଷ୍ଟ ୧୫ରୁ ପୀଠ ମଧକୁ ଆସୁଥିବା ଭକ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ପ୍ରସାଦ ବ୍ୟବସ୍ଥା କରାଯିବ ବୋଲି ରେଭିନ୍ୟୁ ଅଫିସର ପ୍ରମୋଦ ମହାପାତ୍ର କହିଛନ୍ତି। ଟ୍ରଷ୍ଟ ବୋର୍ଡ ସଭ୍ୟ ପ୍ରଦୀପ୍ତ ମହାନ୍ତି, ବାଦଲ ଯୋଗାଣିଆ, କ୍ଷୀରୋଦ ମହାନ୍ତି, ନାରାୟଣ ସ୍ୱାଇଁ ଓ ସରୋଜ ସାହାଣୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ମଧୁବାବୁଙ୍କ ଜନ୍ମପୀଠରେ ଚାରାରୋପଣ

**ସାଲେପୁର,୧୨।୮(ଡି.ଏନ.ଏ.)**

ରେନ୍‌ବୋ ସାମାଜିକ ସଙ୍ଗଠନ ପକ୍ଷରୁ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜନ୍ମପୀଠ ସତ୍ୟାଭାମାପୁର ଓ କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମପୀଠ ପୁରୁଷୋତ୍ତମପୁରଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେନ୍‌ବୋ ସମ୍ପାଦକ ଦେବଜାନୀ ଜେନାଙ୍କ ସଭାପତିତ୍ୱରେ ସଭାନେତ୍ରୀ ପ୍ରିତୀଲତା ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଚାରାରୋପଣ କରିଥିଲେ। ବିଜୟାନନ୍ଦ ଯୁବ ପରିଷଦ ସମ୍ପାଦକ ବିଶ୍ୱରଞ୍ଜନ ସାହୁ, ସୁରେନ୍ଦ୍ର ମେମୋରିଆଲ୍ ଟ୍ରଷ୍ଟ ସମ୍ପାଦକ ଦେବେନ୍ଦ୍ର ନାଥ ସ୍ୱାଇଁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରେନ୍‌ବୋର ସଭ୍ୟ ବିକାଶ କୁମାର ମିଶ୍ର, ଅମୀୟ ରଞ୍ଜନ ସ୍ୱାଇଁ, ସରୋଜ ଜେନା, ହିମାଂଶୁ ସାମନ୍ତରାୟ, ସତ୍ୟରଞ୍ଜନ ଦାସ, ପ୍ରଶାନ୍ତ ମହାନ୍ତି, ରାଜକିଶୋର ସାହୁ, ନରେନ୍ଦ୍ର ଦଳାଇ ଓ ମନୋଜ ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




ରେନ୍‌ବୋ ସଂଗଠନ କର୍ମକର୍ତ୍ତା ଓ ଅନ୍ୟମାନେ ଚାରାରୋପଣ କରୁଛନ୍ତି।


# ଭାଇଚାରା, ସଦ୍‌ଭାବନା ବଜାୟ ରଖିବାକୁ ସମୂହ ନମାଜ ପାଠ

**ନିଶ୍ଚିନ୍ତକୋଇଲି,୧୨।୮(ଡି.ଏନ.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ମୁସଲମାନ ଭାଇମାନଙ୍କ ସୋମବାର ଉଦ୍-ଉଲ୍-ଜୁହା ପର୍ବ ପାଳିତ ହୋଇଯାଇଛି। ଏହିଅବସରରେ ଭାଇଚାରା ଓ ସଦ୍‌ଭାବନା ବଜାୟ ରଖିବାକୁ ବିଭିନ୍ନ ମସ୍‌ଜିଦରେ ସମୂହ ନମାଜପାଠ କରାଯାଇଥିଲା। କାଜିହାଟଠାରେ ଥିବା ମସଜିଦ୍‌ରେ ହଜାର ହଜାର ମୁସଲମାନ ଭାଇଙ୍କୁ ସୟଦ୍ ମୌଲାନା ନକିବୁଲ ଅମିନ୍ ବର୍କି କାଶିମ୍ ନମାଜପାଠ କରାଇଥିଲେ। କାର୍ଯ୍ୟକ୍ରମରେ ମୌଲାନା ଅଞ୍ଜର ନକି, ମୌଲାନା ଜୟମୁଲ ଇସଲାମ୍ କାଶିମ୍, ମୌଲାନା ଅଜଗର, ସୟଦ୍ ନୟର ଫାଏକ୍, ହାଫିଜ୍ ନବାବ ଅହମ୍ମଦ ପ୍ରମୁଖ ଉପସ୍ଥିତ ରହି ଇସଲାମ ଧର୍ମ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ବସୁପଦା, ବାହାବଳପୁର, ସରପଡ଼ା, କଟିକଟା, ଅସୁରେଶ୍ୱର, ସୁକରପଡା, ହଳଧରପୁର, ପାରସାଇଲୋ, ମହମ୍ମଦପୁର, କାକୁଡିଆପଡା ଓ ନରେନ୍ଦ୍ରପୁର ଆଦି ମସଜିଦରେ ମୁସଲମାନ ଭାଇମାନେ ସମୂହ ନମାଜ ପାଠ କରିଥିଲେ। ପରେ ପରସ୍ପରକୁ କରମର୍ଦ୍ଦନ କରିଥିଲେ।

**ତିଗିରିଆ,(ଡି.ଏନ.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳ ଓ କରଡ଼ାପଲ୍ଲୀଠାରେ ସୋମବାର ମୁସଲମାନ ସମ୍ପ୍ରଦାୟର ତ୍ୟାଗ ଓ ବଳିଦାନର ପର୍ବ ପବିତ୍ର ଇଦ୍-ଉଲ-ଜୁହା ପାଳିତ ହୋଇଯାଇଛି। ଜମାତ ଅହମ୍ମଦିୟା ପଙ୍କାଳ ଇଦ୍‌ଗାଠାରେ ମୌଲାନା ମହମ୍ମଦ ମେରାଜ ଅଲ୍ଲୀ ସମବେତ ପୁରୁଷଙ୍କୁ ଇଦ୍ ନମାଜ ପାଠ କରାଇବା ସହିତ ହଜରତ ଇବ୍ରାହିମ୍‌ଙ୍କ ତ୍ୟାଗ ଓ ବଳିଦାନ ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ପଙ୍କାଳ ଗ୍ରାମ ଜାମା ମସ୍‌ଜିଦଠାରେ ମୌଲାନା ତୟବ ଅହମ୍ମଦ ସମବେତ ମହିଳା(ଲଜନା)ଙ୍କୁ ଇଦ୍ ନମାଜ ପାଠ କରାଇଥିଲେ। ବ୍ଲକର ଅନ୍ୟତମ ଅହମ୍ମଦିୟା ଗ୍ରାମ କରଡ଼ାପଲ୍ଲୀ ଜାମା ମସ୍‌ଜିଦଠାରେ ମୌଲାନା ହଲିମ୍ ଅହମ୍ମଦ ଖାଁ ସମବେତ ମହିଳା ଓ ପୁରୁଷଙ୍କୁ ଇଦ୍ ନମାଜ ପାଠ କରାଇଥିଲେ। ପଙ୍କାଳ ଗ୍ରାମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟି ସଭାପତି ରୋଷନ ଖାଁ, ଯୁବ ଅହମ୍ମଦିୟା ସଭାପତି ସାଦ୍ଧିକ ଅହମ୍ମଦ ଓ ୟାମିନ ଖାଁ ପ୍ରମୁଖ ସହଯୋଗ କରିଥିଲେ।

**ବାଙ୍କୀ,(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଅଧୀନ ରଗଡ଼ି ମସ୍‌ଜିଦ୍‌ଠାରେ ସାମାଜିକ କର୍ମୀ ଗୌତମ ମିଶ୍ରଙ୍କ ନେତୃତ୍ୱ ଏବଂ ମସ୍‌ଜିଦ୍ ସଭାପତି ଅବ୍‌ଦୁଲ୍ ସତାର ଖାଁଙ୍କ ସହଯୋଗରେ ଇଦ୍-ଉଲ୍-ଜୁହା ପାଳିତ ହୋଇଯାଇଛି। ସାମାଜିକ କର୍ମୀ ମିଶ୍ର ଉପସ୍ଥିତ ମୁସିଲିମ୍ ଭାଇମାନଙ୍କୁ ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ମସ୍‌ଜିଦ୍ ସଭାପତି ଖାଁ ପରସ୍ପରକୁ ଭଲ ପାଇବାକୁ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଲିଆକତ୍ ଖାଁ, ଖଲିଲ୍ ଖାଁ, ମୋହରମ୍ ଖାଁ, ଅମୀର ଖାଁ, ସହିଲ ଖାଁ ଓ ରିଆଜ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।



ତିଗିରିଆରେ ମୁସଲମାନ ଭାଇମାନେ ପରସ୍ପରକୁ ଶୁଭେଚ୍ଛା ଜଣାଉଛନ୍ତି।



ବାଙ୍କୀ ରଗଡ଼ି ମସ୍‌ଜିଦ୍‌ଠାରେ ହିନ୍ଦୁ ଓ ମୁସଲମାନ ଭାଇମାନେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଇଦ୍-ଉଲ୍-ଜୁହା ପାଳିତ

**ଚୌଦ୍ୱାର,୧୨।୮(ଡି.ଏନ୍.ଏ.):** ଚୌଦ୍ୱାର ଓ ଏହାର ଆଖପାଖ ଅଞ୍ଚଳରେ ଇଦ୍-ଉଲ-ଜୁହା ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ସୋମବାର ସକାଳେ ସ୍ଥାନୀୟ ମସଜିଦ୍ ଓ ପୂର୍ବାହ୍ନରେ ଚୌଦ୍ୱାର ପୌରପାଳିକା ଅଧୀନ ଚାଟେଶ୍ୱର ମନ୍ଦିର ନିକଟସ୍ଥ ଇଦ୍‌ଗା ପଡ଼ିଆରେ ସମୂହ ନମାଜପାଠ ହୋଇଥିଲା। ସ୍ଥାନୀୟ ଗୁଲ୍‌ସନ୍-ଇ-ଇସ୍‌ଲାମ୍ ମଦ୍ରାସାର ମୁଖ୍ୟ ମୌଲାନା ଜନାବ୍ ସାଫୁଦ୍ଦିନ୍ ସକାଫି ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ନମାଜ ପାଠ କରାଇଥିଲେ। ମୌଲାନା ଜନାବ୍ ମୋବାରକ୍ ହୋସେନ କହିଥିଲେ, ସମାଜର ଦୁର୍ବଳ ବର୍ଗଙ୍କ ହିତ ପାଇଁ ତ୍ୟାଗ ହେଉଛି ଇସ୍‌ଲାମ୍ ଧର୍ମର ଏକମାତ୍ର ପନ୍ଥା। ମୁନଷ୍ଟାର କ୍ଲବର ସେକ୍ ସାଜିଦ୍ ଚାନ୍ଦ୍, କରିମ୍ ବକ୍ସ, ଖାଲିଦ୍ ଚାନ୍ଦଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ। ସେହିପରି ବିଲତେରୁଆଁ, ସାଇଣ୍ଡୋ, ବାଣୀପଦା, ବ୍ରହ୍ମପୁର, ଦେଉଳଟୁଆ ଅଞ୍ଚଳରେ ଥିବା ମସ୍‌ଜିଦ୍‌ରେ ସମୂହ ନମାଜ ପାଠ ହୋଇଥିଲା।

### ଜାତୀୟ ଗ୍ରନ୍ଥାଗାର ଦିବସ

**କଟକ ଅଫିସ, ୧୨।୮:** ସାମାଜିକ ଅନୁଷ୍ଠାନ ସମୀଚୀନ ଆନୁକୂଲ୍ୟରେ ସ୍ଥାନୀୟ ମର୍କତ ନଗରଠାରେ ଜାତୀୟ ଗ୍ରନ୍ଥାଗାର ଦିବସ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ଜିଲା ଉତ୍କଳ ସମ୍ମିଳନୀର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟକ୍ତିର ପଠନ ଅଭ୍ୟାସକୁ ବଳବତ୍ତର କରିବା ପାଇଁ ପାଠାଗାରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଅତିଥି ଡ. ପରିଣୀତା ଦାସ ଯୋଗଦେଇ ବର୍ତ୍ତମାନ ଇଣ୍ଟରନେଟ୍, ସୋସିଆଲ ମିଡ଼ିଆ ଯୁଗରେ ଇ-ବୁକ୍, ଇ-ଜର୍ନାଲ ପାଠାଗାର ବିକଳ୍ପ ଭାବେ ଉଭା ହେଲାଣି ବୋଲି ସୂଚନା ଦେଇଥିଲେ। ଯଦି ସୋସିଆଲ୍ ମିଡ଼ିଆକୁ ଡିଜିଟାଲ ଲାଇବ୍ରେରୀ ସହିତ ଯୋଡ଼ି ଦିଆଯାଏ, ତା'ହେଲେ ବହୁ ପାଠକ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ। ଏଥିରେ ଡ. ପବିତ୍ର ମହାନ୍ତି, ସଂଯୁକ୍ତା ବେହେରା, ରାମଚନ୍ଦ୍ର ଦାସଙ୍କ ସମେତ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦିକା ସୋନାଲ ମହାରଣା ଧନ୍ୟବାଦ ଦେଇଥିଲେ।

### ମୋବାଇଲ ଆପ୍, ୱେବ୍‌ସାଇଟ୍ ଲୋକାର୍ପିତ

**କଟକ ଅଫିସ, ୧୨।୮:** ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ସୋମବାର କ୍ରାନ୍ତି ଓଡ଼ିଶା ଖବରକାଗଜର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ରାନ୍ତି ଓଡ଼ିଶା ପକ୍ଷରୁ ନିଜର ମୋବାଇଲ ଆପ୍ ଓ ୱେବସାଇଟ ଲୋକାର୍ପିତ ହୋଇଛି। ଏଥିରେ ମୁଖ୍ୟବକ୍ତା ଭାବେ କ୍ରାନ୍ତି ଓଡ଼ିଶାର ମୁଖ୍ୟ ସମ୍ପାଦକ ଅଭିଷେକ ଯୋଶୀ ଯୋଗଦେଇ ସ୍ମାର୍ଟଫୋନ ଯୁଗରେ କ୍ରାନ୍ତି ଓଡ଼ିଶାର ମୋବାଇଲ ଆପ ଲୋକମାନଙ୍କୁ ସବୁବେଳେ ଖବର ସହିତ ଯୋଡ଼ି ରଖିବାରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସଞ୍ଜୟ କୁମାର ଦାସ ଓ ବିଶିଷ୍ଟ ସାମାଜିକ କର୍ମୀ ପ୍ରହ୍ଲାଦ ଖଣ୍ଡେଲୱାଲ ଯୋଗଦେଇଥିଲେ। ଏହି ଅବସରରେ କ୍ରାନ୍ତି ଓଡ଼ିଶାର ପ୍ରକାଶକ ସବ୍ୟସାଚୀ ଶତପଥୀ, ଡା. ଧ୍ରୁବଚରଣ ନାଥ, ଶିଳ୍ପପତି ମହମ୍ମଦ ଆଲିମ, ସୂଚନା ଅଧିକାର କର୍ମୀ ଶୁଭେନ୍ଦୁ ପ୍ରକାଶ ରାଏ, ସାମାଜିକ କର୍ମୀ ଶେଖ୍ କାମିଲୁଦ୍ଦିନ ଅହମ୍ମଦ, ନୃତ୍ୟକାର ସୁଜିତ ବେହେରା, କାହ୍ନୁଚରଣ ପାତ୍ର, ସନ୍ଧ୍ୟା ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗିରିଜା ପ୍ରସନ୍ନ ଦାସ ସଭା ପରିଚାଳନା କରିଥିଲେ।

### ଧବଳେଶ୍ୱରଙ୍କୁ ଜଳଲାଗି କଲେ ୩୦ ହଜାର କାଉଡିଆ

**ଖୁଣ୍ଟୁଣୀ,୧୨।୮(ଡି.ଏନ୍.ଏ.):** ଶ୍ରାବଣ ମାସର ଶେଷ ସୋମବାରରେ ଆଠଗଡର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ୩୦ ହଜାରରୁ ଊର୍ଦ୍ଧ୍ୱ କାଉଡିଆ ଧବଳେଶ୍ୱରଙ୍କୁ ଜଳଲାଗି କରିଥିବା ଆଠଗଡ ଦେବୋତ୍ତର ବିଭାଗ ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ଗୁରୁଡିଝାଟିଆ ଥାନାଧିକାରୀ ବିଜୟ କୁମାର ବିସି, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲଙ୍କ ନେତୃତ୍ୱରେ ଭକ୍ତମାନେ ବ୍ୟାରିକେଡ ମଧ୍ୟରେ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ରବିବାର ରାତିରୁ ଆସିଷ୍ଟାଣ୍ଟ କଲେକ୍ଟର ଶିବାଶିଷ ପରିଡା, ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓ ପୀଠରେ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପରାମର୍ଶ ଦେଇଥିବାବେଳେ ସୋମବାର ସକାଳୁ ଉପଜିଲାପାଳ ଅମିୟ କୁମାର ସାହୁ ଉପସ୍ଥିତ ରହି ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଥିଲେ।



ଲଗାଣ ବର୍ଷା ଯୋଗୁ ସିଏମ୍‌ସି କାର୍ଯ୍ୟାଳୟ ରୋଡ଼, ଓଏମ୍‌ପି ଓଭରବ୍ରିଜ ନିକଟ ରାସ୍ତା ଉପର ଓ ବାଦାମ୍‌ବାଡ଼ି ବସ୍‌ଷ୍ଟାଣ୍ଡ ମୁଖ୍ୟ ରାସ୍ତାରେ ଜମି ରହିଥିବା ପାଣି।

# ବର୍ଷାରେ ଡ୍ରେନ୍, ରାସ୍ତା ଏକାକାର

**କଟକ ଅଫିସ, ୧୨।୮**

ଲଘୁଚାପ ଜନିତ ଲଗାଣ ବର୍ଷାଯୋଗୁ ସୋମବାର କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳ ସମେତ ସହରର ବିଭିନ୍ନ ସ୍ଥାନରେ ପାଣି ଜମି ରହିଛି। ବିଶେଷକରି ସିଏମ୍‌ସି କାର୍ଯ୍ୟାଳୟକୁ ଯିବା ବାଟରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ସେହିପରି ସହରର ପୁରୀଘାଟ ରୋଡ୍, ମଠସାହି, ଛତ୍ରବଜାର, ମଙ୍ଗଳାବାଗ, ରାଉସାପାଟଣା, କାଠଗଡା ସାହି, ଉପର ତେଲେଙ୍ଗା ବଜାର, ବକ୍ସିବଜାରି ରୋଡ୍ ସମେତ ବିଭିନ୍ନ ୱାର୍ଡରେ ଆଣ୍ଠୁଏ ଉଚ୍ଚର ପାଣି ଲହଡ଼ି ମାରୁଥିବା ଦେଖିବାକୁ ମିଳିଥିଲା। ଏପରି କି ୱାର୍ଡରେ ଥିବା ସମସ୍ତ ଡ୍ରେନର ପାଣି ରାସ୍ତାରେ ଭାସୁଥିଲା ଯାହାକି ରାସ୍ତା ଓ ଡ୍ରେନ୍ ଏକାକାର ହୋଇପଡିଥିଲା। କେତେକ ସ୍ଥାନରେ ପାଣିର ମାତ୍ରା ଏତେ ଅଧିକ ଥିଲା ଯେ ଲୋକେ ସେହି ରାସ୍ତାରେ ଯାତାୟତ କରିପାରି ନ ଥିଲେ। ମଙ୍ଗଳାବାଗ ଅଞ୍ଚଳରେ ପାଣି ମଝିରେ କାର କିଛି ସମୟ ପାଇଁ ଅଟକି ଯାଇଥିଲା। ବର୍ଷା ଯୋଗୁ ଘରେ ପାଣି ପଶିଥିବା ସହରବାସୀ କହିଛନ୍ତି। ଅନ୍ୟପକ୍ଷରେ ପ୍ରତି ୱାର୍ଡରେ ଜାଇକା କାମ ଚାଲିଥିବାରୁ ରାସ୍ତାକୁ ଖୋଳି ଦିଆଯାଇଛି। ଫଳରେ ବଡ଼ ବଡ଼ ଖାଲରେ ବର୍ଷାପାଣି ଜମି ରହିଛି। ଲୋକମାନେ ଖାଲ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଜଳ ନିଷ୍କାସନ ପାଇଁ ସିଏମ୍‌ସି ପକ୍ଷରୁ ପମ୍ପସେଟ୍ ବ୍ୟବସ୍ଥା ହୋଇଛି। ହେଲେ କିଛି ସ୍ଥାନରେ ପମ୍ପସେଟ୍ ଚାଲୁ ହୋଇ ନ ଥିବା ଅଭିଯୋଗ ହୋଇଛି। ବର୍ଷା କମିଥିଲେ ମଧ ଡ୍ରେନ୍‌ରେ ଜଳ ନିଷ୍କାସନ ଠିକ୍‌ଭାବେ ନ ହୋଇପାରିବାରୁ ରାସ୍ତାରେ ପାଣି ଜମି ରହିଥିଲା। ସୋମବାର ଇଦ୍-ଉଲ୍-ଜୁହା ଥିବାରୁ ଅଫିସ ଛୁଟି ରହିଥିଲା। ବର୍ଷାପାଣିରେ ସହର ବୁଡ଼ି ରହିଥିଲେ ମଧ ସିଏମ୍‌ସି ଅଧିକାରୀଙ୍କ ଦେଖା ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି।





କାର୍ଯ୍ୟରେ ନ ଲାଗି ରଖାଯାଇଥିବା ପମ୍ପସେଟ୍।



" ବର୍ଷା ପୂର୍ବରୁ ସିଏମ୍‌ସି ପକ୍ଷରୁ ଡ୍ରେନ୍ ସଫା କରାଯିବାର ଥିଲା। କିନ୍ତୁ ସିଏମ୍‌ସି ଦାୟିତ୍ୱରେ ଅବହେଳା କରିବାରୁ ତା'ର ପରିଣାମ ସ୍ୱରୂପ ଅଞ୍ଚଳବାସୀ ଜଳବନ୍ଦୀରେ ରହୁଛନ୍ତି। ବର୍ଷା ହେଲେ ଜଳ ନିଷ୍କାସନ କଥା ମନେପଡୁଛି। କେତୋଟି ପମ୍ପସେଟ୍ ଲଗାଇ ଜଳ ନିଷ୍କାସନ କରିଦେଲେ ଦାୟିତ୍ୱ ସରିଗଲା ବୋଲି ଅଧିକାରୀମାନେ ଭାବୁଛନ୍ତି। ଡ୍ରେନ ସଫା କରାଯାଉଛି। ମାତ୍ର ସେଥିରୁ ବାହାରୁଥିବା ଆବର୍ଜନାକୁ ଅନ୍ୟତ୍ର ନ ନିଆଯାଇ ଡ୍ରେନ୍ ପାର୍ଶ୍ୱରେ ଗଦା କରାଯାଉଛି। ଫଳରେ ବର୍ଷା ହେଲେ ଏହା ଧୋଇଯାଇ ପୁଣିଥରେ ଡ୍ରେନ୍ ମଧ୍ୟରେ ପଶି ଜଳ ନିଷ୍କାସନରେ ବାଧକ ସୃଷ୍ଟି କରୁଛି।

**- ଦିଲୀପ ଶର୍ମା, ବାଖରାବାଦ, କଟକ**



" ସହର ତଳି ଅଞ୍ଚଳଗୁଡ଼ିକରେ ପାଣି ଜମି ରହୁଛି। ବର୍ଷା ହେଲେ ଆମ ଅଞ୍ଚଳର ଲୋକଙ୍କ ଘରେ ପାଣି ପଶୁଛି। ସହରର ବିଭିନ୍ନ ଡ୍ରେନ୍‌ରେ ପାଣି ଭର୍ତ୍ତି ହୋଇଯିବା ଫଳରେ ଉଦ୍‌ବୃତ୍ତ ଜଳ ରାସ୍ତାରେ ଭାସୁଛି। ଏଥିଯୋଗୁ ଯାତାୟାତରେ ସମସ୍ୟା ହେଉଛି। ଏପରି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଥିଲେ ମଧ ସମାଧାନର ବାଟ ବାହାରି ପାରୁନାହିଁ। ଫଳରେ ଅଞ୍ଚଳବାସୀ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

**- ଅନିଲ କୁମାର ଶର୍ମା, କାଠଗଡ଼ା ସାହି, କଟକ-୧**



" ଛୁଟି ଥିଲେ ମଧ କର୍ମଚାରୀମାନେ ଆସି ନିଜ କାର୍ଯ୍ୟ କରିଛନ୍ତି। ଅଳ୍ପ ସମୟ ମଧରେ ଅଧିକ ବର୍ଷା ହୋଇଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା। ବହୁ ଜାଗାରେ ପମ୍ପସେଟ୍ ମାଧମରେ ପାଣି ନିଷ୍କାସନ କରାଯାଉଛି। ଯେଉଁ ସ୍ଥାନରେ ପାଣି ଜମି ରହିଥିବା ଖବର ଆସୁଛି ସେଠାରେ ସିଏମ୍‌ସି ଅଧିକାରୀମାନେ ପହଞ୍ଚି ପାଣି ନିଷ୍କାସନ କରୁଛନ୍ତି।

**- ଅନନ୍ୟା ଦାସ, ସିଏମ୍‌ସି କମିଶନର**

## ପାଚିକା ସହାୟିକା ସଂଘ ସମ୍ମିଳନୀ

**କଟକ ଅଫିସ,୧୨।୮**

କଟକବାଖରାବାଦ୍‌ସ୍ଥିତଗାନ୍ଧୀଭବନଠାରେ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘର ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଏସ୍‌ୟୁସିଆଇ(ସି)ର କଟକ ଜିଲା ସମ୍ପାଦକ କମ୍ରେଡ ବିଶ୍ୱାବସୁ ଦାସ ଯୋଗଦେଇ ପାଚିକା ସହାୟିକାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ପାଚିକାମାନେ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିବାରୁ ସ୍ୱଳ୍ପ ଦରମାରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ବିଭିନ୍ନ ସ୍କୁଲରେ କାମ କରି ଆସୁଛନ୍ତି। ଏବେ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ଯୋଗୁ ସେମାନେ ଜୀବନ ନିର୍ବାହ କରିବା କଷ୍ଟକର ହେଉଛି। ସେମାନଙ୍କ ସାମାଜିକ ସ୍ଥିତି ପ୍ରତି ସରକାରଙ୍କର ଉଦାସୀନ ମନୋଭାବ ଅତ୍ୟନ୍ତ ଦୁଃଖଦାୟକ ବୋଲି ସେ କହିଥିଲେ। ସେହିପରି କୋଷାଧ୍ୟକ୍ଷ ଖଗେଶ୍ୱର ସେଠୀ କହିଥିଲେ, ବିକାଶ ନାମରେ ବିଭିନ୍ନ ଯୋଜନା ଘୋଷଣା କରାଯିବା ସ୍ଥଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାଚିକା ସହାୟିକାମାନଙ୍କୁ ଅଣଦେଖା କରିଆସୁଛନ୍ତି। ସେମାନଙ୍କ ଚାକିରିର ସ୍ଥାୟିତ୍ୱ ଆଣିବା ପରିବର୍ତ୍ତେ ସେମାନଙ୍କୁ କାମରୁ ଅନ୍ତର କରିବା ପାଇଁ ମଧ୍ୟାହ୍ନଭୋଜନ ବ୍ୟବସ୍ଥାକୁ ଘରୋଇ କମ୍ପାନୀକୁ ହସ୍ତାନ୍ତର କରୁଛନ୍ତି। ଶ୍ରମିକମାନେ ନିଜର ଦାବି ହାସଲ ପାଇଁ ଦୁର୍ବାର ଆନ୍ଦୋଳନ କରିବା ଛଡ଼ା ଅନ୍ୟ ଉପାୟ ନାହିଁ ବୋଲି ସେ ଆହ୍ୱାନ ଦେଇଥିଲେ।



ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

## ରାସ୍ତା ସମ୍ପ୍ରସାରଣ ପାଇଁ ପୋତାଯାଉଛି ଡ୍ରେନ

**ଖୁଣ୍ଟୁଣୀ,୧୨।୮(ଡି.ଏନ୍.ଏ.)**

୫୫ନଂ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଯେତିକି ମନ୍ଥର ଗତିରେ ଚାଲିଛି, ଜନସାଧାରଣଙ୍କ ସମସ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ପୂର୍ବରୁ ଖୁଣ୍ଟୁଣୀ ଗ୍ରାମରୁ ବର୍ଷାଜଳ ଓ ଡ୍ରେନ ପାଣି ନିଷ୍କାସନ ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଗତ ୩୦ବର୍ଷ ତଳେ ଖୁଣ୍ଟୁଣୀ ବଜାରର ଉଭୟ ପାର୍ଶ୍ୱରେ ଡ୍ରେନ ବ୍ୟବସ୍ଥା କରାଯାଇଥିଲା। ପରେ ରାସ୍ତା ସମ୍ପ୍ରସାରଣ ପାଇଁ ନିର୍ଦ୍ଦେଶ ଆସିବା ପରେ ଗତ ୬ମାସ ତଳେ ଜନୈକ ଠିକାଦାର ରାସ୍ତା ପାର୍ଶ୍ୱରେ ଥିବା ଘରଗୁଡ଼ିକୁ ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରିଥିଲେ। ଫଳରେ ଭଙ୍ଗା ଇଟା, କାଙ୍କ୍ରିଟ ଆଦି ସାମଗ୍ରୀ ଡ୍ରେନ ପଡିବାରୁ ଡ୍ରେନଟି ସମ୍ପୂର୍ଣ୍ଣ ପୋତି ହୋଇଯାଇଥିଲା।

**ରାଜପଥ ଉପରେ ଜମୁଛି ପାଣି**

ବର୍ତ୍ତମାନ ଏବେ ଲଘୁଚାପଜନିତ ବର୍ଷା ଯୋଗୁ ଗ୍ରାମ ମଧ୍ୟରୁ ବୋହି ଆସୁଥିବା ବର୍ଷାଜଳ ଡ୍ରେନରେ ନ ଯାଇପାରି ଜାତୀୟ ରାଜପଥ ଉପରେ ଜମି ରହୁଛି। ସାଧାରଣ ଲୋକେ ଯାତାୟାତ ବେଳେ ହନ୍ତସନ୍ତ ହେଉଛନ୍ତି। ଏହାସହ ଦୁଇ ପାର୍ଶ୍ୱରେ ଥିବା ଉଠାଦୋକାନୀମାନେ ମଧ ଏଥିରେ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଏପିରିକି ବାଇକ୍ ଆରୋହୀ ମଧ ରାସ୍ତା ଉପରେ ଖାଲଢ଼ିପ ଥିବାରୁ ପାଣି ଜମି ରାସ୍ତା ଜଣାପଡୁ ନ ଥିବାରୁ ସେ ରାସ୍ତାରେ ଯିବାକୁ ନିରାପଦ ମଣୁ ନାହାନ୍ତି। ରାସ୍ତା ନିର୍ମାଣ ପୂର୍ବରୁ ପ୍ରଥମେ ଡ୍ରେନ କାର୍ଯ୍ୟ କରି ଗ୍ରାମରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନ କରି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରୁଥିବାର ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ୍ୟ କମିଟି ସମ୍ପାଦକ ଦିଲୀପ ଶେଠ, ବିପିନ ବିହାରୀ ପ୍ରଧାନ, କିଶୋର ସାମନ୍ତରାୟ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ରାସ୍ତାପାର୍ଶ୍ୱ ଡ୍ରେନ କାମକୁ ଆରମ୍ଭ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଠିକା କାର୍ଯ୍ୟରେ ନିୟୋଜିତ ଥିବା ପିଲୁ ପଣ୍ଡା କୁହନ୍ତି, ଏ ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣି ତୁରନ୍ତ ଡ୍ରେନ କାମ କରିବାକୁ ଉଦ୍ୟମ କରାଯାଉଛି। ତେବେ ରାସ୍ତାପାର୍ଶ୍ୱକୁ କିଛି ଘର ଭଙ୍ଗା ହୋଇପାରି ନ ଥିବାରୁ ଏହା ପ୍ରତିବନ୍ଧକ ସୃଷ୍ଟି କରିଛି। ଖୁବଶୀଘ୍ର ଏହା ଶେଷ କରାଯିବ।

## ସାପ କାମୁଡ଼ାରେ ଯୁବକ ମୃତ

**କଟକ ସଦର,୧୨।୮(ଡି.ଏନ୍.ଏ.)**

ରବିବାର ରାତିରେ ସାପ କାମୁଡାରେ କିଶୋର ନଗର ଥାନା ଅଧୀନ କୁରୁଳି ଗ୍ରାମର ସୁନାକର ଖଟୁଆଙ୍କ ମୃତ୍ୟୁ ଘଟିଛି। ସେ ଗୁହାଳରେ ଗୋରୁମାନଙ୍କୁ ଖାଇବାକୁ ଦେଉଥିବାବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ମଙ୍ଗଳାବାଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସାର୍ବଜନୀନ ଶିକ୍ଷାକୁ ସଙ୍କୁଚିତ କରିବ ଜାତୀୟ ଶିକ୍ଷାନୀତି

**କଟକ ଅଫିସ, ୧୨।୮**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓସ୍ଷ୍ଟା) ପକ୍ଷରୁ ରାଜ୍ୟର ୩୧୪ ବ୍ଲକ ଓ ୮ଟି ସାଙ୍ଗଠନିକ ବ୍ଲକର ସମ୍ପାଦକଙ୍କୁ ନେଇ କଟକ ସ୍ଥିତ ଓସ୍ଷ୍ଟା କାର୍ଯ୍ୟାଳୟରେ ଚାଲିଥିବା ଦୁଇ ଦିନିଆ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ପ୍ରସ୍ତାବିତ ଜାତୀୟ ଶିକ୍ଷାନୀତି ୨୦୧୯ର ଖସଡ଼ା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓସ୍ଷ୍ଟା ସର୍ବଭାରତୀୟ ବିଦ୍ୟାଳୟ ଶିକ୍ଷକ ମହାସଂଘ (ଏସ୍‌ଟିଏଫ୍‌ଆଇ) ସହ ସହବନ୍ଧିତ ହୋଇଥିବାବେଳେ ଏହି ସର୍ବଭାରତୀୟ ଶିକ୍ଷକ ମହାସଂଘର ସୋମବାର ସ୍ୱନକ୍ଷତ୍ର ଦିବସ ଥିଲା। ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ସର୍ବଭାରତୀୟ ଶିକ୍ଷକ ନେତା କେ. ରାଜେନ୍ଦ୍ରନ ଯୋଗଦେଇ କହିଥିଲେ, ଉକ୍ତ ଶିକ୍ଷାନୀତି ଗୃହୀତ ହେଲେ ସାର୍ବଜନୀନ ଶିକ୍ଷା ସଙ୍କୁଚିତ ହେବ ଏବଂ ଘରୋଇ ଶିକ୍ଷାର ବେପାର ବୃଦ୍ଧି ହେବ। ବିଶିଷ୍ଟ ଶିକ୍ଷାବିତ୍ ସୁରେନ୍ଦ୍ର ଜେନା ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୧୯କୁ କେନ୍ଦ୍ର ସରକାର ଭାରତବର୍ଷର ୧୩୦କୋଟି ଜନସାଧାରଣଙ୍କ ଉପରେ ତରବରିଆ ଭାବେ ଲଦି ଦେବାକୁ ଯାଉଛନ୍ତି ବୋଲି କହିଥିଲେ। ଏହି ଶିକ୍ଷାନୀତି ପ୍ରଣୀତ ହେଲେ ସରକାରୀ ଶିକ୍ଷା ବ୍ୟବସ୍ଥା ସଙ୍କୁଚିତ ହେବ, ଭାରତବର୍ଷର ଧର୍ମ ନିରପେକ୍ଷତା ଉପରେ ଆଘାତ ଆସିବ, ଶିକ୍ଷା ବ୍ୟବସାୟୀଙ୍କ ବ୍ୟବସାୟ ବଢ଼ିବ ଏବଂ ମୁଷ୍ଟିମେୟ ଲୋକଙ୍କ ହାତକୁ ଶିକ୍ଷା ଚାଲିଯିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଓସ୍ଷ୍ଟାର ସଭାପତି ବିନୋଦ ବିହାରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅନ୍ୟତମ ଅତିଥି ଭାବେ ସର୍ବଭାରତୀୟ ଶିକ୍ଷକ ନେତ୍ରୀ ଚାରୁଲତା ମହାପାତ୍ର ଯୋଗଦେଇଥିଲେ। ପ୍ରାରମ୍ଭରେ ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଏହାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଓସ୍ଷ୍ଟାର କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ତ୍ରିପାଠୀ, ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା ଯୋଗଦେଇ ଆଲୋଚନାଚକ୍ରର ନିର୍ଯ୍ୟାସକୁ ତୃଣମୂଳସ୍ତରକୁ ନେବା ପାଇଁ ଉପସ୍ଥିତ ସମସ୍ତ ଜିଲା ସମ୍ପାଦକ ଓ ବ୍ଲକ ସମ୍ପାଦକଙ୍କୁ ଆହ୍ୱାନ ଦେଇଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

## ବୋଲ୍‌ବମ୍ ହର୍‌ହର୍ ବମ୍‌ରେ ପ୍ରକମ୍ପିତ ଶୈବ ପୀଠ

**ଶ୍ରାବଣର ଶେଷ ସୋମବାର**

**କଟକ ଅଫିସ, ୧୨।୮**

ଶ୍ରାବଣ ମାସର ଶେଷ ସୋମବାରରେ ବିଭିନ୍ନ ଶୈବପୀଠରେ କାଉଡିଆମାନଙ୍କ ଲମ୍ବା ଧାଡି ଲାଗିଥିବା ଦେଖିବାକୁ ମିଳିଥିଲା। ଭୋଲେ ବାବା ପାର୍ କରେଗା, ଜଟିଆ ବାବା ପାର୍ କରେଗା, ବୋଲ୍‌ବମ୍ ହରହର ବମ୍‌ରେ ସମସ୍ତ ଶୈବପୀଠ ପ୍ରକମ୍ପିତ ହୋଇଥିଲା। ଦେହରେ ଗେରୁଆ ବସ୍ତ୍ର, ହାତରେ ବାହୁଙ୍ଗି, କାନ୍ଧରେ କଳସି, ପାଟିରେ ମହାଦେବଙ୍କ ଜପ ସମଗ୍ର ଶୈବପୀଠରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। କାଉଡ଼ିଆମାନେ କାହିଁ କେଉଁ ଦୂରରୁ ପାଣି ଆଣି ମହାଦେବଙ୍କୁ ଜଳଲାଗି କରିଥିଲେ। ଏଥିପାଇଁ ଅମରେଶ୍ୱର, ଯୋବ୍ରାର ପାରେଶ୍ୱର ମହାଦେବ, ଅଷ୍ଟଶମ୍ଭୁ ମନ୍ଦିର, ଉତ୍ତରେଶ୍ୱର ମହାଦେବ ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭୋର ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ଠାକୁରଙ୍କ ବିଭିନ୍ନ ନୀତି ସହ ବଡସିଂହାର ବେଶ କରାଯାଇଥିଲା। ଜଳଲାଗି କରିବା ପାଇଁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମନ୍ଦିରରେ ଭିଡ଼ ଲାଗିଥିଲା। ଏହାପରେ ନୀତିଆଳତି କରାଯାଇଥିବା ଉତ୍ତରେଶ୍ୱର ମହାଦେବ ମନ୍ଦିର ପୂଜକ ସୁନୀଲ ସଂଘମିତ୍ର ପଣ୍ଡା କହିଛନ୍ତି। କଟକ ମହାନଗର ନିଗମ ପକ୍ଷରୁ ବିଭିନ୍ନ ଶୈବପୀଠକୁ ସ୍ୱଚ୍ଛ ରଖିବା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ଡେପୁଟି କମିଶନର ଦେବାଶିଷ ମହାନ୍ତି କହିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ କାଉଡିଆମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ସହ ଭଜନ ସମାରୋହ ଆୟୋଜନ କରାଯାଇଥିଲା।



ମା’ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ ।।
–ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଇଦ୍-ଉଲ୍-ଜୁହା ପାଳିତ


**ଖୋର୍ଦ୍ଧା ଅଫିସ/ବୋଲଗଡ/କୃଷ୍ଣପ୍ରସାଦ, ୧୨।୮(ଡି.ଏନ.ଏ.):** ଖୋର୍ଦ୍ଧା ବ୍ଲକର କେରଙ୍ଗ, ମୁକୁନ୍ଦପ୍ରସାଦ ଓ କାଇପଦରରେ ଇଦ୍-ଉଲ-ଜୁହା ସୋମବାର ପାଳିତ ହୋଇଯାଇଛି। କେରଙ୍ଗରେ ମୌଲାନା ଫରଜାନ ଅହମ୍ମଦ ଖାଁ ନମାଜ ପାଠ କରିଥିଲେ। ଇଦ୍‌ଗାହା ମଇଦାନାରେ ପୁରୁଷମାନେ ଓ ଜାମା ମସ୍‌ଜିଦ୍‌ରେ ମହିଳାମାନେ ଏକ ସମୟରେ ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ନମାଜ ପାଠ କରିଥିଲେ। ନମାଜ ପରେ ଅବତାର ହଜରତ୍ ଇବ୍ରାହିମ୍ ଓ ପୁତ୍ର ହଜରତ୍ ଇସ୍‌ମାଇଲଙ୍କ ତ୍ୟାଗ୍ ଓ ବଳିଦାନର କଥାକୁ ଆଲୋକପାତ କରିଥିଲେ। ଆରବୀ ଭାଷାରେ ଇଦ୍ ଉଲ୍ ଜୁହା ଅର୍ଥ କୁରବାନୀ, ବଳିଦାନ ବା ତ୍ୟାଗ ବୋଲି କୁହାଯାଇଥିଲା। କୁରବାନୀର ଅନ୍ତର୍ନିହିତ ଶିକ୍ଷା ହେଉଛି ନିଜର ସର୍ବସ୍ୱକୁ ଈଶ୍ୱରଙ୍କ ପାଇଁ ଓ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କରିଦେବା। ଅନ୍ୟପକ୍ଷେ କାଇପଦର ଜାମା ମସ୍‌ଜିଦ୍‌ରେ କୋରାନ ପାଠ ପରେ ଇଦ୍‌ଗା ପଡିଆର ନମାଜ ପାଠ କରାଯାଇଥିଲା। ଅଭିନନ୍ଦନ ଜଣାଇବାକୁ ୧ହଜାରରୁ ଊର୍ଦ୍ଧ୍ୱ ଲୋକ ଆସିଥିଲେ। ଏହା ପରେ ହିନ୍ଦୁ ଓ ମୁସିଲିମ ଲୋକ ଏକତ୍ରିତ ହୋଇ ଚିକେନ୍, ବିରିୟାନି ଖାଉଥିବା ଦେଖିବାକୁ ମିଳିଥିଲା। ସେହିପରି ବୋଲଗଡ଼ ବ୍ଲକର ବିଭିନ୍ନ ମୁସଲମାନ ବସତି ଗ୍ରାମରେ ସୋମବାର ଇଦ୍-ଉଲ୍-ଜୁହା ପାଳିତ ହୋଇଯାଇଛି। ଏହି ଅବସରରେ କାଉଁରୀପାଟଣା, ମାଣିକାଗୋଡା, ଭୀମପଡା, ଅରଖପଲ୍ଲୀ, କେନ୍ଦୁପଲ୍ଲୀ, ଇଚ୍ଛାପୁର, ଚୁଡା, ଜାମୁସାହି, ପାରିକ୍ଷେତା ଓ କଡବ ଆଦି ଗ୍ରାମରେ ଥିବା ଇଦ୍‌ଗାହ ପଡିଆରେ ମୁସଲମାନ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ସମୂହ ନମାଜ ପାଠ କରିଥିଲେ। ସେହିପରି କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଓ ଭଗବାନପୁରରେ ସୋମବାର ମୁସଲମାନ ଭଉଣୀଭାଇମାନେ ଇଦ୍ ପର୍ବ ପାଳନ କରିଛନ୍ତି। ଏଥିଲାଗି ସତ୍ୟପୀର ପୀଠ ଓ ମସ୍‌ଜିଦକୁ ବିଭିନ୍ନ ପ୍ରକାର ଫୁଲ, ଆଲୋକମାଳାରେ ସଜାଯାଇଛି। ଭୋର ୫ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ୫ଥର ସାମୂହିକ ନମାଜ ପାଠ ହୋଇଥିଲା। ପୁରୁଷମାନେ ମସ୍‌ଜିଦରେ ଓ ମହିଳାମାନେ ନିଜ ଘରେ ନିର୍ଦ୍ଧାରିତ ସମୟରେ ନମାଜ ପାଠ କରିଥିଲେ । କୋରାନ ମଧ ପାଠ କରାଯାଇଥିଲା। ଶିଶୁଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ସମସ୍ତେ ଏହି ପର୍ବରେ ସାମିଲ ହୋଇଥିଲେ।

### ବିଭିନ୍ନ ଶିବାଳୟରେ କାଉଡିଆଙ୍କ ଜଳଲାଗି

**ବୋଲଗଡ/ କୃଷ୍ଣପ୍ରସାଦ, ୧୨।୮ (ଡି.ଏନ.ଏ.):** ଶ୍ରାବଣ ମାସର ଶେଷ ସୋମବାରରେ ବୋଲଗଡ ବ୍ଲକର ବିଭିନ୍ନ ଶିବାଳୟରେ କାଉଡିଆମାନେ ଜଳଲାଗି କରିଛନ୍ତି । ବାଙ୍କୋଇସ୍ଥିତ ତାରେଶ୍ୱରଦେବଙ୍କ ପୀଠରେ ଶତାଧିକ କାଉଡିଆଙ୍କ ଭିଡ ଜମିଥିଲା। ପ୍ରାତଃ ସମୟରେ ଠାକୁରଙ୍କ ନୀତି ଆରମ୍ଭ ହୋଇଥିଲା। ପରେ କାଉଡିଆମାନେ ଧାଡିରେ ଯାଇ ଠାକୁରଙ୍କୁ ଜଳଲାଗି କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବାଙ୍କୋଇ ଫାଣ୍ଡି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସାମାଜିକ କର୍ମୀମାନେ ରବିବାର ରାତ୍ରିରୁ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଶୈବପୀଠରେ କାଉଡିଆଙ୍କ ଭିଡ ଲାଗିଥିଲା। ବ୍ଲକର ହଜାର ହଜାର ଭକ୍ତ ଗଞ୍ଜାମ ଜିଲା ଋଷିକୁଲ୍ୟା ନଦୀରୁ ପାଣି ଆଣି ଅଞ୍ଚଳର ଶିବମନ୍ଦିରରେ ଥିବା ଶିବଲିଙ୍ଗରେ ଢାଳିଛନ୍ତି। ଅଞ୍ଚଳର ପ୍ରତ୍ୟକ୍ଷ ଶୈବପୀଠ କମଳେଶ୍ୱରଙ୍କ ପୀଠରେ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ପାଣି ଢାଳିଥିବା ଜଣାଯାଇଛି ।

# ଭାଙ୍ଗିଥିବା ଘରକୁ ମାଟିରେ ମିଶାଉଛି ବର୍ଷା

**ଖୋର୍ଦ୍ଧା ଅଫିସ,୧୨।୮**



ଅଜୟଙ୍କ ଘର ବର୍ଷାରେ ଭୁଶୁଡି ପଡିଛି ।

- ବଢୁଛି ବିପନ୍ନଙ୍କ ଦୁର୍ଦ୍ଦଶା
- ମିଳୁନି ଘରଭଙ୍ଗା ସହାୟତା
- ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ

ବାତ୍ୟା ‘ଫନୀ’ର ୧୦୦ଦିନ ପରେ ବି ବିପନ୍ନମାନେ ଘରଭଙ୍ଗା ସହାୟତା ରାଶି ପାଇନାହାନ୍ତି। କ୍ଷୟକ୍ଷତିର ଭରଣ ହୋଇ ନ ଥିବାବେଳେ ଲଘୁଚାପ ବର୍ଷା ବିପନ୍ନଙ୍କୁ ବେଢି ଉପରେ କୋରଡା ମାଡ ସଦୃଶ ହୋଇଛି। ଫନୀରେ ଭାଙ୍ଗିଥିବା ଘରକୁ ଲଘୁଚାପ ବର୍ଷା ମାଟିରେ ମିଶାଇ ଦେଉଛି। ସୁରକ୍ଷା ଦେଇ ପାରୁନି ଚାଳ ଓ ଅଜବେଷ୍ଟସ ଉପରେ ପଡିଥିବା ପଲିଥିନ। ଘରେ ପାଣି ପଶି ଆସବାବପତ୍ର ନଷ୍ଟ କରିବା ସହ କାନ୍ଥ ଭୁଶୁଡିଗଲାଣି। ଆଉ କେତେକ ଘରର କାନ୍ଥ ଝୁଲି ରହିଥିବା ଦେଖିବାକୁ ମିଳିଛି। ବିକଳ୍ପ ବ୍ୟବସ୍ଥା ନ ଥିବାରୁ ପରିବାରର ସଦସ୍ୟମାନେ ମୁଣ୍ଡ ଗୁଞ୍ଜିବାକୁ ଜାଗା ନ ଥିବାରୁ ଚିନ୍ତାରେ ବିପନ୍ନ ପରିବାର।

ଖୋର୍ଦ୍ଧା ବ୍ଲକ ଅରାଙ୍ଗ ଗ୍ରାମର ଅଜୟ କୁମାର ସାମନ୍ତରାୟ ଜଣେ ଦିନ ମଜୁରିଆ। ଲଘୁଚାପ ବର୍ଷାରେ ତାଙ୍କ ଘର ଭାଙ୍ଗିଯିବା ପରେ ରୋଷେଇ କରିବାକୁ ସ୍ଥାନ ନାହିଁ। ଶୋଇବାକୁ ବଡ ଅସୁବିଧା। ଘରର ଉପକରଣ ରଖିବେ କେଉଁଠି। ଅରାଙ୍ଗ ଗୋଡିସାହିର ଗୌରୀ ଦାସଙ୍କ ଘର ଭାଙ୍ଗି ପଡିଥିଲେ ମଧ ବଞ୍ଚିବା ପାଇଁ ସଂଘର୍ଷ କରିଥିଲେ। ସମ୍ପ୍ରତି କହିଲେ ଗୌରୀଙ୍କର କେବଳ ଏକ ଚାଳ ଛପର ଘର। ଛପର କରିବାକୁ ପାଖରେ ଟଙ୍କା ନ ଥିବାରୁ ଘର ଭାଙ୍ଗିବା ଅବସ୍ଥାକୁ ଆସିଥିଲା। ୫ବର୍ଷ ତଳେ ଗୌରୀଙ୍କ ନାଁରେ ଇନ୍ଦିରା ଆବାସ ଗୃହ ମଞ୍ଜୁର ହୋଇଥିଲା। ହେଲେ ଟଙ୍କା ନ ଥିବାରୁ ସେ ଘର କରି ପାରିବେ ନାହିଁ ବୋଲି ବ୍ଲକ ପ୍ରଶାସନକୁ କହିଥିଲେ। କେହି ଘର ନିର୍ମାଣ କରିଦେଲେ ସେ ବିରୋଧ କରିବେ ନାହିଁ ବୋଲି କହିଥିଲେ। ହେଲେ ପ୍ରଶାସନ କାର୍ଯ୍ୟାଦେଶ ଫେରାଇବାକୁ ପରାମର୍ଶ ଦେବା ପରେ ସେ ଫେରାଇ ଦେଇଥିଲେ । ୫୦୦ ଟଙ୍କା ଭତ୍ତା ଓ ରାଶନ କାର୍ଡରେ ମିଳୁଥିବା ଚାଉଳରେ ଚଳୁଛନ୍ତି। ଫନୀରେ ଘର ଭାଙ୍ଗିଯିବା ପରେ ତାଙ୍କ ଚିନ୍ତା ବଢ଼ିଗଲା। ସରକାର ମୁଣ୍ଡ ଗୁଞ୍ଜିବାକୁ ଘର ତିଆରି କରିବାର ସୁଯୋଗ ଦେଲେ ନାହିଁ। ଟାଙ୍ଗିଆପଡାର ବସନ୍ତ ପ୍ରଧାନ, ଅରାଙ୍ଗ ଆଦିବାସୀ ସାହିର ଦିଲ୍ଲୁ ନାୟକଙ୍କ ମଧ ସମାନ ଅବସ୍ଥା। ସେହିଭଳି ନରଣଗଡ ୧ନଂ. ୱାର୍ଡର ଗଙ୍ଗାଧର ପରିଡା ଓ ୨ନଂ. ୱାର୍ଡର ରାଉଳ ମହାରଣାଙ୍କ ଘର ଭାଙ୍ଗି ଯାଇଛି। ଗଙ୍ଗାଧର ଓ ରାଉଳ କୁହନ୍ତି, ଘରଭଙ୍ଗା ସହାୟତା ରାଶି ମିଳିବା ନେଇ ବିଭିନ୍ନ ସମୟରେ ପ୍ରଶାସନକୁ ଅବଗତ କରାଇଥିଲେ। ବର୍ଷାଋତୁ ଆସିବାକୁ ଥିବାବେଳେ ପୂର୍ବରୁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲୁ। ହେଲେ ଆମ କଥାକୁ ପ୍ରଶାସନ ଗୁରୁତ୍ୱ ଦେଲା ନାହିଁ। ଘର ତିଆରି କରିବାକୁ ଅର୍ଥର ଅଭାବ ଯୋଗୁ ଭାଗ୍ୟକୁ ଦୋଷ ଦେଇ ଓଦା କାକରରେ ପଡି ରହୁଛୁ।

**ଯାଞ୍ଚ ଓ ତଦନ୍ତ ସରୁନି**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ଗ୍ରାମୀଣ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିବ ବୋଲି ସରକାର ସର୍ଭେ ପରେ ସର୍ଭେ କରି ଚାଲିଛନ୍ତି। ଗ୍ରାମରେ ଦଲାଲମାନେ ବୁଲି ବିପନ୍ନଙ୍କ ନାଁ ତାଲିକାରେ ସାମିଲ କରିବା ପାଇଁ ରୋଜଗାର କରୁଛନ୍ତି। କେତେକ ସ୍ଥାନରେ ହାତଗୁଞ୍ଜା ନେଇ ନାଁ ସାମିଲ କରାଯାଉଛି। ଆଉ କେତେକ ସ୍ଥାନରେ ନାଁ ସାମିଲ ନ କରି ଟଙ୍କା ଆତ୍ମସାତ ଦେଉଥିବା ଅଭିଯୋଗ ହେଉଛି। ଫନୀର ୧୦୦ଦିନ ପରେ ବି ଯାଞ୍ଚ ଓ ତଦନ୍ତ ସରଲା ନାହିଁ। ବର୍ଷାଦିନେ ବିପନ୍ନମାନେ କିପରି ରହିବେ ତା’ର ବିକଳ୍ପ ବ୍ୟବସ୍ଥା ପ୍ରଶାସନ କରୁ ନାହାନ୍ତି। ଏହାର ତୁରନ୍ତ ସମାଧାନ ପାଇଁ ସାଧାରଣରେ ଦାବି ହେଉଛି।

# କାର ଚୋରି ମାମଲା: ୨ କୋର୍ଟଚାଲାଣ

**ବୋଲଗଡ,୧୨।୮(ଡି.ଏନ.ଏ.):**

ବୋଲଗଡ ପୋଲିସ ସୋମବାର ଏକ କାର ଚୋରି ମାମଲାରେ ୨ଜଣଙ୍କୁ ଗିରଫ କରି ଖୋର୍ଦ୍ଧା କୋର୍ଟ ଚାଲାଣ କରିଛି । ସେମାନେ ହେଲେ ସ୍ଥାନୀୟ କେନ୍ଦୁପଲ୍ଲୀ ଗ୍ରମର ଶେଖ ନିଜାମ (୨୬) ଓ ବାଘମାରୀ ଥାନା ଅତ୍ରି ନିକଟ ଶରଧାପୁରର ସଙ୍କୁର ଖାଁ(୨୧)। ଏହି ମାମଲାର ତଦନ୍ତକାରୀ ଅଧିକାରୀ ପବିତ୍ର ମୋହନ ପ୍ରଧାନଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ଓଡି୦୨ବିଡି–୪୨୭୭ନଂ ବିଶିଷ୍ଟ ଏକ ଓଲା କାର ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ୫୭ନଂ ଜାତୀୟ ରାଜପଥରେ ଯାଉଥିଲା। କାର୍‌ଟି ବୋଲଗଡଠାରୁ କିଛି ବାଟ ଅତିକ୍ରମ କରିବା ପରେ ଅଭିଯୁକ୍ତମାନେ ୨ଟି ବାଇକରେ ଯାଇ ତାହାକୁ ଅଟକାଇଥିଲେ । ପରେ ଭୁଜାଲି ଦେଖାଇ ଭୟଭୀତ କରିବା ସହିତ କାର ଚାଳକ ଚିନ୍ମୟ ସାହୁଙ୍କ ସମେତ କାରରେ ଯାଉଥିବା ଅନ୍ୟଜଣଙ୍କୁ ବାହାରକୁ ବାହାର କରିଥିଲେ। ପରେ କାରଟିକୁ ଚୋରି କରି କରି ନେଇଯାଇଥିଲେ। ଏ ସଂକ୍ରାନ୍ତରେ କାର ଡ୍ରାଇଭର ଚନ୍ମୟଙ୍କ ଅଭିଯୋଗ କ୍ରମେ କେସ ନଂ.୮୨/୧୯ରେ ମାମଲା ରୁଜୁ ହୋଇଥିଲା । ଗତ ବୁଧବାର ଅପହୃତ କାର୍‌ଟିକୁ ପୋଲିସ ଖଣ୍ଡପଡା ସୁନାମୁହିଁ ପ୍ରୋଜେକ୍ଟଠାରୁ ଉଦ୍ଧାର କରିଥିଲା।

# ବିଧାୟକଙ୍କ ଆରୋଗ୍ୟ ପାଇଁ ପୂଜାର୍ଚ୍ଚନା

**ଖୋର୍ଦ୍ଧା ଅଫିସ,୧୨।୮**

ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ଆଶୁ ଆରୋଗ୍ୟ କାମନା କରି ସମର୍ଥକ, କର୍ମୀମାନେ ସୋମବାର ରାତିରେ ଖୋର୍ଦ୍ଧା ସିଦ୍ଧେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଏଥିରେ ପ୍ରାୟ ୧୭ ଜଣ ବ୍ରାହ୍ମଣ ପୂଜାପାଠରେ ସାମିଲ ହୋଇଥିଲେ। ଅସୁସ୍ଥ ହୋଇ ମୁମ୍ବାଇସ୍ଥିତ ଧିରୁ ଭାଇ ଆମ୍ବାନୀ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସୁସ୍ଥ ହେବା ପରେ ସେ ଶିରିଡି, ସିଦ୍ଧି ବିନାୟକ ଧାମ ବୁଲି ପୁଣି ମେଡିକାଲରେ ଚେକ୍ ଅପ କରାଉଛନ୍ତି। ସୋମବାର ଚିଲିକା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ ଜଗଦ୍ଦେବ ଧିରୁ ଭାଇ ଆମ୍ବାନୀ ହସ୍ପିଟାଲରେ ବିଧାୟକଙ୍କୁ ଭେଟି କଥାବାର୍ତ୍ତା ହୋଇଥିବା ଜଣାପଡିଛି।

- ଆନ୍ତର୍ଜାତିକ ଯୁବ ଦିବସ

# ଏଚ୍‌ଆଇଭି ସଂକ୍ରମଣରୁ ଦୂରେଇ ରହିବାକୁ ପରାମର୍ଶ

**ଖୋର୍ଦ୍ଧା ଅଫିସ,୧୨।୮**

ଖୋର୍ଦ୍ଧା ପିଏନ୍ କଲେଜର ମୈତ୍ରୀ ଭବନରେ ସୋମବାର ଆନ୍ତର୍ଜାତିକ ଯୁବ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଚ୍‌ଆଇଭି ଠାରୁ ଦୂରେଇ ରହିବାକୁ ବକ୍ତାମାନେ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୁବପିଢ଼ିଙ୍କୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ଜିଲାରେ ଯେତିକି ଏଚ୍‌ଆଇଭିରେ ସଂକ୍ରମଣ ହେଉଛନ୍ତି ସେଥିରୁ ୧୫ରୁ ୨୪ ବର୍ଷର ୪୦ ପ୍ରତିଶତ ଯୁବକ ଅଛନ୍ତି। ଯୁବକମାନେ ଏଚ୍‌ଆଇଭି ସମ୍ପର୍କରେ ଅବଗତ ହୋଇ ମାନସିକତାରେ ପରିବର୍ତ୍ତନ ଆଣିଲେ ଦିବସର ସଫଳତା ମିଳିବ। ଜିଲା ପ୍ରଶାସନ, ଜିଲା ରେଡକ୍ରସ, ଜିଲା ସ୍ୱାସ୍ଥ୍ୟ ସମିତି ଓ ଏଚ୍‌ଆଇଭି ଏଡ୍‌ସ ନିୟନ୍ତ୍ରକ ଓ ନିରାକରଣ ଶାଖା ପକ୍ଷରୁ ଆୟୋଜିତ କାର୍ଯକ୍ରମରେ ନାଇଡୁ ରେସିଡେନ୍ସ କଲେଜ, ପି.ଏନ୍ କଲେଜ ଓ ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ର, ହଷ୍ଟେଲର ଅନ୍ତେବାସୀ ଅନ୍ତେବାସିନୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ସିଡିଏମଓ ବିଶ୍ୱନାଥ ପାଢ଼ି, ଜିଲା ଟିବି ଅଫିସର ଏସ.କେ ତ୍ରିପାଠୀ, ପିଏନ୍ କଲେଜର ପ୍ରଶାସନିକ ଅଧୀକ୍ଷକ ଶରତ କୁମାର ଦୋରା, ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ଟିମ୍ ଲିଡର ପ୍ରଶାନ୍ତ କୁମାର ପାତ୍ର, ଏଚଆଇଭି ଏଡସ୍ ଜିଲା ପ୍ରୋଗ୍ରାମ ଅଧିକାରୀ ବିଧାନ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏଡ୍‌ସ ଭୟାବହତା ଓ ତାର ନିରାକରଣ ଉପରେ ସଙ୍ଗୀତ ପରିବେଷଣ କରାଯାଇଥିଲା। ଛାତ୍ରୀ ଲିଲିପ୍ସା ରାଉତ ଏଡସ୍ ଉପରେ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟରେ ଏକ ହେଲଥ୍ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୧୫୦ ଟ୍ରକ ଡ୍ରାଇଭର, ହେଲପର ଓ ସ୍ଥାନୀୟ ବାସିନ୍ଦା ଏଚ୍‌ଆଇଭି ପରୀକ୍ଷା କରିଥିଲେ। ଯୁବ ରେଡକ୍ରସର ପରାମର୍ଶଦାତା ସୁବୋଧ କୁମାର ଜଗଦ୍ଦେବ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ।

# ଗୀତିନାଟ୍ୟ ପରିବେଷଣ ନେଇ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା ଅଫିସ,୧୨।୮**

ବାଣପୁରର ଆରାଧ୍ୟା ଦେବୀ ମା’ ଭଗବତୀଙ୍କ ନାମରେ ନାମିତ ଦେବୀ ଭଗବତୀ କଳା ପରିଷଦ ପକ୍ଷରୁ ସୋମବାର ଅପରାହ୍ନରେ ପଲଟଣସ୍ଥିତ ଚକାଦେବଙ୍କ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ସତ୍ୟନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଆସନ୍ତା କୁମାର ପୂର୍ଣ୍ଣମୀ ଅବସରରେ ମା’ ଭଗବତୀଙ୍କ ସମ୍ବନ୍ଧୀୟ ବିଭିନ୍ନ କିମ୍ବଦନ୍ତୀକୁ ନେଇ ଏକ ଗୀତିନାଟ୍ୟ ପରିବେଷଣ କରାଯିବ। ଏହି ଗୀତିନାଟ୍ୟରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ପୁରୁଷ ଓ ମହିଳା କଳାକାରମାନେ କଳା ପରିଷଦର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରିବା କରିବେ। ପରିଷଦର ଉପଦେଷ୍ଟା ପୂର୍ବତନ ବ୍ଲକ ଅଧକ୍ଷ କେଦାରେଶ୍ୱର ନନ୍ଦ, ଆଇନଜୀବୀ ଗୌରୀଶଙ୍କର ଷଡଙ୍ଗୀ, ଖବରଦାତା ଭିକାରୀ ଚରଣ ପ୍ରଧାନ, କଣ୍ଠ ଶିଳ୍ପୀ ପ୍ରଦୀପ କୁମାର ପଲାଇ, ଉପ ନିବନ୍ଧକ କାହ୍ନୁ ଚରଣ ଘଡାଇ, ବାଳମୁକୁନ୍ଦ ଦାସ, ମାଧବ ଚନ୍ଦ୍ର ବାରିକ, ନବ କିଶୋର ପ୍ରଧାନ, ମହେଶ୍ୱର ଜେନା, ଖବରଦାତା ଅନନ୍ତ ଚରଣ ବାରିକ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ।

# ଲଘୁଚାପ ବର୍ଷା: ଧାନଜମି ଜଳମଗ୍ନ



କୃଷ୍ଣପ୍ରସାଦ ବ୍ଲକର ଚାଷଜମି ବର୍ଷାଜଳରେ ବୁଡିରହିଛି ।

**କୃଷ୍ଣପ୍ରସାଦ,୧୨।୮(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ବର୍ଷା ଅଭାବରୁ ଧାନରୁ ଗଜା ବାହାରିପାରି ନ ଥିଲା । ପରେ ଲୋକମାନେ ପୁଣି ଚାଷକରି ଧାନ ବୁଣିଥିଲେ। ବହୁ କଷ୍ଟ କରି ପମ୍ପ ଦ୍ୱାରା ପାଣି ମଡାଇ ଧାନଗଛ ବଞ୍ଚାଇ ରଖିଥିଲେ। ଏପରି ସମୟରେ ଦୁଇଦିନ ହେଲା ଲଘୁଚାପ ବର୍ଷା ଲାଗିରହିଥିବାରୁ ଧାନଜମି ଜଳମଗ୍ନ ହୋଇଯାଇଛି। ଯେଉଁଆଡେ ଦେଖିଲେ କେବଳ ପାଣି । ଧାନ ଗଛ ବାହାରକୁ ଦେଖା ଯାଉନାହିଁ। ଗଜାମରୁଡି ପରେ ଏବେ ଧାନଗଛ ପଚି ନଷ୍ଟ ହେବା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଜଳ ନିଷ୍କାସନ ପାଇଁ ଚିଲିକାର ରିଂବନ୍ଧରେ ଶଙ୍ଖ ଥିବାବେଳେ କିଛି ମାଛଚାଷୀ ସେହି ରାସ୍ତାକୁ ପଥର, କାଚ, ଗଛ ପକାଇ ଅବରୋଧ କରିଛନ୍ତି। ଯାହାଦ୍ୱାରା ଧାନ ଜମିରୁ ପାଣି ନିଷ୍କାସନ ହୋଇପାରୁ ନାହିଁ। ଏଭଳି ପରିସ୍ଥିତିରେ ବିଭାଗୀୟ କର୍ମଚାରୀମାନଙ୍କ ଦେଖା ମିଳୁନାହିଁ । ଫୋନରେ ଯୋଗାଯୋଗ କରାଯାଉଥିଲେ ମଧ ସମ୍ଭବ ହେଉନାହିଁ। ଶେଷରେ ଅନ୍ୟ ଉପାୟ ନ ପାଇ ଗିଲିନାସୀ ଗ୍ରାମବାସୀ ବିଡିଓ, ତହସିଲଦାରଙ୍କୁ ଅଭିଯୋଗ କରିବା ସହ ସେମାନଙ୍କ ଉପସ୍ଥିତିରେ ଗ୍ରାମ୍ୟ ଉନ୍ନୟନ ରାସ୍ତା କାଟି ଦେଇଥିଲେ। ଅନ୍ୟପକ୍ଷରେ ଲଘୁଚାପ ବର୍ଷା ଯୋଗୁ ସମୁଦ୍ର ଓ ଚିଲିକାକୁ ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ନ ଯାଇ ହାତବାନ୍ଧି ବସିଛନ୍ତି। ସମୁଦ୍ରକୁ ବୋଟ ଚାଲିଯିବା ଭୟରେ ବାଲିଉପରକୁ ଟାଣି ଆଣି ସୁରକ୍ଷିତ ରଖିଛନ୍ତି। ୫ଦିନ ଧରି ସମୁଦ୍ରର ଢେଉ ବଢୁଥିବାବେଳେ କୂଳ ଲଙ୍ଘିବା ଆରମ୍ଭ କରିଛି । ନବା, ସିଆଣ୍ଡି, ରାମଲଙ୍କା, ପ୍ରୟାଗୀ ନିକଟରେ କୂଳ ଲଙ୍ଘି ବାଲିସ୍ତୁପରେ ଥିବା ଘରଗୁଡିକୁ ଭାଙ୍ଗି ଖସାଇବାରେ ଲାଗିଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ସମଗ୍ର କୃଷ୍ଣପ୍ରସାଦ ବଙ୍ଗୋପସାଗରରେ ଲୀନ ହେବା ଆଶଙ୍କା ଦେଖାଦେଇଛି।

# କୁଆଖାଇରେ ବୁଡ଼ି ନାବାଳିକା କାଉଡ଼ିଆ ମୃତ

**ଭୁବନେଶ୍ୱର,୧୨।୮(ବ୍ୟୁରୋ)**

ମାନସିକ କରିଥିଲେ ଶ୍ରୀ ଲିଙ୍ଗରାଜ ମନ୍ଦିର ଯାଇ ପାଣି ଢାଳିଥାନ୍ତେ। ସୋମବାର ସକାଳେ କେଶୁରା ନିକଟରେ କୁଆଖାଇ ନଦୀରୁ ପାଣି ଉଠାଇବା ପାଇଁ କଳସ ଧରି ବୁଡ଼ ପକାଇଥିଲେ। ହେଲେ ସେ ଆଉ ଉଠିପାରି ନ ଥିଲେ। ଗୋଡ଼ ଖସି ଯିବାରୁ ନାବାଳିକା କାଉଡ଼ିଆ ଜଣକ ବୁଡ଼ି ଯାଇଥିଲେ। ସେ ହେଲେ ଲକ୍ଷ୍ମୀସାଗରରେ ରହୁଥିବା ବିନ୍ଧୁଶ୍ରୀ ସାହୁ( ୧୫)। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଅଧଘଣ୍ଟା ଧରି ଖୋଜାଖୋଜି କରିବା ପରେ ମୃତଦେହ ମିଳିଥିଲା। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୭/୧୯) ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।ସୂଚନା ଅନୁଯାୟୀ, ବିନ୍ଧୁଶ୍ରୀଙ୍କ ନିଜ ଗାଁ ଅନୁଗୋଳ ଗୁଦୁଲି ମୁଣ୍ଡାରେ। ସେ ପରିବାର ସହ ଲକ୍ଷ୍ମୀସାଗରରେ ରହୁଥିଲେ। ମାନସିକ କରିଥିବାରୁ ସେ ସୋମବାର ସକାଳ ପ୍ରାୟ ୯ଟାରେ ସାଙ୍ଗମାନଙ୍କ ସହ ପାଣି ଉଠାଇବାକୁ କୁଆଖାଇ ନଦୀ କେଶୁରା ଘାଟକୁ ଯାଇଥିଲେ । କୂଳରେ ପୂଜା କରିବା ପରେ କଳସ ଧରି ନଦୀ ଭିତରକୁ ଯାଇ ବୁଡ଼ ପକାଉଥିବାବେଳେ ବୁଡିଯାଇ ସ୍ରୋତରେ ଗଭୀର ଜଳକୁ ଚାଲିଯାଇଥିଲେ। ତାଙ୍କ ସହ ଥିବା ସାଙ୍ଗସାଥୀ ଓ ଅନ୍ୟ କାଉଡିଆ ଭକ୍ତମାନେ ଖୋଜାଖୋଜି କରି ପାଇ ନ ଥିଲେ। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚିଥିଲେ। ଏହି ଘଟଣା ପାଇଁ ପ୍ରଶାସନକୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି।

# ପଞ୍ଚାୟତର ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ସୁରକ୍ଷାକୁ ଗୁରୁତ୍ୱ

## ବିକାଶ ଯୋଜନା ପ୍ରଶିକ୍ଷଣ ଶିବିର

**ଖୋର୍ଦ୍ଧା ଅଫିସ,୧୨।୮:**

ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ ଶିବିର ଖୋର୍ଦ୍ଧା ବ୍ଲକ ମଲ୍ଲୀପୁର ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭା ଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଜୀବନ ସେବା ସଂଘ ପକ୍ଷରୁ ଆୟୋଜିତ ଏବଂ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଓଡିଶା ସରକାରଙ୍କ ପ୍ରାୟୋଜିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଟାଙ୍ଗିଆପଡା, ମଲ୍ଲୀପୁର, ହଳଦିଆ, ବରସାହି ଆଦି ପଞ୍ଚାୟତର ସରପଞ୍ଚମାନେ ଯୋଗଦେଇଥିଲେ। ଏଥିରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଶିକ୍ଷକ ବବିତା ମହାନ୍ତି ଓ ସାବୀର ହୁସେନ୍ ଯୋଗଦେଇ ମତବ୍ୟକ୍ତ କରିବା ସହ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତ ସମୟରେ ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ କହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଓ ସାମୂହିକ ବିକାଶକୁ ଗୁରୁତ୍ୱ ଦେଇ ଯୋଜନା କର। ଅନ୍ୟପକ୍ଷେ ବାଧତାମୂଳକ କାର୍ଯ୍ୟ ସହ ଇଚ୍ଛାଧୀନ କାର୍ଯ୍ୟକୁ ଗୁରୁତ୍ୱ ଦେଇ ବାଲ୍ୟ ବିବାହ, ଘରୋଇ ହିଂସା, ଶିଶୁ ସୁରକ୍ଷାକୁ ମଧ ଗୁରୁତ୍ୱ ଦିଆଯିବା ଦରକାର। ଏଥିରେ ଟାଙ୍ଗିଆପଡା ସରପଞ୍ଚ କଲ୍ୟାଣୀ ଦଳେଇ, ମଲ୍ଲୀପୁର ସରପଞ୍ଚ ବିଜୟ ଦାସ, ହଳଦିଆ ସରପଞ୍ଚ ଶୋଭନ ସାହୁ, ବରସାହି ସରପଞ୍ଚ ମୁଥୁରୀ ନାୟକ ଯୋଗଦେଇ ଆଲୋକପାତ କରିଥିଲେ। ଏଥିରେ ପ୍ରତି ପଞ୍ଚାୟତରୁ ୩ଜଣ ୱାର୍ଡ ମେମ୍ବର, ଜଣେ ଲେଖାଏ ଅଙ୍ଗନୱାଡି କର୍ମୀ, ଆଶା, ଶିକ୍ଷକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ୍ୟ ରୋଜଗାର ସେବକ, ଗ୍ରାମ୍ୟ କୃଷି କର୍ମୀ, ସମାଜିକ କର୍ମୀ, ଏସ୍‌ଏଚ୍‌ଜିର ସଦସ୍ୟା ପ୍ରମୁଖ ଯୋଗଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

- ବେଆଇନ ଖଣି କାରବାର ମାମଲା

# ଅଭିଯୁକ୍ତ ଦିଲ୍ଲୁ ଯାଜପୁରରୁ ଗିରଫ

## ସମ୍ପର୍କୀୟଙ୍କ ଘରେ ଲୁଚିଥିବା ଫୋନ୍ ଟ୍ରାକ୍‌ରୁ ଜାଣିଲା ଏସ୍‌ଟିଏଫ୍

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**

ଖୋର୍ଦ୍ଧାରେ ଗତ କିଛିଦିନ ହେଲା ଏସ୍‌ଟିଏଫ୍ ପକ୍ଷରୁ ଚଢାଉ ଜାରି ରହିଥିବାବେଳେ ଜଣକ ପରେ ଜଣେ ଖଣି ମାଫିଆ ଧରାପଡୁଛନ୍ତି। ୧୫ଦିନ ତଳେ ଏସ୍‌ଟିଏଫ୍‌କୁ ଚକ୍‌ମା ଦେଇ ଫେରାର ହୋଇଯାଇଥିବା ବେଆଇନ ଖଣି କାରବାରର ଅନ୍ୟତମ ଅଭିଯୁକ୍ତ ଦିଲ୍ଲୁ ଓରଫ ଦିଲୀପ ଦାଶ (୩୯)ଙ୍କୁ ରବିବାର ଗିରଫ କରାଯାଇଛି। ଦିଲ୍ଲୁଙ୍କ ଘର ଖୋର୍ଦ୍ଧା ଟାଉନ ଥାନା ଅଧୀନ ପାଲହାଟ ଅଞ୍ଚଳରେ ହୋଇଥିବାବେଳେ ସେ ଯାଜପୁର ଜିଲା ମଙ୍ଗଳପୁରକୁ ଚାଲିଯାଇ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ଲୁଚି ରହିଥିଲେ। ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ସୂଚନା ପାଇବା ପରେ ସେଠାକୁ ଯାଇ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନାମରେ କେସ୍ ନଂ. ୭/୧୯ ରୁଜୁ ହୋଇଥିବାବେଳେ ବେଆଇନ ଖଣି ଖନନ, ବେଆଇନ ବନ୍ଧୁକ ରଖିବା ଓ ଦାଦାବଟି ପାଇଁ ଧମକଚମକ ଦେବା ଆଦି ଅଭିଯୋଗ ରହିଛି। ତାଙ୍କ ଗ୍ୟାଙ୍ଗ୍‌ରେ ଅନ୍ୟ କେଉଁମାନେ ସଂପୃକ୍ତ ଅଛନ୍ତି ସେନେଇ ଖୋଳତାଡ଼ ପାଇଁ ଏସ୍‌ଟିଏଫ୍ ତାଙ୍କୁ ରିମାଣ୍ଡରେ ଆଣିବ। ଏଥିଲାଗି ଖୁବ୍‌ଶୀଘ୍ର କୋର୍ଟରେ ଆବେଦନ କରାଯିବ ବୋଲି ଏସ୍‌ଟିଏଫ୍ ଅଧିକାରୀ କହିଛନ୍ତି। ସୂଚନା ମୁତାବକ, ଦିଲ୍ଲୁ ଖୋର୍ଦ୍ଧାରୁ ଆସି ପ୍ରଥମେ ଭୁବନେଶ୍ୱରର ପଳାଶୁଣୀରେ କିଛିଦିନ ରହିଥିଲେ। ପରେ ଏସ୍‌ଟିଏଫ୍ ନଜରରୁ ବର୍ତ୍ତିବା ପାଇଁ ଯାଜପୁର ଚାଲିଯାଇଥିଲେ। ଏସ୍‌ଟିଏଫ୍ ଅଧିକାରୀମାନେ ତାଙ୍କ ମୋବାଇଲ ଟ୍ରାକ୍ କରୁଥିଲେ। ମୋବାଇଲ ଟ୍ରାକ୍‌ରୁ ସେ ଯାଜପୁର ଜିଲାର ମଙ୍ଗଳପୁର ଅଞ୍ଚଳରେ ଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ଧରିବାକୁ ଏସ୍‌ଟିଏଫ୍ ପକ୍ଷରୁ ଜାଲ ବିଛାଯାଇଥିଲା।



ଅଭିଯୁକ୍ତ ଦିଲ୍ଲୁ ।

ସୂଚନା ଅନୁଯାୟୀ, ଦିଲ୍ଲୁଙ୍କର ଆର୍ଥିକ ସ୍ଥିତି ଭଲ ନ ଥିଲା। ତାଙ୍କୁ ଜଣେ ବ୍ୟକ୍ତି ଖଣିରୁ ପଥର ଚାଲାଣ ତଦାରଖ ଦାୟିତ୍ୱ ଦେଇଥିଲେ। ଏହାପରେ ଦିଲ୍ଲୁ ଧୀରେ ଧୀରେ ନିଜେ ଏକ ଗ୍ୟାଙ୍ଗ୍ ଗଢି ଖଣିରୁ ପଥର ଖୋଳି ବିକ୍ରି କରୁଥିଲେ। ଏଭଳି ଚୋରା କାରବାର ମାଧ୍ୟମରେ ସେ ରାତାରାତି କୋଟିପତି ବନିଥିଲେ। ଲୋକଙ୍କୁ ସେ ଡରାଇ ଧମକାଇ ରଖିଥିଲେ। ଖଣିରୁ ପଥର ଖନନ କରି ତାହାକୁ ଏକ କ୍ରଶରକୁ ନେଇ ବିକ୍ରି କରୁଥିଲେ। ତଦନ୍ତ ବେଳେ ଏସ୍‌ଟିଏଫ୍ ଏହା ଜାଣିବାକୁ ପାଇଛି ବୋଲି ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପି.ଆର କହିଛନ୍ତି।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଜଗନ୍ନାଥ ବଲ୍ଲଭ ମଠରେ ୧୬ କୋଟିର ଅନିୟମିତତା ପ୍ରସଙ୍ଗ
### ଅଡିଟ୍ ରିପୋର୍ଟ ଠିକ୍ ନୁହେଁ: ଭକ୍ତଚରଣ

ପୁରୀ ଅଫିସ, ୧୨।୮: ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ୧୬କୋଟି ଟଙ୍କାର ଅନିୟମିତତା ହୋଇଥିବା ନେଇ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ହୋଇଛି। ମଠର ବିଭିନ୍ନ ଆୟବ୍ୟୟ ବାବଦରେ ବ୍ୟାପକ ଅନିୟମିତତା ହୋଇଥିବା ଦେବୋତ୍ତର କମିଶନଙ୍କ ଅଡିଟ ରିପୋର୍ଟରେ ଦର୍ଶାଯାଇଥିଲା। ମଠର ପୂର୍ବତନ ସଭାପତି ତଥା ବର୍ତ୍ତମାନର ବିଜେଡି ନଗର ସଭାପତି ଭକ୍ତଚରଣ ଦାଶଙ୍କ ନାମରେ ଆର୍ଥିକ ହେରଫେର ନେଇ ଅଡିଟ ରିପୋର୍ଟରେ ଉଲ୍ଲେଖ ରହିଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ରବିବାର ସ୍ଥାନୀୟ ରୋଟାରି କ୍ଲବରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତଚରଣ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅଡିଟ ରିପୋର୍ଟ ଉପରେ ସେ ଆପତ୍ତି ଉଠାଇଛନ୍ତି। ଏ ସଂକ୍ରାନ୍ତରେ ସେ ଖୁବ୍‌ଶୀଘ୍ର ଦେବୋତ୍ତର କମିଶନଙ୍କୁ ରିପୋର୍ଟ ଦେବେ ବୋଲି କହିଛନ୍ତି। ଆର୍ଥିକ କ୍ଷେତ୍ରରେ କୌଣସି ହେରଫେର ହୋଇନାହିଁ। ସେ ବିଜେଡି ନଗର ସଭାପତି ପଦରେ ଆସୀନ ହେବା ପରେ କେତେଜଣ ରାଜନୈତିକ ବ୍ୟକ୍ତି ଏଭଳି ମିଥ୍ୟା ଅଭିଯୋଗ ଆଣି ତାଙ୍କ ନିର୍ମଳ ଭାବମୂର୍ତ୍ତି ନଷ୍ଟ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଭକ୍ତଚରଣ କହିଛନ୍ତି। ସେହିପରି ଏହା ୧୯୮୯ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଘଟଣା ହୋଇଥିବା ବେଳେ ସେହି ସମୟରେ ସେ ଦାୟିତ୍ୱରେ ନ ଥିଲେ ବୋଲି ଭକ୍ତଚରଣ ପ୍ରକାଶ କରିଛନ୍ତି।

### ଦାଦାବଟି ମାଗି ୪ ଗିରଫ

ପୁରୀ ଅଫିସ, ୧୨।୮: ଦାଦାବଟି ଆଦାୟ ଅଭିଯୋଗରେ ଟାଉନ ଥାନା ପୋଲିସ ସୋମବାର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାର୍କଣ୍ଡେଶ୍ୱର ସାହିର ସବିର ଦାସ, ହିମାଳୟ ଦାସ, ରାକେଶ ମହାନ୍ତି ଏବଂ ବାସେଳିସାହିର ରବି ରାୟ। ସୋମବାର ଜଣେ ଉଠାଦୋକାନୀଙ୍କୁ ଏମାନେ ଧମକଚମକ ଦେଉଥିବା ଖବର ପାଇ ପୋଲିସ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଅନ୍ୟପଟେ ପୋଲିସ ମିଥ୍ୟା ମାମଲାରେ ନିରୀହ ଯୁବକଙ୍କୁ ଗିରଫ କରିଛି ବୋଲି ବଳଭଦ୍ର ଦାସ ନାମକ ବ୍ୟକ୍ତି ପ୍ରେସ ବିବୃତି ଜରିଆରେ ଅଭିଯୋଗ ଆଣିଛନ୍ତି। ଏ ସଂକ୍ରାନ୍ତରେ ସେ ଏସ୍‌ପିଙ୍କୁ ଜଣାଇଥିବା ଉଲ୍ଲେଖ କରିଛନ୍ତି। ତେବେ ଅଭିଯୋଗକୁ ଥାନା ଅଧିକାରୀ ଦେବୀ ପ୍ରସାଦ ପାତ୍ର ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ କେସ୍ ରହିଛି। ସେମାନେ ଦୀର୍ଘଦିନ ହେଲା ବଡଦାଣ୍ଡରେ ଉଠାଦୋକାନୀମାନଙ୍କଠାରୁ ଦାଦାବଟି ଆଦାୟ କରୁଥିବା ଅଭିଯୋଗ ହୋଇଆସୁଥିଲା।

### ବନ୍ଧୁକ ଦେଖାଇ ବ୍ୟବସାୟୀଙ୍କୁ ଆକ୍ରମଣ
### ୨ଲକ୍ଷ ଟଙ୍କା, ସୁନାଚେନ ଲୁଟ୍

ନିମାପଡ଼ା,୧୨।୮(ଡି.ଏନ୍.ଏ.): ନିମାପଡ଼ା ଦେବୀ ମଣ୍ଡପ ସାହି ନିକଟରେ ୩ଜଣ ଦୁର୍ବୃତ୍ତ ବ୍ୟବସାୟୀ ନରେନ୍ଦ୍ର ସାହୁଙ୍କୁ ବନ୍ଧୁକ ଦେଖାଇ ଆକ୍ରମଣ କରି ୨ଲକ୍ଷ ଟଙ୍କା, ସୁନା ଚେନ ଓ ମୋବାଇଲ ଫୋନ ଲୁଟିନେଇଥିବା ସୋମବାର ଅଭିଯୋଗ ହୋଇଛି। ଆହତ ଅବସ୍ଥାରେ ନରେନ୍ଦ୍ରଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ନିମାପଡ଼ା ଥାନା ପୋଲିସ ଏକ ମାମଲା(ନଂ.୨୦୩/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନିମାପଡ଼ା ଟ୍ୟାକ୍ସି ଷ୍ଟାଣ୍ଡ ନିକଟରେ ଥିବା ଦୋକାନକୁ ବନ୍ଦ କରି ନରେନ୍ଦ୍ର ରବିବାର ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ଦେବୀ ମଣ୍ଡପ ସାହି ରାସ୍ତାରେ ଦୁର୍ବୃତ୍ତମାନେ ନରେନ୍ଦ୍ରଙ୍କୁ ଅଟକାଇବା ସହ ବନ୍ଧୁକ ଦେଖାଇ ଆକ୍ରମଣ କରିଥିଲେ। ଏହା ପରେ ତାଙ୍କ ନିକଟରେ ଥିବା ଟଙ୍କା, ସୁନା ଚେନ ଓ ମୋବାଇଲ ଫୋନ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ନରେନ୍ଦ୍ର ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବା ସହ ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବା ପାଇଁ ବ୍ୟବସାୟୀ ସଂଘ ପକ୍ଷରୁ ଦାବି ହୋଇଛି। ସୂଚନାଥାଉ କି, ପ୍ରାୟ ଦେଢ ବର୍ଷ ପୂର୍ବେ ୪ଜଣ ଦୁର୍ବୃତ୍ତ ଦୋକାନରେ ପଶି ନରେନ୍ଦ୍ରଙ୍କୁ ବନ୍ଧୁକ ଦେଖାଇ ୩୦ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ।

# ବସ୍ତିବାସିନ୍ଦାଙ୍କ ଦୁର୍ଦ୍ଦଶା ବଢ଼ାଇଲା ବର୍ଷା

ପୁରୀ ଅଫିସ,୧୨।୮:

ଲଘୁଚାପଜନିତ ଲଗାଣ ବର୍ଷା ପୁରୀ ସହରର ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ସୋମବାର ସକାଳୁ ବର୍ଷା ଆରମ୍ଭ ହୋଇ ଦିନତମାମ୍ ଲାଗି ରହିବାରୁ ସହରର ବିଭିନ୍ନ ତଳିଆ ଅଞ୍ଚଳରେ ପାଣି ପଶିଛି। ଅଧିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି ବସ୍ତିବାସିନ୍ଦା। କାହା ଘରେ ପାଣି ପଶିଛି ତ ଆଉ କେହି ମୁଣ୍ଡ ଗୁଞ୍ଜିବାକୁ ରାସ୍ତା ଉପରକୁ ଉଠି ଆସିଛନ୍ତି । ବର୍ଷାଋତୁରେ ଅନେକ ଅଞ୍ଚଳରେ ବର୍ଷ ବର୍ଷ ଧରି ଜଳବନ୍ଦୀ ସମସ୍ୟା ଦେଖିବାକୁ ମିଳୁଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ କରାଯାଉ ନାହିଁ। ଫଳରେ ଲୋକେ କଳବଳ ହେଉଛନ୍ତି।

କିଛିଦିନ ତଳେ ହୋଇଥିବା ବର୍ଷା ଯୋଗୁ ସୁଜାତାନଗର, ମାଟିତୋଟା, ଧୋବାଖାଲ, ମା' ତାରିଣୀ ବସ୍ତି, ବିଜୟନଗର ବସ୍ତି, ରେଡ୍ଡିକା ସାହି ପ୍ରଭୃତି ଖାଲୁଆ ଅଞ୍ଚଳରେ ପାଣି ଜମି ରହିଥିଲା। ସେଠାରୁ ପାଣି ସମ୍ପୂର୍ଣ୍ଣ ନିଷ୍କାସିତ ହୋଇ ନ ଥିବାବେଳେ ଏବେ ପୁଣି ଲୋକଙ୍କୁ ଜଳବନ୍ଦୀର ସମ୍ମୁଖୀନ ହେବାକୁ ପଡ଼ିଛି। ବାତ୍ୟାରେ ଘରଦ୍ୱାର ଭାଙ୍ଗି ଯାଇଥିବାରୁ ଅଧିକାଂଶ ବସ୍ତିବାସିନ୍ଦା ପଲିଥିନ ତଳେ ଜୀବନ ବିତାଉଛନ୍ତି। ଏପରିସ୍ଥଳେ ସୋମବାରର ବର୍ଷା ସେମାନଙ୍କୁ ଅଧିକ ଦୁର୍ଦ୍ଦଶା ଘେରକୁ ଠେଲିଦେଇଛି। ସୁଜାତା ନଗର, ମାଟିତୋଟା, ଧୋବାଖାଲ ପ୍ରଭୃତି ଖାଲୁଆ ଅଞ୍ଚଳର ଲୋକେ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି।

ସେହିପରି ବର୍ଷାରେ ବଡ଼ଦାଣ୍ଡ, ବେଳାଭୂମି ମାର୍ଗ ପ୍ରଭୃତି ସ୍ଥାନରେ ପାଣି ଜମିବା ଯୋଗୁ ଯାତାୟାତରେ ଅସୁବିଧା ହୋଇଥିଲା। ଲଗାଣ ବର୍ଷା ଯୋଗୁ ବେଳାଭୂମିରେ ପର୍ଯ୍ୟଟକଙ୍କ ଗହଳି ନ ଥିଲା। ଉଠାଦୋକାନୀମାନେ ସେମାନଙ୍କ ପସରା ଘୋଡ଼ାଇ ରଖିଥିଲେ। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ଥିବାରୁ ପର୍ଯ୍ୟଟକଙ୍କୁ ସମୁଦ୍ର ସ୍ନାନ ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ବାରଣ କରାଯାଇଛି। ମତ୍ସ୍ୟଜୀବୀଙ୍କୁ ମଧ୍ୟ ସମୁଦ୍ରକୁ ଯିବା ଲାଗି ମନା କରାଯାଇଛି।



ବର୍ଷାଯୋଗୁ ଜଳବନ୍ଦି ଅବସ୍ଥାରେ ଧୋବାଖାଲ ବସ୍ତି।

## ■ ନାବାଳିକାଙ୍କୁ ଅସଦାଚରଣ ମାମଲା
# ୧୮ମାସ ପରେ ଫେରାର ଅଭିଯୁକ୍ତ ଗିରଫ

ପୁରୀ ଅଫିସ, ୧୨।୮:

ଜନୈକା ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଦୀର୍ଘ ୧୮ମାସ ଧରି ଫେରାର ଥିବା ଅଭିଯୁକ୍ତଙ୍କୁ ଚନ୍ଦନପୁର ପୋଲିସ ସୋମବାର ସମଙ୍ଗରାରୁ ଗିରଫ କରିଛି। ସେ ହେଲେ ଚାଳିଶିବାଟିଆର ସୁଶାନ୍ତ ବିଶ୍ୱାଳ। ତାଙ୍କ ମୋବାଇଲ ଫୋନ୍‌କୁ ଟ୍ରାକ୍ କରାଯାଇ ତାଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି ବୋଲି ଥାନା ଅଧିକାରୀ ବାମଦେବ ନନ୍ଦ କହିଛନ୍ତି।

ପ୍ରକାଶ ଯେ, ୨୦୧୮ ମସିହା ଫେବୃୟାରୀ ମାସର ଜାଗର ରାତିରେ ସୁଶାନ୍ତ (ଗିରଫ ଅଭିଯୁକ୍ତ) ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ପୀଡ଼ିତାଙ୍କ ମା' ଚନ୍ଦନପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ କେସ୍ (ନଂ. ୨୨/୧୮) ରୁଜୁ କରିଥିଲା। ଏହାପରେ ପୀଡ଼ିତାଙ୍କ ପରିବାର ଗ୍ରାମ୍ୟ କମିଟି ଆଗରେ ନ୍ୟାୟ ଭିକ୍ଷା କରିଥିଲେ। ତେବେ ପୋଲିସ ଆଗରେ ମୁହଁ ଖୋଲିଲେ ତାଙ୍କ ପରିବାରକୁ ହତ୍ୟା କରିବାକୁ ଅଭିଯୁକ୍ତଙ୍କ ଭାଇ ଜୟନ୍ତ ବିଶ୍ୱାଳ ଧମକଚମକ ଦେଇଥିଲେ। ସୁଶାନ୍ତ ଗ୍ରାମରେ ଖୁଲମଖୁଲା ବୁଲୁଥିଲେ ମଧ୍ୟ ପୋଲିସ ତାଙ୍କୁ ଗିରଫ କରୁନାହିଁ ବୋଲି ପୀଡ଼ିତାଙ୍କ ପରିବାର ଗଣମାଧ୍ୟମ ଆଗରେ ଅଭିଯୋଗ ଆଣିଥିଲେ। ଏହାର ଦୁଇଦିନ ପରେ ଚାଳିଶିବାଟିଆ ଛକ ହାଇସ୍କୁଲ ନିକଟରେ ୩ଜଣ ଦୁର୍ବୃତ୍ତ ଜୟନ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ମୃତକଙ୍କ ମା' ଶିରି ବିଶ୍ୱାଳଙ୍କ ଅଭିଯୋଗ କ୍ରମେ ଏକ ହତ୍ୟା ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଥିଲା। ଚନ୍ଦନପୁର ଥାନା ଅଧିକାରୀ ନନ୍ଦ କହିଛନ୍ତି, ଲଗାତାର ଭାବେ ସୁଶାନ୍ତଙ୍କ ମୋବାଇଲକୁ ଟ୍ରାକ୍ କରାଯାଉଥିଲା। ଏହା ପୁରୀ ସଦର ସମଙ୍ଗରା ଅଞ୍ଚଳରେ ସିଗ୍‌ନାଲ ଦେଖାଇବା ପରେ ଏକ ଟିମ୍ ତିନି ଦିନ ଧରି ଉକ୍ତ ଅଞ୍ଚଳରେ ଚଢାଉ କରିଥିଲା। ରବିବାର ଉକ୍ତ ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଥିଲା।

## ■ ଆତ୍ମାନୁଭୂତି ଓ ଶ୍ରୀଜଗନ୍ନାଥ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର
# 'ମାନବବାଦ ଓ ଆଧାତ୍ମବାଦ ମଧ୍ୟରେ ପାର୍ଥକ୍ୟ ନାହିଁ'

ପୁରୀ ଅଫିସ, ୧୨।୮:

ମହାପ୍ରଭୁ ଶ୍ରୀଜଗନ୍ନାଥ ଅଖିଳ ବ୍ରହ୍ମାଣ୍ଡର ଠାକୁର। ଭକ୍ତର ଭଗବାନ। ଭାବ ଓ ସମର୍ପଣର ଠାକୁର। କେତେବେଳେ ଦାସିଆ ହାତରୁ ନଡ଼ିଆ ନେଲେଣି ତ ଆଉ କେବେ ବଳରାମଙ୍କ ବାଲି ରଥରେ ବିଜେ କଲେଣି, ପୁଣି ଭକ୍ତ ସାଲବେଗଙ୍କ ଆତୁର ଡାକରେ ରଥରେ ଅଟକି ଗଲେଣି। ଉତ୍କଳୀୟ ସଂସ୍କୃତିର ପ୍ରତୀକ ଶ୍ରୀଜଗନ୍ନାଥ। ମାନବବାଦ ଓ ଅଧାତ୍ମବାଦ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଏଣୁ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଶ୍ରୀଜଗନ୍ନାଥଙ୍କୁ ସମସ୍ତ ମତ ଓ ପନ୍ଥ ଗ୍ରହଣ କରିଛନ୍ତି। ସୋମବାର ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ସଦ୍‌ଭାବନା ଗୃହରେ ଆୟୋଜିତ 'ଆତ୍ମାନୁଭୂତି ଓ ଶ୍ରୀଜଗନ୍ନାଥ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଆୟୋଜନ ସମିତି ଅଧ୍ୟକ୍ଷ ମୁରଲୀ ମନୋହର ଶର୍ମା ଯୋଗଦେଇ ଏହା କହିଛନ୍ତି। ଏଥିରେ ଟ୍ରଷ୍ଟ ଅଧ୍ୟକ୍ଷ ଡ. ଭାଗିରଥୀ ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଡା. ରବିନାରାୟଣ ସାମନ୍ତ ଯୋଗଦେଇ ଭକ୍ତିମାର୍ଗ ଦ୍ୱାରା ମହାପ୍ରଭୁଙ୍କ ସାନ୍ନିଧ୍ୟ ପ୍ରାପ୍ତ କରିହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ବଦ୍ରି ମିଶ୍ର ଓ ସତ୍ୟ ପଣ୍ଡା, ପଣ୍ଡିତ ଗୌରୀ ଶଙ୍କର ପାଢୀ, ପ୍ରଫେସର ଅଭିମନ୍ୟୁ ଭୂୟାଁ, ଅଧ୍ୟାପକ ଡ. ବଳରାମ ଦାଶ, ଟ୍ରଷ୍ଟ ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା, ସଦସ୍ୟା ବିଜୟଲକ୍ଷ୍ମୀ ସାହୁ ଯୋଗଦେଇ ଶ୍ରୀଜଗନ୍ନାଥଙ୍କୁ ନେଇ ଓଡ଼ିଶାର କଳା, ଭାସ୍କର୍ଯ୍ୟ ଉତ୍କର୍ଷତା ଲାଭ କରିଛି ବୋଲି କହିଥିଲେ। ଡ. କାର୍ତ୍ତିକ କୁମାର ଦାସ, ସ୍ମୃତି ପଟ୍ଟନାୟକ, ପୀତାମ୍ବର ନାୟକ, ପଣ୍ଡିତ ଦୟାନିଧି ତ୍ରିପାଠୀ, ଜୟନ୍ତୀ ମହାପାତ୍ର, ଅଶୋକ ମହାପାତ୍ର, ପବିତ୍ର ମହାନ୍ତି, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ରଘୁନାଥ ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲିଙ୍ଗରାଜ କଳା ନିକେତନର କଣ୍ଠଶିଳ୍ପୀମାନେ ଗୀତଗୋବିନ୍ଦ ପରିବେଷଣ କରିଥିଲେ। ସଂସ୍କୃତି ଗବେଷକ ମଦନ ମୋହନ ମହାପାତ୍ର ସ୍ୱାଗତ ଭାଷଣ, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ଅତିଥି ପରିଚୟ ଦେଇଥିଲେ।




କାର୍ଯ୍ୟକ୍ରମରେ ଅତିଥିମାନେ ଏକ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

### ମୃତଙ୍କୁ ଜୀବିତ ଓ ଜୀବିତଙ୍କୁ ମୃତ ଦର୍ଶାଇବା ଘଟଣା
### ଉପଜିଲାପାଳ କହିଲେ ତଦନ୍ତ କରାଯିବ

ପୁରୀ ଅଫିସ, ୧୨।୮:

ପୁରୀ ତହସିଲ ଅଧୀନ ବୀରହରେକୃଷ୍ଣପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଜଣେ ପୂର୍ବତନ ଆର.ଆଇ ଏକ ମ୍ୟୁଟେଶନ କେସ୍‌ର ସରଜମିନ ତଦନ୍ତ ବେଳେ ମୃତଙ୍କୁ ଜୀବିତ ଓ ଜୀବିତଙ୍କୁ ମୃତ ଦର୍ଶାଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଲାଗି ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ସୋମବାର ଏ ସଂକ୍ରାନ୍ତରେ ମୁହଁ ଖୋଲିଛନ୍ତି ପୁରୀ ଉପଜିଲାପାଳ ଭବତାରଣ ସାହୁ। ସେ କହିଛନ୍ତି, ମୋ ନିକଟକୁ ଏଭଳି କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ, ତଦନ୍ତ କରାଯିବ। ପ୍ରମାଣିତ ହେଲେ ସମ୍ପୃକ୍ତ ଆର୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୋପୀନାଥପୁର ଖଣ୍ଡିଆବନ୍ଧର ବଟକୃଷ୍ଣ ପ୍ରଧାନ ଏ ସଂକ୍ରାନ୍ତରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି, ପରିବାରର ଅଂଶୀଦାରମାନେ ମ୍ୟୁଟେଶନ କେସ୍ (ନଂ. ୨୬୩୧/୧୩) କରିଥିଲେ। ସମ୍ପୃକ୍ତ ଆର୍‌ଆଇ ତଦନ୍ତ କରି ହାରାମଣି ପ୍ରଧାନଙ୍କୁ ଜୀବିତ ଦର୍ଶାଇଥିଲେ। କିନ୍ତୁ ହାରାମଣିଙ୍କ ଗତ ୨୦୧୨ ନଭେମ୍ବର ୨୮ରେ ମୃତ୍ୟୁଘଟିଥିଲା। ଏହି ମାମଲାରେ ସାଧୁ ପ୍ରଧାନଙ୍କ ସ୍ତ୍ରୀ ମାଳତୀ ଜୀବିତ ଥିବାବେଳେ ତାଙ୍କୁ ମୃତ ବୋଲି ଦର୍ଶାଯାଇଛି। ଅନ୍ୟପକ୍ଷରେ କେସ୍ ନ. ୩୬୭୩/୧୩ରେ ମାଧବ ପ୍ରଧାନଙ୍କ ସ୍ତ୍ରୀ ଶଶି ମୃତ ଏବଂ ତାଙ୍କର କେହି କନ୍ୟା ସନ୍ତାନ ନାହିଁ ବୋଲି ଉଲ୍ଲେଖ କରାଯାଇଛି। ସେହିପରି କେସ୍ ନଂ. ୨୦୦/୧୫ରେ ମାଧବଙ୍କ ସ୍ତ୍ରୀ ଶଶି ଜୀବିତ ଏବଂ ତାଙ୍କର ଏକ କନ୍ୟା ସନ୍ତାନ ଥିବା ଉଲ୍ଲେଖ ହୋଇଛି। କେସ୍ ନଂ. ୧୧୧୧/୧୪ରେ ମାଧବ ନିଜ ନାମରେ ଜମି ରେକର୍ଡଭୁକ୍ତ କରିବା ଲାଗି ଆବେଦନ କରିଛନ୍ତି ବୋଲି ଦର୍ଶାଯାଇଛି। ମାତ୍ର ମାଧବଙ୍କର ୨୦୦୩ ଅଗଷ୍ଟ ୮ରେ ମୃତ୍ୟୁ ହୋଇଯାଇଛି। ଆର୍‌ଆଇଙ୍କ ଖାମଖିଆଲ ରିପୋର୍ଟ ଯୋଗୁ ତାଙ୍କ ପରିବାର ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ବଟକୃଷ୍ଣ କହିଛନ୍ତି।

# ବନବିଦ୍ୟାଳୟର ୧୧୧ ତମ ପ୍ରତିଷ୍ଠା ଦିବସ




ବିଦ୍ୟାଳୟର ଅତିଥି ଓ ଶିକ୍ଷକମାନେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

ସାକ୍ଷୀଗୋପାଳ, ୧୨।୮(ଡି.ଏନ୍.ଏ.)

ପୁରୀ ଜିଲା ସତ୍ୟବାଦୀ ବନ ବିଦ୍ୟାଳୟର ୧୧୧ ତମ ପ୍ରତିଷ୍ଠା ଦିବସ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ସୋମବାର ପାଳିତ ହୋଇଯାଇଛି। ଗୁରୁକୁଳ ଢ଼ାଞ୍ଚାରେ ଗଢ଼ି ଉଠିଥିବା ବନ ବିଦ୍ୟାଳୟ ପ୍ରତିଷ୍ଠାତା ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ଓ ଉତ୍କଳମଣିଙ୍କ ଶେଷ ନିଃଶ୍ୱାସ ତ୍ୟାଗସ୍ଥଳୀରେ ମାଲ୍ୟାର୍ପଣ କରିଥିଲେ। ପରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ର ଓ ପୁରାତନ ଛାତ୍ରମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରତିଷ୍ଠା, ଶୈକ୍ଷିକ ବ୍ୟବସ୍ଥା, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ରହିଥିବା କୀର୍ତ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ହାରମଣି ଦେବୀ, ପ୍ରାକ୍ତନ ଛାତ୍ର ଭ୍ରମରବର ସ୍ୱାଇଁ, ଶିକ୍ଷକ ବିଜୟ କୁମାର ପରିଡା, ସତ୍ୟବାଦୀ ଦାସ, ମନୋରଞ୍ଜନ ନାଥ, ବସନ୍ତ କୁମାର ସ୍ୱାଇଁ ଓ ଶକ୍ତି ପ୍ରସାଦ ପାଟଶାଣୀ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ଉପସ୍ଥିତ ଛାତ୍ରମାନଙ୍କୁ ମିଠା ବଣ୍ଟନ କରାଯାଇଥିଲା। ଓଡ଼ିଶାର ବିକାଶ ନିମନ୍ତେ ଶିକ୍ଷା ଅପରିହାର୍ଯ୍ୟ ବୋଲି ଅନୁଭବ କରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ଅନ୍ୟ ସହଯୋଗୀମାନେ ବକୁଳବନର ଗଛ ଛାଇତଳେ ୧୯୦୯ ଅଗଷ୍ଟ ୧୨ରେ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ।

## ■ ସରପଞ୍ଚଙ୍କୁ ଦୁର୍ବ୍ୟବହାର, ୱାର୍ଡସଭ୍ୟଙ୍କୁ ମାଡ଼ ଘଟଣା
# ୪ଦିନ ପରେ ମାମଲା ରୁଜୁ, ଅଭିଯୁକ୍ତ ଫେରାର

ଗୋପ, ୧୨।୮(ଡି.ଏନ୍.ଏ.)

ଗତ ୮ ତାରିଖରେ ଗୋପ ବ୍ଲକ୍ ଅଧୀନ ବୀରତୁଙ୍ଗ ପଞ୍ଚାୟତର ସରପଞ୍ଚ ଶଶାଙ୍କଶେଖର ମହାପାତ୍ର ଓ ୱାର୍ଡସଭ୍ୟ ବାପୁଜୀ ସ୍ୱାଇଁଙ୍କୁ ଆକ୍ରମଣ ହୋଇଥିଲା। ଏହି ଘଟଣାର ୪ ଦିନ ପରେ ସୋମବାର ଗୋପ ଥାନାରେ ୧୦୬/୧୯ରେ ଏକ ମାମଲା ରୁଜୁ କରାଯାଇଛି। ମାତ୍ର ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ ପକ୍ଷରୁ ଜଣାପଡ଼ିଛି। ୮ ତାରିଖ ମଧ୍ୟାହ୍ନରେ ବୀରତୁଙ୍ଗ ପଞ୍ଚାୟତର ଦୁଇ ଜଣ ବ୍ୟକ୍ତି ଜୋର ଜବରଦସ୍ତ ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ପଞ୍ଚାୟତ ଅଫିସ୍‌ର ଆଜବେଷ୍ଟସ୍ କାଢୁଥିଲେ। ଖବର ପାଇ ସରପଞ୍ଚ ମହାପାତ୍ର ଓ ୱାର୍ଡସଭ୍ୟ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଏହି କାମକୁ ବାରଣ କରିଥିଲେ। ମାତ୍ର ଆଜବେଷ୍ଟସ୍ କାଢୁଥିବା ଦୁଇଜଣ ସରପଞ୍ଚଙ୍କୁ ଦୁର୍ବ୍ୟବହାର କରିବା ସହ ଠେଲାପେଲା କରିଥିଲେ। ଏହା ଦେଖି ବାପୁଜୀ ସେମାନଙ୍କୁ ଅଟକାଇବାରୁ ଦୁଇ ଅଭିଯୁକ୍ତ ତାଙ୍କୁ ଲୁହାରଡ୍‌ରେ ମାଡ଼ ମାରି ରକ୍ତାକ୍ତ କରିଦେଇଥିଲେ। ସେହି ଦିନ ୱାର୍ଡସଭ୍ୟ ବାପୁଜୀ ଗୋପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦୀର୍ଘ ଚାରି ଦିନ ପରେ ମାମଲା ରୁଜୁ କରିଛି। ଏ ସମ୍ପର୍କରେ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କୁ ପଚାରିବାରେ ଉଭୟଙ୍କ ମଧ୍ୟରେ ସମାଧାନ ପାଇଁ ଚେଷ୍ଟା କରାଯାଇଥିଲା। ମାତ୍ର ସମାଧାନ ନ ହେବାରୁ ମାମଲା ରୁଜୁ କରାଯାଇଛି। ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ।

# ଉପକୂଳ ଜାତୀୟ ରାଜପଥ ନିର୍ମାଣ ଦାବି

ପୁରୀ ଅଫିସ, ୧୨।୮:

ଉପକୂଳ ଅଞ୍ଚଳବାସୀଙ୍କ ବିକାଶ ପାଇଁ କେନ୍ଦ୍ର ସରକାର ଉପକୂଳ ଜାତୀୟ ରାଜପଥ (ଭାରତମାଳା ପ୍ରକଳ୍ପ) ନିର୍ମାଣ ଲାଗି ନିଷ୍ପତ୍ତି ନେଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହେଲା ନାହିଁ। ତୁରନ୍ତ ଏହି ଜାତୀୟ ରାଜପଥ ନିର୍ମାଣ କରିବାକୁ ଉପକୂଳ ଜାତୀୟ ରାଜପଥ ନିର୍ମାଣ ମିଳିତ କ୍ରିୟାନୁଷ୍ଠାନ ମହାମଞ୍ଚ ଦାବି କରିଛି। ଏ ନେଇ ରବିବାର ମହାମଞ୍ଚ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକର ଦେଉଳପଡ଼ା ଚାରିଛକରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ଦାବି ହୋଇଛି। ସେହିପରି କେତେକ ନିଷ୍ପତ୍ତି ନିଆଯାଇଛି। ଯଦି ଖୁବ୍‌ଶୀଘ୍ର କାମ ଆରମ୍ଭ ନ ହୁଏ ତେବେ ଓଡ଼ିଶାର ଯେଉଁ ୬ ଜିଲାର ଦେଇ ଏହି ରାଜପଥ ଯିବାର ପ୍ରସ୍ତାବ ରହିଛି, ସମ୍ପୃକ୍ତ ଜିଲାଗୁଡ଼ିକରେ ଆନ୍ଦୋଳନ କରାଯିବ। ନବୀନ ନିବାସ ଘେରାଉ କରାଯିବା ସହ ଦିଲ୍ଲୀସ୍ଥିତ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଏବଂ ସଡ଼କ ଓ ପରିବହନ ମନ୍ତ୍ରଣାଳୟକୁ ଦାବିପତ୍ର ଦିଆଯିବ ବୋଲି ମହାମଞ୍ଚର ଆବାହକ ଟୁନା ସ୍ୱାଇଁ କହିଛନ୍ତି। ଏ ନେଇ ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଯାଇଥିବା ସେ ସୂଚନା ଦେଇଛନ୍ତି।

# ଇଦ୍-ଉଲ୍-ଜୁହାରେ ନମାଜ ପାଠ

ପୁରୀ ଅଫିସ,୧୨।୮:

ମୁସଲମାନ ସମ୍ପ୍ରଦାୟର ଅନ୍ୟତମ ପ୍ରମୁଖ ପର୍ବ ଇଦ୍-ଉଲ-ଜୁହା ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ପୁରୀର ମୁସ୍‌ଲିମ ସମ୍ପ୍ରଦାୟର ଭାଇମାନେ ଏକତ୍ରିତ ହୋଇ ଚିତ୍ରକରସାହିସ୍ଥିତ ନାଜରଖାନା ମସ୍‌ଜିଦ ଓ କୁମ୍ଭାରପଡ଼ାସ୍ଥିତ ହର୍ନିହାଟ ମସ୍‌ଜିଦ୍‌ରେ ନମାଜ ପାଠ କରିଥିଲେ। ନାଜରଖାନା ମସ୍‌ଜିଦ କମିଟି ସହସମ୍ପାଦକ ମହମ୍ମଦ ୱାଜିର ଉଲ୍ଲା କହିଛନ୍ତି, ଆଜିର ଦିନକୁ ଇସ୍‌ଲାମ ଧର୍ମରେ ବଳିଦାନ ଏବଂ ସମର୍ପଣର ଦିବସ ବୋଲି କୁହାଯାଏ। ଏହାକୁ ମଧ୍ୟ ବକ୍ରି ଇଦ୍ ବୋଲି କୁହାଯାଇଥାଏ। ମୁସ୍‌ଲିମ୍ ସମ୍ପ୍ରଦାୟର ଭାଇମାନେ ନୂଆ ପୋଷାକ ପିନ୍ଧି ବିଶ୍ୱର ଶାନ୍ତି ଓ ମଙ୍ଗଳ କାମନା କରି ପ୍ରଭୁ ଆଲ୍ଲାଙ୍କ ପାଖରେ ପ୍ରାର୍ଥନା କରିଥିଲେ। ଏଥିସହ ସମସ୍ତଙ୍କ ସୁଖ ମନାସି ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏହାପରେ ଜମିଥିଲା ଖାଦ୍ୟର ଆସର। ପ୍ରତ୍ୟେକଙ୍କ ଘରେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ଗୃହପାଳିତ ପଶୁଙ୍କୁ ଆଲ୍ଲାଙ୍କ ପାଇଁ ସମର୍ପଣ କରିଥିଲେ। ସେହିପରି ନାଜରଖାନା ମସ୍‌ଜିଦର ଇମାମ୍ ସାହେବ ଅବୁ ସିଦ୍ଦିକି ସମସ୍ତଙ୍କୁ ନମାଜ ପାଠ କରାଇଥିଲେ।




ଇଦ୍ ଅବସରରେ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକେ ପରସ୍ପରକୁ ଆଲିଙ୍ଗନ କରୁଛନ୍ତି।

## ■ ଶ୍ରାବଣ ଶେଷ ସୋମବାରରେ ଶ୍ରୀଲୋକନାଥଙ୍କ ପୀଠରେ ଭିଡ଼
# ଜଳଲାଗି କଲେ ୧୮ ହଜାର କାଉଡ଼ିଆ

ପୁରୀ ଅଫିସ, ୧୨।୮:

ଶ୍ରାବଣ ମାସର ଶେଷ ସୋମବାରରେ ଜଳଲାଗି ପାଇଁ ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ମନ୍ଦିରରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ହୋଇଥିଲା। ରାଜ୍ୟର ବିଭିନ୍ନ ନଦୀରୁ ପବିତ୍ର ଜଳ ଆଣି ପ୍ରଭୁ ଲୋକନାଥଙ୍କୁ ୧୮,୪୦୦ କାଉଡ଼ିଆ ଜଳଲାଗି କରିଛନ୍ତି। ଶ୍ରୀଲୋକନାଥ ମନ୍ଦିର ମ୍ୟାନେଜର ଅପଚ୍ଛ ପରିଡାଙ୍କ ସୂଚନା ମୁତାବକ, ରବିବାର ସନ୍ଧ୍ୟାରୁ ବୋଲବମ୍ ଭକ୍ତ ବ୍ୟାରିକେଡରେ ଧାଡି ଲଗାଇଥିଲେ। ରାତି ୧୨ଟା ୫ରେ ମନ୍ଦିରର ଦ୍ୱାର ଫିଟିଥିଲା। ମଙ୍ଗଳ ଆଳତି ପରେ ରାତି ୧୨ଟା ୨୦ରେ ଜଳ ଲାଗି ଆରମ୍ଭ ହୋଇଥିଲା। ୨୦ଟଙ୍କା ଲେଖାଏ ଟିକେଟ କାଟି କାଉଡ଼ିଆମାନେ ଜଳ ଲାଗି କରିଥିଲେ। ଶେଷ ସୋମବାର ୧୮,୪୦୦ କାଉଡ଼ିଆଙ୍କ ସମାଗମ ହୋଇଥିଲା। ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହ ଜଳଲାଗି ସମ୍ପନ୍ନ ହୋଇଛି। ସେହିପରି ଭୋର ୫ଟାରୁ ସର୍ବସାଧାରଣ ଠାକୁରଙ୍କୁ ଦର୍ଶନ କରିଥିବାବେଳେ ଅପରାହ୍ନ ୨ଟା ପର୍ଯ୍ୟନ୍ତ କାଉଡିଆ ଜଳ ଲାଗି କରିଥିଲେ।



ଶ୍ରାବଣ ଶେଷ ସୋମବାରରେ ଜଳଲାଗି ପାଇଁ କାଉଡ଼ିଆମାନେ ଧାଡ଼ିରେ ଛିଡାହୋଇଛନ୍ତି।

ଅନ୍ୟପକ୍ଷରେ ଜଳଲାଗି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କାଉଡ଼ିଆମାନେ ବ୍ୟାରିକେଡ ଦେଇ ପାର୍ବତୀ ସାଗର କଡ଼େ କଡେ ଯାଇଥିଲେ। ରୋଷଘର ଦୁଆର ମୁହଁରେ ପଶି ନାଟମଣ୍ଡର ମନ୍ଦିର ପଛପଟେ ଯାଇ ଲକ୍ଷ୍ମୀଙ୍କ ଦ୍ୱାରରେ ସ୍ଥାପିତ ପ୍ରଭୁ ଶ୍ରୀଲୋକନାଥଙ୍କ ଲିଙ୍ଗରେ ପାଣି ଢାଳିଥିଲେ। ଏହାପରେ ସିଂହଦ୍ୱାର ଦେଇ ବାହାରକୁ ବାହାରିଥିଲେ। ତେବେ ସୋମବାର ସକାଳୁ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା। ବର୍ଷା ଲାଗି ରହିବାରୁ ବେଢା ପରିସରରେ ପାଣି ଜମିଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ମୋଟର ସାହାଯ୍ୟରେ ଜଳ ନିଷ୍କାସନ କରାଯାଇଥିଲା। ଫଳରେ କାଉଡ଼ିଆମାନେ ସୁରୁଖୁରୁରେ ଜଳ ଲାଗି କରିଥିଲେ। ବର୍ଷା ଲାଗି ରହିଥିବାରୁ ପୁନଶ୍ଚ ଶ୍ରୀଲୋକନାଥ ମନ୍ଦିର ପରିସରରେ ବର୍ଷା ପାଣି ଜମିଛି। ସୂଚନାଥାଉ କି, ଶ୍ରୀଲୋକନାଥଙ୍କ ପୀଠରେ ଜଳ ଲାଗି କରିବା ପାଇଁ ପ୍ରଥମ ସୋମବାର ୧୦,୧୦୦, ଦ୍ୱିତୀୟ ସୋମବାର ୩୨,୩୦୦, ତୃତୀୟ ସୋମବାର ୨୮,୦୦୦ ଟିକେଟ୍ ବିକ୍ରି ହୋଇଥିଲା।